RNI REGD NO: 42041/83 • www.sakalaepaper.com • /sakalanews • /sakalanews • www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR ♦VOLUME-43 ♦ISSUE-327 ♦TUESDAY ♦26 MAY 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୩୨୭ ♦ମଙ୍ଗଳବାର ♦୨୬ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

ଭିତର ପୃଷ୍ଠାରେ

ପୁଣି ମହଙ୍ଗା ହେଲା ପେଟ୍ରୋଲ, ଡିଜେଲ୍

ନିଟ୍ ପେପର୍ ଲିକ୍ ମାମଲା: ଏନ୍‌ଟିଏକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

୨୮ ପରେ ଭୀଷଣ କାଳବୈଶାଖୀ

## ଓଇଆର୍‌ସି ଅଧ୍ୟକ୍ଷ ପଦରୁ ପ୍ରଦୀପ ଜେନାଙ୍କ ଇସ୍ତଫା

■ ଭୁବନେଶ୍ୱର, ୨୫।୫ (ସମିସ): ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି) ଅଧ୍ୟକ୍ଷ ପଦରୁ ପ୍ରଦୀପ ଜେନା ଇସ୍ତଫା ପ୍ରଦାନ କରିଛନ୍ତି। ଏନେଇ ଶକ୍ତି ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବ୍ୟକ୍ତିଗତ କାରଣରୁ ସେ ଇସ୍ତଫା ଦେଇଥିବା ଶ୍ରୀ ଜେନା ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଥିବା ବେଳେ ତାଙ୍କ ଇସ୍ତଫାପତ୍ରକୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି।

ସୂଚନାଯୋଗ୍ୟ ଯେ ୧୯୮୯ ମସିହା ବ୍ୟାଚ୍ ଆଇଏଏସ୍ ଅଫିସର ଶ୍ରୀ ଜେନା ୨୦୨୩ ମସିହା ମାର୍ଚ୍ଚ ମାସରୁ ୨୦୨୪ ମସିହା ଜୁନ ମାସ ଯାଏଁ ରାଜ୍ୟର ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଚାକିରିରୁ ଅବସର ପରେ ରାଜ୍ୟ ବିଜେପି ସରକାର ତାଙ୍କୁ ୨୦୨୫ ମସିହା ମାର୍ଚ୍ଚ ୨୮ ତାରିଖରେ ଓଇଆର୍‌ସିର ଅଧ୍ୟକ୍ଷ ଭାବେ ନିଯୁକ୍ତି ପ୍ରଦାନ କରିଥିଲେ।

ବାଧାହୀନ ବ୍ୟାଙ୍କିଙ୍ଗ ସେବା ପାଇଁ
ନିଜର KYC ଅପଡେଟ୍ କରି ରଖନ୍ତୁ



ଯଦି ଆପଣଙ୍କର KYC ବିବରଣୀରେ ପରିବର୍ତ୍ତନ ହୋଇନାହିଁ,
Re-KYC ପାଇଁ ପତ୍ର/ଅନ୍‌ଲାଇନ ବ୍ୟାଙ୍କିଙ୍ଗ/ମୋବାଇଲ ବ୍ୟାଙ୍କିଙ୍ଗ/ଏଟିଏମ/ନିଜର ମୋବାଇଲ ନମ୍ବର ମାଧ୍ୟମରେ/ଆପଣଙ୍କ ବ୍ୟାଙ୍କରେ ପଞ୍ଜୀକୃତ ହୋଇଥିବା ଇ-ମେଲ୍ କିମ୍ବା ବିଜ୍‌ନେସ୍ କରେସ୍‌ପୋଣ୍ଡେଣ୍ଟ (BCs) ମାଧ୍ୟମରେ ଏକ ସ୍ୱ-ଘୋଷଣା ଦାଖଲ କରନ୍ତୁ ।

ଯଦି ଆପଣଙ୍କର KYC ବିବରଣୀରେ ପରିବର୍ତ୍ତନ ହୋଇଛି,
ଅପଡେଟ୍ ସୂଚନାଯୁକ୍ତ ଯେକୌଣସି ଏକ ଦସ୍ତାବିଜ ପ୍ରଦାନ କରନ୍ତୁ : ଆଧାର/ମତଦାତା ପରିଚୟ ପତ୍ର/NREGA ଜବ୍ କାର୍ଡ/ଡ୍ରାଇଭିଂ ଲାଇସେନ୍ସ/ପାସପୋର୍ଟ/ନ୍ୟାସନାଲ ପପୁଲେସନ୍ ରେଜିଷ୍ଟାର ଦ୍ୱାରା ଜାରି ପତ୍ର ।




ନିଜର ବ୍ୟାଙ୍କର ନିକଟତମ ଶାଖା ଯାଇ ମଧ୍ୟ KYC ଅପଡେଟ୍ କରାଇପାରିବେ ।

ଅଧିକ ସୂଚନା ପାଇଁ, https://rbikehtahai.rbi.org.in/KYC ଭିଜିଟ୍ କରନ୍ତୁ
ଅଫିସିଆଲ୍ ହ୍ୱାଟ୍ସଆପ୍ ନମ୍ବର 99990 41935 / 99309 91935

ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

SIKSHA 'O' ANUSANDHAN
SAAT-2026

Empowering students for a brighter future

COMPUTER APPLICATIONS PROGRAMMES
- Bachelor of Computer Applications (BCA)
- Master of Computer Applications (MCA)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

Laxmi Vikash Group Of Institutions
Bargarh | Bhawanipatna | Jeypore | Kantabanji

VIKASH HIGHER SECONDARY SCHOOL, BHAWANIPATNA

The management, Principals & Staff extend Heartiest Congratulations To the Achievers

A legacy of excellence—where every result sets a new standard.

AHSE RESULTS 2026(+2)







RESULTS ANALYSIS

| | |
|---|---|
| >95% | 4 STUDENTS |
| >90% | 24 STUDENTS |
| >500 MARK | 65 STUDENTS |

60% ABOVE 216 STUDENTS




CHSE +2 AHSE Results 2026
Outstanding Growrh Of Marks over 10th Class

| NAME | 10TH | 12TH | GROWTH |
|---|---|---|---|
| ABHIJIT SARAF | 80% | 98.34% | 18% |
| RAKESH RANJAN BAG | 72% | 90% | 18% |
| MTBS KRISHNA SAHU | 58% | 89.5% | 31.5% |
| CHHANDA SAHU | 77.83% | 93.33% | 15.5% |
| AYANSH AGASTI | 82.83% | 95.33% | 12.5% |
| FIROJ KUMAR SA | 64.5% | 90% | 25.5% |
| POOJARANI NAIK | 80.33% | 93.17% | 12.84% |
| SWETA RANI PANDA | 81% | 94.17% | 13.17% |
| DIBYANSHA MUND | 84.83% | 94.33% | 9.5% |
| SOUMYA SULAGNA PANDA | 84.83% | 93.67% | 8.84% |

ADMISSIONS OPEN 2026-27
CHSE XI (Science)

KEY FEATURES:
- Integrated JEE/NEET/CUET Coaching For XI & XII Science
- Smart Class Rooms
- 24/7 CC TV Surveillance
- Scholarship for meritorious students
- Ample and Green Playground
- Transport facility with GPS System
- A/C & Non A/C Hostel Facility

Vikash Higher Secondary School Bhawanipatna

BHAWANIPATNA CONTACT: 70779 33733, 94869 96536, 9439812131, 8763238303

## ପଟ୍ଟାମୁଣ୍ଡାଇ ସହରରେ ଦିଗହରା ସ୍ୱଚ୍ଛ ଭାରତ ମିଶନ

# ନବନିର୍ମିତ ଗୋଷ୍ଠୀ ଶୌଚାଳୟ ଓ ଇକୋ-ଟଏଲେଟ୍‌ରେ ଫିଟୁନି ତାଲା

ପଟ୍ଟାମୁଣ୍ଡାଇ,୨୫।୫(ସମିସ)




କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବହୁଚର୍ଚ୍ଚିତ ସ୍ୱଚ୍ଛ ଭାରତ ମିଶନ ବସ୍ତୁତଃ ଦିଗହରା ହୋଇପଡିଛି। ପଟ୍ଟାମୁଣ୍ଡାଇ ସହରକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଇକୋ ଟଏଲେଟରେ ଦୀର୍ଘଦିନ ହେବ ତାଲା ଝୁଲୁଛି। ଯାହା ବୁଲା କୁକୁରଙ୍କ ଆଶ୍ରୟ ସ୍ଥଳ ପାଲଟିଥିବାବେଳେ ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଯେଉଁ କେତେକ ଇକୋ ଟଏଲେଟ ଖୋଲା ଅଛି, ତାହା ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଏଭଳି ସ୍ଥିତିରେ ଲୋକେ ରାସ୍ତାକଡ଼ ଓ କାନ୍ଥବାଡ଼ରେ ଝାଡ଼ା, ପରିସ୍ରା କରିବା ଦେଖାଯାଉଛି। ତେବେ ଏଠାରେ ଶୌଚାଳୟ ଥାଇ ବି ନ ଥିଲା ଭଳି ଲାଗୁଛି। ପଟ୍ଟାମୁଣ୍ଡାଇ ସହରର ଏଭଳି ଅବସ୍ଥା ଦେଖିଲେ ଏଠାରେ ସ୍ୱଚ୍ଛ ଭାରତ ମିଶନ ସଂପୂର୍ଣ୍ଣ ଦିଗହରା ହୋଇଥିବା ସ୍ପଷ୍ଟ ଅନୁମେୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ବାଣିଜ୍ୟ ଓ ପ୍ରଶାସନିକ କ୍ଷେତ୍ର ଭାବେ ପଟ୍ଟାମୁଣ୍ଡାଇ ପରିଚିତ। ଏଠାକୁ ବିଭିନ୍ନ ଅଞ୍ଚଳରୁ ଦୈନିକ ହଜାର ହଜାର ଲୋକେ ବିଭିନ୍ନ କାମ ପାଇଁ ଆସୁଥିବାବେଳେ ଶୌଚ ହେବାକୁ କୌଣସି ବ୍ୟବସ୍ଥା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ପଟ୍ଟାମୁଣ୍ଡାଇ ପୌରପାଳିକା ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ୨୦ଟି ୱାର୍ଡର ସବୁ ଛକରେ ନିର୍ମାଣ ହୋଇଥିଲା ଗୋଷ୍ଠୀ ଶୌଚାଳୟ। ଏହି ଶୌଚାଳୟ ନିର୍ମାଣ ପାଇଁ ୧୨ ଲକ୍ଷ ଆରମ୍ଭ କରି ୧୭ ଲକ୍ଷ ଯାଏ ଖର୍ଚ୍ଚ ହୋଇ ପ୍ରାୟ ୨ କୋଟି ଟଙ୍କା ବ୍ୟୟ କରାଯାଇଛି ବୋଲି ପୌର ପରିଷଦ ପକ୍ଷରୁ ସୂଚନା ମିଳିଛି। ମାତ୍ର ଦୀର୍ଘଦିନ ବିତିଯାଇଥିଲେ ବି କୌଣସି ଶୌଚାଳୟ କାର୍ଯ୍ୟକାରୀ ହୋଇପାରିନି। ପଟ୍ଟାମୁଣ୍ଡାଇ ସହରରେ ମ୍ୟୁନିସିପାଲିଟି ଅଫିସ, ବ୍ଲକ, ତହସିଲ କାର୍ଯ୍ୟାଳୟ ସମେତ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ, ଥାନା, ୪ଟି ନ୍ୟାୟାଳୟ, ୩୦ରୁ ଊର୍ଦ୍ଧ୍ୱ ସରକାରୀ କାର୍ଯ୍ୟାଳୟ, ୧୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ କାର୍ଯ୍ୟ କରୁଛି। ପଟ୍ଟାମୁଣ୍ଡାଇ

**ରାସ୍ତାକଡ଼ ଓ କାନ୍ଥବାଡରେ ଝାଡ଼ା, ପରିସ୍ରା କରୁଛନ୍ତି ଲୋକେ**

ସହରକୁ ଦୈନିକ ବିଭିନ୍ନ ଅଞ୍ଚଳର ହଜାର ହଜାର ଲୋକ ବିଭିନ୍ନ କାମରେ ଆସିଥା'ନ୍ତି। ଏଥିସହ ବିଭିନ୍ନ ସରକାରୀ ଅଫିସ, ଥାନା, ତହସିଲ ବ୍ଲକ ଅଫିସ ବ୍ୟତୀତ ମିଶନ ଶକ୍ତି କାମରେ ବହୁ ମହିଳା ମଧ୍ୟ ଆସିଥା'ନ୍ତି। ମାତ୍ର ଶୌଚ ହେବାକୁ କୌଣସି ବ୍ୟବସ୍ଥା ନ ଥିବାରୁ ସାଧାରଣଲୋକ, ବୃଦ୍ଧବୃଦ୍ଧା ଓ ମହିଳା ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରୀ ଭାବେ ଶୌଚାଳୟ ଉଦ୍ଘାଟନ ହେବା ଦିନରୁ କାର୍ଯ୍ୟକ୍ଷମ ହୋଇ ନ ପାରି ତାଲା ପକାଯାଇଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସେହିପରି ୨୦୨୧ରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ଜନସାଧାରଣଙ୍କ ସୁବିଧା ପାଇଁ ବିଭିନ୍ନ ସ୍ଥାନରେ ୧ କୋଟି ୫୧ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟରେ ଇକୋ-ଟଏଲେଟ ନିର୍ମାଣ କରାଯାଇଛି। ପର୍ଯ୍ୟାପ୍ତ ସରକାରୀ ଅର୍ଥ ବ୍ୟୟରେ ନିର୍ମିତ ଶୌଚାଳୟ କାର୍ଯ୍ୟକ୍ଷମ ନ ହୋଇ ପଡ଼ିରହିବା ଘଟଣା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଇକୋ ଟଏଲେଟ ଅଚଳ ହେବା ଫଳରେ ଦୂରଦୂରାନ୍ତରୁ ଆସୁଥିବା ମହିଳା/ ପୁରୁଷ, ଛୋଟ ପିଲା ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ସ୍ୱଚ୍ଛ ଭାରତ ଅଭିଯାନ ସଫଳ ହୋଇପାରୁନାହିଁ ଓ ଲୋକମାନେ ଶୌଚାଳୟ ବଦଳରେ ମୁକ୍ତ ଆକାଶ ତଳେ ଶୌଚ ହେବାକୁ ବାଧ୍ୟ ହେଉଛନ୍ତି। ଏପ୍ରତି ରାଜ୍ୟ ସରକାର, କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ଓ ପଟ୍ଟାମୁଣ୍ଡାଇ ପୌର କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ଇକୋ ଟଏଲେଟ ଓ ଗୋଷ୍ଠୀ ଶୌଚାଳୟ କାର୍ଯ୍ୟକ୍ଷମ କରିବାକୁ ପଟ୍ଟାମୁଣ୍ଡାଇ ବଣିକ ସଂଘ, ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶଙ୍କୁ ପଚାରିବାରୁ କମ୍ ଦିନ ଭିତରେ ସର୍ବସାଧାରଣ ଓ ଗୋଷ୍ଠୀ ଶୌଚାଳୟ କାର୍ଯ୍ୟକ୍ଷମ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ● ଚିତ୍ରୋତ୍ପଳା ନଦୀକୂଳ ଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା

# ସନ୍ଦେହ ଘେରରେ ମୃତ୍ୟୁ, ପୁଲିସ ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

କେନ୍ଦ୍ରାପଡ଼ା,୨୫।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅଧୀନ ଭଦାଳ ଅଞ୍ଚଳର ଚିତ୍ରୋତ୍ପଳା ନଦୀକୂଳରେ ଥିବା ଏକ ଆମ୍ବଗଛରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ କଟକ ଜିଲ୍ଲା କିଶନନଗର ଥାନା ଅଧୀନ ବିଶ୍ୱନାଥପୁର ଚୁଲିଆପଦା ଗ୍ରାମର ପ୍ରକାଶ ସାହୁ(୪୦)। ମୃତ୍ୟୁର କାରଣ ସନ୍ଦେହ ଘେରରେ ରହିଥିବାବେଳେ ପୁଲିସ ତଦନ୍ତକୁ ଜୋରଦାର କରିଛି। ପ୍ରକାଶ ସାହୁ ଶନିବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଦୋକାନକୁ ଯିବାକୁ କହି ଘରୁ ବାହାରିଥିଲେ। ପରେ ଭଦାଳ ଅଞ୍ଚଳର ଚିତ୍ରୋତ୍ପଳା ନଦୀକୂଳରେ ଥିବା ଏକ ଆମ୍ବଗଛରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲା। ଘଟଣାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବାବେଳେ ପରିବାର ଲୋକ ଏହାକୁ ସନ୍ଦେହଜନକ ମୃତ୍ୟୁ ବୋଲି ଦାବି କରିଛନ୍ତି। କେହି ପ୍ରକାଶଙ୍କୁ ହତ୍ୟା କରି ଝୁଲାଇ ଦେଇଥାଇପାରନ୍ତି ବୋଲି ସେମାନେ ସନ୍ଦେହ ପ୍ରକାଶ କରିଛନ୍ତି। ଅନ୍ୟପଟେ କଟକ ଜିଲ୍ଲାର ବାସିନ୍ଦା ହୋଇଥିଲେ ମଧ୍ୟ ପ୍ରକାଶ କିପରି କେନ୍ଦ୍ରାପଡା ଜିଲ୍ଲାର ଭଦାଳ ଅଞ୍ଚଳକୁ ଆସିଥିଲେ ଓ କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା, ତାହାକୁ ନେଇ ଅଞ୍ଚଳରେ ବିଭିନ୍ନ ଚର୍ଚ୍ଚା ଚାଲିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ ପହଞ୍ଚି ତନାଘନା ଆରମ୍ଭ କରିଥିବାବେଳେ ମୃତକଙ୍କ ପ୍ୟାଣ୍ଟ ପକେଟରୁ ଏକ ବାଇକ ଚାବି ଓ ୨ ଟଙ୍କିଆ କଏନ ମିଳିଥିବା ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ଏମ୍‌ଏନ୍ ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ



ପଟ୍ଟାମୁଣ୍ଡାଇ,୨୫।୫(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ସରକାରୀ ଶିକ୍ଷାନୁଷ୍ଠାନ ଏମ୍‌ଏନ୍ ହାଇସ୍କୁଲ ୧୯୯୪ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୁରୁପୂଜନ ଓ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍‌ଏନ ହାଇସ୍କୁଲର ପ୍ରାକ୍ତନ ଶିକ୍ଷକ ଖଗେଶ୍ୱର ପରିଡା, ସଂଯୁକ୍ତା କୁଣ୍ଡ, ରବୀନ୍ଦ୍ର ସାହୁ, ଚତୁର୍ଭୁଜ ରାଉଳ, ବର୍ତ୍ତମାନର ଶିକ୍ଷକ ଅଶୋକ ଦାସ, ସରୋଜ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଗୌରବମୟ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଗୁରୁ ପୂଜନ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ, ସ୍କୁଲର ପୁରାତନ କର୍ମଚାରୀ ଶଙ୍କର ସିଂ, ବ୍ରଜକିଶୋର ମାଝି ପ୍ରମୁଖଙ୍କୁ ପୁରାତନ ଛାତ୍ରଛାତ୍ରୀ ପାଦ ଧୋଇ ସିନ୍ଦୁର ଚନ୍ଦନ ଲଗାଇବା ସହିତ ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରାକ୍ତନ ଶିକ୍ଷକ ପରୀକ୍ଷିତ ରାୟ ପଠାଇଥିବା ବାର୍ତ୍ତା ପାଠ କରାଯାଇଥିଲା। ପ୍ରାକ୍ତନ ଶିକ୍ଷୟିତ୍ରୀ ସରସ୍ୱତୀ ବେହେରାଙ୍କ ପକ୍ଷରୁ ତାଙ୍କ ପୁତ୍ର ପୁରାତନ ଛାତ୍ର ସ୍ମୃତିରଞ୍ଜନ ବେହେରା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଶୁଭେଚ୍ଛା ଓ ଆଶୀର୍ବାଦ ବାର୍ତ୍ତା ପାଠ କରିଥିଲେ। ପରେ ଏହି ମହାନ ଶିକ୍ଷାନୁଷ୍ଠାନ ବିକାଶ ପାଇଁ ପୁରାତନ ଛାତ୍ରଛାତ୍ରୀ ଶପଥ ନେଇଥବାବେଳେ ଦିବଂଗତ ଶିକ୍ଷକ ଓ ୧୯୯୪ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

# ଗୁହାଳ ଘର ପୋଡ଼ିବା ନେଇ ଥାନାରେ ଅଭିଯୋଗ

ପଞ୍ଚୁପାଣ୍ଡବ,୨୫।୫(ସମିସ): ନିକିରାଇ ଥାନା ଅଧୀନ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ରାଏତୁଣ୍ଡି ଗ୍ରାମର ନଟବର ଦଳାଇଙ୍କ ଏକ ଗୁହାଳ ଘର ପୋଡ଼ି ଯାଇଥିବା ନେଇ



ନିକିରାଇ ଥାନାରେ ଅଭିଯୋଗ ହୋଇଛି। ରବିବାର ଦିନ ରାତିରେ ପ୍ରାୟ ୧୫ଟି ଛେଳି ଗୁହାଳ ଘରେ ବନ୍ଧା ହୋଇଥିଲେ। ନଟବର ନ ଥିବାବେଳେ ତାଙ୍କ ସ୍ତ୍ରୀ ଓ ପୁଅଝିଅ ସମସ୍ତେ ସେହି ଗୁହାଳ ଘରେ ଶୋଇଥିଲେ। ରାତି ପ୍ରାୟ ୧୧ଟା ସମୟରେ କେହି ଦୁର୍ବୃତ୍ତ ଏହି ଗୁହାଳ ଘରେ ନିଆଁ ଲଗାଇ ଫେରାର ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଡେରାବିଶ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ଛେଳି ବର୍ତ୍ତିଯାଇଥିବାବେଳେ ଗୁହାଳ ଘର ପୋଡ଼ିଯାଇଛି। ବିଷୟରେ ନଟବରଙ୍କ ସ୍ତ୍ରୀ ରୀନା ଦଳାଇ ନିକିରାଇ ଥାନାରେ ତିନିଜଣଙ୍କ ନାମରେ ଅଭିଯୋଗ କରିଥିବା ଜଣାପଡ଼ିଛି। ରାଜନଗର ଆର୍‌ଆଇ ସାରଦା ପ୍ରସାଦ ପ୍ରଧାନ ପହଞ୍ଚି ତଦନ୍ତ କରିଛନ୍ତି।

# ରାଜମିସ୍ତ୍ରିଙ୍କ ପୁଅ +୨ ବିଜ୍ଞାନରେ ରାଜ୍ୟରେ ଚତୁର୍ଥ



ଡେରାବିଶ, ୨୫।୫(ସମିସ): ଦୃଢ ଇଚ୍ଛାଶକ୍ତି ଓ ନିଷ୍ଠାପର ଉଦ୍ୟମ ରହିଲେ ନିଶ୍ଚିତ ସଫଳତା ମିଳିଥାଏ। ଏଭଳି ଏକ ଅନନ୍ୟ ଉଦାହରଣ ସୃଷ୍ଟି କରି ଡେରାବିଶ ବ୍ଲକ ଅଞ୍ଚଳକୁ ଗୌରାନ୍ୱିତ କରିଛନ୍ତି ଏଣ୍ଡର ପଞ୍ଚାୟତ ଅଧୀନ ପଚିଶମାଣିଆପାଟଣା ଗ୍ରାମର ରାଜମିସ୍ତ୍ରି ଶ୍ରୀଧର ଜେନାଙ୍କ ପୁଅ ଶାରଦା ପ୍ରସାଦ ଜେନା। ସେ +୨ ବିଜ୍ଞାନ ପରୀକ୍ଷାରେ ୬୦୦ ନମ୍ବରରୁ ୫୯୪ ନମ୍ବର (୯୯ ପ୍ରତିଶତ) ରଖି ରାଜ୍ୟରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଶାରଦାଙ୍କ ଏହି ସଫଳତା ସମଗ୍ର ଡେରାବିଶର ଗୌରବକୁ ବଢ଼ାଇ ପାରିଥିବାବେଳେ ଅଞ୍ଚଳରେ ଅନେକ ଶିକ୍ଷାବିତ, ବୁଦ୍ଧିଜୀବୀ ଓ ଗ୍ରାମବାସୀ ଶାରଦାଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିବାରେ ଲାଗିଛନ୍ତି। ଶାରଦାଙ୍କ ଏହି କୃତିତ୍ୱରେ ତାଙ୍କ ବାପା ଶ୍ରୀଧର, ମାଆ ରଶ୍ମିତା ଓ ବଡ଼ ଭଉଣୀ ଖୁସିରେ ଆତ୍ମହରା ହୋଇଉଠିଛନ୍ତି। ଅନ୍ୟପକ୍ଷରେ ଆର୍ଥିକ ଅଭାବ ଓ ଆଟନରେ ପ୍ରତିପୋଷଣ ହେଉଥିବା ଏହି ପରିବାର ଶାରଦାଙ୍କ ଉଚ୍ଚଶିକ୍ଷାକୁ ନେଇ ସନ୍ଦିହାନ ହୋଇ ଉଠିଛି। ବାପା ଶ୍ରୀଧର ରାଜମିସ୍ତ୍ରି ଭାବେ କାର୍ଯ୍ୟ କରି ଯାହା ରୋଜଗାର କରୁଥିଲେ, ସେଥିରୁ ଝିଅ ଓ ପୁଅର ପାଠପଢାକୁ ଅଗ୍ରାଧିକାର ଦେଇଚାଲିଛନ୍ତି। ବଡ଼ ଭଉଣୀ ଦୁମୁକାହାଟସ୍ଥ ଡେରାବିଶ ମହାବିଦ୍ୟାଳୟରେ +୩ ପରୀକ୍ଷା ଦେଇଛନ୍ତି। ତେବେ ଶାରଦାଙ୍କ ଉଚ୍ଚଶିକ୍ଷା ପାଇଁ ଅର୍ଥ ବାଧକ ହୋଇଥିବାବେଳେ ତାଙ୍କୁ ସହାୟତାର ହାତ ବଢ଼ାଇବାକୁ ଦାବି ହେଉଛି।

# ଖୋଲିଲା ଜିଲ୍ଲାସ୍ତରୀୟ ମୁଗମଣ୍ଡି

ଡେରାବିଶ, ୨୫।୫(ସମିସ): କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଜମଧରଠାରେ ଥିବା ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଆଜି ଚଳିତ ବର୍ଷର ରବି ଫସଲ କ୍ରୟ ନିମନ୍ତେ



ମଣ୍ଡି ଉଦ୍‌ଘାଟିତ ହୋଇଛି। ଗିରିଗୋବର୍ଦ୍ଧନ ମହିଳା ମଣ୍ଡଳ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘର ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଚାଷୀ ଶ୍ରମିକ ସଂଘର ସମ୍ପାଦକ କୃତ୍ତିବାସ ଦାସ, ଜିଲ୍ଲା କୃଷି ଅଧିକାରୀ ସୁବାସ ମଲ୍ଲିକ, ମାର୍କଫେଡ଼ର ଆଞ୍ଚଳିକ ପରିଚାଳକ ପ୍ରଶାନ୍ତ ରାଉତ ପ୍ରମୁଖ ଯୋଗଦେଇଥିଲେ। ଆଜି ପ୍ରଥମ ଦିନରେ ତିନିଜଣ ଚାଷୀଙ୍କଠାରୁ ୪୫ କ୍ୱିଣ୍ଟାଲ ମୁଗ କ୍ରୟ କରାଯାଇଥିବା ଜଣାପଡ଼ିଛି। ଏହି ମଣ୍ଡି ମାଧ୍ୟମରେ ଚାଷୀ ମୁଗ, ବିରି, ସୂର୍ଯ୍ୟମୁଖୀ, ଚିନାବାଦାମ ଓ ସୋରିଷ ବିକ୍ରୟ କରିପାରିବେ। ଶତାଧିକ ଚାଷୀ ଉପସ୍ଥିତ ଥିବାବେଳେ ଚାଷୀ ଅଞ୍ଜନ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ।

# କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଗୋବିନ୍ଦପୁର,୨୫।୫(ସମିସ): ଆଲୋକ ଶିଖା ନିଃଶୁଳ୍କ ଶିକ୍ଷାଦାନ ଓ ସହାୟତା କେନ୍ଦ୍ର ଚରପଡ଼ା ଛାତ୍ରଛାତ୍ରୀ +୨ କଳାରେ ସଫଳତା ହାସଲ କରିଛନ୍ତି। କୃତିତ୍ୱ ର୍ଜ୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଆଲୋକ ଶିକ୍ଷା କେନ୍ଦ୍ର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।



ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ଆଲୋକ ଶିଖା ପରିବାର ପରାମର୍ଶଦାତା ଲୋକନାଥ ସାମଲ, ସମ୍ମାନିତ ଅତିଥି ଭାବେ ଆଲୋକ ଶିଖା ସମ୍ପାଦକ ସୁରେଶ ଚନ୍ଦ୍ର ବିଶ୍ୱାଳ, ନିର୍ଦ୍ଦେଶକ ଅଧ୍ୟାପକ ରତ୍ନାକର ସେଠୀ, ଯୁଗ୍ମ ସଚିବ ଗୋପୀନାଥ ତ୍ରିପାଠୀ, ଯୁଗ୍ମ ନିର୍ଦ୍ଦେଶିକା ଅମିତା ମଲ୍ଲିକ, ପ୍ରକଳ୍ପ ନିର୍ଦ୍ଦେଶିକା ସୌଦାମିନ ମଲ୍ଲିକ ପ୍ରମୁଖ ଯୋଗଦେଇ ବିଶ୍ୱଜିତ ପାଣ୍ଡବ, ଶ୍ରାବଣୀ ମଲ୍ଲିକ, ସ୍ୱାତି ସାହୁ ଓ ସ୍ୱାତି ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗୋପିନାଥ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ● ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ବିଜେଡିର ବିକ୍ଷୋଭ

# ଦର ନିୟନ୍ତ୍ରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ




କେନ୍ଦ୍ରାପଡ଼ା,୨୫।୫(ସମିସ): ପେଟ୍ରୋଲ ଓ ଡିଜେଲ ଭଳି ଅତ୍ୟାବଶ୍ୟକ ଇନ୍ଧନ ସାମଗ୍ରୀର ବାରମ୍ବାର ଦରବୃଦ୍ଧିକୁ ପ୍ରତିବାଦ କରି ରବିବାର କେନ୍ଦ୍ରାପଡ଼ା କଲେଜ ଛକସ୍ଥ ଏକ ପେଟ୍ରୋଲ ପମ୍ପ ସାମ୍ନାରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲ୍ଲା ଯୁବ ସଭାପତି ରାଜେଶ ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳୀୟ କର୍ମୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀତିକୁ କଟୁ ସମାଲୋଚନା କରିଥିଲେ। ସେମାନେ କହିଥିଲେ, ତେଲ ଦର ବୃଦ୍ଧି ପାଇଁ ସାଧାରଣ ଲୋକଙ୍କ ଜୀବନ ଓ ଜୀବିକା ଦୁର୍ବିସହ ହୋଇପଡିଛି। ପଡ଼ୋଶୀ ରାଜ୍ୟରେ ନିର୍ବାଚନ ଶେଷ ହେବା ପରେ ପ୍ରତିଦିନ ରାତିରେ ତେଲ ଦର ବଢ଼ାଯାଉଛି। ଏହି ଦରବୃଦ୍ଧିର ପ୍ରଭାବ ସମସ୍ତ ଖାଉଟି ସାମଗ୍ରୀ ଉପରେ ପଡୁଥିବାରୁ ବଜାରରେ ନିତ୍ୟବ୍ୟବହାରୀ ଦ୍ରବ୍ୟର ମୂଲ୍ୟ ମଧ୍ୟ ବୃଦ୍ଧି ପାଉଛି। ରୁଷିଆରୁ କମ ମୂଲ୍ୟରେ ଅଶୋଧିତ ତୈଳ ଯୋଗାଣ ପ୍ରସ୍ତାବ ଥିଲେ ମଧ୍ୟ ସରକାର ଆମେରିକା ଚାପରେ ନିଷ୍ପତ୍ତି ନେବାରେ ବିଳମ୍ବ କରୁଛନ୍ତି। ତେଣୁ ତୁରନ୍ତ ଦରବୃଦ୍ଧି ପ୍ରତ୍ୟାହାର କରାଯାଉ, ନଚେତ ବିଜୁ ଯୁବ ଓ ଛାତ୍ର ଜନତା ଦଳ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ସତର୍କ କରାଯାଇଥିଲା। ଏହି ବିକ୍ଷୋଭରେ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ କାଳୀପ୍ରସାଦ ମିଶ୍ର, ମହିଳା ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦିକା ରୋସ୍ନି ସାହୁ, ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଲୋହିତ ମହାନ୍ତି, କାଉନସିଲର ହିରଣ୍ୟ ପଣ୍ଡା, ପୁଷ୍ପାଞ୍ଜଳି ବେହେରା, ପ୍ରଭାଶିଷ ପଣ୍ଡା, ଉମେଶ ଚନ୍ଦ୍ର ନାୟକ, ପୂର୍ବତନ କାଉନସିଲର ଦୁର୍ଗାପ୍ରସାଦ ପତି, ଜିଲ୍ଲା ଯୁବ ସାଧାରଣ ସମ୍ପାଦକ ରଞ୍ଜନ ସାହୁ, ବ୍ଲକ ସଭାପତି ଆଲୋକ ସାହୁ, ଯୁବ ନେତା ସାହେବ ସାହିଲ ରାଉତ, ବଟକୃଷ୍ଣ ସେଠୀ ଓ ଲେନିନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନସ ବେହେରା, ପ୍ରଶାନ୍ତ ସାମଲ, ସଙ୍ଗମ କେଶରୀ ସାମଲ, ମନୋଜ ବେହେରା, ରାଜେଶ ବେହେରା ଓ ଆକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ଯୁବ ଜନତା ଦଳର ସାଧାରଣ ସମ୍ପାଦକ କମଳ ପ୍ରସାଦ ହରିଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ।

# ଅସ୍ୱାସ୍ଥ୍ୟକର ପରିବେଶରେ ବ୍ଲକ୍‌ର ପାନୀୟଜଳ ଯୋଗାଣ ଉତ୍ସ

ରାଜକନିକା,୨୫।୫(ସମିସ): ରାଜକନିକା ବ୍ଲକ୍ ପରିସରରେ ପିଇବା ପାଣି ଭଳି ଆବଶ୍ୟକ ତଥା ସ୍ୱାସ୍ଥ୍ୟସମ୍ବେଦନଶୀଳ ଉତ୍ସକୁ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ରହିଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହେବାରେ ଲାଗିଛି। ଏହି ଭିଡିଓରେ ଦେଖାଯାଉଛି ଯେ ବ୍ଲକ୍‌ର ଅଫିସ ବାରଣ୍ଡାରେ ରହିଥିବା ଆକ୍ୱାଗାର୍ଡ ଅତ୍ୟନ୍ତ ମଇଳା ଦେଖା ଯାଉଥିବାବେଳେ ଏହି ମେସିନ ତଳେ ପାନ ଛେପ, ଗୁଟଖା ଜରି, ପାନ ପିକ ସହ ପ୍ଲାଷ୍ଟିକ ଗ୍ଲାସ ପଡ଼ିରହିଛି। ବ୍ଲକ୍‌କୁ ଦୈନିକ ଶହ ଶହ ଲୋକ ବିଭିନ୍ନ କାମରେ ଯାଉଥିବାବେଳେ ପିଇବା ପାଣି ପାଇଁ ଏହା ଉପରେ ନିର୍ଭର କରନ୍ତି। ବ୍ଲକର ସବୁ ବିଭାଗର କର୍ମଚାରୀ ମଧ୍ୟ ଏଠାରୁ ବୋତଲରେ ପାଣି ନେଇ ପିଇଥା'ନ୍ତି। ମାତ୍ର ଚଳଚଞ୍ଚଳ ହେଉଥିବା ବ୍ଲକ୍‌ର ଏହି ପିଇବା ପାଣିର ଏକମାତ୍ର ଉତ୍ସର ଅବସ୍ଥା ଓ ଏହା ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ



ରହିଥିଲେ ବି ଏହି ଅବସ୍ଥାରେ ସୁଧାର ପାଇଁ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ଅଣଦେଖା କରିବା ବ୍ଲକର ସ୍ୱାସ୍ଥ୍ୟ ସଚେତନତା ନେଇ ପ୍ରଶ୍ନ ଆଣିଛି। କିଛିଦିନ ପୂର୍ବରୁ ବ୍ଲକ ପ୍ରଶାସନ ସ୍ୱଚ୍ଛତା ଦିବସ ପାଳନ କରି ଜନସଚେତନତା ସୃଷ୍ଟି କରିବା ପାଇଁ ପ୍ରୟାସ କରିଥିବାବେଳେ ନିଜ ପରିବେଶକୁ ଅସ୍ୱାସ୍ଥ୍ୟକର ପରିବେଶରେ ରଖି ସଂକ୍ରମଣକୁ ପ୍ରଶ୍ରୟ ଦେଇ ସୋସିଆଲ ମେଡିଆରେ ସମାଲୋଚିତ ହୋଇଛି।

# +୨ ବିଜ୍ଞାନର କୃତୀ ଛାତ୍ରୀ ପ୍ରଜ୍ଞାଙ୍କୁ ସମ୍ବର୍ଦ୍ଧନା

ମହାକାଳପଡ଼ା,୨୫।୫(ସମିସ): ଚଳିତ ବର୍ଷର +୨ ବିଜ୍ଞାନ ପରୀକ୍ଷାରେ କେନ୍ଦ୍ରାପଡ଼ା ଉଚ୍ଚମାଧ୍ୟମିକ ବିଦ୍ୟାଳୟରୁ ୯୨.୫ ପ୍ରତିଶତ ରଖି ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ମହାକାଳପଡା ବ୍ଲକ ତଥା ଦଶମୌଜା ପାଇଁ ଗୌରବ ଆଣିଛନ୍ତି ପ୍ରଜ୍ଞା ପ୍ରିୟଦର୍ଶିନୀ ଲେଙ୍କା। ବଡ଼କୂଳ ପଞ୍ଚାୟତ ଅନ୍ତର୍ଗତ ବଡ଼କୂଳ ଗ୍ରାମର ପ୍ରସନ୍ନ କୁମାର ଲେଙ୍କା ଓ ରାଜଲକ୍ଷ୍ମୀ ଲେଙ୍କାଙ୍କ ଝିଅ ପ୍ରଜ୍ଞା ୬୦୦ରୁ ୫୫୫ ନମ୍ବର ରଖି ସଫଳତା ପାଇଛନ୍ତି। ତାଙ୍କର ଏହି ସଫଳତା ପରେ ମାରୁତି ଯୁଥ ସେବା ଟ୍ରଷ୍ଟ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ଚକୋଲେଟ୍ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଗୋପବନ୍ଧୁ ରାଉତ, ସମ୍ପାଦକ ସୁଧୀର ସ୍ୱାଇଁ, ପବିତ୍ର ଲେଙ୍କା ଓ ଅକ୍ଷୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



# ଦି ରୟାଲ ଗାଇଡ୍ ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ



ମାର୍ଶାଘାଇ,୨୫।୫(ସମିସ): +୨ ବିଜ୍ଞାନ ଓ ଧନ୍ଦାମୂଳକ ଶ୍ରେଣୀରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାର୍ଶାଘାଇ ବ୍ଲକ୍ ଜୁଣଛକସ୍ଥ ଦି ରୟାଲ ଗାଇଡ୍ ବିଜ୍ଞାନ ଆବାସିକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଧୀରେନ ଚୌଧୁରୀଙ୍କ ସଂଯୋଜନାରେ ଆୟୋଜିତ ପ୍ରତିଭା ସମ୍ମାନ ସମାରୋହରେ ଶିକ୍ଷା ପ୍ରତିଷ୍ଠାନର ଚେୟାରମ୍ୟାନ ଇଂ ଚିତ୍ତରଞ୍ଜନ ରଥ ମୁଖ୍ୟଅତିଥି, ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ମୁଖ୍ୟବକ୍ତା, ଅଧ୍ୟାପକ ଲକ୍ଷ୍ମୀଧର ଲେଙ୍କା, ରାଜେଶ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସିଦ୍ଧିପ୍ରାପ୍ତି ପାଇଁ ଜ୍ଞାନାର୍ଜନ କରିବା ମୂଳରେ ନିରନ୍ତର ପ୍ରଚେଷ୍ଟା, ଦୃଢ଼ ସଂକଳ୍ପ, ପ୍ରତିହତ ସାଧନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷା ପ୍ରତିଷ୍ଠାନର +୨ ବିଜ୍ଞାନ ଛାତ୍ର ସୁବ୍ରତ ସ୍ୱାଇଁ ୫୫୭ ନମ୍ବର, ଛାତ୍ରୀ ଶୁଭଶ୍ରୀ ସାହୁ ୫୪୫ ନମ୍ବର, ଛାତ୍ର ମାନସ ସୂତାର ୫୩୩ ନମ୍ବର ରଖି ମାର୍ଶାଘାଇ ମହାବିଦ୍ୟାଳୟରେ ପ୍ରଥମ ତିନୋଟି ଶୀର୍ଷସ୍ଥାନ ଅଧିକାର କରିବା ସହ ଛାତ୍ରୀ ଜୟଶ୍ରୀ ବାରିକ ୫୧୮ ନମ୍ବର ଓ ଛାତ୍ର ଅକ୍ଷୟ ରାଉତ ୪୮୪ ନମ୍ବର, ପିୟୁଷ ମଲ୍ଲିକ ୪୩୮ ନମ୍ବର ରଖି ଧନ୍ଦାମୂଳକ ଶ୍ରେଣୀରେ ପ୍ରଥମ ଦୁଇଟି ଶୀର୍ଷସ୍ଥାନ ଅଧିକାର କରିଥିବାରୁ ଅତିଥିମାନେ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଶିକ୍ଷା ପ୍ରତିଷ୍ଠାନରେ ୫୮ ଜଣ ପ୍ରଥମ, ୪ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଶତପ୍ରତିଶତ ସଫଳତା ହାସଲ କରିଥିଲେ। ପରିଚାଳନା ନିର୍ଦ୍ଦେଶକ ଅଧ୍ୟାପକ ବିବେକାନନ୍ଦ ଦାସ ଧନ୍ୟବାଦ୍ ପ୍ରଦାନ କରିଥିଲେ।

# ମଦନମୋହନ କର ଡେରାବିଶର ନୂତନ ବିଇଓ

ଡେରାବିଶ,୨୫।୫(ସମିସ): ବର୍ଷାଧିକ କାଳ ଡେରାବିଶ ବ୍ଲକ ଶିକ୍ଷାଧିକାରୀଙ୍କ ପଦ ଖାଲିପଡିଥିଲା। କେନ୍ଦ୍ରାପଡା ବ୍ଲକ ଶିକ୍ଷାଧିକାରୀ ଅତିରକ୍ତ ଭାବେ ଏହି ଦାୟିତ୍ୱକୁ ତୁଲାଇ ଆସୁଥିଲେ। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶିତ



ହେବା ପରେ ସୋମବାର ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ମଦନମୋହନ କରଙ୍କୁ ନୁତନ ବିଇଓ ଭାବେ ଦାୟିତ୍ୱ ଗ୍ରହଣ କରିବା ପାଇଁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରୀ କର ବର୍ତ୍ତମାନ କେନ୍ଦ୍ରାପଡା ଟାଉନ ହାଇସ୍କୁଲର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି।

## ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସକୁ ପୂରିଲା ପାଞ୍ଚ ମାସ

# ପ୍ରଶାସନିକ ଅଧିକାରୀଙ୍କ ଅବହେଳା, ହୋଇନି ଜମି ଚିହ୍ନଟ

ପଞ୍ଚୁପାଣ୍ଡବ,୨୫।୫(ସମିସ)

ରାଜ୍ୟ ସରକାର ଆଣିଥିବା ଯୋଜନାର କେବଳ ଭିତ୍ତିପ୍ରସ୍ତର ସ୍ଥାପନ କରିବା ଓ ବିଧାୟକ, ମନ୍ତ୍ରୀ ଶିଳାନ୍ୟାସ କରିବା ପରେ ଯୋଜନାକୁ ଭୁଲି ଯାଉଥିବା ଅଭିଯୋଗ ହେଉଛି। କେତେକ ଯୋଜନା ପୂର୍ବ ସରକାର ଅମଳରେ ହୋଇଥିଲେ ମଧ୍ୟ ଏବେ ରଙ୍ଗ ମାରିବାକୁ ବ୍ୟସ୍ତ ଥିବାବେଳେ ନୂଆ ଯୋଜନା ବିଳମ୍ବ ହେଉଥିବାରୁ ଏହାକୁ ନେଇ ବିଭିନ୍ନ ଜାଗାରେ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏମିତି ଦେଖିବାକୁ ମିଳିଛି ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମରେ ଥିବା ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟରେ। ଏହି ବିଦ୍ୟାଳୟରେ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଶିଳାନ୍ୟାସକୁ ପାଞ୍ଚ ମାସ ପୂରଣ ହୋଇଥିବାବେଳେ ଜମି ଚିହ୍ନଟ ହୋଇନି। ପ୍ରଶାନସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ ହେଉଛି।

ଗତ ଜାନୁଆରୀ ମାସ ୭ ତାରିଖରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍ ଆୟାର, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ, ବ୍ଲକ ଶିକ୍ଷା ଅଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ, ବିଡିଓ ନମିତା ବାରିକ, ସାଂସଦଙ୍କ ପ୍ରତିନିଧି ଭାବେ ତେଜେଶ୍ୱର ପରିଡ଼ା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ କରିଥିଲେ। ଖୁବ ଶୀଘ୍ର କାମ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧ ଲକ୍ଷ ୬୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଏ ପର୍ଯ୍ୟନ୍ତ କାମ କରିଥିବା ଠିକାଦାର ଟଙ୍କା ପାଇ ନ ଥିବା ଶୁଣିବାକୁ ମିଳୁଛି। ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ପ୍ରାୟ ପାଞ୍ଚ ଏକର ଜମି ଆବଶ୍ୟକ ଥିବାବେଳେ ଏହି ବିଦ୍ୟାଳୟରେ ପ୍ରାୟ ୩ ଏକର ଜମି ଥିବା ଜଣାପଡ଼ିଛି। ଆବଶ୍ୟକ ଦୁଇ ଏକର ଜମି ଯୋଗାଇ ଦେବାକୁ ପ୍ରଶାସନ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଜମି ଚିହ୍ନଟ କରିବାରେ ବିଳମ୍ବ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସରକାରଙ୍କ ଅବହେଳା ଯୋଗୁଁ ଏ ପର୍ଯ୍ୟନ୍ତ ପ୍ରାୟ ପାଞ୍ଚ ମାସ ପୂରିଲା କିନ୍ତୁ କାର୍ଯ୍ୟ ଆରମ୍ଭ ହେଲା ନାହିଁ। ଏ ବିଷୟରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ କମଳାକାନ୍ତ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଡେରାବିଶ ତହସିଲଦାର ଓ ରାଜନଗର ଆର୍‌ଆଇ ଜମି ଚିହ୍ନଟ କରିବା ପାଇଁ ଆସିଥିଲେ। ଚିହ୍ନଟ ସରିବା ପରେ ଶୀଘ୍ର କାମ ଆରମ୍ଭ ହେବ ବୋଲି କହିଛନ୍ତି। ଏହାକୁ ନେଇ ବିଦ୍ୟାଳୟର ଅଭିଭାବକ ଓ ଅଞ୍ଚଳର କେତେକ ସମାଜସେବୀ ଜିଲ୍ଲାପାଳ ରଘୁରାମ ଆର୍ ଆୟାର, ଡେରାବିଶ ତହସିଲଦାର ସରୋଜ ନାୟକଙ୍କୁ ଜମି ଚିହ୍ନଟ କରିବା ସହ ଶୀଘ୍ର କାମ ଆରମ୍ଭ କରିବା ପାଇଁ ଦାବି କରିଛନ୍ତି।

ସକାଳ THE SAKALA



## ଧାମନଗରରେ ସଶସ୍ତ୍ର ଗହଣା ଲୁଟ୍ ମାମଲା: ୨ ଗିରଫ

# ଜାମିନ ନାମଞ୍ଜୁର ପାଇଁ କୋର୍ଟରେ ପୁଲିସର ଗୁହାରି

ଧାମନଗର,୨୫।୫(ସମିସ)

ଧାମନଗର ଏନ୍‌ଏସି ଅନ୍ତର୍ଗତ ସାନବଜାର ନିକଟରେ ଜଣେ ସୁନା ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ କରି ସୁନା ଓ ରୁପା ଗହଣା ଲୁଟ୍ ଘଟଣାରେ ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ଏହି ସଂଗଠିତ ସଶସ୍ତ୍ର ଡକାୟତି ମାମଲାରେ ପୁଲିସ ୨ ଜଣ ପ୍ରମୁଖ ଅଭିଯୁକ୍ତଙ୍କୁ ଗିରଫ କରି ଧାମନଗର ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିଛି। ଏଥିସହ ମାମଲାର ଚୂଡ଼ାନ୍ତ ରିପୋର୍ଟ ଦାଖଲ ହେବା ପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର କରି ସେମାନଙ୍କୁ ଅନ୍ତରୀଣ ଜେଲ୍ ହାଜତକୁ ପଠାଇବା ପାଇଁ ପୁଲିସ କୋର୍ଟରେ ଲିଖିତ ପ୍ରାର୍ଥନା କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଯାଜପୁର ଜିଲ୍ଲା କୋରେଇ ଥାନା ଅନ୍ତର୍ଗତ ପୂର୍ବକୋଟ ଗ୍ରାମର ଜଗନ୍ନାଥ ରାଓଙ୍କ ପୁଅ କୁଶ ରାଓ ଓରଫ ଅନାମ (୨୮) ଏବଂ ସେହି ଗ୍ରାମର ଶଙ୍କର୍ଷଣ ରାଓଙ୍କ ପୁଅ ଦାନବୀର ରାଓ (୨୫)। ବିଏନ୍‌ଏସ୍‌ର ଧାରା ୩୧୦(୨) ଅନୁଯାୟୀ, ସେମାନଙ୍କୁ ଗତ ୨୪ ତାରିଖ ଅପରାହ୍ଣ ୩ଟା ୩୦ରେ ଗିରଫ କରାଯାଇଥିଲା। ସୋମବାର ସେମାନଙ୍କୁ ଉପଯୁକ୍ତ ପୁଲିସ ଏସ୍କର୍ଟ ଓ ସମ୍ପୃକ୍ତ ଦସ୍ତାବିଜ୍ ସହ କୋର୍ଟଙ୍କ ସମ୍ମୁଖକୁ ପଠାଯାଇଛି। ପୁଲିସ ତଦନ୍ତରୁ ଏହି ସଶସ୍ତ୍ର ଲୁଟ୍‌ର ଏକ ଚାଞ୍ଚଲ୍ୟକର ଅପରାଧ ଷଡ଼ଯନ୍ତ୍ର ପଦାକୁ ଆସିଛି।

ଧୂଷୁରୀ ଥାନା ଅନ୍ତର୍ଗତ ସୟଦଜାଫର (ଗୁଡ଼ିପୋଖରୀ) ଗାଁର କାବୁଲା ସାହାଙ୍କ ପୁଅ କାସିମୁଦ୍ଦିନ ସାହା (୪୮) ସାନବଜାରଠାରେ 'କାଦିର ଜୁଏଲାରୀ' ନାମକ ଏକ ଗହଣା ଦୋକାନ କରିଛନ୍ତି। ଥାନା ଅନ୍ତର୍ଗତ ନୂଆପଡ଼ା ଗ୍ରାମର ରାଜେଶ ଦାସ ନାମକ ଜଣେ ସ୍ଥାନୀୟ ଯୁବକ ପ୍ରତିଦିନ କାସିମୁଦ୍ଦିନଙ୍କ ଗତିବିଧି, ବ୍ୟବସାୟ ଓ ରାତିରେ ଦୋକାନ ବନ୍ଦ କରି ସ୍କୁଟିରେ ଫେରିବା ସମୟ ଉପରେ ତୀକ୍ଷ୍ଣ ନଜର ରଖୁଥିଲା। ରାଜେଶ ହିଁ ବ୍ୟବସାୟୀଙ୍କୁ ଲୁଟିବା ପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିଥିଲା। ଏଥିପାଇଁ ସେ ଯାଜପୁରର କୁଶ ରାଓ, ଦାନବୀର ରାଓ ଏବଂ ଅନ୍ୟ ଦୁଇ ସହଯୋଗୀ ଓମ୍ ପ୍ରଧାନ ଓ ଅନ୍ତେଶ ପ୍ରଧାନଙ୍କ ସହ ମିଶି ଏକ ବଡ଼ ଅପରାଧିକ ଷଡ଼ଯନ୍ତ୍ର ରଚିଥିଲା। ଗତ ୧୮ ତାରିଖରେ ଏହି ୫ ଜଣଯାକ ସଶସ୍ତ୍ର ଅଭିଯୁକ୍ତ ବ୍ୟବସାୟୀଙ୍କ ଉପରେ ନଜର ରଖିବା ପାଇଁ ୨ଟି ମୋଟର ସାଇକଲରେ ସାନବଜାର ଅଞ୍ଚଳରେ ବୁଲୁଥିଲେ। ରାତି ପ୍ରାୟ ୯ଟା ୩୦ରେ କାସିମୁଦ୍ଦିନ ନିଜ ଦୋକାନ ବନ୍ଦ କରି କିଛି ସୁନା ଓ ରୁପା ଗହଣା ଧରି ନିଜ ସ୍କୁଟିରେ ଘରକୁ ଫେରୁଥିଲେ। ରାତି ପ୍ରାୟ ୧୦ଟା ବେଳେ ବନ୍ଧଟିଆ-ଝାଟିଆସାହି ରାସ୍ତାର ଏକ ନିଛାଟିଆ ସ୍ଥାନରେ ଅଭିଯୁକ୍ତମାନେ ପଛପଟୁ ବାଇକ୍‌ରେ ଆସି କାସିମୁଦ୍ଦିନଙ୍କ ରାସ୍ତା ଓଗାଳିଥିଲେ। କିଛି ବୁଝିବା ପୂର୍ବରୁ ସେମାନେ ତାଙ୍କୁ କଟୁରୀରେ ଆକ୍ରମଣ କରି ରକ୍ତାକ୍ତ କରିବା ସହ ତାଙ୍କଠାରୁ ୨ଟି ସୁନା ଚେନ୍ ଏବଂ ୭୦୦ ଗ୍ରାମ୍ ରୁପା ଗହଣା ଛଡ଼ାଇ ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏନେଇ ଗତ ୧୯ରେ କାସିମୁଦ୍ଦିନ ଧାମନଗର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆହତଙ୍କୁ ଚିକିତ୍ସା ପାଇଁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିବା ବେଳେ ଘଟଣାସ୍ଥଳର ମୋବାଇଲ୍ 'ଡମ୍ ଡାଟା' ସଂଗ୍ରହ ପାଇଁ ଭଦ୍ରକ ସାଇବର ସେଲର ସହାୟତା ନିଆଯାଇଥିଲା। ପୁଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବାବେଳେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ 'ଦୋବଲ କାଉଣ୍ଟର' ନିକଟରୁ କଳା ରଙ୍ଗର ପଲ୍‌ସର ବାଇକ୍ ସହ କୁଶ ରାଓ ଏବଂ ଦାନବୀର ରାଓଙ୍କୁ କାବୁ କରିଥିଲା। ଜେରା ସମୟରେ ଦୁହେଁ ନିଜର ଅପରାଧ ସ୍ୱୀକାର କରିବା ସହ ଫେରାର୍ ଥିବା ୩ ସହଯୋଗୀ ରାଜେଶ ଦାସ, ଓମ୍ ପ୍ରଧାନ ଏବଂ ଅନ୍ତେଶ ପ୍ରଧାନଙ୍କ ନାମ ପ୍ରକାଶ କରିଥିଲେ। ଭାରତୀୟ ସାକ୍ଷ୍ୟ ଅଧିନିୟମର ଧାରା ୨୩(୨) ଅନୁଯାୟୀ ସାକ୍ଷୀମାନଙ୍କ ଉପସ୍ଥିତିରେ ଅଭିଯୁକ୍ତ କୁଶ ରାଓର ସ୍ୱୀକାରୋକ୍ତି ଆଧାରରେ ତାଙ୍କ ଘର ଭିତରୁ ଲୁଟ୍ ସାମଗ୍ରୀ ଜବତ କରାଯାଇଛି। ଏହି ସଶସ୍ତ୍ର ଲୁଟ୍ ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବାବେଳେ, ଫେରାର୍ ଥିବା ମାଷ୍ଟରମାଇଣ୍ଡ ରାଜେଶ ଦାସ, ଓମ୍ ପ୍ରଧାନ ଓ ଅନ୍ତେଶ ପ୍ରଧାନଙ୍କୁ ଅତିଶୀଘ୍ର ଗିରଫ କରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଜୋର୍‌ଦାର୍ ଚଢ଼ଉ ଜାରି ରଖିଥିବା ନେଇ ଆଇଆଇସି ଶ୍ରୀ ଦାଶ ସୂଚନା ଦେଇଛନ୍ତି।




**ମାଷ୍ଟରମାଇଣ୍ଡ ସହ ୩ ଫେରାର୍‌ବାଇକ୍ ଓ ମାରଣାସ୍ତ୍ର ଜବତ**

## ଟ୍ରେନ୍‌ରୁ ଖସିପଡ଼ି ଯୁବକ ମୃତ

ବନ୍ତ/ଆଗରପଡ଼ା,୨୫।୫(ସମିସ): କୌଣସି କାର୍ଯ୍ୟ ପାଇଁ ସାଙ୍ଗମାନଙ୍କ ସହ ମିଶି କୋଲକାତା ଯାଉଥିବାବେଳେ ଟ୍ରେନ୍‌ରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଆଗରପଡ଼ାସ୍ଥିତ ଟିକିରା ଗ୍ରାମର ଅଜୟ ମଲ୍ଲିକଙ୍କ ପୁଅ ବିନୋଦ(୨୭) ଅନ୍ୟ ୨ ସାଙ୍ଗଙ୍କ ସହ ମିଶି ଜଗନ୍ନାଥ ଏକ୍ସପ୍ରେସ୍‌ରେ କୋଲକାତା ଯାଉଥିଲେ। ଟ୍ରେନ୍ କବାଟ ନିକଟରେ ଠିଆ ହୋଇଥିବାବେଳେ ବିନୋଦ ସୋରଷ୍ଟେସନ ନିକଟରେ ଅନ୍ୟମନସ୍କ ହୋଇ ତଳକୁ ଖସିପଡ଼ିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

## ଶୁଦ୍ଧିକ୍ରିୟାରେ ସଂଘବଦ୍ଧ ଆକ୍ରମଣ ଅଭିଯୋଗ

ବନ୍ତ/ଆଗରପଡ଼ା,୨୫।୫(ସମିସ): ସମ୍ପର୍କୀୟଙ୍କ ଘରୁ ଏକାଦଶାହ ଶୁଦ୍ଧିକ୍ରିୟା କାର୍ଯ୍ୟ ସାରି ଫେରୁଥିବାବେଳେ ଜଣେ ବ୍ୟକ୍ତିଙ୍କୁ ରାସ୍ତା ଉପରେ ଘେରିଯାଇ ଧାରୁଆ ଅସ୍ତ୍ରରେ ସଂଘବଦ୍ଧ ମରଣାନ୍ତକ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ଆକ୍ରମଣକାରୀଙ୍କ କବଳରୁ ବ୍ୟକ୍ତି ଜଣକ ନିଜ ଜୀବନ ବଞ୍ଚାଇବା ପାଇଁ ବିଲ ମଝିକୁ ଦୌଡ଼ି ପଳାଇଥିଲେ ମଧ୍ୟ ଦୁର୍ବୃତ୍ତମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ବନ୍ତ ଥାନା ଅନ୍ତର୍ଗତ ପରମାନନ୍ଦପୁର ରେବ ପୋଲ ନିକଟରେ ଥିବା ଏକ ଇଟାଭାଟି ପାଖ ବିଲ ମଝିରୁ ଏଭଳି ରକ୍ତାକ୍ତ ଅବସ୍ଥାରେ ଜଣେ ବ୍ୟକ୍ତି ଉଦ୍ଧାର ହୋଇଛନ୍ତି। ସୂଚନା ଅନୁଯାୟୀ, କଣ୍ଟିଗଡ଼ିଆ ଗାଁର ମିଥୁନ୍ ଦାସ (୩୯) ନିଜର ୫ ବର୍ଷର କୁନି ପୁଅକୁ ସାଙ୍ଗରେ ଧରି ଟିଲୋ କଣ୍ଟାପଡ଼ା ଦାସସାହିସ୍ଥିତ ସମ୍ପର୍କୀୟଙ୍କ ଘରକୁ ଏକାଦଶାହ କ୍ରିୟା ପାଇଁ ଯାଇଥିଲେ। ସେଠାରୁ କାର୍ଯ୍ୟ ସାରି ଫେରୁଥିବା ସମୟରେ ପୂର୍ବ ପ୍ରସ୍ତୁତି ମୁତାବକ ରାସ୍ତା ଉପରେ କିଛି ଦୁର୍ବୃତ୍ତ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ସେ ଜୀବନ ବିକଳରେ ବିଲ ମଝିକୁ ଦୌଡ଼ି ପଳାଇଥିଲେ ମଧ୍ୟ ଦୁର୍ବୃତ୍ତମାନେ ସେଠାରେ ତାଙ୍କୁ ନିର୍ମମ ଭାବେ ହାଣି ରକ୍ତାକ୍ତ କରି ପକାଇ ଚାଲିଯାଇଥିଲେ। ଘଟଣାସ୍ଥଳରେ ବନ୍ତ ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆହତଙ୍କ ନିକଟରୁ ଏକ ପର୍ସ ଏବଂ କିଛି ପରିଚୟ ପତ୍ର ମିଳିଛି। ତେବେ ଚର୍ଚ୍ଚା ହେଉଛି ଯେ, ଯେଉଁ ବ୍ୟକ୍ତିଙ୍କ ପରିଚୟ ପତ୍ର ମିଳିଛି ସେ ମଧ ସେହି ଶୁଦ୍ଧିକ୍ରିୟା କାର୍ଯ୍ୟକୁ ଯାଇଥିଲେ। ପରିଚୟ ପତ୍ର ଅନୁଯାୟୀ ଉକ୍ତ ବ୍ୟକ୍ତି ଜଣକ ଯାଜପୁର ଜିଲ୍ଲାର ବୋଲି ଜଣାପଡ଼ିଛି।

## ଏନ୍‌ସିସି ଅଫିସର ହେଲେ ଶିକ୍ଷକ

ଭଦ୍ରକ,୨୫।୫(ସମିସ): ଭଦ୍ରକ ବ୍ଲକ୍ କାଉପୁର ସରକାରୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ପ୍ରଦୀପ କୁମାର ଜେନା ୭ ଓଡ଼ିଶା ବାଟାଲିଅନ ଏନ୍‌ସିସି ସେକେଣ୍ଡ ଅଫିସରକୁ ପଦୋନ୍ନତି ପାଇଛନ୍ତି। ଏହି ଅବସରରେ କମାଣ୍ଡିଂ ଅଫିସର ଏସ୍‌ଏସ୍ ରଘୁବଂଶୀ ଓ ଏସ୍‌ଏମ୍ ସାହେବ ତାଙ୍କୁ ର୍‌ୟାଙ୍କ୍ ପ୍ରଦାନ କରିଥିଲେ। ଏହି ଅବସରରେ ପଦୋନ୍ନତିପ୍ରାପ୍ତ ଅଫିସରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ଜେନା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏନ୍‌ସିସିରେ ରହି ସ୍କୁଲର ସମ୍ମାନ ବଢ଼ାଇବା ସହିତ ମାଟି ମା'ର ଅଧିକ ସେବା କରିବାର ସୁଯୋଗ ମିଳିପାରୁଛି। ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇ ଆଗାମୀ ଭବିଷ୍ୟତରେ ଏହି ଅଞ୍ଚଳରୁ ଅନେକ ସେନାବାହିନୀରେ ଯୋଗଦେଇ ଦେଶ ସେବକଟିଏ ହେବା ପାଇଁ କାଉପୁର ହାଇସ୍କୁଲ ଏନ୍‌ସିସି ସର୍ବଦା କାର୍ଯ୍ୟରତ ବୋଲି କହିଛନ୍ତି।




## ବିପୁଳ ପରିମାଣର ଚୋରା ମଦ ଜବତ



ଧୂଷୁରୀ,୨୫।୫(ସମିସ): ଭଦ୍ରକ ଜିଲ୍ଲାରେ ଚୋରା ମଦ କାରବାର ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ଧୂଷୁରୀ ଥାନା ଅଧୀନ ଦୁଇଟି ସ୍ଥାନରେ ପୁଲିସ ଚଢ଼ଉ କରି ବହୁ ପରିମାଣର ମଦ ଜବତ କରିବା ସହ ଜଣକୁ ଅଟକ ରଖିଛି। ରବିବାର ରାତି ପ୍ରାୟ ୨ଟା ୧୫ରେ ଖଡ଼ିମାହାରା ଅଞ୍ଚଳରେ ଧୂଷୁରୀ ପୁଲିସ ଚଢ଼ଉ କରି ୫.୬ ଲିଟର ଦେଶୀ ମଦ ଜବତ କରିଥିଲା। ଏହି ଘଟଣାରେ ରଞ୍ଜନ ପଣ୍ଡା (୪୯)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେହିପରି ସୋମବାର ସକାଳେ ପାୟସାହି ଅଞ୍ଚଳରେ ପୁଲିସ ପକ୍ଷରୁ ଆଉ ଏକ ବଡ଼ଧରଣର ଚଢ଼ଉ କରାଯାଇଥିଲା। ବେତାଳି ଗାଁ ଆଡ଼କୁ ଆସୁଥିବାବେଳେ ୧୦୦ ପେଟିରୁ ଅଧିକ ଚୋରାମଦ ଜବତ କରାଯାଇଥିବା ସୂଚନା ମିଳିଛି। ଏହି ଘଟଣାରେ ମନମୋହନ ନାୟକ (୪୨)ଙ୍କୁ ପୁଲିସ ଅଟକ ରଖି ପଚରାଉଚରା ଚଳାଇଛି। ଏନେଇ ଧୂଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ କହିଛନ୍ତି ଯେ, ଅଞ୍ଚଳରେ ଚୋରା ମଦ କାରବାର ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇବା ପାଇଁ ପୁଲିସ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଉଛି।

## ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ୮୩ ଅଭିଯୋଗ

ଧାମନଗର,୨୫।୫(ସମିସ): ଧାମନଗର ବ୍ଲକ୍ ସେଣ୍ଟ୍ରାଲ ସଭାଗୃହରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସୋମବାର ସକାଳ ୭ଟାରେ ଏହି ଶିବିରରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଅଧ୍ୟକ୍ଷତା କରିଥିଲେ। ଉକ୍ତ ଶିବିରରେ ୮୩ରୁ ଊର୍ଦ୍ଧ୍ୱ ବିଭିନ୍ନ ଅଭିଯୋଗ ଆଗତ ହୋଇଥିଲା। ଏଥିରୁ ୬୫ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୧୪ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ୍‌କ୍ରସ ଅଧୀନସ୍ଥ ୪ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୧୫ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଜିଲ୍ଲା ରେଡ୍‌କ୍ରସ ପାଣ୍ଠି ମାଧ୍ୟମରେ ୪ଜଣ ଅଭିଯୋଗକାରୀଙ୍କୁ ମୋଟ୍ ୧୦ ହଜାର ଟଙ୍କା ମଞ୍ଜୁର କରାଯାଇଛି। ଜମିଜମା ବିବାଦ, ଭତ୍ତା, ପାନୀୟ ଜଳ, ରାସ୍ତାଘାଟ, ବିଦ୍ୟୁତ୍, ରବି ଧାନ, ପ୍ରଧାନମନ୍ତ୍ରୀ ଆବାସ ଓ ରାସନ ଚାଉଳ ଭଳି ସରକାରୀ ସହାୟତା ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗ ଜନସାଧାରଣ ଉପସ୍ଥାପନ କରିଥିଲେ। ଶୁଣାଣି ସମୟରେ ପ୍ରଶାସନ ପକ୍ଷରୁ କିଛି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ମୋଟ୍ ୧୫ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ଅଭିଯୋଗଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ପଠାଯାଇ ଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଜିଲ୍ଲା ରେଡ୍‌କ୍ରସ ପାଣ୍ଠି ମାଧ୍ୟମରେ ୪ଜଣ ଅଭିଯୋଗକାରୀଙ୍କୁ ମୋଟ୍ ୧୦ହଜାର ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା। ଆର୍ଥିକ ଦୃଷ୍ଟିରୁ ଅସହାୟ ପରିବାରଙ୍କୁ ଏହି ସହାୟତା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଏହି ଜନଶୁଣାଣି ଶିବିରରେ ଏସ୍‌ପି ମନୋଜ କୁମାର ରାଉତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ ପ୍ରହରାଜ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ପିଡି ଶୁଭେନ୍ଦ୍ର ସାମଲ, ବିଡିଓ ବନବିହାରୀ ଦିନ୍ଦା, ତହସିଲ୍‌ଦାର ଜ୍ଞାନରଞ୍ଜନ ସାହୁ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ଆଇଆଇସି ସୁବ୍ରଜିତ ଦାଶଙ୍କ ସମେତ ଜିଲ୍ଲା ଓ ବ୍ଲକ୍‌ର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଅରୁଣ ବସ୍ତିଆ, ପ୍ରଶାନ୍ତ ବାରିକ ଓ ଅନ୍ୟ ଅଧିକାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।



**୧୫ ଅଭିଯୋଗର ତୁରନ୍ତ ସମାଧାନ**

## ତିହିଡ଼ି ଯୁବମଞ୍ଚର ବାର୍ଷିକ ରଜ ମହୋତ୍ସବ ପାଇଁ ପ୍ରସ୍ତୁତି

ତିହିଡ଼ି,୨୫।୫(ସମିସ): ଅଗ୍ରଣୀ ସାମାଜିକ ସଂଗଠନ ତିହିଡ଼ି ଯୁବମଞ୍ଚ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ୧୧ତମ ବାର୍ଷିକ 'ରଜ ମହୋତ୍ସବ' ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ଜୁନ୍ ୧୩ ଓ ୧୪ ତାରିଖ ୨ ଦିନ ଧରି ତିହିଡ଼ି ଟାଉନ୍ ହଲ୍ ପରିସରରେ ଏହି ଉତ୍ସବ ଅନୁଷ୍ଠିତ ହେବ। ବୈଠକର ନିଷ୍ପତ୍ତି ଅନୁଯାୟୀ, ପ୍ରଥମ ଦିନ ଅଳତା ଓ ରଜପରୀ ପ୍ରତିଯୋଗିତା, ବ୍ଲକ୍‌ସ୍ତରୀୟ ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା, ଅପରାଜେୟ ଅନ୍ୱେଷଣ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଦିବ୍ୟାଙ୍ଗ ପ୍ରତିଭାଙ୍କୁ ସମ୍ମାନିତ କରାଯିବା ସହ ଅନ୍ୟାନ୍ୟ ପ୍ରତିଭାଧାରୀଙ୍କୁ ସମ୍ମାନ ଜ୍ଞାପନ ଏବଂ ସାଂଗଠନିକ ସାଧାରଣ ସଭା ଅନୁଷ୍ଠିତ ହେବ। ୨ୟ ଦିନରେ ନୃତ୍ୟ ପ୍ରତିଯୋଗିତା, ସମାଜସେବୀମାନଙ୍କୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଆଳାପ ଆଲୋଚନା' ଏବଂ ଅନ୍ୟାନ୍ୟ ପ୍ରତିଭା ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପ୍ରସ୍ତୁତି ବୈଠକରେ ସଂଗଠନର ସଭାପତି କୈଳାସ ବେହେରା, ସମ୍ପାଦକ ନିରଞ୍ଜନ ବାରିକ, ଉପସଭାପତି ପ୍ରିୟବ୍ରତ ପାଢ଼ୀ, ସଂଯୋଜକ ଆଇନଜୀବୀ ନୀଳମାଧବ ସେନାପତି, ସାଂସ୍କୃତିକ ସଂଯୋଜକ ମନୋଜ ପାଣିଗ୍ରାହୀ, ସମାଜସେବୀ ମନୋଜ ସେନାପତି, ସହସମ୍ପାଦକ ଅଧ୍ୟାପକ ଦିଲ୍ଲୀପ ପତି ପ୍ରମୁଖ ଯୋଗଦେଇଥିଲେ। ଏତଦ୍‌ବ୍ୟତୀତ ସଦସ୍ୟ ସନାତନ ସାହୁ, ବିଜୟ ଦଳାଇ, ସୌମ୍ୟଗୋପାଳ ନାୟକ, ସୁବ୍ରତ ଦାସ, ସୟଦ ରଫିକ, ରଘୁନାଥ ସାହୁ ଓ ନୀଳାମ୍ବର ସେଠୀ ପ୍ରମୁଖ ଉପସ୍ଥିତ ରହି ରଜ ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ନିଜର ସୁଚିନ୍ତିତ ମତାମତ ଦେଇଥିଲେ।

## ଚରମ୍ପା ବରିଷ୍ଠ ନାଗରିକ ସଂଘ ନୂତନ ଭବନର ଶିଳାନ୍ୟାସ

ଭଦ୍ରକ,୨୫।୫(ସମିସ): ରବିବାର ଚରମ୍ପା ବରିଷ୍ଠ ନାଗରିକ ସଂଘର ନୂତନ ସଂଘ ଗୃହ ଶୁଭ ଭିତ୍ତିପ୍ରସ୍ତର ଏରେଇଁ ପଞ୍ଚାୟତ ଅଧୀନ ପଥରଆଡ଼ି ଚୂନଟି ରାସ୍ତାପାର୍ଶ୍ୱରେ ବିକଶିତ ଗାଁ ବିକଶିତ ଓଡ଼ିଶା ଓ ଗ୍ରାମ ପଞ୍ଚାୟତ ଅନୁଦାନରେ ମୋଟ୍ ୫ ଲକ୍ଷ ୧୩ ହଜାର ଟଙ୍କା ଆର୍ଥିକ ସହାୟତାରେ ମୁଖ୍ୟ ଅତିଥି ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ରଙ୍କ ଦ୍ୱାରା ଶିଳାନ୍ୟାସ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବରେଣ୍ୟ ଅତିଥି ଭାବେ ଭଦ୍ରକ ବିଡିଓ ରଶ୍ମିରଞ୍ଜନ ମଲ୍ଲିକ, ସହକାରୀ ନିର୍ବାହୀଯନ୍ତ୍ରୀ ଜୟଦେବ ପାତ୍ର, କନିଷ୍ଠ ଯନ୍ତ୍ରୀ ଅଚ୍ୟୁତାନନ୍ଦ ନାୟକ, ଭଦ୍ରକ ବ୍ଲକ୍ ଓ ଚରମ୍ପା ସଂଘର ସଭାପତି ଗଗନବିହାରୀ ରାଉତ, ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ସରପଞ୍ଚ ତଥା ସଂଘର ଉପଦେଷ୍ଟା ରତ୍ନାକର ସାମଲ, ସଭ୍ୟ ଦୟାନିଧି ପୁହାଣ, ପ୍ରଭାକର ଦାସ, କାଳନ୍ଦୀ ପାତ୍ର, ପଦ୍ମଲୋଚନ ମହାଳିକ, ବାସନ୍ତୀଲତା ନାୟକ, ଉପଦେଷ୍ଟା ଭାଗିରଥି ବେହେରା, ଶଶିକାନ୍ତ ପାଢ଼ୀ, ଅରୁଣ କୁମାର ଲଖାନି, ରାଣୀତାଲ ବରିଷ୍ଠ ନାଗରିକ ସଂଘ ସଭାପତି ଭାଗିରଥି ନାୟକ, ଅମର ସାହୁ, ପୀତାମ୍ବର ରାଉତ, କୋଷାଧ୍ୟକ୍ଷ ସୁଦର୍ଶନ ବିଶ୍ୱାଳ, କେଦାରନାଥ ଗୁପ୍ତା, ପଦ୍ମନାଭ ପଣ୍ଡା, ଲିପୁନ ଭାଇ, କାଳିଆ ଭାଇଙ୍କ ସମେତ ସଂଘର ଶତାଧିକ ବୟୋଜ୍ୟେଷ୍ଠ ଓ ବରିଷ୍ଠ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ବିଧାୟକ ଶ୍ରୀ ମହାପାତ୍ର ତାଙ୍କ ବକ୍ତବ୍ୟରେ ଆମ ବରିଷ୍ଠ ନାଗରିକମାନେ ସମାଜର ଅମୂଲ୍ୟ ସମ୍ପଦ। ସେମାନଙ୍କ ସମ୍ମାନ, ସୁରକ୍ଷା ଓ ସେବା ହେଉଛି ଆମର ସଂସ୍କାର ଓ କର୍ତ୍ତବ୍ୟ। ଏହି ଭବନ ରୂପକ ମନ୍ଦିର ବରିଷ୍ଠଙ୍କ ପାଇଁ ଆତ୍ମୀୟତା ଓ ସମ୍ମାନର ଏକ ନୂତନ ଭବ୍ୟ କେନ୍ଦ୍ର, ଦୁଇ ମହଲା ବିଶିଷ୍ଟ ନୂତନ ଭବନଟି ସମ୍ପୂର୍ଣ୍ଣ ରୂପେ ଗଢ଼ି ତୋଳିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ପୂର୍ଣ୍ଣ କରିବାକୁ ଆବଶ୍ୟକ ପଡୁଥିବା ଅର୍ଥରାଶି ସରକାର ବହନ କରିବାକୁ ବିଡିଓଙ୍କୁ ଆବଶ୍ୟକୀୟ ନଥିପତ୍ର ତିଆରି କରିବାକୁ ପରାମର୍ଶ ଦେଇଥିଲେ। ବିଡିଓ ଶ୍ରୀ ମଲ୍ଲିକ, ପିତୃତୁଲ୍ୟ ବରିଷ୍ଠମାନେ ଆମ ହାତଧରି ଛୋଟରୁ ବଡ଼ କରି ଉପଯୁକ୍ତ ସଂସ୍କାର ଓ ଉଚ୍ଚଶିକ୍ଷା ଦେଇ ଗଢ଼ି ତୋଳିଥିବାରୁ ଆମେ ଆଜି ସମାଜରେ ପରିଚୟ ପାଇପାରିଛୁ ବୋଲି କହିଥିଲେ। ଏହି ଶିଳାନ୍ୟାସ ଉତ୍ସବରେ ସଂଘ ସମ୍ପାଦକ ସମସ୍ତ କର୍ମକର୍ତ୍ତା ଓ ଉପଦେଷ୍ଟା, କାର୍ଯ୍ୟକାରିଣୀ ସଦସ୍ୟମାନେ ଉପସ୍ଥିତ ଥିଲେ। ବରିଷ୍ଠ କର୍ମକର୍ତ୍ତା ବାବୁଲାଲ ଦାସ ଧନ୍ୟବାଦ ଦେଇଥିଲେ।



## ବିଜେଡି ଭଦ୍ରକ ନିର୍ବାଚନମଣ୍ଡଳୀସ୍ତରୀୟ ନାରୀ ଅଧିକାର

ଭଦ୍ରକ,୨୫।୫(ସମିସ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ନିର୍ବାଚନମଣ୍ଡଳୀ ତରଫରୁ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଟାଉନ୍‌ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ପୌରାଧ୍ୟକ୍ଷା ଗୁଲ୍‌ମକ୍କି ଦଲାୱାଜି ହବିବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମୁଖ୍ୟଅତିଥି, ଜିଲ୍ଲା ମହିଳା ବିଜେଡି ବିଜୁ ସଭାନେତ୍ରୀ ବିଦ୍ୟୁତ୍‌ଲତା ନାୟକ ସମ୍ମାନିତ ଅତିଥି, ଅନ୍ୟତମ ଅତିଥି ଭାବେ ବ୍ଲକ୍ ବିଜେଡି ସଭାପତି ପ୍ରଫୁଲ୍ଲ ନାୟକ, ଟାଉନ୍ ବିଜେଡି ସଭାପତି ମହମ୍ମଦ ଜକାଉଲ୍ଲା, ଟାଉନ ବିଜେଡି ମହିଳା ସଭାପତି ରେହେନା ଖାତୁନ, କାଉନ୍‌ସିଲର ଦିଲ୍ଲୀପ ନାୟକ, କାଉନ୍‌ସିଲରଙ୍କ ପ୍ରତିନିଧି ପଙ୍କଜ ବଳ, କାଉନ୍‌ସିଲର ରଞ୍ଜନ ଜେନା, ସହିଦ ଖାନ, ଶେଖ୍ ଜାହିରୁଦ୍ଦିନ, ସୟଦ ନାଶିର ଅଲ୍ଲୀ, ଯୁବନେତା ଜାହିଦ୍ ହବିବ, ସୁବ୍ରତ ଦାସ, ସାଜିଦ୍ ହବିବ, ନାସିରୁଦ୍ଦିନ ଖାନ, ଗୋଲାମ ଗୌସ, ଶେଖ୍ ରାଜନ୍, ସାହେବଯୁର ଖାଁ, ସରପଞ୍ଚ ପଦ୍ମନାଭ ପୃଷ୍ଟି, ବିନାରାଣୀ ମହାଳିକ, ନାଏବ ସରପଞ୍ଚ ରାଜଲକ୍ଷ୍ମୀ ଦାସ, ପୂର୍ବତନ ଭଦ୍ରକ ବ୍ଲକ୍ ଉପାଧ୍ୟକ୍ଷା ଜ୍ୟୋତ୍ସ୍ନାମଞ୍ଜରୀ ରାଉତ, ରତ୍ନାକର ସାମଲ ପ୍ରମୁଖ ଯୋଗଦେଇ ବିଜେପି ସରକାରର ବିଫଳତା ଯଥା- ମହିଳାଙ୍କ ୩୩% ସଂରକ୍ଷଣ ଦେଶର ବିଫଳତା, ନାରୀ ନିର୍ଯାତନାକୁ ନିୟନ୍ତ୍ରଣ କରିବାରେ ଅସମର୍ଥ ବିଷୟରେ ମନ୍ତବ୍ୟ ରଖିଥିଲେ। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା।




### ● ବିଡିଓଙ୍କ ସହିତ ବିଜେପି ନେତାଙ୍କ ଆଲୋଚନା

## ଭଣ୍ଡାରିପୋଖରୀରେ ଉନ୍ନୟନମୂଳକ କାର୍ଯ୍ୟ ଠପ୍

ବାରିକପୁର,୨୫।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ୨୩ଟି ପଞ୍ଚାୟତ ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଜନକଲ୍ୟାଣକାରୀ କାର୍ଯ୍ୟଗୁଡ଼ିକ ସଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଲୋକଙ୍କ ପାଖରେ ଜନାଭିମୁଖୀ ଯୋଜନାଗୁଡ଼ିକ ପହଞ୍ଚିବାରେ ବିଳମ୍ବ ହେଉଛି। ଉନ୍ନୟନମୂଳକ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ବ୍ଲକ୍ ପ୍ରଶାସନ ଏସବୁକୁ ସଠିକ୍ ଭାବେ ପରିଚାଳନା କରୁ ନ ଥିବା ଅଭିଯୋଗ କରି ବିଜେପି ନେତୃମଣ୍ଡଳୀ ଏ ନେଇ ସୋମବାର ବିଡିଓଙ୍କୁ ସାକ୍ଷାତ୍ କରିଛନ୍ତି। ବରିଷ୍ଠ ବିଜେପି ନେତା ବଦ୍ରିନାରାୟଣ ଧଳଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତର ନେତୃମଣ୍ଡଳୀମାନେ ବିଡିଓ ଦେବଦତ୍ତ ଦାସଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀଙ୍କୁ ସାକ୍ଷାତ୍ କରିଥିଲେ। ବିଶେଷ କରି ସଠିକ୍ ଲୋକ ରାସନକାର୍ଡ ପାଉ ନ ଥିବା ଓ ମୃତକଙ୍କ ପରିବାର ବର୍ଗଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଠିକ୍ ସମୟରେ ହରିଶ୍ଚନ୍ଦ୍ର ସହାୟତା ରାଶି ଯୋଗାଇ ଦିଆଯାଉ ନ ଥିବା ନେତୃମଣ୍ଡଳୀମାନେ ଜଣାଇଥିଲେ। ଏହାଛଡ଼ା ଜଳ ଯୋଗାଣ, ରାସ୍ତା କାମ ଏବଂ ମନରେଗା କାର୍ଯ୍ୟ ବାବଦରେ କେତେକ ଅଧିକାରୀ ପାତରଅନ୍ତର ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ସମସ୍ତ ଅଭିଯୋଗକୁ ଶୁଣିବା ପରେ ଆଗାମୀ ଦିନରେ ଯେଉଁଭଳି ଭାବେ ଜନହିତକାରୀ ଯୋଜନାଗୁଡ଼ିକ ସଠିକ୍ ଭାବେ ପରିଚାଳନା ହେବ ସେନେଇ ଦୃଷ୍ଟି ଦିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ସମୟରେ ଏବିଡିଓ ନିଶିକାନ୍ତ ଖୁଣ୍ଟିଆ, ସହକାରୀ ନିର୍ବାହୀ ଯନ୍ତ୍ରୀ ହୃଦାନନ୍ଦ ଜେନା, ଜିପିଇଓ ବିଳାସିନୀ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଏହାଛଡ଼ା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିରୋଦ ସାହୁ, ଗିରିଶ ସାମଲ, ପ୍ରଫୁଲ୍ଲ ସାହୁ, ମଣ୍ଡଳ ସଭାପତି ରଞ୍ଜନ ପରିଡ଼ା, ତରଣୀ ଜେନା, ଯୁବନେତା ଅଜୟ ରାଉତ, ଅବିନାଶ ନାୟକ, ଲଳିତ ନାୟକ, ସତ୍ୟଜିତ୍ ରାଉତ, ବିକାଶ ନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



### ପ୍ରତିକୂଳ ପାଗ ଓ ଜଳାଭାବ

## ଧାନ ବିହନ ବୁଣିବା ନେଇ ଚାଷୀ ମୁଣ୍ଡରେ ଚଡ଼କ

ଅସୁରାଳି,୨୫।୫(ସମିସ)

ଓଡ଼ିଶାର କୃଷି ପରମ୍ପରା ଅନୁସାରେ ପବିତ୍ର ଅକ୍ଷୟତୃତୀୟାରୁ ଖରିଫ୍ ଋତୁର ଅନୁକୂଳ ସମୟ ଆରମ୍ଭ ହୋଇଥାଏ। ଚାଷୀ ଏହି ଦିନଠାରୁ ଅଖିମୁଠି ଅନୁକୂଳ କରି କୃଷିକାର୍ଯ୍ୟର ଶୁଭାରମ୍ଭ କରିଥାଏ। ଚଳିତ ବର୍ଷ ଧାମନଗର ବ୍ଲକ୍‌ରେ ପ୍ରାୟ ୧୫ ହଜାର ହେକ୍ଟର ଜମିରେ ଖରିଫ୍ ଧାନଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ସରକାରୀସ୍ତରରେ ବିହନ ଷ୍ଟକ୍ ମଧ ଉପଲବ୍ଧ ରହିଛି। ମାତ୍ର ଚଳିତ ବର୍ଷର ପ୍ରଚଣ୍ଡ ରୌଦ୍ରତାପ ଓ ଅସ୍ୱାଭାବିକ ପାଣିପାଗ ସାରା ଅଞ୍ଚଳର ଚାଷୀକୂଳଙ୍କ ଚିନ୍ତା ବଢ଼ାଇ ଦେଇଛି। ଆକାଶରୁ ନିଆଁ ବର୍ଷିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଚାଷୀ ଜମିରେ ଧାନ ବିହନ ବୁଣିବାକୁ ସାହସ ଜୁଟାଇପାରୁ ନାହିଁ। ବିହନ ଥାଇ ମଧ ବୁଣିବା ନେଇ ଏକ ବଡ଼ ଅନିଶ୍ଚିତତା ଦେଖାଦେଇଛି। ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। କହିବାକୁ ଗଲେ ଜଳସେଚନର ସ୍ଥିତି ବିଷୟରେ ନ ଚର୍ଚ୍ଚା କରିବା ହିଁ ଭଲ। ନାମକୁ ମାତ୍ର କେନାଲ ଏବଂ ସ୍ଲୁଇସ୍ ଗେଟ୍ ରହିଛି, ହେଲେ ସେଥିରେ ଟୋପାଏ ପାଣି ନାହିଁ। ବାରମ୍ବାର ଅଭିଯୋଗ ସତ୍ତ୍ୱେ କେନାଲ ଡିଭିଜନ ଦାୟିତ୍ୱରେ ଥିବା ଅଧିକାରୀମାନେ ସମୟ ପୂର୍ବରୁ କୌଣସି ସଂସ୍କାରମୂଳକ ପଦକ୍ଷେପ ନେଇନାହାନ୍ତି। ଫଳରେ କେନାଲ ଉପରେ ନିର୍ଭର କରୁଥିବା ହଜାର ହଜାର ଚାଷୀ ଏବେ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ଜଳସେଚନର ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଚାଷୀମାନେ ସେମାନଙ୍କ ପାରମ୍ପରିକ ଧାରା ଅନୁସାରେ କେବଳ ଇନ୍ଦ୍ରଦେବ (ବର୍ଷା)ଙ୍କ ଉପରେ ଭରସା କରି ବସିଛନ୍ତି। ମାତ୍ର ଜୁନ୍ ମାସ ଆରମ୍ଭ ହେବାକୁ ଥିଲେ ମଧ ପାଗ ଅନୁକୂଳ ହେବାର କୌଣସି ଲକ୍ଷଣ ଦେଖାଯାଉନାହିଁ। ବର୍ଷାର ସ୍ୱଳ୍ପତା ଏବଂ ପ୍ରଚଣ୍ଡ ଖରା ଯୋଗୁଁ ଚଳିତ ବର୍ଷ ଅଞ୍ଚଳରେ ଏକ ଭୟଙ୍କର 'ମରୁଡ଼ି'ର କରାଳ ଛାୟା ସୃଷ୍ଟି ହେବାର ଆଶଙ୍କା ଘନେଇବାରେ ଲାଗିଛି।

ଏ ସମ୍ପର୍କରେ ବ୍ଲକ୍ କୃଷି ଅଧିକାରୀ ଅନୁରାଧା ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏଥର ୧୫ ହଜାର ହେକ୍ଟର ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି ଏବଂ ସମସ୍ତ ଡିଲରଙ୍କ ପାଖରେ ବିହନ ଉପଲବ୍ଧ କରାଇବା ପାଇଁ ବ୍ୟବସ୍ଥା କରାଯାଉଛି। ତେବେ ସରକାରୀ ଗୋଦାମ ଗୃହର ଅଭାବ ଯୋଗୁଁ କାର୍ଯ୍ୟାଳୟ ପରିସରରେ ସାମଗ୍ରୀ ରଖିବାକୁ ପଡୁଥିବାରୁ ସଭାସମିତି ବା ଅନ୍ୟାନ୍ୟ କାର୍ଯ୍ୟ କରିବାରେ କିଛିଟା ସମସ୍ୟା ଉପୁଜୁଛି। ସାର ଓ କୀଟନାଶକର ଅହେତୁକ ମୂଲ୍ୟବୃଦ୍ଧି ସାଙ୍ଗକୁ ବଜାରରେ କଳାବଜାରୀ ଚାଷୀଙ୍କ ଅଣ୍ଟା ଭାଙ୍ଗି ଦେଇଥିବାବେଳେ ଏହି ପ୍ରାକୃତିକ ବିପର୍ଯ୍ୟୟ ସେମାନଙ୍କୁ ଦାଣ୍ଡରେ ବସାଇବାକୁ ବସିଲାଣି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ କେନାଲର ସଂସ୍କାର ସହ ଜଳ ଯୋଗାଇବାକୁ ଏବଂ ପ୍ରଭାବିତ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଚାଷୀମାନେ ଜୋର୍‌ଦାର ଦାବି କରିଛନ୍ତି।



**ଭୟ ବଢ଼ାଉଛି ମରୁଡ଼ି ପରିସ୍ଥିତି**

## ବଡ଼ପଡ଼ିଆରେ ପୁଲିସର ଚଢ଼ଉ

# ୫ କେଜି ଭାଙ୍ଗ, ୧୦ଟି ଭାଙ୍ଗ ମିଶ୍ରିତ କୁଲ୍‌ଫି ଜବତ

ପାରାଦୀପ,୨୫।୫(ସମିସ)



ପାରାଦୀପ ସହରର ମୁଖ୍ୟ ଜନଗହଳି ସ୍ଥାନ କୁହାଯାଉଥିବା ବଡ଼ପଡିଆ ଅଞ୍ଚଳ ଏବେ ନିଶାଡ଼ି ଓ ନିଶା ବ୍ୟବସାୟୀଙ୍କ ପେଣ୍ଠସ୍ଥଳ ପାଲଟିଛି। ବେଆଇନ୍ ଭାବେ କିଛି ବ୍ୟବସାୟୀ ଚୋରାରେ ବିଭିନ୍ନ ନିଶା ଦ୍ରବ୍ୟ ରଖି ବ୍ୟବସାୟ କରୁଛନ୍ତି। ଯାହା ପାରାଦୀପ ଅଞ୍ଚଳରେ ଶିକ୍ଷିତ ଯୁବ ସମାଜ ଓ ଛାତ୍ରଙ୍କୁ ବହୁ ଗୁଣରେ ପ୍ରଭାବିତ କରୁଛି। ତେବେ ଗତକାଲି ପୁଲିସର ଚଢ଼ଉ ବେଳେ ଜବତ କରିଥିବା କିଛି ଥଣ୍ଡା ପାନୀୟ ଓ ନିଶା ସାମଗ୍ରୀ ଏହାକୁ ପ୍ରମାଣିତ କରୁଛି।

### ସମ୍ପୃକ୍ତ ଦୁଇ ବେପାରୀ ଗିରଫ

ବିଶେଷକରି ଚୋରା ମଦ ତ ବଡପଡ଼ିଆ ଅଞ୍ଚଳରେ ଖୁଲମ ଖୁଲା କି ଦିନ କି ରାତି ବିକ୍ରି ହେଉଛି। ରାସ୍ତା ଉପରେ ମଦ ବୋତଲ ଧରି ନିଶାଡ଼ି ଖୁଲମଖୁଲା ପିଉଛନ୍ତି। ତେବେ ପାଖାପାଖି ୧୫ ଦିନ ହେବ ପୁଲିସ ରାତି ୧୦.୩୦ରୁ ନିଶାଡ଼ିଙ୍କୁ ସାବଡ଼ କରିବା ପାଇଁ ଟିମ୍ ଧରି ନିଜେ ଥାନା ଅଧିକାରୀ ବୁଲୁଛନ୍ତି। ହେଲେ ସାନ୍ଧ୍ୟ ସମୟର କଥା ନ କହିବା ଭଲ। ଗତକାଲି ଖବର ପାଇ ପାରାଦୀପ ଆଦର୍ଶ ଥାନାର ଏକ ସ୍ୱତନ୍ତ୍ର ଟିମ୍ ସନ୍ଧ୍ୟାରେ ପାଟ୍ରୋଲିଂ ଅଭିଯାନ କରି ଏକ ଦୋକାନ ଉପରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ବ୍ୟବସାୟୀ ଜଣଙ୍କ ଭାଙ୍ଗ ଗଚ୍ଛିତ ରଖିଥିବା ଦେଖିବାକୁ ପାଇଥିଲେ। ସେହି ସମ୍ପୃକ୍ତ ବ୍ୟବସାୟୀକୁ ଗିରଫ କରିବା ସହିତ ଭାଙ୍ଗ ମିଶ୍ରିତ କୁଲଫି ବିକ୍ରି କରୁଥିବା ଅନ୍ୟ ଜଣେ ବିହାରୀ ବେପାରୀକୁ ମଧ ଗିରଫ କରିଥିଲେ। ବଡପଡିଆ ବିଜୟା ମାର୍କେଟ୍ ନିକଟରେ ବେଆଇନ ଭାବେ ଭାଙ୍ଗ ବିକ୍ରି କରାଯାଉଥିବା ଖବର ପୁଲିସ୍ ପାଖରେ ପୂର୍ବରୁ ଥିବା ବେଳେ ଗତକାଲି ସନ୍ଧ୍ୟାରେ ଏହା ଉପରେ ଚଢ଼ଉ କରାଯାଇଥିଲା। ମନୋରଞ୍ଜନ ବାରିକ ଓରଫ ମନୁକୁ ଗିରଫ କରାଯାଇ ତା' ନିକଟରୁ ୫କିଲୋ ଭାଙ୍ଗ ଓ ଆରିଷ୍ଟୋକ୍ରାଟ୍ ହୋଟେଲ୍ ନିକଟରୁ ଭାଙ୍ଗ ମିଶ୍ରିତ କୁଲଫି ଆଇସକ୍ରିମ୍ ବିକ୍ରି କରୁଥିବା ବିହାରୀ ବେପାରୀ ସୌରଭ ସିଂହକୁ ପୁଲିସ୍ ଗିରଫ କରିଛି। ତା' ନିକଟରୁ ୧୦ଟି ଭାଙ୍ଗ ମିଶ୍ରିତ କୁଲଫି ଆଇସକ୍ରିମ୍ ଜବତ କରାଯାଇଥିଲା। ଅଭିଯୁକ୍ତମାନେ ଅଧିକ ଲାଭ ଆଶାରେ କୁଲଫି ଅମୂଳକୁଲ ଏବଂ ମୃଦୁ୍ୟ ପାନୀୟ ସହିତ ଭାଙ୍ଗ ମିଶ୍ରଣ କରୁଥିଲେ। ତେବେ ଗିରଫ ବିହାରୀ ସୌରଭ ସିଂ ଏହି ଭାଙ୍ଗ ମିଶ୍ରିତ ଆଇସକ୍ରିମକୁ ସାଧାରଣ ଲୋକଙ୍କ ସମେତ ଯୁବପିଢ଼ିଙ୍କୁ ଯୋଗାଉଥିଲା। ଏହା ବହୁ ଦିନରୁ ଚାଲିଥିଲେ ବି କେହି ଅଭିଯୋଗ କରୁ ନଥିଲେ। ଯିଏ ବି ଏହି ଆଇସକ୍ରିମକୁ ଖାଉଥିଲା ତାହା ଏକ ପ୍ରକାର ସବୁଦିନିଆ ଗରାଖ ସେ ହୋଇ ଯାଉଥିଲା। ତେବେ ପୁଲିସ ସମସ୍ତଙ୍କୁ ସତର୍କ କରାଇଦେଇଛି ଯେ ଖାଦ୍ୟ ସାମଗ୍ରୀରେ ଅପମିଶ୍ରିତ ଏବଂ ବେଆଇନ ନିଶା କାରବାରରେ ସମ୍ପୃକ୍ତ ବ୍ୟକ୍ତି ଙ୍କୁ ବିରୋଧ ରେ ଦୃଢ କାର୍ଯ୍ୟାନୁଷ୍ଠାନ ଜାରି ରହିବ। ଗିରଫ ଏହି ଦୁଇ ଅଭିଯୁକ୍ତଙ୍କୁ ପୁଲିସ ଆଜି କୋର୍ଟଚାଲଣ କରିଛି।

# ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର




ଜଗତସିଂହପୁର/କୁଜଙ୍ଗ,୨୪।୫(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ. ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

ଏଥିରେ ମୋଟ ୭୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୪ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୦ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ଆବାସ ପାଇଁ ୯ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୨୪ଟି, ଭତ୍ତା ପାଇବା ପାଇଁ ୭ଟି, ପୁଲିସ ସହାୟତା ପାଇଁ ୨ଟି ଏବଂ ଅନ୍ୟାନ୍ୟ ୧୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ ନିରଞ୍ଜନ ବେହେରା, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ତହସିଲଦାର, କୁଜଙ୍ଗ ସ୍ୱରୂପ ନନ୍ଦନ ବେହେରା, ବିଡିଓ କୁଜଙ୍ଗ ଦୀପକ ସ୍ୱାଇଁ, ନିର୍ବାହୀ ଅଧିକାରୀ ପାରାଦୀପ ପୌର ପରିଷଦ ଅଭିଷେକ ପଣ୍ଡା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଏବଂ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ନାବାଳିକା ଝିଅକୁ ଅଶାଳୀନ ବ୍ୟବହାର ଅଭିଯୋଗରେ ଦୁଇ ଭାଇ ଗିରଫ



ଜଗତସିଂହପୁର/ଏରସମା,୨୫।୫(ସମିସ): ଜଗତସିଂହପୁର ଜିଲ୍ଲା ଏରସମା ଥାନା ଅଞ୍ଚଳରେ ଜନୈକା ୧୨ ବର୍ଷର ନାବାଳିକାକୁ ଅଶାଳୀନ ବ୍ୟବହାର ଏବଂ ହତ୍ୟା ଧମକ ଦେଇଥିବା ଅଭିଯୋଗରେ ଦୁଇ ଭାଇଙ୍କୁ ପୁଲିସ ଗିରଫ କରିଛି। ଆଜି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଅଙ୍କିତ କୁମାର ବର୍ମା ଏହି ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ଶ୍ରୀ ବର୍ମାଙ୍କ ସୂଚନା ଅନୁସାରେ ଗତ ଏପ୍ରିଲ ୨୭ ତାରିଖରେ ଏରସମା ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ତାଙ୍କ ୧୨ ବର୍ଷୀୟ ନାବାଳିକା ଝିଅକୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ ସହିତ ହତ୍ୟା ଧମକ ଦେଇଥିଲେ। ପୀଡ଼ିତା କିଛି ଦିନ ଭୟରେ ଚୁପ ରହିବା ପରେ ଘଟଣା ସମ୍ପର୍କରେ ତାଙ୍କ ମା'ଙ୍କୁ କହିଥିଲେ। ଗତ ୧୧ ତାରିଖରେ ପୀଡ଼ିତାଙ୍କ ମା' ଏରସମା ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଗ୍ରାମରୁ ପଳାଇଯାଇ ହାଇଦ୍ରାବାଦରେ ତାଙ୍କ ବଡ଼ଭାଇଙ୍କ ପାଖରେ କିଛି ଦିନ ରହିଥିଲେ। ପରେ ବଡ଼ଭାଇଙ୍କ ଶ୍ୱଶୁର ଘର ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ତୋଟାପଡ଼ା ପଳାଇ ଆସି ସେଠାରେ ରହୁଥିଲେ। ଏରସମା ପୁଲିସର ଏକ ଟିମ୍ ଗତ ୨୪ ତାରିଖରେ ଦୁଇଭାଇଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଆଜି ଉଭୟଙ୍କୁ କୋଟଚାଲାଣ କରାଯାଇଛି।

# ନିଯୁକ୍ତି ଓ କ୍ଷତିପୂରଣ ଦାବିରେ କମ୍ପାନୀ ଫାଟକରେ ଧାରଣା



ପାରାଦୀପ/କୁଜଙ୍ଗ, ୨୫।୫ (ସମିସ): ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ କମ୍ପାନୀ ପ୍ରକଳ୍ପକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଉଛି। ନିଯୁକ୍ତି ଓ କ୍ଷତିପୂରଣ ଦାବି ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ଧାରଣା ତୃତୀୟ ଦିନରେ ପହଞ୍ଚିଛି। ଶନିବାର ଠାରୁ ତିନି ଦିନ ହେବ ନୂଆଗାଁ ବାଲିସାହି ପଡା ଲୋକମାନେ କମ୍ପାନୀର ୭ ନମ୍ବର ଫାଟକ ସମ୍ମୁଖରେ ଗଣଧାରଣାରେ ବସି ରହିଛନ୍ତି। ତେବେ ଏ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ କିମ୍ବା କମ୍ପାନୀ କର୍ତ୍ତୃପକ୍ଷ କେହିବି ଧାରଣା ଦେଇଥିବା ଲୋକଙ୍କ ନିକଟକୁ ଆସିନାହାନ୍ତି। ଜଙ୍ଗଲ କମିଟି ପଇସା, ନିଯୁକ୍ତି ପ୍ରସଙ୍ଗ ଓ ଅନ୍ୟାନ୍ୟ ସମସ୍ୟା ନେଇ ସେମାନେ ୩ ଦିନ ହେବ ପ୍ରଚଣ୍ଡ ରୁଦ୍ର ତାପ ସତ୍ତ୍ୱେ ଧାରଣା ଜାରି ରଖିଛନ୍ତି। ବାଲିସାହି ଜଙ୍ଗଲ କମିଟିର ଦାୟିତ୍ୱରେ ଥିବା କର୍ମକର୍ତ୍ତାମାନେ ହିସାବ ନ ଦେବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ତେବେ ନ୍ୟାୟ ନ ମିଳିବା ଯାଏ ଧାରଣା ଜାରି ରହିବ ବୋଲି ଧାରଣାକାରୀ କହିଛନ୍ତି।

# ମହିଳା କଂଗ୍ରେସର ମଶାଲ ଶୋଭାଯାତ୍ରା



ଜଗତସିଂହପୁର,୨୫।୫(ସମିସ): ଆଜି ଜଗତସିଂହପୁର ନଗର ଓ ବ୍ଲକ କଂଗ୍ରେସର ମିଳିତ ଆନୁକୂଲ୍ୟରେ ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର ଓ ବ୍ଲକ କଂଗ୍ରେସ ସଭାପତି ଜ୍ଞାନରଞ୍ଜନ ପୃଷ୍ଟିଙ୍କ ନେତୃତ୍ୱରେ ଏବଂ ଜିଲ୍ଲା କଂଗ୍ରେସ ସଭାପତି ଦେବ ପ୍ରସାଦ ନାୟକଙ୍କ ଉପସ୍ଥିତିରେ ସଂସଦରେ ମହିଳାମାନଙ୍କ ପାଇଁ ପାରିତ ହୋଇଥିବା ୩୩ ପ୍ରତିଶତ ସଂରକ୍ଷଣ ବିଲ୍‌କୁ ତୁରନ୍ତ ଲାଗୁକରିବା ଏବଂ ବାରମ୍ବାର ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଘଟଣାରେ ମହିଳା କଂଗ୍ରେସ କର୍ମକର୍ତ୍ତା ଟାଉନ ହଲ ଛକ ଠାରୁ ମଶାଲ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିଥିଲେ।

ମହିଳା ସଂରକ୍ଷଣ ବିଲ୍‌ରୁ ସୀମା ନିର୍ଦ୍ଧାରଣ ବିଲ୍ ସହିତ ଯୋଡ଼ିବା ବିଜେପି ବନ୍ଦ କରୁ ଏବଂ ତୁରନ୍ତ ବିଲ୍ ଲାଗୁ କରୁ ତତସହିତ ନିଟ୍ ପ୍ରଶ୍ନପତ୍ର ଲିକ୍ ହେବା ଦ୍ୱାରା ୧୪ ଜଣ ବିଦ୍ୟାର୍ଥୀ ଆତ୍ମହତ୍ୟା କରିଛନ୍ତି ସେମାନଙ୍କୁ ନ୍ୟାୟ ଓ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ଖେଳ ଖେଳୁଥିବା କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଥିଲେ। ଏଥିରେ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର ବାରିକ, ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଶାନ୍ତ ଦାସ, ଜିଲ୍ଲା କଂଗ୍ରେସ ସମ୍ପାଦକ ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ବୃନ୍ଦାବନ ପ୍ରଧାନ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ପୂର୍ବତନ ନଗର କଂଗ୍ରେସ ସଭାପତି ଅଭୟ ମହାନ୍ତି, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ମାନସ ରଥ, ଡ. ଜଗଦାନନ୍ଦ, ଦେବୀ ପ୍ରସାଦ ପରିଡା, ଦେବ ପ୍ରସାଦ ମହାପାତ୍ର, ପୁଷ୍ପାଞ୍ଜଳି ମହାପାତ୍ର, ରୂପଶ୍ରୀ ରାଗିଣୀ ଦାସ, ଅତୁଲ୍ୟ ବିଶ୍ୱାଳ, ପିତାମ୍ବର ସେଠୀ, ରାଜେନ୍ଦ୍ର ସ୍ୱାଇଁ, ସତ୍ୟନାରାୟଣ ଦାସ, ବଗୁଲା ରାୟ, ନାରାୟଣ ନାୟକ, କନକ ମହାପାତ୍ର, ସୁଲୋଚନା ମହାପାତ୍ର, ପ୍ରଦୀପ୍ତ ଦାସ, ଅଭିଷେକ ବଳ, ସୁଶୀଲ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ।

# ଖରାରେ ଟଳିପଡ଼ିଲେ ମାନସିକ ଭିନ୍ନକ୍ଷମ

ବାଲିକୁଦା,୨୫।୫(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ବାଲିକୁଦା ମୁଖ୍ୟ ବଜାର ତାରିଣିଆ ମାର୍କେଟ ନିକଟରେ ଆଜି ଦିନ ୨.୩୦ ମିନିଟ ସମୟରେ ଜଣେ ଯୁବକ ବୁଲୁଥିବା ଅବସ୍ଥାରେ ଟଳି ପଡିଥିଲା। ଯାହାକୁ ଲୋକେ ଉଦ୍ଧାର କରି ପାଣି ପିଆଇ ସଚେତ କରିବା ପାଇଁ ଉଦ୍ୟମ କରିଥିଲେ ମଧ ତାହା ସମ୍ଭବ ହୋଇ ନଥିଲା। ପରେ ଏନେଇ ସେମାନେ ବାଲିକୁଦା ପୁଲିସଙ୍କୁ ଅବଗତ କରାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ବାଲିକୁଦା ମେଡିକାଲ ନେଇଥିଲା। ହେଲେ ଡାକ୍ତର ସେଠାରେ ଯୁବକକୁ ମୃତ ଘୋଷଣା କରିଥିଲେ। ପରେ ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ଜଗତସିଂହପୁର ମେଡିକାଲ ପଠାଇ ଦେଇଥିବା ଥାନା ଅଧିକାରୀ କାବୁଲି ବାରିକ ସୂଚନା ଦେଇଥିଲେ। ସୂଚନା ଅନୁଯାୟୀ ବାଲିକୁଦା ଥାନା ଅନ୍ତର୍ଗତ ପରାହାଟ ଗ୍ରାମର ୩୪ ବର୍ଷୀୟ ଯୁବକ ମନୋରଞ୍ଜନ ଦାସ ଜଣେ ମାନସିକ ବିକାରଗ୍ରସ୍ତ ଯୁବକ ବୋଲି ଜଣାପଡିଛି। ତାଙ୍କ ପିତାଙ୍କ ମୃତ୍ୟୁ ପରେ ମା' ଅସୁସ୍ଥ ହୋଇ ବାପ ଘରେ ରହୁଥିବା ବେଳେ ମନୋରଞ୍ଜନ ମାନସିକ ରୋଗୀ ଥିବା କାରଣରୁ ପତ୍ନୀ ମଧ ଛାଡ଼ି ପଳାଇଥିବା ଜଣାପଡିଛି। ଯେଉଁ କାରଣରୁ ଯୁବକ ଜଣଙ୍କ ଏଣେତେଣେ ବିଚରଣ କରିଥାଏ ଓ କିଛି ଲୋକଙ୍କ ମଜୁରୀ ଲାଗି ଖାଦ୍ୟପେୟ ଗ୍ରହଣ କରିଥାଏ। ଆଜି ଅସହ୍ୟ ଖରା ଓ ଗୁଳୁଗୁଳିରେ ବାଲିକୁଦା ବଜାରରେ ବୁଲୁଥିବା ସମୟରେ ହଠାତ ଟଳି ପଡିବା ସହ ସେହିଠାରେ ତାର ପ୍ରାଣବାୟୁ ଚାଲି ଯାଇଥିଲା। ଯାହା ଅଂଶୁଘାତର ଲକ୍ଷଣ ବୋଲି ଅନୁମାନ କରାଯାଉଛି। ଯାହା ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ସୂଚନା ମିଳିଛି।

# ସାରସ୍ୱତ ସଂଘର ପୂର୍ବତନ ସମ୍ପାଦକଙ୍କ ପରଲୋକ



ପାରାଦୀପ,୨୫।୫(ସମିସ): ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ସରସ୍ୱତୀ ମହାରାଜଙ୍କର ଭକ୍ତ ତଥା କୁଜଙ୍ଗ ସାରସ୍ୱତ ସଂଘର ପୂର୍ବତନ ସମ୍ପାଦକ ନରେନ୍ଦ୍ର କୁମାର ନନ୍ଦ (ନରୁଭାଇ)ଙ୍କ ତାଙ୍କ ସମାଗୋଳ ସ୍ଥିତ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳେ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ସେ ଜଗତସିଂହପୁର ଜିଲ୍ଲା ସାରସ୍ୱତ ସଂଘର ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ସେ ପାରାଦୀପ ଅଞ୍ଚଳର ଚକ୍ରଧରପୁର ସ୍ଥିତ ବାସୁଦେବ ବିଦ୍ୟାପୀଠରେ ସଂସ୍କୃତ ଶିକ୍ଷକ ଭାବେ କାର୍ଯ୍ୟ କରି ୨୦୧୪ ମସିହାରେ ଅବସର ଗ୍ରହଣ କରିଥିଲେ। କୁଜଙ୍ଗ ସାରସ୍ୱତ ଶାଖା ସଂଘର ଆଶ୍ରମ ନିର୍ମାଣ ଓ ବିଭିନ୍ନ ଗଠନ ମୂଳକ କାର୍ଯ୍ୟ ଓ ୨୦୨୫ ମସିହାରେ ଆୟୋଜିତ ୭୪ତମ ପ୍ରାଦେଶିକ ଭକ୍ତ ସମ୍ମିଳନୀ ସଫଳ କରିବାରେ ତାଙ୍କର ଅବଦାନ ଅତ୍ୟନ୍ତ ସ୍ମରଣୀୟ ଥିଲା। ତାଙ୍କ ପରିବାରରେ ପତ୍ନୀ ନିଳିମା ନନ୍ଦ, ଜ୍ୟେଷ୍ଠ ପୁଅ ପୂର୍ଣ୍ଣଚୈତନ୍ୟ ନନ୍ଦ, କନିଷ୍ଠ ପୁଅ ଶକ୍ତିଚୈତନ୍ୟ ନନ୍ଦ, ଦୁଇ ବୋହୂ ଏବଂ ଜଣେ ନାତି ଅଛନ୍ତି। ତାଙ୍କର ଶବଦାହ ଜନ୍ମଗ୍ରାମର ଶ୍ମଶାନରେ ସମ୍ପନ୍ନ ହୋଇଥିଲା ଏବଂ ଜ୍ୟେଷ୍ଠ ପୁଅ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ନୀଳାଚଳ ସାରସ୍ୱତସଂଘ, ବୀରତୁଙ୍ଗର ସଭାପତି ଗଗନେନ୍ଦ୍ର ମହାପାତ୍ର, ପୂର୍ବତନ ସମ୍ପାଦକ ବ୍ରହ୍ମାନନ୍ଦ ବେହେରା, କେନ୍ଦ୍ର ମହିଳା ପରିଚାଳନ ମଣ୍ଡଳୀର ସଭାନେତ୍ରୀ ସୁବାସିନୀ ବେହେରା, ଉପସଭାନେତ୍ରୀ ସୁମିଳା ସାହୁ, ସଦସ୍ୟା ସୁଧାଂଶୁବାଳା ବେହେରା, ନିରୁପମା ବେହେରା, ଜିଲ୍ଲା ସାରସ୍ୱତସଂଘର ସଭାପତି ବୀରକିଶୋର ବାରିକ, ସହ ସମ୍ପାଦକ ଓ ବରିଷ୍ଠ ସାମ୍ବାଦିକ ଅମରନାଥ ପରିଡ଼ା, କୁଜଙ୍ଗ ଶାଖା ସଂଘର ସଭାପତି ହରିହର ସାହୁ, ସମ୍ପାଦକ ପ୍ରଶାନ୍ତ କୁମାର ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଅସିତ ସାହୁ ଓ କୁଜଙ୍ଗ ମହିଳା ସଂଘର ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ନନ୍ଦ ଓ ଜ୍ୟୋତିପ୍ରଭା ନନ୍ଦ, ଅନ୍ୟାନ୍ୟ ଭକ୍ତ ଯଥା ଜିତେନ୍ଦ୍ର ସାହୁ, କ୍ଷେତ୍ରବାସୀ ସ୍ୱାଇଁ, ଧର୍ମେନ୍ଦ୍ର ନାଥ ନନ୍ଦ, ରମାକାନ୍ତ ମିଶ୍ର, ସତ୍ୟସ୍ୱରୂପ ଦାଶ, ସତ୍ୟବ୍ରତ ସାହୁ, ଗଭୀର ଶୋକ ପ୍ରକାଶ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

# ମାତୃହନ୍ତା ପୁଅ କୋର୍ଟ ଚାଲାଣ

ରାଜକନିକା,୨୫।୫(ସମିସ): ରାଜକନିକା ଥାନା ଅନ୍ତର୍ଗତ ପାତୁଳି ଗ୍ରାମରେ ମାଆଙ୍କୁ ବାଉଁଶ ଫାଳିଆରେ ପିଟି ହତ୍ୟା କରିଥିବା ପୁଅ ବିଜୟ ସାହୁକୁ ଆଜି ପୁଲିସ କୋର୍ଟ ଚାଲାଣ କରିଛି। ରାଜକନିକା ଥାନା କେଶ ନମ୍ବର ୩୦୩/୨୬ରେ ଗତକାଲିଠାରୁ ଅଟକ ଥିବା ବିଜୟକୁ ଆଜି ପୂର୍ବାହ୍ନରେ ଡାକ୍ତରୀ ମାଇନା କରାଯାଇ କୋର୍ଟ ଚାଲାଣ କରାଯାଇଛି। ମଦ ପିଇ ସବୁବେଳେ ମାତାଲ ହେଉଥିବା ପୁଅ ବିଜୟ ଶନିବାର ବିଳମ୍ବିତ ରାତିରେ ମାଆ ହାରାମଣିଙ୍କୁ ମଦ ପିଇବାକୁ ପଇସା ମାଗିବା ସହ ପଇସା ନ ଦେବାରୁ ବାଉଁଶ ଫାଳିଆରେ ପିଟି ପିଟି ହତ୍ୟା କରିଥିବା ବାପା ନବଘନ ସାହୁଙ୍କ ଅଭିଯୋଗ ଆଧାରରେ ବିଜୟକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

# ଦଶମ ଶ୍ରେଣୀ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଗୋବିନ୍ଦପୁର,୨୫।୫(ସମିସ): ଆଳି ବ୍ଲକ୍ ଅନ୍ତର୍ଗତ ଦେଶାହିସ୍ଥ ଆଲୋକ ଶିଖା ଶାଖା ପକ୍ଷରୁ ଆଜି ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜୀବନ ଜ୍ୟୋତି କାଣ୍ଡି, ସୌମ୍ୟରଞ୍ଜନ ପତି, ଅର୍ପିତା ବେହୁରିଆ ଓ ସୌମ୍ୟପ୍ରକାଶ ସାହୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ଆଲୋକ ଶିଖା ନିଃଶୁଳ୍କ ଶିକ୍ଷାଦାନ କେନ୍ଦ୍ର ସଦସ୍ୟ ଶିକ୍ଷୟିତ୍ରୀ ଅମିତାରାଣୀ ମଲ୍ଲିକ, ସୌଦାମିନ ମଲ୍ଲିକ, ଶ୍ରାବଣୀ, ସ୍ୱାତୀ, ଶୁଭମ୍, ମହେଶ୍ୱର, ରିତେଶ, ଜୁନିୟର ଅଫିସର ବଳରାମ ନାୟକ, ଯାଜପୁର ଜିଲ୍ଲା ସଂଯୋଜକ ଗୌରବ ଶୁଭକେତନ ରଥ, ସମାଜସେବୀ ଉମେଶ ମଲ୍ଲିକ, ଶିକ୍ଷାବିତ୍ କମଳାକାନ୍ତ ମହାଳିକା, ପରମେଶ୍ୱର ସେଠୀ ଓ ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ଅଧ୍ୟାପକ ରତ୍ନାକର ସେଠୀ ଉପସ୍ଥିତ

## ଚଣ୍ଡିଆପଲୀ ଗ୍ରାମରେ ପାନୀୟଜଳ ସଙ୍କଟ

# ଗରା, ବାଲ୍‌ଟି ଧରି ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ମହିଳାଙ୍କ ଧାରଣା



ରାଜନଗର,୨୫।୫(ସମିସ): ରାଜନଗର ବ୍ଲକ ମହିଁଷାସୁର ପଞ୍ଚାୟତର ଚଣ୍ଡିଆପଲ୍ଲୀ ଗ୍ରାମରେ ପାନୀୟଜଳ ସଙ୍କଟ ଦେଖାଦେଇଛି। ଗୋଟିଏ ନଳକୂପ ଉପରେ ୫୦ଟି ପରିବାର ନିର୍ଭର କରୁଛନ୍ତି। ଏହି ଗାଁରେ ଥିବା ପୁରୁଣା ନଳକୂପରୁ ପାଣି ବାହାରୁନି। ଘଣ୍ଟା ଘଣ୍ଟା ଧରି ଗରାଏ ପାଣି ପାଇଁ ମହିଳାମାନେ ଧାଡ଼ିରେ ଛିଡ଼ା ହେଉଥିବା ଦେଖିବାକୁ ମିଳିଛି। ଏପରିକି ଗରାଏ ପାଣି ପାଇଁ ଘଣ୍ଟାଏରୁ ଅଧିକ ସମୟ ଲାଗୁଛି। ଏ ନେଇ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରିବା ପରେ ମଧ କେହି ଶୁଣି ନ ଥିଲେ। ଯାହାକୁ ନେଇ ମହିଳାଙ୍କ ମଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଅସହ୍ୟ ଗ୍ରୀଷ୍ମ ତାତି ସାଙ୍ଗକୁ ଜଳକଷ୍ଟ ସହି ନ ପାରି ମହିଳାମାନେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗରା ବାଲ୍‌ଟି ଧରି ପ୍ରତିବାଦ ସ୍ୱରୂପ ଧାରଣାରେ ବସି ରହିଥିଲେ। ପିଇବା ପାଣି ନ ମିଳିନା ପର୍ଯ୍ୟନ୍ତ ଧାରଣାରେ ବସି ରହିବୁ ବୋଲି ବାସନ୍ତୀ ରାଉତ, ସୁଚିତ୍ରା ପ୍ରଧାନ, ଇତିଶ୍ରୀ ସ୍ୱାଇଁ, ବିଳାସୀ ସ୍ୱାଇଁ, କମଳା ସ୍ୱାଇଁ, ସଂଜୁଲତା ପଣ୍ଡା ପ୍ରମୁଖ ମହିଳା ଜିଦରେ ଅଟଳ ରହିଥିଲେ। କନିଷ୍ଠ ଯନ୍ତ୍ରୀ ପ୍ରବୋଧ ନାୟକଙ୍କୁ ପଚାରିବାରୁ ମହିଳାମାନେ ଧାରଣାରେ ବସିଥିଲେ। ଷ୍ଟାଫ ଯାଇ ପୁରୁଣା ନଳକୂପକୁ ସଜାଡିବା ପରେ ମଧ ଆବଶ୍ୟକ ପାଣି ବାହାରି ନ ଥିଲା। ମହିଳାମାନଙ୍କୁ ବୁଝାଇ ଉଠାଇ ଦେଇଛୁ। ଖୁବଶୀଘ୍ର ସେଠାରେ ନୂତନ ନଳକୂପ ବସାଯିବ ବୋଲି କହିଥିଲେ।

# ଚନ୍ଦାପାଟ କ୍ରିକେଟ, ପାଣ୍ଡୁଆ ଚାମ୍ପିଅନ

କୁଜଙ୍ଗ,୨୫।୫(ସମିସ)



କୁଜଙ୍ଗ ବ୍ଲକ ଅନ୍ତର୍ଗତ ପୋତାନଇ ପଞ୍ଚାୟତ ଅଧୀନ ଚନ୍ଦାପାଟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ପାଣ୍ଡୁଆ କ୍ରିକେଟ ଟିମ୍ ସ୍ଥାନୀୟ ଚନ୍ଦାପାଟ କ୍ରିକେଟ ଟିମ୍‌କୁ ବୃହତ୍ ୧୦ ୱିକେଟ୍‌ରେ ପରାଜିତ କରି ଚାମ୍ପିଅନ ହେଇଥିଲା। ପ୍ରଥମେ ଚନ୍ଦାପାଟ ବ୍ୟାଟିଂ କରି ମାତ୍ର ୨୭ ରନ୍ କରିଥିଲା।

ଜବାବରେ କୌଣସି ୱିକେଟ ନ ହରାଇ ଆବଶ୍ୟକୀୟ ରନ୍ ସଂଗ୍ରହ କରିଥିଲା। ପରେ ପୋତାନଇ ସରପଞ୍ଚ ବ୍ରଜ କିଶୋର ମହାରାଜଙ୍କ ସଭାପତିତ୍ୱ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଜୋନ୍ ଦୁଇ ସଭ୍ୟ ରବି ନାରାୟଣ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଜୟୀ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି କ୍ରୀଡ଼ାକୁ ପ୍ରକାଶ ତରାଇ, ରାକେଶ ତରାଇ, ଉନ ଲେଙ୍କା, ସିଲୁ ସାହୁ, ତୋଫାନ ମୁଦୁଲି, ସନ୍ ଲେଙ୍କା ପ୍ରମୁଖ ପରି ଚାଳନା କରିଥିଲେ।

## ଗ୍ରାମରାସ୍ତା ଓ ପାଣି ନିଷ୍କାସନ ଅବରୋଧ ଅଭିଯୋଗ

ଜଳେଶ୍ୱର, ୨୫।୫ (ସମିସ): ଜଳେଶ୍ୱର ପୌର ପରିଷଦର ୬ନମ୍ବର ୱାର୍ଡ ଦେଉଳି ଫଚୁଘଣ୍ଟା ଗ୍ରାମର ନବୀବାବୁ ଘର ଛକ ନିକଟରୁ ଜଗନ୍ନାଥ ମହାବିଦ୍ୟାଳୟ ପାଖରେ ୧୦ନଂ ୱାର୍ଡ ଶାନ୍ତିଆ ଗ୍ରାମକୁ ଯାଇଥିବା ରାସ୍ତା ଅବରୋଧକୁ ନେଇ



ଗ୍ରାମବାସୀଙ୍କ ଦ୍ୱାରା ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ରାସ୍ତାଟି ବହୁ ଦିନରୁ ରହି ଆସିବା ଓ ପୌରପରିଷଦଦ୍ୱାରାରକ୍ଷଣାବେକ୍ଷଣହୋଇ ଆସୁଥିଲେ ମଧ୍ୟ ତାହା ମହାବିଦ୍ୟାଳୟର ଜମି ପାର୍ଶ୍ୱରେ ହୋଇଥିବାରୁ ଏବେ ମହାବିଦ୍ୟାଳୟ ତରଫରୁ ମପାଯାଇ ସୀମା ନିର୍ଦ୍ଧାରଣ କରାଯାଇ ରାସ୍ତା ମଝିରେ ଖୁଣ୍ଟ ପୋତାଯାଇଛି ଏବଂ ଜମିରେ ବାଲି ମଧ୍ୟ ପକାଯାଇଛି। ଫଳରେ ଏହି ରାସ୍ତା ଓ ରାସ୍ତା ପାଖର ଡ୍ରେନ ଦେଇ ଉପରବ ବର୍ଷାପାଣି, ବନ୍ୟାପାଣି ନିଷ୍କାସିତ ବନ୍ଦ ହୋଇଯିବାକୁ ବସିଛି। ଫଳରେ ଆଗକୁ ବର୍ଷାଦିନ ଆସୁଥିବାରୁ ଏହି ପାଣି ନିଷ୍କାସନ ନ ହୋଇ ଗ୍ରାମ ପ୍ରତି ବିପଦ ସୃଷ୍ଟି କରିବ ବୋଲି ଗ୍ରାମବାସୀ କହିଛନ୍ତି। ତାଛଡା ଏହି ରାସ୍ତାରେ କଲେଜର ଛାତ୍ରଛାତ୍ରୀ, ଶାନ୍ତିଆ ଓ ଦେଉଳିଫଂଚୁଘଣ୍ଟା ଗ୍ରାମର ବାସିନ୍ଦା ଓ ସର୍ବସାଧାରଣ ଯାତାୟତ କରିଥାନ୍ତି ଏହା ଅବରୋଧ କଲେ ବହୁ ଅସୁବିଧା ସୃଷ୍ଟିହେବ, ଗ୍ରାମ ବାସୀଙ୍କ କହିବାନୁସାରେ ଜମିର କିସମ ପରିବର୍ତ୍ତନ ନକରି ଜମିରେ ବାଲି ଭର୍ତ୍ତି କରିବା ଦ୍ୱାରା ଗ୍ରାମପ୍ରତି ବିପଦ ଦେଖାଦେଇଛି। ତେଣୁ ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ପ୍ରଶାସନ ସରଜମିନ ତଦନ୍ତ କରିବା ସହିତ ରାସ୍ତା ଓ ପାଣି ନିଷ୍କାସନ ବ୍ୟବସ୍ଥା କଲେ ଗ୍ରାମବାସୀଙ୍କ ଉପକୃତ ହେବେ ବୋଲି ସାମ୍ବାଦିକ ସମ୍ମିଳନୀରେ ଗ୍ରାମବାସୀ ସୂଚନା ପ୍ରଦାନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀକୁ ସମାଜସେବୀ ପରିଡା ପରିଚାଳନା କରିଥିବା ବେଳେ ଗ୍ରାମ୍ୟ ମୁଖ୍ୟ ଅନନ୍ତ କୁମାର ଦାସ, ସମାଜସେବୀ ଭବାନୀ କିଙ୍କର ପାତ୍ର, ୱାର୍ଡ କାଉନସିଲର ଚନ୍ଦନ କୁମାର ଦାସ, ପୂର୍ବତନ ପୌରାଧ୍ୟକ୍ଷ ପ୍ରଭାତ କୁମାର ପ୍ରଧାନ, ପୂର୍ଣ୍ଣେନ୍ଦୁ ନନ୍ଦୀ, ପ୍ରକାଶ ଚନ୍ଦ୍ର ସାହୁ, ଗୋପାଳ ଚନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ଜେନା, ସମର କରଣ, ଚନ୍ଦ୍ରକାନ୍ତ ସାହୁ, ସୁମତୀ ପରିଡା, ସୁସ୍ମିତା ଦାସ ମହାପାତ୍ର ପ୍ରମୁଖଙ୍କ ସହିତ ବହୁ ସଂଖ୍ୟାରେ ଗ୍ରାମର ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ଉକ୍ତ ବିଷୟରେ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ମତାମତ ପଚାରିବାରୁ ସେ କହିଲେ ଯେ ଜମିର ମାପ କରିବା ପାଇଁ ବାଲି ପକାଯାଇଛି ମାତ୍ର ରାସ୍ତା ଅବରୋଧ ବା ପାଣିନିଷ୍କାସନରେ ବାଧାସୃଷ୍ଟି କରାଯାଇନାହିଁ। ଜମି ମାପିବା ସମୟରେ ତହସିଲଦାର ଓ ଆର.ଆଇ ନିଜେ ଉପସ୍ଥିତ ଥିଲେ ବୋଲି ସୂଚନା ଦେଇଛନ୍ତି।

## ଭୋଗରାଇ ବିଜେଡି ପକ୍ଷରୁ ନାରୀ ଅଧିକାର ଅଭିଯାନ

# ବିଜେପି ଶାସନରେ ମହିଳାମାନେ ସବୁଠୁ ଅସୁରକ୍ଷିତ, ଅବାଞ୍ଛିତ

ବାଲେଶ୍ୱର(ଉତ୍ତର), ୨୫।୫ (ସମିସ)






ବିଜେପି ଦଳ ମହିଳାମାନଙ୍କୁ କିଭଳି ଅଧିକାର ଦେଇଥାଏ ତାହା ସମଗ୍ର ଦେଶବାସୀଙ୍କୁ ଜଣା। ପାର୍ଲାମେଣ୍ଟ ରେ ବିଗତ ତିନି ବର୍ଷରୁ ଗୃହୀତ ମହିଳା ସଂରକ୍ଷଣ ବିଲ କୁ ଲାଗୁ କରୁ ନଥିବା ଦଳ ଏବେ କୁମ୍ଭୀର କାନ୍ଦଣା କାନ୍ଦୁଛି। ମହିଳାଙ୍କ ପ୍ରତି ପ୍ରତାରଣା କରିଥିବା ଦଳ ଆଜି ରାଜରାସ୍ତା କୁ ଓହ୍ଲାଇ ଜନଆକ୍ରୋଶ ମହିଳା ସମାବେଶ ଜରିଆରେ ଲୋକଙ୍କୁ ପୁଣି ମିଛ ଅଭିନୟ ଆରମ୍ଭ କରିଛି। ମାଆ ମାନେ ଜାଣିଛନ୍ତି ନବୀନ ବାବୁ ମୁଖ୍ୟମନ୍ତ୍ରୀ ଥିବା ବେଳେ ମହିଳାଙ୍କୁ ସର୍ବପ୍ରଥମେ ଅଧିକାର ଦେଇଥିଲେ। ତେଣୁ ଏ ଛଳନା ଚଳିବ ନାହିଁ। ବିଜେପି ଶାସନରେ କେବଳ ଓଡିଶା ନୁହେଁ ସମଗ୍ର ଦେଶରେ ମହିଳା ମାନେ ସବୁଠାରୁ ଅଧିକ ଅସୁରକ୍ଷିତ ବୋଲି ଆଜି ବାଲେଶ୍ୱର ଜିଲ୍ଲା ଭୋଗରାଇ ନିର୍ବାଚନ ମଣ୍ଡଳୀ ର ଥାନାଛକ ଠାରେ ବିଜେଡି ପକ୍ଷରୁ ଆୟୋଜିତ ନାରୀ ଅଧିକାର ଅଭିଯାନ ସଭାରେ ଯୋଗ ଦେଇଥିବା ଦଳର ନେତାମାନେ ବିଜେପି ଉପରେ ବର୍ଷିଥିଲେ। ଭୋଗରାଇ ମହିଳା ବିଜୁ ଜନତା ଦଳର ସଭାନେତ୍ରୀ ନିବେଦିତା ମହାନ୍ତି ଙ୍କ ସଭାପତିତ୍ୱରେ ପରିଚାଳିତ ସଭାରେ ରାଜ୍ୟ ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ ଯୋଗ ଦେଇ ଓଡ଼ିଶାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା କାରଣରୁ ଆଜି ମହିଳା ମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି ବୋଲି କହିଥିଲେ। ସେହିପରି ବାଲେଶ୍ୱର ସାଂସଦ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତ ସିଂହାର ଯୋଗ ଦେଇ କହିଥିଲେ ଯେ ବିଜେପି ଦଳ ମହିଳା ମାନଙ୍କୁ କେବେ ବି କୌଣସି କ୍ଷେତ୍ରରେ ଅଧିକାର ଦେଇ ନାହିଁ କେବେ ବି ଦେବ ନାହିଁ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଜଳେଶ୍ୱର ବିଧାୟକ ଅଶ୍ୱନି କୁମାର ପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଭୋଗରାଇ ବିଧାୟକ ତଥା ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଗୌତମବୁଦ୍ଧ ଦାସ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ, ଭୋଗରାଇ ବିଜେଡି ବ୍ଲକ ସଭାପତି ରମାକାନ୍ତ କରଣ, ଜିଲ୍ଲା ପରିଷଦ ସଦସ୍ୟା କବିତା ମହାନ୍ତି, ପ୍ରତିମା ଚାନ୍ଦ, ଦମୟନ୍ତୀ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଗିରିଶ ଚନ୍ଦ୍ର ଦତ୍ତ, ଜିଲ୍ଲା ସମ୍ପାଦକ ତପନ କୁମାର ପଣ୍ଡା, ପ୍ରଦୀପ କୁମାର ବେହେରା ପ୍ରମୁଖ ଯୋଗ ଦେଇ ବ୍ୟକ୍ତବ୍ୟ ରଖିଥିଲେ। ବିଭିନ୍ନ ପଞ୍ଚାୟତ ରୁ ହଜାର ହଜାର ମହିଳା ଶୋଭାଯାତ୍ରାରେ ଆସି ସଭା ସ୍ଥଳରେ ଉପସ୍ଥିତ ହୋଇଥିଲେ। ସଭା ଶେଷରେ ସମସ୍ତ ନେତୃବୃନ୍ଦ ରାଷ୍ଟ୍ରପତି ଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରିଥିଲେ।

## ବ୍ୟକ୍ତିଗତ ଜାଗାରେ ରାସ୍ତା ନ ଛାଡ଼ିବାରୁ ଘର ଜାଳିଦେଲେ ଦୁର୍ବୃତ୍ତ

ଜଳେଶ୍ୱର,୨୫।୫ (ସମିସ) : ଜଳେଶ୍ୱର ବ୍ଲକ ନାଙ୍ଗୋ ଥାନା ଅଧିନ ସଙ୍ଗଡ଼ିଆ ପଞ୍ଚାୟତ,ଜଳକାପଡିଆ ଗାଁରେ ଶନିବାର ରାତିରେ ନିଆଁ ଲାଗି ୪ ବଖରା ଘର ପୋଡି



ଭସ୍ମୀଭୂତ ହୋଇ ଯାଇଛି। ସ୍ୱର୍ଗତ ସତ୍ୟେନ୍ଦ୍ର ପ୍ରଧାନଙ୍କ ଜଳକାପଡିଆ ମୌଜାରେ ଥିବା ଖାତା ନଂ ୨୪୨, ଖସଡ଼ା ନଂ ୫୦୦ ପ୍ଲଟ ୫ ଡ଼ିସିମିଲ ଇଜମାଲି ଘରବାଡ଼ି ଜାଗାକୁ ୫ପୁଅ ଦଖଲ କରିଆସୁଥିଲେ। କେତେକ ଗ୍ରାମବାସୀ ଜବରଦସ୍ତ ବ୍ୟକ୍ତିଗତ ଜାଗାରେ ରାସ୍ତା ନିର୍ମାଣ କରିବାକୁ ନେଇ ବାରମ୍ବାର ଗଣ୍ଡଗୋଳ, ମାରପିଟ୍ ସମ୍ପର୍କରେ ନାଙ୍ଗୋ ଥାନା ରେ ଅଭିଯୋଗ ହୋଇଥିଲା। ଉକ୍ତ ବିବାଦୀୟ ସ୍ଥାନରେ ମାନ୍ୟବର କୋର୍ଟଙ୍କ ନିଷେଧାଜ୍ଞା ଜାରୀ ହୋଇ ମାମଲା ଏବେ ବିଚାରଧୀନ ରହିଛି। ନିଜସ୍ୱ ଜାଗା ଛାଡୁନଥିବା ପରିବାରକୁ ଗ୍ରାମବାସୀ ମାନେ ନିଆଁ ପାଣି ବନ୍ଦ କରିବା ସହିତ ଦୀର୍ଘବର୍ଷ ଧରି ଏକ ଘରକିଆ କରି ରଖିଛନ୍ତି। ଫଳରେ ୪ ଭାଇ ପ୍ରବାସ ରେ ରହୁଥିବା ବେଳେ କେବଳ ଦୟନୀୟ ଭାବେ ସୁଧିର ପ୍ରଧାନ ଏକାକୀ ଘରେ ରହୁଛନ୍ତି। ରବିବାର ରାତିରେ ନିଷେଧାଜ୍ଞା ଜାରୀ ହୋଇଥିବା ସ୍ଥାନରେ କଂକ୍ରିଟ ରାସ୍ତା ନିର୍ମାଣ କରୁଥିବା ବେଳେ ସୁଧିର ପ୍ରବଳ ବିରୋଧ କରିଥିଲେ। ଫଳରେ ଦୁର୍ବୃତ୍ତମାନେ ଘର ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ ମଧ୍ୟ ପହଞ୍ଚିଲା ବେଳକୁ ୪ବଖରା ଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଥିଲା। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବା ବେଳେ ପୀଡ଼ିତ ପରିବାର ନ୍ୟାୟ ମାଗିଛନ୍ତି। ମୂଲ୍ୟବାନ ସାମଗ୍ରୀ, ଆସବାବପତ୍ର, ଜରୁରୀ କାଗଜ ପତ୍ର,ଧାନ ଚାଉଳ ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ କ୍ଷତିଗ୍ରସ୍ତ ପରିବାର ଭୟଭୀତ ଅଛନ୍ତି।

## 'ଅଭୁଲା ଅତୀତ' ଓ 'ଏଇଠୁ ଆରମ୍ଭ' ଏବଂ 'ଏଇ ଆମ ସଂସ୍କୃତି' ଉନ୍ମୋଚିତ

ବାଲେଶ୍ୱର,୨୫।୫ (ସମିସ): ଶ୍ରଦ୍ଧା ପବ୍ଲିକେଶନ ଦ୍ୱାରା ପ୍ରକାଶିତ ଲେଖକ ତଥା ଶିକ୍ଷାବିତ ଶାନ୍ତନୁ କୁମାର ପଟ୍ଟନାୟକଙ୍କ ଲିଖିତ ଆତ୍ମଜୀବନୀ 'ଅଭୁଲା ଅତୀତ' ଓ ପ୍ରବନ୍ଧ ସଂକଳନ : ଏଇଠୁ ଆରମ୍ଭ' ଏବଂ 'ଏଇ ଆମ ସଂସ୍କୃତି' ଷ୍ଟେସନ କ୍ଲବରେ ଉନ୍ମୋଚିତ ହୋଇଯାଇଛି। ଡଃ କାଳିକିଙ୍କର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡକ୍ଟର ଭାଗବତ ବେହେରା, ଡକ୍ଟର ପ୍ରଦୀପ୍ତ ମିଶ୍ର ଓ ଡକ୍ଟର ପ୍ରତିଚୀ ନନ୍ଦ ଅତିଥି ଭାବେ ଯୋଗଦେଇ ତିନୋଟି ବହି ସମୀକ୍ଷା କରିଥିଲେ। ପ୍ରାରମ୍ଭରେ ଲେଖକ ଶାନ୍ତନୁ ପଟ୍ଟନାୟକ ତାଙ୍କ ଲେଖକୀୟ ଅଭିମତ ଦେଇ ଆତ୍ମଜୀବନୀ ଲେଖିବା ପଛର କାରଣ ବଖାଣି ଥିବା ବେଳେ ସମରେନ୍ଦ୍ର ମହାପାତ୍ର ନିଜର ପ୍ରକାଶକୀୟ ଅଭିବ୍ୟକ୍ତି ରଖିଥିଲେ। ସଭାପତି କାଳିକିଙ୍କର ଦାସ ଲେଖକଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଏଭଳି ସୃଜଶୀଳତା ଜାରି ରଖିବାକୁ ଅନୁରୋଧ କରିଥିଲେ। ଶେଷରେ ତାନଶ୍ରୀ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ପେଟ୍ରୋଲ-ଡିଜେଲର ଅହେତୁକ ଦରବୃଦ୍ଧିର ପ୍ରତିବାଦ

ବାଲେଶ୍ୱର,୨୫।୫ (ସମିସ): ପେଟ୍ରୋଲ ଓ ଡିଜେଲର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ସ୍ଥାନୀୟ ଷ୍ଟେସନ ଛକ ଠାରେ ଛାତ୍ର, ଯୁବ ଓ ମହିଳା ବିଜେଡି ପକ୍ଷରୁ ବଡ଼ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଯେଉଁ ସରକାର ପେଟ୍ରୋଲିୟମର ଦରଦାମକୁ ନେଇ ସରକାରକୁ ଆସିଥିଲା, ସେହି ସରକାର ଆଜି ଏହାକୁ ନିୟନ୍ତ୍ରଣ କରିବାରେ ବିଫଳ ବୋଲି କହି ବିଜେଡି ପକ୍ଷରୁ ବଡ଼ ବିକ୍ଷୋଭ କରାଯିବା ସହ ହରଦୀପ ସିଂହ ପୁରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏଥିସହ ଏହାର ଦାମ୍ ନ କମିଲେ ଆଗାମୀ ଦିନରେ ବିଜେଡି ରାଜରାସ୍ତାରେ ବଡ଼ ଲଢେଇ କରିବ ବୋଲି ବିଜେଡିର ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ଜୀବନ ପ୍ରଦୀପ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ସ୍ୱରୂପ କୁମାର ଦାସ, ରାଜ୍ୟ ସାଧାରଣ ସମ୍ପାଦକ ସୁକାନ୍ତ ନାୟକ, ରାଜ୍ୟ ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ରହି ଚେତାବନୀ ଦେଇଥିଲେ। ଏଫଏମ କଲେଜର ପୂର୍ବତନ ଛାତ୍ର ସଂସଦ ସଭାପତି ତଥା ବିଜେଡି ଛାତ୍ର ନେତା ହରେକୃଷ୍ଣ ପ୍ରଧାନ ଏବଂ ଯୁବ ନେତା ସେକ ଅନସର ଅଲ୍ଲୀ, ଭରତ ଭୂଷଣ ଦାସ, ଉମାଶଙ୍କର ତିଆଡ଼ିଙ୍କ ନେତୃତ୍ୱରେ ତଥା ବିଜେଡି ଟାଉନ ସଭାପତି ମନୋଜ କୁମାର ରାଉତ, ପୌର ଉପାଧ୍ୟକ୍ଷ କୈଳାଶ ଚନ୍ଦ୍ର ସେଠୀ ଓ ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ବାଲେଶ୍ୱର ଟାଉନ ବିଜେଡିର ସଞ୍ଜୟ ବେହେରା, ସୁବୋଧ ମହାନ୍ତି, ବିଶ୍ୱଜିତ ମହାପାତ୍ର, ସାକିର ଖାଁ, ସେକ ଆୟୁବ, କାର୍ତ୍ତିକ ସାହୁ, ରମେଶ ମାଝୀ, ରୀତିକ ଜୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ଓ ସହଯୋଗ କରିଥିଲେ। କାଉନସିଲରଙ୍କ ମଧ୍ୟରେ ମୀନା ମହାନ୍ତି, କବିତା ମୁର୍ମୁ, ଶଶୀରେଖା ମହାନ୍ତି, ସନ୍ଧ୍ୟାରାଣୀ ଜେନା, ମୀତା ପଟ୍ଟନାୟକ, ମୀରାଜ ବାନୁ, ସବିତାରାଣୀ ଦାସ, ରାଜଲକ୍ଷ୍ମୀ ଚାଟାର୍ଜୀ, ଅତୁଳ ଶତପଥୀଙ୍କ ସହ ବିଜୁ ଜନତା, ମହିଳା, ଯୁବ ଓ ଛାତ୍ରର ଶତାଧିକ ନେତୃତ୍ୱ ଓ କର୍ମୀ ଉପସ୍ଥିତ ରହିବା ସହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଉନାହାନ୍ତି ପୂର୍ବତନ ଯୁବବାଣୀ ସଂପାଦିକା ରୁଦ୍ରାଣୀ ମହାନ୍ତି

ସୋର, ୨୫।୫ (ସମିସ): କଟକ ଆକାଶବାଣୀ କେନ୍ଦ୍ରର ପୂର୍ବତନ ଯୁବବାଣୀ ଉପସ୍ଥାପିକା, ସାହିତ୍ୟିକା ତଥା ପ୍ରାଧ୍ୟାପିକା ଡ. ରୁଦ୍ରାଣୀ ମହାନ୍ତିଙ୍କ ଆଜି ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ୬୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗତ କିଛିଦିନ ତଳେ ଅସୁସ୍ଥ କାରଣରୁ ସେ ଏହି ହସପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ



ମୃତ୍ୟୁ ଖବର ପାଇ ତାଙ୍କ ପରିବାର ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଡାକ୍ତରଖାନାରେ ପହଞ୍ଚି ଶେଷ ଦର୍ଶନ କରିବା ପରେ ତାଙ୍କୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ଅନ୍ତିମ ସତ୍କାର କରାଯାଇଛି। ସୋର ପୌର ପାଳିକା ଅନ୍ତର୍ଗତ ଲିଙ୍ଗପଡ଼ା ଗ୍ରାମରେ ୧୯୫୯ ମସିହା ଜୁଲାଇ ୨୩ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୋରାପୁଟର ସ୍ନାତକୋତ୍ତର ଓ?ଆ ବିଭାଗ ଅଧ୍ୟାପିକା ଭାବେ ଅବସର ନେଇଥିଲେ। ସେ ପୂର୍ବରୁ ଆକାଶବାଣୀ କଟକ କେନ୍ଦ୍ରର ଯୁବବାଣୀ କାର୍ଯ୍ୟକ୍ରମର ସଫଳ ସଂପାଦିକା ଭାବେ ସୁନାମ ଅର୍ଜନ କରିଥିଲେ। ତାଙ୍କ ପ୍ରକାଶିତ ଗ୍ରନ୍ଥଗୁଡ଼ିକ ମଧ୍ୟରେ ଗଳ୍ପ- ''ଆପଣାର ଗୀତ', କବିତା-''ସୁହାଗର ସ୍ନେହରାଗ', ''ଆଧୁନିକ ଓଡ଼ିଆ କବିତାର ବିକାଶ ଓ ବିବର୍ତ୍ତନ', ''ଓଡ଼ିଶାର ଆଦିବାସୀ ଓ ଓଡ଼ିଆ ସାହିତ୍ୟ', ଆଦିବାସୀ ଜୀବନ ଅଧାରିତ ପ୍ରବନ୍ଧ-''ଖୁଁଅର',''ଅନ୍ତରରୁ ଅନ୍ତରୀକ୍ଷ', ''ସଂସ୍କୃତି ଓ ସାହିତ୍ୟ'। ''ଶବରୀ'ନାମରେ ଲୋକସାହିତ୍ୟ ସଂଗ୍ରହ ସଂକଳନଧର୍ମୀ ତ୍ରୈମାସିକ ପତ୍ରିକା ତାଙ୍କ ଦ୍ୱାରା ସଂପାଦିତ ହେଉଥିଲା। ତାଙ୍କ ମୃତ୍ୟୁ ଖବର ପାଇ ସୋରର ରାଧାନାଥ ପାଠାଗାର, ଗାଁ ମଜଲିସ୍ ସାହିତ୍ୟ ସଂସଦ ଏବଂ ବିଭିନ୍ନ ଅନୁଷ୍ଠାନ ତରଫରୁ ଶୋକ ପ୍ରକାଶ କରାଯାଇଛି।

## ଔପଦାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି

ଔପଦା,୨୫।୫ (ସମିସ): ବାଲେଶ୍ୱର ଜିଲ୍ଲାରେ ପ୍ରଶାସନିକ ସ୍ୱଚ୍ଛତା ଓ ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ଆରମ୍ଭ ହୋଇଛି ଏକ ବଡ଼ ପ୍ରୟାସ। ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଆନୁକୂଲ୍ୟରେ ଔପଦାଠାରେ ଅନୁଷ୍ଠିତ ହୋଇଯାଇଛି ଏକ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ। ଆଜି ସକାଳ ଠିକ୍ ୭ଟା ସମୟରେ ଔପଦା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଔପଦା ପଞ୍ଚାୟତ ସମିତି ଅଧୀନରେ ଥିବା ବିଭିନ୍ନ ଗ୍ରାମ



ପଞ୍ଚାୟତରୁ ଶତାଧିକ ଲୋକ ନିଜର ସମସ୍ୟା ନେଇ ପହଞ୍ଚିଥିଲେ। ମୋଟ ୮୩ ଜଣ ଅଭିଯୋଗକାରୀ ସେମାନଙ୍କର ଅଭିଯୋଗ ଫର୍ଦ୍ଦ ପ୍ରଶାସନ ଆଗରେ ଉପସ୍ଥାପନ କରିଥିଲେ। ଏହି ୮୩ ଗୋଟି ଅଭିଯୋଗ ମଧ୍ୟରୁ ୭୨ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଥିବାବେଳେ, ୧୧ଟି ସାମୁହିକ ଅଭିଯୋଗ ରହିଥିଲା। ଜନସାଧାରଣଙ୍କ ସମସ୍ୟାକୁ ଅତି ଗମ୍ଭୀରତାର ସହ ଶୁଣିବା ସହିତ ଘଟଣାସ୍ଥଳରେ ହିଁ ୮ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି ଏବଂ ଅବଶିଷ୍ଟ ମାମଲାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ଏବଂ ନୀଳଗିରି ଉପ-ଜିଲ୍ଲାପାଳ ଶୁଭଶ୍ରୀ ରଥ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଏହାସହିତ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ. ଅମୂଲ୍ୟ କୁମାର ଦାସ, ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଡ. ମଧୁସ୍ମିତା ସାମନ୍ତରାୟ, ଔପଦା ବିଡିଓ ଶାଶ୍ୱତୀ ସାଧୁଆଳ ଓ ତହସିଲଦାର ପ୍ରଜ୍ଞା ପରମିତାଙ୍କ ସମେତ ଜିଲ୍ଲା ଓ ବ୍ଲକ ସ୍ତରର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରଶାସନକୁ ନିଜ ଦୁଆରମୁହଁରେ ପାଇ ଏବଂ ସମସ୍ୟାର ତୁରନ୍ତ ସମାଧାନ ହେଉଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି।

**● କୋର୍ଟ ନିର୍ଦ୍ଦେଶକୁ ଅବମାନନା କରି ବାଡକାଟି ଜମିରେ ଘର ନିର୍ମାଣ ପ୍ରୟାସ**

## ଜଳେଶ୍ୱର ଥାନା ସମ୍ମୁଖରେ ଅସହାୟ ବୃଦ୍ଧାଙ୍କ ଧାରଣା

ଜଳେଶ୍ୱର, ୨୫।୫ (ସମିସ) : ଜଣେ ବିଧବା ମହିଳାଙ୍କ ସମ୍ପତ୍ତିକୁ ଯୋରଜବରଦସ୍ତ ଦଖଲ କରି ଘର ନିର୍ମାଣ କରିବାକୁ ପ୍ରୟାସ କରାଯାଇଛି। ଏ ସଂପର୍କରେ ମହିଳା ଜଣକ କୋର୍ଟର ଦ୍ୱାରସ୍ଥ ହୋଇ ଉକ୍ତ ଜମିର ଷ୍ଟାଟସ୍କୋ ଆଦେଶ ଆଣିଥିବା ବେଳେ ପୁଲିସ୍‌ର ନିଷ୍କ୍ରିୟତା ବିରୁଦ୍ଧରେ ଉଦୁଉଦିଆ ଖରାବେଳେ ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ସରସୀଦା ଗାଁର ସ୍ୱର୍ଗତ ଦେବେନ୍ଦ୍ର ପଣ୍ଡାଙ୍କ ସହଧର୍ମିଣୀ ପଦ୍ମାବତୀ ପଣ୍ଡା(୭୦) ନିଜର ହକ୍ ଲାଗି ବାରମ୍ବାର ଜଳେଶ୍ୱର ଥାନାକୁ ଦୌଡି ଦୌଡି ନିରାଶ ହୋଇ ଆଜି ଉଦୁଉଦିଆ ଖାରାରେ ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ସୂଚନାଯୋଗ୍ୟ ପଦ୍ମାବତୀଙ୍କ ପୁତ୍ର ସନ୍ତାନ ନଥିବା ବେଳେ ଝିଅମାନଙ୍କ ମଧ୍ୟ ବିବାହ ହୋଇଯାଇଛି। ଘରୋଇ ବଣ୍ଟନ ମୂଳେ ମୋଟ ସମ୍ପତ୍ତିକୁ ପଦ୍ମାବତୀ ଓ ତାଙ୍କ ପୁତୁରା ଚନ୍ଦନ ପଣ୍ଡା ଓ ଚନ୍ଦ୍ରକାନ୍ତ ପଣ୍ଡାଙ୍କ ମଧ୍ୟରେ ବଣ୍ଟନ କରାଯାଇ ଭୋଗ ଦଖଲ କରି ଆସୁଥିଲେ। ମାତ୍ର ଦୁଇ ପୁତୁରା ତାଙ୍କ ସମ୍ପତ୍ତିର ବାଡ କାଟି, ଗଛ କାଟି ଘର ତିଆରି ପାଇଁ ପ୍ରୟାସ କରିଥିବା ବେଳେ ପଦ୍ମାବତୀ କୋର୍ଟର ଦ୍ୱାରସ୍ଥ ହୋଇ ଉକ୍ତ ଜମିର ଷ୍ଟାଟସ୍କୋ ଆଦେଶ




ପାଇଥିଲେ। ପ୍ରତିପକ୍ଷ ଆଦେଶକୁ ନ ମାନି ଘର ତିଆରି କରୁଥିବା ବେଳେ ପ୍ରାୟ ୧ମାସ ହେବ ଜଳେଶ୍ୱର ଥାନାର ଦ୍ୱାରସ୍ଥ ହୋଇ ବାରମ୍ବାର ଦୌଡୁଥିବା ଅଭିଯୋଗ କରିଛନ୍ତି। ପୁଲିସ୍ ନିଷ୍କ୍ରିୟ ହେବାରୁ ଆଜି ଉଦୁଉଦିଆ ଖରାବେଳେ ପଦ୍ମାବତୀ ଥାନା ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ଏ ସଂପର୍କରେ ଏସ୍‌ଆଇ ଚିରଞ୍ଜିବି ରାଉତଙ୍କ ପଚାରିବାରୁ ଆଜି ସଂଧ୍ୟାରେ ଉଭୟ ପକ୍ଷଙ୍କୁ ଡାକି ଆଲୋଚନା କରାଯାଉଥିବା ସଂପର୍କରେ କହିଛନ୍ତି।

## ଶାଳପଡ଼ାରେ ଜନଜାତୀୟ ଗରିମା ଉତ୍ସବ

ବାଲେଶ୍ୱର,୨୫।୫ (ସମିସ): ସଦର ବ୍ଲକ ହିଡିଗାଁ ଗ୍ରାମପଞ୍ଚାୟତ ଶାଳପଡା ଗ୍ରାମରେ ଜନଜାତୀୟ ଗରିମା ଉତ୍ସବ ଜନ ଭାଗିଦାରୀ ଅଭିଯାନ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ପକ୍ଷରୁ ଜନଜାତୀ ସମ୍ପ୍ରଦାୟର ସଶକ୍ତିକରଣ ପାଇଁ ଏହି ଅଭିଯାନ ଗତ ମେ ୧୮ ଆରମ୍ଭ ହୋଇ ଆଜି ତାରିଖରେ ଶେଷ ହୋଇଛି। । ଏହି ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗର ଏକ ୧୦ ଜଣିଆ ଟିମ୍ ଉପସ୍ଥିତ ରହି ଜନଜାତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସ୍ଥାନୀୟ ଅଞ୍ଚଳର ଶତାଧିକ ବୃଦ୍ଧବୃଦ୍ଧା ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସେମାନଙ୍କୁ ମାଗଣାରେ ଔଷଧ ମଧ୍ୟ ପ୍ରଦାନ କରାଯାଇଥିଲା। ଏଥିସହିତ କିଶୋରୀ ମାନଙ୍କୁ ଜରାୟୁ ପ୍ରତିରୋଧକ ଟିକାକରଣ କରାଯାଇଥିଲା। ହିଡିଗାଁ ଗ୍ରାମପଞ୍ଚାୟତ ସରପଞ୍ଚ ପିତାମ୍ବର ବେହେରା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଧୁଛନ୍ଦା ଗିରି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିଳାମ୍ବର ମହାଲିକ, ସୁବ୍ରତ ମହାନ୍ତି ଓ ଅନ୍ୟ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଟୁଙ୍କୁରୀହାଜିରା ଓ ଶ୍ରଦ୍ଧାପୁର ସେବା ସମବାୟ ସମିତିରେ ଧାନମଣ୍ଡି ଖୋଲିଲା

ଚନ୍ଦନେଶ୍ୱର, ୨୫।୫ (ସମିସ)





ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଟୁଙ୍କୁରୀହାଜିରା ସେବା ସମବାୟ ସମିତିରେ ସରକାରୀ ଧାନମଣ୍ଡି ସୋମବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ପାରମ୍ପରିକ ପୂଜାପାଠ ଓ ବେଦମନ୍ତ୍ର ଉଚ୍ଚାରଣ ମଧ୍ୟରେ ସମିତିର ସଭାପତି ଯତୀନ୍ଦ୍ରନାଥ ଦାସ ନଡ଼ିଆ ବାଡେଇ ଧାନମଣ୍ଡିର ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ ଅବସରରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଟୁଙ୍କୁରୀହାଜିରା ସରପଞ୍ଚ ଉପେନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସଦସ୍ୟା ପ୍ରତିମା ଚାନ୍ଦ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ପ୍ରଦୀପ ବେହେରା, ପସରବିନ୍ଧା ସରପଞ୍ଚ ସୁମନ୍ତ ବେହେରା, ସମିତି ସଭ୍ୟ ପଙ୍କଜ ଜେନା, ନାରାୟଣ ମହାନ୍ତି, ପଡିଆ ସମିତି ସଭ୍ୟ ବିଶ୍ୱନାଥ ଗିରି, ଆରଏମସିର କ୍ୱାଲିଟି ଏନାଲିସିଷ୍ଟ ଗୌରୀଶଙ୍କର ଜେନା, ସମିତି ଉପସଭାପତି ଝାନସୀ ଗିରି ଓ ସମିତିର ବିଭିନ୍ନ ନିର୍ଦ୍ଦେଶକ ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ସେଥିସହ ନିର୍ଦ୍ଦେଶକ ଅତନୁ ପ୍ରଧାନ, ଅମୁଲ୍ୟ ଘଡ଼ାଇ, ଗୌରୀଶ୍ୟାମ ଗିରି, ରବୀନ୍ଦ୍ର ପରମାଣିକ, ଚତୁର୍ଭୁଜ ଆଧେକ, କାଳିଚରଣ ଗିରି, ବଣି ମହାନ୍ତି, ଗୋପାଳ ମଙ୍ଗଳ, ବନମାଳୀ ସେନାପତି ଓ ସମିତିର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତିଙ୍କ ସହ ଧାନକ୍ରୟ କମିଟିର ସଦସ୍ୟ ଓ ଅଞ୍ଚଳର ବହୁ ଚାଷୀ ଉପସ୍ଥିତ ରହିଥିଲେ। ସମିତି ପକ୍ଷରୁ ଜଣାପଡ଼ିଛି ଯେ, ଟୁଙ୍କୁରୀହାଜିରା ପଞ୍ଚାୟତରେ ମୋଟ ୭୭୦ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୩୬୮ ଜଣ ଚାଷୀଙ୍କ ପାଇଁ ୧୨୪୬ କ୍ୱିଣ୍ଟାଲ ଧାନ ଉଠାଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଚାଷୀମାନେ ଯେପରି ସୁବିଧାରେ ଓ ଶୃଙ୍ଖଳିତ ଭାବେ ଧାନ ବିକ୍ରୟ କରିପାରିବେ, ସେଥିପାଇଁ ସମିତି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ଏହା ସହିତ ଭୋଗରାଇ ବ୍ଲକର ଶ୍ରଦ୍ଧାପୁର ସେବା ସମବାୟ ସମିତିରେ ମଧ୍ୟ ସୋମବାର ଅପରାହ୍ନରେ ସରକାରୀ ଧାନମଣ୍ଡି ଉଦ୍‌ଘାଟିତ ହୋଇଥିଲା। ସମିତିର ସଭାପତି ଗୁଣାକର ମାଝି ନଡ଼ିଆ ବାଡେଇ ଧାନମଣ୍ଡିର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଶ୍ରୀହରି ଜେନା, ସଦସ୍ୟ ପ୍ରଦୀପ କୁମାର ଦାସ, ଶ୍ରଦ୍ଧାପୁର ସରପଞ୍ଚଙ୍କ ପ୍ରତିନିଧି ଚନ୍ଦନ କୁମାର ପାତ୍ର, ଆରଏମସିର କ୍ୱାଲିଟି ଏନାଲିସିଷ୍ଟ ଅଫିସର ହରିପ୍ରସନ୍ନ ଦେ, ସମିତିର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି, ନିର୍ଦ୍ଦେଶକ ବଳରାମ ପାତ୍ର, ସୁଶାନ୍ତ କୁମାର ନାୟକ, ବନମାଳୀ ବେହେରା, ମମତା ଭୋଳ ଓ ସମାଜସେବୀ ଅଜିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ସଭାରେ ଚାଷୀମାନେ କିପରି ଶୃଙ୍ଖଳାର ସହିତ ଧାନ ଆଣିବେ ଓ ସରକାରୀ ନିୟମାନୁସାରେ ଧାନକ୍ରୟ ପ୍ରକ୍ରିୟା କିପରି ସୁଚାରୁ ଭାବେ କରାଯିବ, ସେନେଇ ଆଲୋଚନା କରାଯାଇଥିଲା। ସହ-ସମ୍ପାଦକ ଅମପ୍ରକାଶ ନାୟକ, ଶିବଶଙ୍କର ପ୍ରଧାନ, ନନିଗୋପାଳ ମହାନ୍ତି ଓ ଧରଣୀକାନ୍ତ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ। ଶ୍ରଦ୍ଧାପୁର ସେବା ସମବାୟ ସମିତିରେ ମୋଟ ୩୬୫ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୮୮ ଜଣ ଚାଷୀ ଟୋକନ ପାଇଛନ୍ତି। ଚାଷୀମାନଙ୍କ ଠାରୁ ୧୦୦୦ କ୍ୱିଣ୍ଟାଲ ଧାନ ଉଠାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସମିତି ପକ୍ଷରୁ ସୂଚନା ମିଳିଛି।

**● ଅଲ୍ ଓଡ଼ିଶା ସିନିୟର ଷ୍ଟେଟ୍ ବ୍ୟାଡମିଣ୍ଟନ ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ**

## ବାଲେଶ୍ୱରର ଆର୍ଯ୍ୟ ପୁରୁଷ ସିଙ୍ଗଲ୍ସରେ ରନର୍ସ ଅପ୍

ବାଲେଶ୍ୱର,୨୫।୫ (ସମିସ): ବାଲେଶ୍ୱର ବ୍ୟାଡମିଣ୍ଟନ ଖେଳାଳି ଆର୍ଯ୍ୟ ମାଝୀ ସଦ୍ୟ ସମାପ୍ତ ଅଲ୍ ଓଡ଼ିଶା ସିନିୟର ଷ୍ଟେଟ୍ ବ୍ୟାଡମିଣ୍ଟନ ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟରେ ପୁରୁଷ ସିଙ୍ଗଲ୍ସ ବିଭାଗରେ ରନର୍ସ ଅପ୍ ହୋଇଛନ୍ତି। ସେ ସମ୍ବଲପୁରର ତୋହସିଫ ଖାନଙ୍କ ବିପକ୍ଷରେ ଏକ କଠିନ ପ୍ରତିଯୋଗିତାରେ ଫାଇନାଲ ମ୍ୟାଚ୍ ୧୪/୨୧, ୨୨/୨୦ ଏବଂ ୧୨/୨୧ ପଏଣ୍ଟ ହାରିଗଲେ। ଏହି ଟୁର୍ଣ୍ଣାମେଣ୍ଟରେ ଅର୍ଜନ କରିଥିବା ପଏଣ୍ଟ ତାଙ୍କୁ ଆଗାମୀ ପୂର୍ବ ଜୋନ୍ ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଏବଂ ଅଲ୍ ଇଣ୍ଡିଆ ସିନିୟର ଜାତୀୟ ଚାମ୍ପିଅନସିପ୍ ପାଇଁ ସାହାଯ୍ୟ କରିବ। ଏହି ଟୁର୍ଣ୍ଣାମେଣ୍ଟଟି ଫୁଲବାଣୀ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ଦ୍ୱାରା ଏବଂ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନର ସହଯୋଗରେ ଫୁଲବାଣୀ ଇନଡୋର ଷ୍ଟାଡିୟମରେ ଆୟୋଜିତ ହୋଇଥିଲା। ଏହି ଇଭେଣ୍ଟରେ ସାରା ଓଡ଼ିଶାରୁ ୧୦୦ ରୁ ଅଧିକ ପୁରୁଷ ଏବଂ ମହିଳା ଖେଳାଳି ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ




ଫୁଲବାଣୀ ଏସ୍.ପି. ହରିଶ ବିଶି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସେ ସମସ୍ତ ପୁରସ୍କାର ବିଜେତାଙ୍କୁ ନଗଦ ପୁରସ୍କାର, ଟ୍ରଫି ଏବଂ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଆର୍ଯ୍ୟ ମାଝୀଙ୍କ ଏହି ସଫଳତା ପାଇଁ ବାଲେଶ୍ୱର ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ଅଭିନନ୍ଦନ ଜଣାଇଛି।



# ୨୪ବର୍ଷ ପରେ ଚୋର ଗିରଫ

**କଟକ,୨୫।୫(ସମିସ):** ଚୋରି ଘଟଣାରେ ଜଡିତ ରହି ଦୀର୍ଘ ୨୪ବର୍ଷ ହେବ ଫେରାର ଥିବା ଜଣେ ଚୋରକୁ ବିଡ଼ାନାସୀ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତଜଣକ ହେଲା ଇଦ୍‌ଗା କଲୋନୀର ସେକ ଜାକିର ଓରଫ ଛୋଟୁ।

ପୁଲିସ ସୂଚନା ଅନୁସାରେ, ୨୦୦୨ରେ ବିଡ଼ାନାସୀ ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରକୁ ଏକ ବଡଧରଣ ଚୋରି ହୋଇଥିଲା। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ଛୋଟୁ ଓ ତା'ର ସହଯୋଗୀ ସଂପୃକ୍ତ ଥିବା ନେଇ ଜଣାପଡିଥିଲା। ଛୋଟକୁ ତାର ସହଯୋଗୀ ସହିତ ପୁଲିସ ଗିରଫ କରିଥିଲା। କିଛିମାସ ଜେଲ ରହିବା ପରେ କୋର୍ଟ ଛୋଟୁକୁ ସର୍ତ୍ତମୂଳକ ଜାମିନ୍ ପ୍ରଦାନ କରିଥିଲେ। ପରବର୍ତ୍ତିର୍ ସମୟରେ ପୁଲିସ ପକ୍ଷରୁ ଘଟଣାର ତଦନ୍ତ ଶେଷ କରାଯାଇ କୋର୍ଟରେ ସଂପୂର୍ଣ୍ଣ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ତଦ୍‌ନୁଯାୟୀ କୋର୍ଟରେ ମାମଲାର ବିଚାର ଜାରି ରହିଥିଲା। ଫଳରେ ଗୋଟିଏ ପରେ ଗୋଟିଏ ତାରିଖ ପଡୁଥିଲେ ହେଁ ଛୋଟୁ ହାଜର ହେବା ପରିବର୍ତ୍ତେ କେଉଁଆଡେ ଫେରାର ହୋଇଯାଇଥିଲା। ତେବେ ବାରମ୍ବାର ନୋଟିସ ଦିଆଯିବା ସତ୍ତ୍ୱେ ଛୋଟୁ ହାଜର ହେଉ ନ ଥିବାରୁ ଏ ନେଇ କୋର୍ଟ ବିରକ୍ତି ପ୍ରକାଶ କରିଥିଲେ। ତା'ବିରୋଧରେ ଜାମିନବିହୀନ ଗିରଫ ଫରୱାନ ଜାରି କରିଥିଲେ। ଏହାକୁ ଭିତ୍ତିକରି ବିଭିନ୍ନ ସୂତ୍ରରୁ ସନ୍ଧାନ ନିଆଯିବା ପରେ ଆଜି ତାକୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଅସିତ୍ ବଳବନ୍ତରାୟ ସୂଚନା ଦେଇଛନ୍ତି।

# ନଦୀରେ ବୁଡ଼ି ମଇଁଷି ପାଳକଙ୍କ ମୃତ୍ୟୁ

**କଟକ,୨୫।୫(ସମିସ):** ଜଣେ ମଇଁଷି ପାଳକ କାଠଯୋଡି ନଦୀରେ ବୁଡି ପ୍ରାଣ ହରାଇଛନ୍ତି। ମୃତକ ଜଣକ ହେଲେ ୪୨ମୌଜା ଥାନା ଅନ୍ତର୍ଗତ ଅଇନି ଗ୍ରାମର ସନ୍ତୋଷ କୁମାର ବେହେରା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ପଠାଇଛି। ପୁଲିସ ସୂଚନା ଅନୁସାରେ, ସନ୍ତୋଷ ସଂଖ୍ୟାଧିକ ମଇଁଷି ପାଳନ କରିଛନ୍ତି। ପ୍ରତିଦିନ ତାଙ୍କ ବାପା ମହାଦେବ ଓ ସନ୍ତୋଷ ନିକଟସ୍ଥ ତହଲିପଡା ଘାଟ ଦେଇ କାଠଯୋଡି ନଦୀପଠାକୁ ମଇଁଷି ଚରାଇବା ପାଇଁ ଯାଇଥାନ୍ତି। ସୋମବାର ମହାଦେବ ମଇଁଷି ନେଇ ପଠାକୁ ଯାଇଥିଲେ। ଅପରାହ୍ନ ସାଢେ ୨ଟାରେ ସନ୍ତୋଷ ବାପାଙ୍କୁ ଖାଇବା ଦେବା ପାଇଁ ପଠାକୁ ଯାଇଥିଲେ। ଏହାପରେ ସେ ଏକ ମଇଁଷିର ଲାଙ୍ଗୁଡ ଧରି ନଦୀରେ ଭାସି କୂଳକୁ ଆସୁଥିଲେ। ଏତିକିବେଳେ ସନ୍ତୋଷ ଭୁଲରେ ଗଭୀର ପାଣି ଭିତରକୁ ପଶିଯାଇ ବୁଡିଯାଇଥିଲେ। ତାଙ୍କ ପାଟିଶୁଣି କୂଳରେ ଥିବା କିଛି ଲୋକ ନଦୀରେ ପହଁରି ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କୁ ସଂଗେ ସଂଗେ ଆମ୍ବୁଲାନ୍ସରେ ମେଡିକାଲ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଅସହ୍ୟ ହେଉଛି ବିଜୁଳି କାଟ୍ ଓ ଲୋ-ଭୋଲଟେଜଜନିତ ସ୍ଥିତି

**କଟକ,୨୫।୫(ସମିସ):** ଗତ କିଛି ଦିନ ଧରି ମାରାତ୍ମକ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ସମଗ୍ର ଦେଶରେ କେନ୍ଦ୍ର ଓ ରାଜ୍ୟ ସରକାର ମାନଙ୍କ ପ୍ରୋତ୍ସାହନରେ ବ୍ୟାପକ ଜଙ୍ଗଲ କ୍ଷୟ ଓ ପରିବେଶର ସନ୍ତୁଳନ ବିଗିଡିବା ଫଳରେ ଉତ୍ତାପ କ୍ରମାଗତ ବୃଦ୍ଧି ପାଇବା ଯୋଗୁ ପରିସ୍ଥିତି ଦିନକୁ ଦିନ ଭୟାବହ ହେଉଛି। ଏହା ସହିତ ସମଗ୍ର ରାଜ୍ୟରେ ବ୍ୟାପକ ବିଜୁଳିକାଟ୍ ଓ ଲୋ ଭୋଲଟେଜ ଫଳରେ ରାଜ୍ୟର ସାଧାରଣ ଲୋକ ବିଶେଷ କରି ଆର୍ଥିକ ଓ ସାମାଜିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ଲୋକ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି ବୋଲି ଆଜି ଯୋବ୍ରାସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଆହୂତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଓଡିଶା ଏକ ବଳକା ବିଜୁଳି ଉତ୍ପାଦନକାରୀ ରାଜ୍ୟ ହୋଇଥିବାରୁ ଚଳିତ ବର୍ଷ ଗ୍ରୀଷ୍ମ କାଳରେ ଆଦୌ ବିଜୁଳିକାଟ୍ ହେବନାହିଁ ବୋଲି ରାଜ୍ୟ ବିଜେପି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ବିଜୁଳିକାଟ୍ ହେଲେ ଏଥିପାଇଁ ଦାୟୀ ଅଧିକାରୀ ମାନଙ୍କୁ ଜେଲ୍ ପଠାଇ ଦିଆଯିବ ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ ଏବଂ ଉପ ମୁଖ୍ୟମନ୍ତ୍ରୀ ତଥା ବିଦ୍ୟୁତ୍ ବିଭାଗର ମନ୍ତ୍ରୀ ଘୋଷଣା କରିଥିଲେ। ମାତ୍ର ବର୍ତ୍ତମାନ ପ୍ରବଳ ଗରମ ଓ ଅସହ୍ୟ ଗୁଳୁଗୁଳି ଲାଗିରହିଥିବା ବେଳେ ଗ୍ରାମାଞ୍ଚଳରେ ଲଗାତର ୧୦ ଘଣ୍ଟା, ୧୨ ଘଣ୍ଟା ଧରି ବିଜୁଳି କାଟ ହେଉଛି। ସହରାଞ୍ଚଳରେ ମଧ ଘଣ୍ଟା ଘଣ୍ଟା ଧରି ଲୋ ଭୋଲ୍ଟେଜ ଓ ବିଜୁଳି କାଟ ଲାଗିରହିଛି। ଆଦୌ ବିଜୁଳି କାଟ ହେବନାହିଁ ବୋଲି ପୂର୍ବରୁ ଘୋଷଣା କରିଥିବା ରାଜ୍ୟ ଶକ୍ତିମନ୍ତ୍ରୀ ବର୍ତ୍ତମାନର ବିଜୁଳି କାଟ ଓ ଲୋ ଭୋଲ୍ଟେଜ ପାଇଁ ଶୀତତାପ ନିୟନ୍ତ୍ରଣ ଯନ୍ତ୍ରର (ଏସି) ଅଧିକ ବ୍ୟବହାର ଉପରେ , ଅର୍ଥାତ ଲୋକଙ୍କ ଉପରେ ଦୋଷ ଲଦି ଦେଇଛନ୍ତି। ଏଣୁ ରାଜ୍ୟ ବାହାରେ ବିଦ୍ୟୁତ୍ ବିକ୍ରି ବନ୍ଦ କରି ତୁରନ୍ତ ସମଗ୍ର ରାଜ୍ୟରେ ଉପଭୋକ୍ତା ମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣର ବ୍ୟବସ୍ଥା କରିବା, ତୁରନ୍ତ ଏସମା ପ୍ରତ୍ୟାହାର କରିବା , ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରି ୩୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ଦେୟମୁକ୍ତ କରିବା ପାଇଁ ପାର୍ଟି ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଆଜିର ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ, ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ମାଳବିକା ସାମଲ, ବସନ୍ତ ନାୟକ, ଭାଗ୍ୟରବି ଦାସ, ସୌଭାଗ୍ୟ ସାମଲ, ଦୀପକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ରାଜ୍ୟ ସରକାରଙ୍କୁ ଦାୟୀ କଲା ଏସୟୁସିଆଇ**

## ମାଟିରେ ମିଶିଲାଣି ତାଳଦଣ୍ଡା କେନାଲ ପାର୍ଶ୍ୱ ସ୍ମାର୍ଟ ଫୁଟପାଥ

# ଅଧାପନ୍ତରିଆ କାମ ତଥାପି ଶେଷ ହୋଇପାରିଲାନି

**କଟକ,୨୫।୫(ସମିସ):**

କୋଟି କୋଟି ଟଙ୍କା ବ୍ୟୟରେ ତାଳଦଣ୍ଡା କେନାଲ ପାର୍ଶ୍ୱରେ ପାଦଚଲା ରାସ୍ତା ବା ସ୍ମାର୍ଟ ଫୁଟପାଥ ତିଆରି ହୋଇଥିଲା। ତେବେ ଯୋବ୍ରା ଠାରୁ ବିରିବାଟୀ ପର୍ଯ୍ୟନ୍ତ ୧୧କିଲୋମିଟର ଦୀର୍ଘ ରାସ୍ତାରେ ଏହି ସ୍ମାର୍ଟ ଫୁଟପାଥ କାମ ଶେଷ ହୋଇପାରିନଥିବା ବେଳେ ଯେଉଁଠି ସରିଥିଲା ସେଠାରେ ଫୁଟପାଥ ମାଟିରେ ମିଶିଗଲାଣି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବି ଏପର୍ଯ୍ୟନ୍ତ ଏହି ରାସ୍ତାରେ ବାକି ରହିଯାଇଥିବା ଫୁଟପାଥ କାମ ଏପର୍ଯ୍ୟନ୍ତ ସରିପାରିନାହିଁ। ଦୁଇ ବର୍ଷ ସୌନ୍ଦର୍ଯ୍ୟକରଣ କାମ ଅଦ୍ୟାବଧି ଶେଷ ହୋଇପାରିନାହିଁ। ଏହାକୁ ୨୦୨୫ ମେ ୩୧ତାରିଖ ସୁଦ୍ଧା ଶେଷ କରିବା ପାଇଁ ପ୍ରଥମେ ଲକ୍ଷ୍ୟ ରଖାଯାଇଥିଲା। ଦୀର୍ଘ ଏକ ବର୍ଷ ଧରି କାମ ଚାଲୁଥିଲେ ମଧ ମନ୍ଥର ଗତି ପାଇଁ ସ୍ମାର୍ଟ ଫୁଟପାଥ ନିର୍ମାଣ ଶେଷ ହୋଇନାହିଁ। ଯେଉଁ ସ୍ଥାନରେ ଏହା ହୋଇଥିଲା ତାହା ଭାଙ୍ଗି ରୁଜି ଯାଇଥିବା ଦେଖିବାକୁ ମିଳିଲାଣି। ଯୋବ୍ରା ଠାରୁ ନୂଆବଜାର ପର୍ଯ୍ୟନ୍ତ ତାଳଦଣ୍ଡା କେନାଲର ବାମ ପାଶ୍ୱର୍ ବନ୍ଧ ରାସ୍ତା ସମ୍ପ୍ରସାରଣ ହୋଇ ଲୋକଙ୍କ ବ୍ୟବହାରରେ ଲାଗିପାରିଥିଲେ ସୁଦ୍ଧା ସବୁ ଜାଗାରେ ପେଭର ବ୍ଲକରେ ଫୁଟପାଥ ନିର୍ମାଣ ନ ହୋଇ ଅଧାପନ୍ତରିଆ ପଡିଛି। ନିର୍ମାଣ ଦାୟିତ୍ୱ ନେଇଥିବା ଇଞ୍ଜିନିୟରିଂ ପ୍ରୋଜେକ୍ଟ ଇଣ୍ଡିଆ ପ୍ରାଇଭେଟ ଲିମିଟେଡକୁ ମହାନଗର ନିଗମ ପକ୍ଷରୁ ବହୁବାର ତାଗିଦ ମଧ କରାଗଲାଣି। ଫୁଟପାଥ ଗୁଡିକରେ ପେଭରବ୍ଲକ ପକାଯାଇଥିବା ବେଳେ ଅନେକ ସ୍ଥାନରେ ଏଗୁଡିକରୁ ପେଭର ବ୍ଲକ ଖସିଯାଇଥିବା ଦେଖିବାକୁ ମିଳିଛି। ସେହିଭଳି ଫୁଟପାଥ ଉପରକୁ ମାଟି ବାଲି ଚଢିବା ସହିତ ଅନାବନା ବୁଦାଳିଆ ଘାସରେ ପରିପୂର୍ଣ୍ଣ ହୋଇଗଲାଣି।

ପ୍ରଥମ ପର୍ଯ୍ୟାୟରେ ଯୋବ୍ରା ଠାରୁ ରାଣୀହାଟ ଯାଏ ତାଳଦଣ୍ଡାର କେନାଲର ଉଭୟ ପାର୍ଶ୍ୱରେ ପ୍ରାୟ ୧.୫୫ କିମି ରାସ୍ତାର ସମ୍ପ୍ରସାରଣ କରାଯିବା ସହ ଆଲୋକ ବ୍ୟବସ୍ଥା ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରାଯାଇଥିଲା। ପରବର୍ତ୍ତୀସମୟରେରାଣୀହାଟରୁମାତୃଭବନ ପର୍ଯ୍ୟନ୍ତ ଓ ତୃତୀୟ ପର୍ଯ୍ୟାୟରେ ମାତୃଭବନ ଠାରୁ ବିରିବାଟୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତୃଭବନ -ରେଳପଥ ରାସ୍ତା କାମ ଇତିମଧ୍ୟରେ ଶେଷ ହୋଇଛି। ତୃତୀୟ ପର୍ଯ୍ୟାୟରେ ନୂଆବଜାରୁ ଠାରୁ ବିରିବାଟୀ ପର୍ଯ୍ୟନ୍ତ ହେଉଥିବା ଦକ୍ଷିଣ ପାଶ୍ୱର୍ କେନାଲ ବନ୍ଧ ସମ୍ପ୍ରସାରଣ କାମ ସରିଥିଲେ ମଧ ଫୁଟପାଥ ନିର୍ମାଣ କରାଯାଇପାରିନାହିଁ। ଏ ସବୁ ଭିତରେ ଫୁଟପାଥ କାମ ଧାର୍ଯ୍ୟ ସମୟରେ ସରିବା ନେଇ ଅନିଶ୍ଚିତତା ଦେଖାଦେଇଛି। ସ୍ମାର୍ଟ ଫୁଟପାଥ ନିର୍ମାଣ ,କେନାଲ ସେତୁର ଫେନସିଂ,ରାସ୍ତା ଆଲୋକୀକରଣ ଆଦି କାମ ଆସନ୍ତା ଜୁନ ୩୦ସୁଦ୍ଧା ସରିବ ବୋଲି ହାଇକୋର୍ଟଙ୍କୁ ପୂର୍ବରୁ ସିଏମସି ଅବଗତ କରିଥିଲା। ଇତିମଧ୍ୟରେ ୬ମାସ ଅତିକ୍ରାନ୍ତ କରିଗଲାଣି କିନ୍ତୁ କାମ ସରିନି। କେବଳ କେନାଲ ଉପରେ ନିର୍ମିତ ମୋଟ୍‌୮ଗୋଟି ସେତୁର ଫେନସିଂ କାମ ଶେଷ ହୋଇଥିବା ବେଳେ ଆଲୋକିକରଣ କାର୍ଯ୍ୟ କେବଳ ମତ୍ତଗଜପୁର ପର୍ଯ୍ୟନ୍ତ କରାଯାଇଛି।





# ଆଶ୍ରମରେ ବୃଦ୍ଧଙ୍କ ମୃତ୍ୟୁ

**କଟକ,୨୫।୫(ସମିସ):** ବାଦାମବାଡିର ଏକ ବୃଦ୍ଧାଶ୍ରମରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ବୟସ ୬୫ରୁ ଅଧିକ ହେବ। ମୃତଦେହକୁ ବାଦାମବାଡି ଥାନା ପୁଲିସ ଜବତ କରି ବ୍ୟବଚ୍ଛେଦ ପରେ ଶବଗୃହରେ ରଖିଛି। ବ୍ୟକ୍ତି ଜଣକ କିଛି ମାସ ହେବ ସହରରେ ଅସହାୟ ଭାବେ ବୁଲାବୁଲି କରୁଥିଲେ। ତାଙ୍କୁ ଖାନନଗର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ଏକ ବୃଦ୍ଧାଶ୍ରମର କର୍ମକର୍ତ୍ତା ନେଇ ଆଶ୍ରୟ ଦେଇଥିଲେ। ସେଠାରେସେକିଛିମାସହେବରହୁଥିଲେ।ହଠାତତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଅବନ୍ନତି ଘଟିଥିଲା। ତାଙ୍କୁ ଡାକ୍ତରଖାନା ନିଆଯାଇ ଚିକିତ୍ସା କରାଯାଇଥିଲା। ଏହାପରେ ସେ ସୁସ୍ଥ ହୋଇ ବୃଦ୍ଧାଶ୍ରମ ଆସିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଆଜି ବାଦାମବାଡି ଥାନା ପୁଲିସ ମୃତଦେହକୁ ନେଇ ବ୍ୟବଚ୍ଛେଦ କରି ଶବଗୃହରେ ରଖିଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତ ବ୍ୟକ୍ତିଙ୍କ ପରିଚୟ ଜାଣିବା ପାଇଁ ଏକାଧିକ ଥାନାକୁ ଫଟୋ ପଠାଯାଇଛି। କେହି ପରିଚିତ ଲୋକ ନଆସିଲେ ୯୬ ଘଣ୍ଟା ପରେ ମୃତଦେହର ସତ୍କାର ପୁଲିସ କରିବ ବୋଲି ଥାନା ଅଧିକାରୀ ଅଜୟ ରାଉଳ ସୂଚନା ଦେଇଛନ୍ତି।

# ଡ୍ରିମ୍‌ସରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**କଟକ,୨୫।୫(ସମିସ):** ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶିତ +୨ ବିଜ୍ଞାନ ଫଳାଫଳରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଡ୍ରିମ୍‌ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସୋମବାର ମୁଖ୍ୟ ପ୍ରଶାସନିକ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ଓ ନିର୍ଦ୍ଦେଶିକା ଚିନ୍ମୟୀ ରଥ ଆଭାସୀ ମାଧ୍ୟମରେ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର କୃତୀ ଛାତ୍ରଛାତ୍ରୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ସହ ମିଷ୍ଟାନ୍ନ ଖୁଆଇ ସମ୍ବର୍ଦ୍ଧିତ କରିବା ଅବସରରେ ସେମାନଙ୍କ ପାଇଁ ଡ୍ରିମ୍‌ସ ଆଜି ଗର୍ବିତ ବୋଲି କହିଥିଲେ। ଶିକ୍ଷାନୁଷ୍ଠାନର ଅଧକ୍ଷ ଦିଲ୍ଲୀପ କୁମାର ମଲ୍ଲିକଙ୍କ ପୋ÷ରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ (ଛାତ୍ର କଲ୍ୟାଣ) ଲୋକନାଥ ବେହେରା, ଉପାଧକ୍ଷ ଡ. ଅଜିତ ମହାପାତ୍ର, ସଚିବ ସୁଧାଂଶୁ ଭୂଷଣ କର, ଅଧ୍ୟାପକ ଭବାନୀ ପ୍ରସାଦ ତ୍ରିପାଠୀ, ଅଧ୍ୟାପକ ଗୁରୁ ପ୍ରସାଦ ମୁଖାର୍ଜୀ, ଆଶିଷ ରାୟ, ଗୋପୀନାଥ ପାଲ, ଜୟକୃଷ୍ଣ କର, ପ୍ରିୟତମା ରାଉତ, ଆଲୋକ ଜ୍ୟୋତି ରଥ, ଦିବ୍ୟଜ୍ୟୋତି ଲେଙ୍କା, ସୋ÷ରଭ ମହାପାତ୍ର, ବିଜୟଲକ୍ଷ୍ମୀ ଶତପଥି, ସୁଚିତ୍ରା କର, ଅଧ୍ୟାପିକା ସାଗରିକା ନାୟକ, ଜୁଲିଏଟ୍ ମହାନ୍ତି, ଅକ୍ଷୟ ଜେନା, ଅଜିତ୍ ଗନ୍ତାୟତ, ଲିପ୍‌ସା ମହାପାତ୍ର, କ୍ୟୁରେସା ଖାତୁନ୍, ରଶ୍ମୀ ରଞ୍ଜନ ସାହୁ ଏବଂ ଲୋକ ସଂପର୍କ ଅଧିକାରୀ ନିରାକାର ସାହୁଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



# ଶ୍ରୀଦୁର୍ଗା ସାହିତ୍ୟ ସଂସଦ ପକ୍ଷରୁ କବିତା ଆସର

**କଟକ,୨୫।୫(ସମିସ):** ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସ୍ୱତନ୍ତ୍ର ଗ୍ରୀଷ୍ମ ସାହିତ୍ୟ ଆସର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଖପୁରିଆସ୍ଥିତ ସିଦ୍ଧିଦୁର୍ଗା ମଣ୍ଡପ ପରିସରରେ ସଂସଦର ସ୍ଥାୟୀ ସଭାପତି ପଣ୍ଡିତ ଚୈତନ୍ୟ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଆସରକୁ ଉଦ୍‌ଘାଟକ ଭାବେ ବରିଷ୍ଠ ଚିତ୍ରଶିଳ୍ପୀ ମହେନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ପଲ୍ଲୀପ୍ରଭା ସାହିତ୍ୟ ସଂସଦର ସଭାପତି ଚୈତନ୍ୟ ରାଉତ, ବିଶିଷ୍ଟ ଅତିଥି ଭାବରେ କବି କ୍ଷୀରୋଦ ଜେନା ଓ ସମ୍ମାନିତ ଅତିଥି ଭାବେ କବି ରଘୁନାଥ ତ୍ରିପାଠୀ ଯୋଗଦେଇଥିଲେ। ଏହି ଅବସରରେ ଗୀତାଞ୍ଜଳି ପୃଷ୍ଟି ଓ କବୟିତ୍ରୀ ଡ. ବସନ୍ତ କୁମାରୀ ନନ୍ଦଙ୍କ ସଂଯୋଜନାରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜୀବ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହଯୋଗୀ ସମ୍ପାଦକ କବି ଅଶ୍ୱିନୀ ସେଠୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସଂଗଠନ ସମ୍ପାଦକ ସୁରେନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।



# ସ୍ୱର୍ଗତ ବୀରେନ ମିତ୍ରଙ୍କ ଶ୍ରାଦ୍ଧ ବାର୍ଷିକୀ

**କଟକ,୨୫।୫(ସମିସ):** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବୀରେନ ମିତ୍ରଙ୍କ ୪୮ ତମ ଶ୍ରାଦ୍ଧ ବାର୍ଷିକୀ ବିରେନ ମିତ୍ର ଫାଉଣ୍ଡେସନ ଆନୁକୂଲ୍ୟରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ସକାଳେ କଟକ ଗଡ଼ଗଡ଼ିଆ ଘାଟରେ ତିଳ ତର୍ପଣ କରାଯିବା ସହ ମିଶନ ରୋଡ୍ ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେସନର ସଭାପତି ପ୍ରଫୁଲ୍ଲ ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାର ବିକାଶ ଓ ସ୍ୱାଧୀନତା ସଂଗ୍ରାମରେ ବୀରେନ ମିତ୍ରଙ୍କ ଅତୁଳନୀୟ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଏହାସହ କଟକ ସିଟି ହସ୍ପିଟାଲକୁ ବୀରେନ ମିତ୍ରଙ୍କ ନାମରେ ନାମିତ କରିବାକୁ ସେ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଶଶି ଭୂଷଣ ବେହେରା, କଟକ ମେୟର ସୁବାଷ ସିଂହ, ବିଜେପି ନେତା ଓମ୍ ପ୍ରକାଶ ରାୟ, କଂଗ୍ରେସ ମିଡିଆ ସେଲ୍ ଅଧକ୍ଷ ବିଶ୍ୱଜିତ୍ ମହାନ୍ତି, ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକ ଏବଂ ପୂର୍ବତନ ମେୟର ଅନିତା ବେହେରାଙ୍କ ସମେତ ବିଭିନ୍ନ ଦଳର ପ୍ରମୁଖ ନେତା ଓ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସଭା ଶେଷରେ ବିଜେପି ନେତା ଲଲାଟେନ୍ଦୁ ବଡୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



# ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ବଢୁଛି ଦଳୀୟ ଗୁଣ୍ଡାରାଜ

**କଟକ,୨୫।୫(ସମିସ):**

ଓଡ଼ିଶାରେ ଆଇନଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଓ ଲଗାମବିହୀନ ହୋଇପଡ଼ିଥିବା ଏବଂ ଶାସକ ବିଜେପି ନେତା ଓ କର୍ମୀଙ୍କ ଦ୍ୱାରା ଖୋଲାଖୋଲି ଗୁଣ୍ଡାରାଜ ଚାଲିଥିବା ଅଭିଯୋଗ କରି ବିଜୁ ଜନତା ଦଳ ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ନିକଟରେ କଟକ ଜିଲ୍ଲାର ତିଗିରିଆ ଏବଂ ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଘଟିଥିବା ଦୁଇଟି ସଙ୍ଗୀନ ଘଟଣାକୁ ନେଇ କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସରକାରୀ ଦଳର ଛତ୍ରଛାୟାରେ ଅପରାଧୀମାନେ ବେଆଇନ କାର୍ଯ୍ୟକଳାପ ଚଳାଇବା ସହ ସରକାରୀ କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା କରିବା ଓ ସାମ୍ବିଧାନିକ ପ୍ରତିନିଧିଙ୍କୁ ଆକ୍ରମଣ କରିବା ନିତିଦିନିଆ ଘଟଣା ହେଲାଣି ବୋଲି ବିଜେଡି ଅଭିଯୋଗ କରିଛି। ଏହି ସମ୍ବେଦନଶୀଳ ମାମଲାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ଼ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଦଳ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆଇନ ଅମାନ୍ୟ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ସ୍ମାରକପତ୍ରରେ ଦର୍ଶାଯାଇଥିବା ପ୍ରଥମ ଘଟଣା ଅନୁଯାୟୀ, ଗତ ମେ ୨୨ ତାରିଖ ଶୁକ୍ରବାର ଦିନ ଆଠଗଡ଼ର ବରିଷ୍ଠ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ରାଜା ସ୍ୱାଇଁ) ତିଗିରିଆ ପଞ୍ଚାୟତ ସମିତି ବୈଠକରେ ଯୋଗଦେବାକୁ ଯାଉଥିବା ବେଳେ ବିଜେପିର ପରାଜିତ ବିଧାୟକ ପ୍ରାର୍ଥୀଙ୍କ ପ୍ରରୋଚନାରେ ତାଙ୍କ ଉପରେ ଏକ ସଂଘବଦ୍ଧ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏଭଳି ଅବହେଳାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ସେହିପରି ଦ୍ୱିତୀୟ ଘଟଣାରେ, ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ଭିତରେ ପଞ୍ଚାୟତ ସମିତି ବୈଠକ ଚାଲିଥିବା ବେଳେ ସାଲେପୁରର ପରାଜିତ ବିଜେପି ପ୍ରାର୍ଥୀ ତଥା ଅଭିନେତା ଅରିନ୍ଦମ ରାୟ ଏବଂ ଆଠଗଡ଼ର ପରାଜିତ ବିଜେପି ପ୍ରାର୍ଥୀ ଅଭୟ ବାରିକ କିଛି ସମର୍ଥକଙ୍କ ସହ ଅଫିସ ଭିତରେ ପଶି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଏବିଡିଓ) ଶାଶ୍ୱତ ଜେନାଙ୍କୁ ଗାଳିଗୁଲଜ କରିବା ସହ ଧମକ ଚମକ ଦେଇଥିବା ଅଭିଯୋଗ ହୋଇଛି। ବ୍ଲକ ଅଧକ୍ଷା ମୀନାକ୍ଷୀ ଦାସ ଓ ବିଡ଼ିଓଙ୍କ ଅଭିଯୋଗ କ୍ରମେ ଟାଙ୍ଗୀ ଥାନାରେ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ଭଳି ସଙ୍ଗୀନ ଦଫାରେ ଏଫ୍‌ଆଇଆର୍ ରୁଜୁ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କାହାରିକୁ ଗିରଫ କରାନଯିବା ପ୍ରଶାସନର ଦୁର୍ବଳତାକୁ ପ୍ରମାଣିତ କରୁଛି। ଏହା ସହିତ ଅରିନ୍ଦମ ରାୟ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ କରିଥିବା ନିମ୍ନସ୍ତରର ଟିପ୍ପଣୀକୁ ଚତୁର୍ଥ ସ୍ତମ୍ଭର କଣ୍ଠରୋଧ ପ୍ରୟାସ ବୋଲି ଦର୍ଶାଇ ଜିଲ୍ଲା ବିଜେଡି ଏହାକୁ କଠୋର ନିନ୍ଦା କରିଛି। ଡିଜିପିଙ୍କୁ ଦାବିପତ୍ର ପ୍ରଦାନ ବେଳେ କଟକ ମେୟର ସୁବାଷ ଚନ୍ଦ୍ର ସିଂହ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ପୂର୍ବତନ ବିଧାୟକ ଡ. ପ୍ରମୋଦ ମଲ୍ଲିକ, ରାଜ୍ୟ ସାଧାରଣ ସମ୍ପାଦକ ମହମ୍ମଦ ସକିଲ, ଶିଶିର ପରିଜା, ସମ୍ପାଦକ ପ୍ରଦୀପ୍ତ ଖୁଣ୍ଟିଆ, ଚିରଞ୍ଜୟ ସାହୁ, ସୌମିତ ମିତ୍ର, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ଅନୀତା ବେହେରା, ଜିଲ୍ଲା ଯୁବ ବିଜେଡି ସଭାପତି ସ୍ମୃତି ନାୟକ, ତିଗିରିଆ ବ୍ଲକ ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକଙ୍କ ସମେତ ତାପସ ମହାନ୍ତି, ଚନ୍ଦନ ଜେନା, ସ୍ୱଦେଶ ଦାସ, ନନ୍ଦଲାଲ ସିଂହ, ଜୟଦେବ ଜେନା, ଜିଲ୍ଲା ଛାତ୍ର ବିଜେଡି ସଭାପତି ସୁମନ ବେହେରା, ବିଷ୍ଣୁ ସାହୁ ଏବଂ ଅନ୍ୟାନ୍ୟ ପ୍ରମୁଖ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



**ତିଗିରିଆ ଓ ଟାଙ୍ଗୀ ଘଟଣାକୁ ନେଇ ଡିଜିପିଙ୍କୁ ଭେଟିଲା ବିଜେଡି ପ୍ରତିନିଧି ଦଳ**

**ଆନ୍ଦୋଳନ ଚେତାବନୀ**

# 'ଦୁଃଖର ସାଥୀ ପରିବାର'ର ଷଷ୍ଠ ବାର୍ଷିକ ଉତ୍ସବ




**କଟକ, ୨୫।୫ (ସମିସ):** ସାମାଜିକ ସଂଗଠନ 'ଦୁଃଖର ସାଥୀ ପରିବାର' ପକ୍ଷରୁ ଅନୁଷ୍ଠାନର ଷଷ୍ଠ ତମ ବାର୍ଷିକ ଉତ୍ସବ ବିଦ୍ୟାଧରପୁର ସ୍ଥିତ ଦ୍ୱାରକାମଇ ସାଇ ମନ୍ଦିର ପରିସରରେ ବେଶ୍ ଧୂମଧାମରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୟନ କିଶୋର ମହାନ୍ତି ଯୋଗଦେଇଥିବା ବେଳେ ଝିଲିକ ଭଟ୍ଟାଚାର୍ଯ୍ୟ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସିଆରଆରଆଇ ଥାନା ଅଧିକାରୀ ଗଣେଶ ସାହୁ, ପ୍ରଦୀପ ବେହେରା, ଅଭିମନ୍ୟୁ ଦାସ ଏବଂ ଶୁଭ୍ରାଂଶୁ ନାରାୟଣ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜସେବାରେ "ଦୁଃଖର ସାଥି ପରିବାର' ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ମତ ଦେବା ସହ ଆଗକୁ ସମାଜକଲ୍ୟାଣ ଦିଗରେ ଅଧିକ ବ୍ରତି ହେବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ସଂଗଠନର ସଭାପତି ରାଜେନ୍ଦ୍ର ରଥ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଅତିଥି ଓ ଉପସ୍ଥିତ ସଭ୍ୟମାନଙ୍କୁ ସ୍ୱାଗତ କରିଥିଲେ। ଉତ୍ସବରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ଅନ୍ୟାନ୍ୟ ସାମାଜିକ ସଂଗଠନର ପ୍ରତିନିଧିଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ସ୍ମାରକୀ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପରେ ସଂଗଠନର ସମ୍ପାଦକ ରଞ୍ଜିତ ପ୍ରଧାନ ପରିବାରର ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଓ ଭବିଷ୍ୟତ ଯୋଜନା ବିଷୟରେ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ସଂଗଠନର ପ୍ରତିଷ୍ଠାତା ସନ୍ତୋଷ ମହାରଣା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବିଜେଡିର 'ନାରୀ ଅଧିକାର ଅଭିଯାନ'

# 'ଦୁଇ ବର୍ଷ ସରକାରରେ ମହିଳା ଅଧିକାରରୁ ବଞ୍ଚିତ'




**ବରୀ, ୨୫।୫(ସମିସ)**

ରାଜ୍ୟରେ ବିଜେପି ସରକାର ଆସିଲେ ମିଶନ ଶକ୍ତି ବନ୍ଦ ହେବ ବୋଲି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କହିଥିଲେ। ଆଜି ତାହାର ପ୍ରମାଣ ମିଳିଛି। ମହିଳାମାନଙ୍କୁ ଘର ବାହାରକୁ ନ ଛାଡ଼ି ଘର ଭିତରେ ରହିବାକୁ ବାଧ କରାଯାଉଛି। ମହିଳାଙ୍କୁ ଛେଳି ଜଗାଇବାକୁ ପରାମର୍ଶ ଦେଉଛନ୍ତି ସରକାର। ମହିଳାଙ୍କୁ ଆରକ୍ଷଣ ଦେବାର ଭେଳିକି କରି ଭ୍ରମିତ କରାଯାଉଥିବା ଅଭିଯୋଗ କରିଛନ୍ତି ବିଜୁ ଜନତା ଦଳର ଉପସଭାପତି ପ୍ରଣବ ପ୍ରକାଶ ଦାସ। ଆଜି ବରୀରେ ଆୟୋଜିତ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଣବ ଏହି କଥା କହିଛନ୍ତି। ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ପଡ଼ିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରୀ ବ୍ଲକ ଉପାଧକ୍ଷା ଅର୍ଚ୍ଚନା ମଲ୍ଲିକ ସଭାପତିତ୍ୱ କରିଥିବା ବେଳେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ପ୍ରାକ୍ତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ପ୍ରାକ୍ତନ ସାଂସଦ ଶର୍ମିଷ୍ଠା ସେଠୀ ପ୍ରମୁଖ ଉପସ୍ଥିତ ରହି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। କେନ୍ଦ୍ର ସରକାର ଶତକଡା ୩୩ ଭାଗ ମହିଳାଙ୍କ ସଂରକ୍ଷଣ ବିଲକୁ ନେଇ ଲୋକ ମାନଙ୍କୁ ଭୁଆଁ ବୁଲାଉଥିବା ବେଳେ ଏବେ ବିଜେପି ଶାସନରେ ରାଜ୍ୟରେ ନାରୀ ନିର୍ଯାତନା, ଅତ୍ୟାଚାର, ବଢ଼ି ବଢ଼ି ଚାଲିଛି। ଜନ ସାଧାରଣଙ୍କ ଠାରୁ ରାଜ୍ୟ ସରକାର ବିଭିନ୍ନ ଉପାୟରେ ଟିକସ ଓ ଜୋରିମାନା ଆଦାୟ କରୁଥିବା ବେଳେ ସାଧାରଣ ଜନତାଙ୍କୁ ମୌଳିକ ସୁବିଧା ଯୋଗାଇବାରେ ବିଫଳ ହୋଇଛି। ସର୍ବୋପରି ନାରୀ ସୁରକ୍ଷା ଓ ଚାଷୀମାନଙ୍କ ସମସ୍ୟା ସହିତ ବିକାଶ ଠପ୍ ହେବା ପ୍ରସଙ୍ଗରେ ସରକାରଙ୍କ ଉପରେ ବର୍ଷିଥିଲେ ବବି ଦାସ। ପରେ ମହିଳା ମାନେ ସଭା ନିକଟରୁ ଏକ ବିଶାଳ ପଟୁଆରରେ ଆସି ବରୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ମିନତି ଜଗଦେବଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ନାରୀ ସୁରକ୍ଷା ପ୍ରସଙ୍ଗ ନେଇ ଏକ ଦାବିପତ୍ର ଦେଇଥିଲେ।

# 'ବିଜେପି ସରକାର ନାରୀ ଅଧିକାରକୁ କ୍ଷୁଣ୍ଣ କରୁଛି'



**ବଡ଼ଚଣା, ୨୫।୫(ସମିସ):** ବଡ଼ଚଣା ବ୍ଲକ ବିଜେଡି ପକ୍ଷରୁ ବ୍ଲକ ସମ୍ମୁଖରେ ନାରୀ ଅଧିକାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ତାପସ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଓ ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ ଯୋଗଦେଇ ବିଜୁ ବାବୁ ଓ ନବୀନ ବାବୁ ନାରୀଙ୍କୁ ଯେଉଁ ଅଧିକାର ଦେଇଥିଲେ ବର୍ତ୍ତମାନର ବିଜେପି ସରକାର ମହିଳାମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ସେମାନଙ୍କ ଅଧିକାରକୁ କ୍ଷୁଣ୍ଣ କରୁଛି ବୋଲି କହିଥିଲେ। ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜ୍‌ନାରାୟଣ ମହାପାତ୍ର ଯୋଗଦେଇ ବଡଚଣାରେ ବିକାଶ ନାମରେ ବିନାଶ କାର୍ଯ୍ୟ ଆରମ୍ଭ ହୋଇଛି। ଦିନ ଦ୍ୱିପ୍ରହରରେ ମାଟି, ବାଲି ମାଙ୍କଡ଼ା ପଥର ମୋରମ ଖୁଲମଖୁଲା ଲୁଟ୍ ସହ ଅନ୍ୟାୟ, ଅତ୍ୟାଚାର, ଦୁର୍ନୀତି ବଡ଼ଚଣାରେ ବଢ଼ିବଢ଼ି ଚାଲିଛି। ଏହାର ସମାଧାନ ନହେଲେ ଆଗାମୀ ଦିନରେ ବିଜେଡି ରାଜ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦିକା ରତ୍ନମଞ୍ଜରୀ ନାୟକ, ପୂର୍ବତନ ମହିଳା ସଭାନେତ୍ରୀ ସରସ୍ୱତୀ ବେହେରା, ଦମୟନ୍ତୀ ସାମଲ, ନେଳିଆ ସରପଞ୍ଚ ଜୟନ୍ତୀ ସ୍ୱାଇଁ, ରାଧାଦେଇପୁର ସରପଞ୍ଚ ସାଗରିକା ଚୌଧୁରୀ, ବଡ଼ଚଣା ସରପଞ୍ଚ ରାଜଲକ୍ଷ୍ମୀ ମହାନ୍ତି, ଖଇରା ସରପଞ୍ଚ ସଂଯୁକ୍ତା ମଲ୍ଲିକ, ସମିତିସଭ୍ୟା ରଶ୍ମିତା ମଲ୍ଲିକ, ପୂର୍ବତନ ସରପଞ୍ଚ ସୁଷମା ପ୍ରଧାନ, ସ୍ନେହଲତା ମହାପାତ୍ର ପ୍ରମୁଖ ଯୋଗଦେଇ ଓଡ଼ିଶାରେ ମହିଳା ସଂରକ୍ଷଣ ବିରୋଧୀ ବିଜେପି ସରକାରର କଡ଼ା ସମାଲୋଚନା କରିଥିଲେ। ଶେଷରେ ଏକ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବଡଚଣା ବିଡିଓଙ୍କୁ ପ୍ରଦାନ କରିଥିଲେ। ଜିଲ୍ଲା ସମ୍ପାଦକ ସଞ୍ଜୟ କୁମାର ସ୍ୱାଇଁ, ଦିଲ୍ଲୀପ କୁମାର ସାମଲ, ଆଶିଷ ରଞ୍ଜନ ଚୌଧୁରୀ, ପ୍ରକାଶ ପ୍ରଧାନଙ୍କ ନେତୃତ୍ୱରେ ଏହି ସମାବେଶ ଅନୁଷ୍ଠିତ ହୋଇଥିଲା।

## ଯଖପୁରାରେ ଚକ୍ଷୁ ଚିକିତ୍ସା ଶିବିର

**ଯଖପୁରା, ୨୫।୫(ସମିସ):** ଆଜି ଯଖପୁରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୂମିକା ଆଇ ହସ୍ପିଟାଲ୍‌ର ଆନୁକୂଲ୍ୟରେ, 'ଆମ ଗାଁ ଆମ କଥା' ପରିବାର ଏବଂ ଶ୍ରୀଜଗନ୍ନାଥ ବରିଷ୍ଠ ନାଗରିକ ସଂଘ, ଯଖପୁରାର ମିଳିତ ଉଦ୍ୟମରେ ଏହି ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଶିବିରରେ ଅଞ୍ଚଳର ମୋଟ ୧୭ ଜଣ ରୋଗୀ ପଞ୍ଜୀକରଣ କରି ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ। ଡାକ୍ତର ଗୌରଗୋପାଳ ପଣ୍ଡା ରୋଗୀମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ପରୀକ୍ଷା ସମୟରେ ୯ ଜଣଙ୍କୁ ମୋତିଆବିନ୍ଦୁ ଥିବା ଚିହ୍ନଟ କରାଯାଇଛି। ଭୂମିକା ଆଇ ହସ୍ପିଟାଲ୍ ପକ୍ଷରୁ ଏହି ୯ ଜଣ ରୋଗୀଙ୍କ ଚିକିତ୍ସା ସମ୍ପୂର୍ଣ୍ଣ ମାଗଣାରେ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଏହି ମହତ କାର୍ଯ୍ୟକ୍ରମକୁ ସଫଳ କରିବାରେ ଅନେକ ବିଶିଷ୍ଟ ବ୍ୟକ୍ତି ସହଯୋଗ କରିଥିଲେ। ସେମାନଙ୍କ ମଧ୍ୟରେ ଶ୍ରୀଜଗନ୍ନାଥ ବରିଷ୍ଠ ନାଗରିକ ସଂଘ ସଭାପତି ତ୍ରିଲୋଚନ ଧଳ, ସମ୍ପାଦକ ହୃଷୀକେଶ ବିଶ୍ୱାଳ, ବେଣୁଧର ରାଉତ, ଅଞ୍ଜନ ସାମଲ, ନୀଳମାଧବ ନାୟକ, ଦୋଳଗୋବିନ୍ଦ ବଳ, ରାଜକିଶୋର ବାରିକ ଓ ଆମ ଗାଁ ଆମ କଥା ପରିବାର ତରଫରୁ ସନ୍ଦୀପ ମହାନ୍ତି, ମନୋରଞ୍ଜନ ମହାନ୍ତି, ଅକ୍ଷୟ ବାରିକ, ଚନ୍ଦ୍ରକାନ୍ତ ନାୟକ, ରାଜକିଶୋର ପଣ୍ଡା, ଅନିଲ ଧଳ ପ୍ରମୁଖ। ଏହାବ୍ୟତୀତ ସମିତିସଭ୍ୟ ଜୟପ୍ରକାଶ ସାହୁ ଏବଂ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଉତ୍ସାହିତ କରିଥିଲେ।

## ଶ୍ରମଶକ୍ତି ବିଦ୍ୟାଳୟରେ ନିମ୍ନମାନର କାର୍ଯ୍ୟ

**କାଳିଆପାଣି, ୨୫।୫(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ରାଂସୋଳ ପଞ୍ଚାୟତର ଟାଟା କଲୋନୀ ପରିସରରେ ଅବସ୍ଥିତ ଶ୍ରମଶକ୍ତି ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ବ୍ଲକ ନିର୍ମାଣ କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଲୋକ ଏବଂ ଅଭିଭାବକମାନଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟ ପରିସରରେ ହେଉଥିବା କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ବେଳେ କାର୍ଯ୍ୟର ସ୍ୱଚ୍ଛତା ନେଇ ମଧ ପ୍ରଶ୍ନ ଉଠିଛି। କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇନାହିଁ। ଫଳରେ କାମର ମୂଲ୍ୟ କେତେ, କେଉଁ ବିଭାଗ ଦ୍ୱାରା କାମ ହେଉଛି, କିଏ ଠିକାଦାର ଓ କେତେ ସମୟ ମଧ୍ୟରେ କାମ ସମାପ୍ତ ହେବ ସେ ସମ୍ବନ୍ଧରେ ସାଧାରଣ ଲୋକଙ୍କୁ କୌଣସି ସୂଚନା ମିଳୁନାହିଁ। ଏହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ସନ୍ଦେହ ଓ ଅସନ୍ତୋଷ ବଢ଼ିବାରେ ଲାଗିଛି। ସରକାରୀ ନିୟମ ଅନୁଯାୟୀ ପ୍ରତ୍ୟେକ ଉନ୍ନୟନମୂଳକ କାର୍ଯ୍ୟସ୍ଥଳରେ କାମର ନାମ, ଅନୁମୋଦିତ ଅର୍ଥରାଶି, କାମର ସମୟସୀମା, ଠିକାଦାରଙ୍କ ନାମ ଓ ସମ୍ବନ୍ଧିତ ବିଭାଗର ବିବରଣୀ ସହ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ ଥିବା ସତ୍ତ୍ୱେ ଏଠାରେ ସେହି ନିୟମକୁ ଅବହେଳା କରାଯାଇଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, କାମରେ ବ୍ୟବହୃତ ସାମଗ୍ରୀର ମାନ ମଧ ନିମ୍ନ ଥିବାରୁ ଭବିଷ୍ୟତରେ ଏହା ବଡ଼ ବିପଦ ସୃଷ୍ଟି କରିପାରେ। ବିଦ୍ୟାଳୟ ପରିସରରେ ଏଭଳି ନିମ୍ନମାନର କାମ ହେଉଥିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ମଧ ଚିନ୍ତା ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକମାନେ ପ୍ରଶାସନଙ୍କ ନିକଟରେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିବା ବେଳେ, ଦୋଷୀଙ୍କ ବିରୋଧରେ ଶୀଘ୍ର କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ମଧ ଦାବି କରିଛନ୍ତି।

## ଯକ୍ଷ୍ମାମୁକ୍ତ ଏକ୍ସରେ ପରୀକ୍ଷଣ ଶିବିର

**ପ୍ରୀତିପୁର, ୨୫।୫(ସମିସ):** ଯକ୍ଷ୍ମାମୁକ୍ତ ଭାରତ ଅଭିଯାନର ସଫଳ ରୂପାୟନ ପାଇଁ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ୩ୟ ପର୍ଯ୍ୟାୟ ଏକ୍ସରେ ପରୀକ୍ଷଣ ଶିବିର ଫତେପୁର ସବ୍‌ସେଣ୍ଟର ଅନ୍ତର୍ଗତ ରୁଦ୍ରପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ର ଅଧିକାରୀ ଡା.କ୍ଷୀତିଶ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏହି ଏକ୍ସରେ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ୧୦୮ ଜଣ ରୋଗୀଙ୍କ ଛାତି ଏକ୍ସରେ ପରୀକ୍ଷଣ କରାଯାଇ ଡାଇବେଟିସ, ରକ୍ତଚାପ ପରୀକ୍ଷଣ ସହ ଯକ୍ଷ୍ମା ରୋଗୀଙ୍କୁ ଶୁଖିଲା ପୁଷ୍ଟିକର ବଣ୍ଟନ କରାଯାଇଥିଲା। ଡା.ଜ୍ଞାନରଞ୍ଜନ ମିଶ୍ର, ପିଏଚ୍‌ଓ ବନୀତାରାଣୀ ଜେନା, ସୁରେନ୍ଦ୍ର ମିଶ୍ର, ରାଜଲକ୍ଷ୍ମୀ ମିଶ୍ର, ଚନ୍ଦ୍ର ପତି ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାପାଳଙ୍କ ସହଯୋଗରୁ ମିଶନ ଶକ୍ତି ଜରିଆରେ ଚିକିତ୍ସାଧୀନ ଟିବି ରୋଗୀମାନଙ୍କୁ ପ୍ରଦାନ କରାଯାଉଥିବା ପୁଷ୍ଟିକର ଖାଦ୍ୟ ବ୍ୟବସ୍ଥା ରୋଗୀମାନଙ୍କୁ ଔଷଧ ସେବନ ପାଇଁ ଅତ୍ୟନ୍ତ ଉତ୍ସାହିତ କରୁଥିବା କଥା ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ପରିଦର୍ଶକ ଏସଟିଏସ ଶୀତିକଣ୍ଠ ମିଶ୍ର ପ୍ରକାଶ କରିଥିଲେ।

## ନିଖୋଜ ପୁଅର ଉଦ୍ଧାର ପାଇଁ ନିବେଦନ



**ପାଣିକୋଇଲି, ୨୫।୫(ସମିସ):** ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କଉଡ଼ିଖୋଲ ମହୀପୁର ଗ୍ରାମର ଅରୁଣ ପରିଡ଼ା ସସ୍ତ୍ରୀକ ତାଙ୍କ ନିଖୋଜ ପୁଅ ଅମିତକୁ ଉଦ୍ଧାର ପାଇ ଆଜି ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟର ପହଞ୍ଚି ଯାଜପୁର ଏସ୍‌ପିଙ୍କୁ ଆକୁଳ ନିବେଦନ କରିଛନ୍ତି। ପ୍ରକାଶଯେ ଅରୁଣଙ୍କ ପୁଅ ଅମିତ (୨୦) ଗତ ମାର୍ଚ୍ଚ ୧୫ ତାରିଖ ଘରୁ ଯାଇ ଆନ୍ଧ୍ରପ୍ରଦେଶ ତିରୁପତି ଟାଟାନଗରସ୍ଥିତ କେନସେସ ହୋଟେଲରେ କର୍ମଚାରୀ ଭାବେ କାର୍ଯ୍ୟକରୁଥିଲା। ନିୟମିତ ଭାବେ ଘର ସହ ସମ୍ପର୍କ ରଖୁଥିଲା। ଗତ ମଇ ୧୭ ତାରିଖ ରାତିରେ ସ୍ୱାଭାବିକ ଭାବେ ଘର ସହ କଥା ହୋଇଥିଲା। କିନ୍ତୁ ୧୯ ତାରିଖ ଦିନ ତାକୁ ଫୋନ କରିବାରୁ ତାର ଫୋନ ସୁଇଚ ଅପ୍ ଥିଲା। ପରେ ଅରୁଣ ହୋଟେଲ ସହ ଯୋଗାଯୋଗ କରିବାରୁ ୧୯ ତାରିଖ ଅଧାକାମ କରି ସେ ଚାଲିଯାଇଥିବା କହିଥିଲେ। ସେହିଦିନ ଠାରୁ ତାହା ସହ କୌଣସି ଯୋଗାଯୋଗ ହୋଇପାରିନଥିଲା। ସେହି ଅଞ୍ଚଳରେ କାମ କରୁଥିବା ଗାଁର ଅନ୍ୟ ଯୁବକ ମାନେ ମଧ ତାକୁ ଖୋଜି ପାଇନଥିଲେ। ଗତ ମଇ ୨୨ ତାରିଖ ଏନେଇ ବାଲିଚନ୍ଦ୍ରପୁର ଥାନାରେ ଅରୁଣ ଅଭିଯୋଗ କରିଥିଲେ। ପୁଅ ନିଖୋଜ ନେଇ ସାମାଜିକ ଗଣମାଧ୍ୟମରେ ପ୍ରଚାର କରିଥିଲେ। କିନ୍ତୁ କିଛି ସୁଫଳ ମିଳିନଥିଲା। ଆଜି ଏସ୍‌ପି ଅଫିସରେ ଥିବା ବେଳେ ଜଣେ ଅଜଣା ବ୍ୟକ୍ତି ତାଙ୍କୁ ଫୋନ କରି ୫୦ ହଜାର ଟଙ୍କା ପୁଅ ପାଇଁ ପଠାଇବାକୁ କହିଥିଲା। ପରେ ସେ ନମ୍ବର ସୁଇଚ ଅପ ହୋଇଯାଇଥିଲା। ଫଳରେ ପୁଅକୁ ଉଦ୍ଧାର କରିବା ଦିଗରେ ଏସ୍‌ପି ପଦକ୍ଷେପ ଗ୍ରହଣ କରିବାକୁ ସେ ଗୁହାରି କରିଛନ୍ତି।

# ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର



**ଦଶରଥପୁର, ୨୫।୫(ସମିସ):** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଦଶରଥପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୧୫୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୪୧ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୫ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦଶରଥପୁର ଆକାଶ ପଟ୍ଟନାୟକ, ତହସିଲଦାରଶୁଭ୍ରାଂଶୁ ସାହୁ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ସମାଜସେବୀଙ୍କ ସ୍ମୃତିଚାରଣ ସଭା




**କଯାଁଗୋଲା, ୨୫।୫(ସମିସ):** ବିଶିଷ୍ଟ ସମାଜସେବୀ କୃଷ୍ଣଚନ୍ଦ୍ର ରାଉତଙ୍କ ଏକଦଶାହ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ପ୍ରଫୁଲ୍ଲ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ପରମେଶ୍ୱର ମିଶ୍ର, ରମେଶ ଚନ୍ଦ୍ର ରାଉତ, ସେବା ନିବୃତ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ମହେନ୍ଦ୍ର କୁମାର ମଲ୍ଲିକ, ପ୍ରଫେସର କୈଳାଶ ଚନ୍ଦ୍ର ସାମଲ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଦୀପ କୁମାର ମହାନ୍ତି, ବିଜୟ କୁମାର ଧଳ, ଚନ୍ଦ୍ରକାନ୍ତ ଘଡେଇ, ପ୍ରାଧ୍ୟାପକ ସୁନାକର ମହାକୁଳ, ଅକ୍ଷୟ କୁମାର ରାଉତ, ପୁରୁଷୋତ୍ତମ ବେହେରା, ମନୋଜ ଧଳ, ଅକ୍ଷୟ ଧଳ, ନରେନ୍ଦ୍ର ସାହୁ, ପରେଶ ସାମଲ ପ୍ରମୁଖ ଯୋଗଦେଇ କୃଷ୍ଣଚନ୍ଦ୍ରଙ୍କ ସ୍ମୃତିଚାରଣ କରିଥିଲେ। ଶରତ ଚନ୍ଦ୍ର ସାମଲ, ପୁତ୍ର ମାନସ, ଜ୍ୟୋତିଷ ରଞ୍ଜନ ଭାଇ ବିବେକାନନ୍ଦ, ସୁବାସ ଚନ୍ଦ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଦାମୋଦର ବେହେରା ସଭା ମଞ୍ଚ ସଞ୍ଚାଳନ କରିଥିଲେ। କୃଷ୍ଣଚନ୍ଦ୍ର ରାଉତ ଜଣେ ଅତ୍ୟନ୍ତ ସରଳ ଓ ମିଷ୍ଟଭାଷୀ ମଣିଷ ଭାବେ ସମାଜରେ ପରିଚିତ ଥିଲେ। ସେ ଦୀର୍ଘ ଦିନ ଧରି ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ କାର୍ଯ୍ୟରତ ଥିଲେ। ଅବସର ପରେ ସେ ସମାଜସେବାରେ ନିଜକୁ ନିୟୋଜିତ କରି ଗାଁର ଉନ୍ନତିମୂଳକ କାର୍ଯ୍ୟରେ ସକ୍ରିୟ କରିଥିଲା। ବିଶେଷ କରି ଗାଁରେ କଲେଜ ନିର୍ମାଣ ପାଇଁ ଅର୍ଥ ସଂଗ୍ରହ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ତାଙ୍କ ଏକଦଶାହ ସ୍ମୃତିଚାରଣ ସଭାରେ ଅଞ୍ଚଳର ବହୁ ଜ୍ଞାନୀ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଗ୍ରାମବାସୀ ଯୋଗଦେଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ବରିଷ୍ଠ ଶିକ୍ଷକଙ୍କ ପରଲୋକ



**ପ୍ରୀତିପୁର, ୨୫।୫(ସମିସ):** ବରିଷ୍ଠ ଶିକ୍ଷାବିତ୍ ନକୁଳ ଚରଣ ସାମଲ (୭୨)ଙ୍କ ପରଲୋକ ହୋଇଯାଇଛି। ବିଞ୍ଝାରପୁର ଥାନା ତଥା ବରୀ ବ୍ଲକର ଅଙ୍ଗାଲୋ ପଞ୍ଚାୟତ ଅନ୍ତର୍ଗତ ଅରିଲୋ ଗ୍ରାମରେ ୧୯୫୫ ମସିହାରେ ସେ ଜନ୍ମ ଗ୍ରହଣ କରିଥିଲେ। ଖରସ୍ରୋତା ଦ୍ୱୀପାଞ୍ଚଳର ଗମନା ଗମନର ଦୁରବସ୍ଥା ସ୍ଥାନୀୟ ବାଳକମାନଙ୍କୁ ଶିକ୍ଷାଗ୍ରହଣ କ୍ଷେତ୍ରରେ ବାଧକ ସାଜୁଥିବାରୁ ଖରସ୍ରୋତା ଦ୍ୱୀପାଞ୍ଚଳରେ ଜଣେ ଶିକ୍ଷକ ଭାବରେ ପ୍ରସ୍ତୁତ କରି ଅଙ୍ଗାଲୋ ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ ସନତ, ସୀମନ୍ତଙ୍କ ସମେତ ବୋହୂ, ଝିଅ ଜ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କର ବିୟୋଗ ଖବର ପାଇଁ ଲେଖକ କୃତ୍ତିବାସ ନାୟକ, ବ୍ରଜକିଶୋର ଲେଙ୍କା, ଦୁଷ୍ମନ୍ତ ନାୟକ, ଜୟନ୍ତ ନାୟକ, ସୁଶାନ୍ତ ନାୟକ, ବସନ୍ତ ନାୟକ, ଗୋବର୍ଦ୍ଧନ ଜେନା, ଅନ୍ତର୍ଯ୍ୟାମୀ ସାମଲ, ପ୍ରବୋଧ ଚନ୍ଦ୍ର ସାମଲ, ଅଙ୍ଗାଳ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ସୁବ୍ରତ ଧଳ, ପ୍ରାଧ୍ୟାପକ ଜୟଦେବ ଥାଟୋଇ, ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

# ଆସୁଛି ବର୍ଷାଦିନ; ହେଲାନି ଡ୍ରେନ୍ ମରାମତି



**ଦାନଗଦି, ୨୫।୫(ସମିସ):** ଆଗକୁ ବର୍ଷାଦିନ ଆସୁଛି ହେଲେ ମିଲିଟାରୀ ଛକ - ମାନପୁର ରାସ୍ତାର ଉଭୟ ପାର୍ଶ୍ୱ ଡ୍ରେନ ଅଧାରେ ଅଟକିଛି। ସାମାନ୍ୟ ବର୍ଷା ଟିକେ ହେଲେ ତ୍ରିଜଙ୍ଗା, ଦାନଗଦି ସମେତ ବିସ୍ଥାପିତ କଲୋନୀରୁ ଆସୁଥିବା ପାଣି ରାସ୍ତା ଉପରେ ଭାସୁଛି। ଦୀର୍ଘ ୩ ବର୍ଷ ଧରି ଏହି ଡ୍ରେନ କାମକୁ ପୂର୍ତ୍ତ ବିଭାଗ ଆରମ୍ଭ କରିଥିଲା। ସିଙ୍ଗାଗାଡ଼ିଆ ଛକ ନିକଟରୁ ଏହି ଡ୍ରେନ କାମ ଉଭୟ ପାର୍ଶ୍ୱରୁ ଆରମ୍ଭ ହୋଇଥିଲା। ସୋଲେଇ ଛକ ଦେଇ ମହାରଣା ଟ୍ରେଡର୍ସ ପର୍ଯ୍ୟନ୍ତ ଏହି ଡ୍ରେନ ନିର୍ମାଣ ହୋଇଥିଲା ହେଲେ ହଠାତ ଏହି କାମକୁ ବନ୍ଦ କରାଯାଇଥିଲା। ଆଗକୁ କାମ ନ କରି ସମ୍ପୃକ୍ତ ଠିକାଦାର ଛୁ' ମାରିଥିଲା। ଫଳରେ ବର୍ଷା ପାଣି ସମେତ ବର୍ଜ୍ୟ ଜଳ ନିଷ୍କାସନ ହେବାରେ ଏବେ ଘୋର ବାଧା ସୃଷ୍ଟି ହେଉଛି। ପୂର୍ବରୁ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଡ୍ରେନ ସବୁ ପୋତି ହୋଇଯିବା ଫଳରେ ଏବେ ପାଣି ନିଷ୍କାସନ ହେବା କଷ୍ଟକର ହୋଇଛି। ପ୍ରାୟ ୪ ହଜାର ଜନସଂଖ୍ୟାକୁ ନେଇ ଅବସ୍ଥିତ ଏହି ବିସ୍ଥାପିତ କଲୋନୀର ମୁଖ୍ୟ ସମସ୍ୟା ହେଉଛି ଏବେ ପାଣି ନିଷ୍କାସନ ହେବା, ପୁରୁଣା ଡ୍ରେନରେ ପାଣି ଜମି ରହିବା ଫଳରେ ମଶା ଓ ନାଁଗୁଡିଆ ପୋକ ସବୁ ସୃଷ୍ଟି ହୋଇ ପରିବେଶକୁ ପ୍ରଦୂଷିତ କରୁଛନ୍ତି। ତୁରନ୍ତ ବର୍ଷା ପୂର୍ବରୁ ଡ୍ରେନର ବ୍ୟବସ୍ଥା କରିବାପାଇଁ ତ୍ରିଜଙ୍ଗା ଗ୍ରାମବାସୀ ସମେତ ବିସ୍ଥାପିତ ଲୋକେ ଦାବି କରିଛନ୍ତି।

## ନଦୀରେ ବୁଡ଼ି ବୃଦ୍ଧ ମୃତ

**ଯାଜପୁର, ୨୫।୫(ସମିସ):** ଯାଜପୁର ସଦର ଥାନା ଅନ୍ତର୍ଗତ ଛତିଶ ଦେବିଲି ପଞ୍ଚାୟତ ହାସିନ୍‌ପୁର ଗ୍ରାମର ବନାମାଳି ଜେନା (୭୦) ଆଜି ସକାଳ ୧୦ଟା ୩୦ ମିନିଟ୍ ସମୟରେ ନିକଟସ୍ଥ ଖରସ୍ରୋତା ନଦୀରେ ଗାଧୋଉ ଥିବା ବେଳେ ଗୋଡ଼ ଖସିଯିବାରୁ ନଦୀର ଗଭୀର ଜଳରେ ବୁଡିଯାଇଥିଲେ। ଖବର ପାଇ ସଦର ଅଗ୍ନିଶମ ବାହିନୀର ରବୀନ୍ଦ୍ର କେତନ ସାହୁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ବୋଟ୍ ସାହାଯ୍ୟରେ ବହୁ ଖୋଜାଖୋଜି କରି ନିରାଶ ହେବାପରେ ଅଗ୍ନିଶମ ବାହିନୀର ବୁଡାଳି ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ୨ଘଣ୍ଟା ପରେ ପ୍ରାୟ ୩୦ ଫୁଟ୍ ଗଭୀର ପାଣି ମଧ୍ୟରୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ଖବର ପାଇ ସଦର ଥାନା ଏସ୍‌ଆଇ ମନୋରଞ୍ଜନ ନାୟକ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାସ୍ଥଳରୁ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି।

## ମୋବାଇଲ ଟାୱାରରୁ ଚୋରି ସାମଗ୍ରୀ ଉଦ୍ଧାର

**ବରୁଆଁ, ୨୫।୫(ସମିସ):** ଯାଜପୁର ସଦର ଥାନା ଅନ୍ତର୍ଗତ ହସନ୍‌ପୁର ଠାରେ ଥିବା ଏକ ଏୟାରଟେଲ ମୋବାଇଲ୍ ଟାୱାରରୁ ବହୁ ମୂଲ୍ୟବାନ ଯନ୍ତ୍ରାଂଶ ଓ ତମ୍ବା ତାର ଆଦି ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଥାନା ଅଧିକାରୀ ଚିନ୍ମୟୀ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ସୁଶାନ୍ତ କୁମାର ଦାଶଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଏହି ଚୋରିରେ ସମ୍ପୃକ୍ତ ୪ ଜଣଙ୍କୁ ଉଠାଇ ଆଣି ଅଧିକ ତଦନ୍ତ ଜାରି ରଖିଥିଲେ। ଆଳୁ ଖୋଳୁ ଖୋଳୁ ମହାଦେବ ବହାରିବା ଭଳି ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ଟାୱାରର ମୂଲ୍ୟବାନ ଯନ୍ତ୍ରାଂଶ ଚୋରିରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଏହି ଚୋରି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନେ ହେଲେ ସଦର ଥାନା ଅନ୍ତର୍ଗତ ଜାଫରପୁର ଅଞ୍ଚଳର ଚନ୍ଦ୍ରଶେଖର ସାହୁ(୨୧), ପ୍ରଶାନ୍ତ କୁମାର ସାହୁ (୧୯), ସିଦ୍ଧାନ୍ତ ଜେନା (୨୩), ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ ଦିଉଳି ଆନନ୍ଦପୁରର ମନୋଜ ସାହୁ (୨୮ )ଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତଙ୍କ ଠାରୁ ୪ଟି ବହୁ ମୂଲ୍ୟବାନ ମେସିନ୍, ଟାୱାରରେ ବ୍ୟବହୃତ ୫୦ ମିଟରରୁ ଉର୍ଦ୍ଧ୍ୱ ଲମ୍ବର ତମ୍ବା ତାର, ୪ଟି ମୋବାଇଲ୍ ଫୋନ୍, ଗୋଟିଏ ବାଇକ୍ ଜବତ ହୋଇଥିବା ଜଣାପଡ଼ିଛି। ଅଭିଯୁକ୍ତ ମାନଙ୍କୁ ଆଜି କୋର୍ଟଚାଲାଣ କରାଯାଇଥିବା ସଦର ପୁଲିସ ସୂଚନା ଦେଇଛି।

## ଛୁରାମାଡ଼ ଘଟଣାରେ ଅଭିଯୁକ୍ତ କୋର୍ଟଚାଲାଣ

**ପାଣିକୋଇଲି, ୨୫।୫(ସମିସ):** ରବିବାର ଗୋଟିଏ ଦୋକାନର ଦୁଇ କର୍ମଚାରଙ୍କ ମଧ୍ୟରେ ମୋବାଇଲକୁ ନେଇ ବଚସାରୁ ପିଠିରେ ଛୁରାମାଡ଼ ହୋଇଥିଲା। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଶୁଭମ ମହନ୍ତଙ୍କୁ ପୁଲିସ ଗିରଫ କରି ଆଜି ଅଦାଲତ ଚାଲାଣ କରିଛି। ଗୁରୁତର ଆହତ କାବୁଲା ବାରିକ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛି। ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ୧୬ ନମ୍ବର ଜାତୀୟ ରାଜପଥରୁ ଦାମୋଦରପୁର ରାସ୍ତାରେ ସେକ୍ ମତଲୁବ ଅଲ୍ଲୀ ଏକ ପାର୍ଟ୍ସ ଦୋକାନ କରିଛନ୍ତି। ତାଙ୍କ ଦୋକାନରେ ୪ଜଣ କର୍ମଚାରୀ ଅଛନ୍ତି। ଶନିବାର ରାତିରେ ଶୋଇବା ବେଳେ ଦେକାନର ଦୁଇ କର୍ମଚାରୀ କାବୁଲି ବାରିକ ଓ ଶୁଭମ ମହନ୍ତଙ୍କ ମଧ୍ୟରେ ମୋବଇଲ ଚଳାଇବାକୁ ନେଇ ବଚସା ହୋଇଥିଲା। ରବିବାର ସକାଳୁ ଶୁଭମ ମହନ୍ତ ଉତ୍‌କ୍ଷିପ୍ତ ହୋଇ କାବୁଲିକୁ ଏକ ଧାରୁଆ ଛୁରିରେ ପଛପଟ ବେକ ତଳକୁ ଆଘାତ କରିଥିଲେ। ଫଳରେ ଛୁରିଟି ସମ୍ପୂର୍ଣ୍ଣ ପିଠି ମଧ୍ୟରେ ପଶି ଯାଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶୁଭମକୁ ଧରି ଥାନାକୁ ଆଣିବା ସହିତ କାବୁଲାକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ସେଠାରେ ତାର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାକୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଅଭିଯୋଗ ପରେ ପୁଲିସ ଏକ ମାମଲା ୧୯୭/୨୬ ରୁଜ୍ଜ କରି ତଦନ୍ତ ଆରମ୍ଭ କରିଥିଲା। ଅପରପକ୍ଷେ ଶୁଭମ ଥାନାରେ ପାଗଳାମୀ ବ୍ୟବହାର କରିବାରୁ ତାକୁ କୋରେଇ ମେଡିକାଲାକୁ ପଠାଯାଇଥିଲା। ମୟୁରଭଞ୍ଜ ଜିଲ୍ଲା ବାରିପଦା ସଦର ଥାନା ଅନ୍ତର୍ଗତ ଟିକରପଡ଼ା ଗ୍ରାମର ଗୋରାଚାନ୍ଦ ମହନ୍ତଙ୍କ ପୁଅ ଶୁଭମ ଓରଫ ରାହୁଳ ମହାନ୍ତ (୨୧)କୁ ଥାନାକୁ ଆଣି ଦଫା ଅଦାଲତ ଚାଲାଣ କରାଯାଇଥିବା ତଦନ୍ତାଧିକାରୀ ଏଏସଆଇ ନିର୍ମଳ ଚୌଧୁରୀ ସୂଚନା ଦେଇଛନ୍ତି।

## ଦୁଇ ଗୋଟି ରାସ୍ତାର ଶିଳାନ୍ୟାଶ

**ଧର୍ମଶାଳା, ୨୫।୫(ସମିସ):** ଧର୍ମଶାଳାହ ଦୁଇ ଗୋଟି ସ୍ଥାନରେ ରାସ୍ତାର ନବୀକରଣ ଓ ପ୍ରଶସ୍ତୀକରଣ ପାଇଁ ଶିଳାନ୍ୟାଶ କରାଯାଇଛି। ଆୟୋଜିତ ଶିଳାନ୍ୟାଶ କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଏପଡ଼ା ଠାରୁ କୋଠିଡିହ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତିକରଣ ପାଇଁ ଶିଳାନ୍ୟାଶ କରିଥିଲେ। ସେହିପରି ପାଟପୁର ଆରଡିରୋଡ ଚଣ୍ଡିଛକ ଠାରୁ ୧୪ ନଂ. କେନାଲ ନାଉପାଳ ଭାୟା ମିର୍ଜାପୁର ରାସ୍ତାର ଉନ୍ନତୀକରଣ ଓ ପ୍ରଶସ୍ତୀକରଣ ପାଇଁ ଆଜି ବିଧାୟକ ଶିଳାନ୍ୟାଶ କରିଛନ୍ତି। ଏହି ଉତ୍ସବରେ ଜିଲ୍ଲା ପରିଷଦ ସଦସ୍ୟ ଜଳଧର ମହାନ୍ତି, ବ୍ଲକ ଅଧକ୍ଷା ସୁଚିସ୍ମିତା ଦାସ, ଉପାଧକ୍ଷ ବିଶ୍ୱବିଜୟିନୀ ମିଶ୍ର, ବିଜେପି ନେତା କାହ୍ନୁଚରଣ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ। ଅଜି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅଧିକ୍ଷଣ ଯନ୍ତ୍ରୀ ରାଜେଶ୍ୱରୀ ଭୋଳ ଓ କନିଷ୍ଠ ଯନ୍ତ୍ରୀମାନେ ଶିଳାନ୍ୟାଶ ସ୍ଥଳରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଯୁବ ସଙ୍ଗଠକ ରାଜେଶ କୁମାର ପାଳ, ଦେବରାଜ ମିଶ୍ର, ଜିତେନ୍ଦ୍ର ରାଉତ, ପ୍ରଦୀପ ପରିଡ଼ା, ପ୍ରଶାନ୍ତ ନାୟକ, ଦେବଦତ୍ତ ପଣ୍ଡା, ଆଲୋକ ଲେଙ୍କା, ଚନ୍ଦ୍ରମଣି ପଣ୍ଡିତ, ପ୍ରିୟବ୍ରତ ସବ୍ୟସାଚୀ ସୁନ୍ଦରରାୟ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## ସାହାରପଡ଼ାରେ ତାଣ୍ଡବରଚିଲା କାଳ ବୈଶାଖୀ

# ଯଜ୍ଞ ଟେଣ୍ଟ ଉପରେ ଗଛପଡ଼ି ୫ ଆହତ





ତୁରୁମୁଙ୍ଗା,୨୫।୫(ସମିସ)

କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅଞ୍ଚଳରେ ସୋମବାର ଅପରାହ୍ଣରେ ହଠାତ କଳା ହାଣ୍ଡିଆ ମେଘ ଘୋଟି ଆସିବା ସହ ପ୍ରବଳ ପବନ ବୋହିବା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ମାଛଗଡ଼ ପଞ୍ଚାୟତ ଅଞ୍ଚଳରେ ଅନେକ କ୍ଷୟକ୍ଷତି ହୋଇଥିବା ବେଳେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଛି। ମାଛଗଡ଼ ପଞ୍ଚାୟତ କମାରମରା ଗ୍ରାମର ନୂଆ ସାହିରେ ନାମ ଯଜ୍ଞ ଚାଲିଥିବା ସମୟରେ ଟେଣ୍ଟ ଉପରେ ବିରାଟ ଗଛ ପଡ଼ିଯିବାରୁ ଟେଣ୍ଟ ଭାଙ୍ଗିବା ସହ ୫ ଜଣ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ନାମଯଜ୍ଞ କିଛି ସମୟ ପାଇଁ ବ୍ୟାହତ ହୋଇଥିବା ବେଳେ ପରେ ପୁନର୍ବାର ନାମଯଜ୍ଞ ଚାଲୁ ରହିଥିଲା। ଆହତଙ୍କୁ ଗ୍ରାମବାସୀ ଉଦ୍ଧାର କରିବା ସହ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଜଣା ପଡ଼ିଛି। ଏଥି ସହ ମାଛଗଡ଼ ବିରଳ ସାହିରେ କିଛି ଲୋକଙ୍କ ଆଜବେଷ୍ଟସ୍ ଛପର ଉଡ଼ି ଗଛ ଉପରେ ଲାଗି ରହିବା ସହ ପାଣି ଟ୍ୟାଙ୍କର ଗୁଡିକୁ ମଧ୍ୟ ପବନ ଉଡ଼ାଇ ନେଇଥିଲା। ସେହିପରି କାଳିଆଦୁମା ଗ୍ରାମର କୃଷ୍ଣ ହେଁସା, ରାମୁ ମୁଣ୍ଡା, ଦୁର୍ଗା ମୁଣ୍ଡା, ପଦ୍ମଲୋଚନ ସିଧୁ, ଦୁର୍ଗା ମୁଣ୍ଡା ଓ ଟିପୁ ନାଥ ହୋଙ୍କ ଘରର ଛପର ପବନ ଉଡ଼ାଇ ନେଇଛି। ଅଞ୍ଚଳରେ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିବା ଯୋଗୁଁ ବିଦ୍ୟୁତ ସେବା ବ୍ୟାହତ ହୋଇଛି।

# ରୋହଣୀଦୁମା ଅଞ୍ଚଳରେ କାଳବୈଶାଖୀ, ବ୍ୟାପକ କ୍ଷୟକ୍ଷତି

ତୁରୁମୁଙ୍ଗା,୨୫।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ରୋହଣୀଦୁମା ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ରବିବାର ରାତିରେ ହଠାତ୍ ଝଡ଼ବର୍ଷା ସହ ପ୍ରବଳ ପବନ ହେବାରୁ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ପବନର ପ୍ରକୋପରେ




ଅନେକ ଘରର ଟାଇଲ ଓ ଆଜବେଷ୍ଟସ୍ ଛପର ଉଡ଼ିଯାଇଛି। ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଛି। ଏଥିସହ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇଥିବାରୁ ଅଞ୍ଚଳରେ ଗତକାଲିଠାରୁ ବିଦ୍ୟୁତ ସେବା ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। କାଳବୈଶାଖୀ ପରେ ସାଧାରଣ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି।

# ସୋସିଆଲ ଅଡିଟ୍ ସମୟରେ ଭିଆରପିଙ୍କୁ ଆକ୍ରମଣ



ହାଟଡିହୀ,୨୫।୫(ସମିସ): ହାଟଡିହୀ ବ୍ଲକ ମରେିଗାଁସ୍ଥିତ ଖପରାଖାଇ ଠାରେ ମନରେଗା କାମର ସୋସିଆଲ ଅଡିଟ୍ କରିବାକୁ ଯାଇଥିବା ଭିଆରପିଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ଖପରାଖାଇ ଠାରେ ୯ ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ରାସ୍ତା କାମର ଅଡିଟ କରିବାକୁ ମରେିଗାଁ ସରପଞ୍ଚଙ୍କ ପ୍ରତିନିଧି ସୁରେନ୍ଦ୍ର ଜେନା, ବ୍ଲକ୍ ବିଏସ୍ଏ ବିଜୟ ସେଠୀଙ୍କ ସହ ଭିଆର୍‌ପି ବିଜୟଲକ୍ଷ୍ମୀ ରାଉତ ଓ ପ୍ରମିଳା ବରାଳ ଯାଇଥିଲେ। ଅଡିଟ ସମୟରେ ସେହି ବାଟଦେଇ ଯାଉଥିବା ଜଣେ ବ୍ୟକ୍ତି ସରପଞ୍ଚ ପ୍ରତିନିଧିଙ୍କ ସହ କାମକୁ ନେଇ ଭୀଷଣ ଯୁକ୍ତିତର୍କ କରିଥିଲେ। ଉଭୟଙ୍କ ଯୁକ୍ତି ଭିତରେ ସେହି ବ୍ୟକ୍ତି ଜଣଙ୍କ ଉତ୍ତ୍ୟକ୍ତ ହୋଇ ସ୍କୁଟି ଉପରେ ବସିଥିବା ଭିଆର୍‌ପି ବିଜୟ ଲକ୍ଷ୍ମୀଙ୍କୁ ଧକ୍କା ମାରି ରାସ୍ତାକଡ଼ ନୟନ ଯୋରୀକୁ ଠେଲି ଦେଇଥିଲେ। ଯାହା ଫଳରେ ବିଜୟଲକ୍ଷ୍ମୀ ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡ, ହାତ, ଛାତି ସହ ଆଣ୍ଠୁରେ ଗଭୀର ଯନ୍ତ୍ରଣା ହୋଇଛି। ସାଙ୍ଗରେ ଯାଇଥିବା ବ୍ଲକ୍ ବିଏସ୍ଏ ବିଜୟ ସେଠୀ ଏବଂ ଶ୍ରୀ ଜେନା ଆମ୍ବୁଲାନ୍ସ ଯୋଗେ ବିଜୟ ଲକ୍ଷ୍ମୀଙ୍କୁ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ସ୍ଥାନାନ୍ତର କରି ଚିକିତ୍ସା କରାଇଥିଲେ। ଗୋଡ଼ ଯନ୍ତ୍ରଣା ଅତ୍ୟଧିକ ହେବାରୁ ଉନ୍ନତ ଚିକିତ୍ସା ଲାଗି ଡାକ୍ତର ବିଜୟଲକ୍ଷ୍ମୀଙ୍କୁ କଟକ ପଠାଇଛନ୍ତି। ଘଟଣାକୁ ନେଇ ବିଡିଓ ରଞ୍ଜନ ପରିଡ଼ାଙ୍କୁ ପଚାରିବାରୁ, ଆଜି ଭିଆର୍‌ପିଙ୍କ ଚିକିତ୍ସା ଲାଗି ବ୍ୟସ୍ତ ଥିବାରୁ ଆସନ୍ତାକାଲି ମାଡ଼ ମାରିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ଥାନାରେ ଅଭିଯୋଗ ହେବ।

# ରଶି ଲଗାଇ ବୃଦ୍ଧଙ୍କ ଆତ୍ମହତ୍ୟା

ତୁରୁମୁଙ୍ଗା,୨୫।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କଣ୍ଟିଆପଡା ପଞ୍ଚାୟତ ଯାମୁନାଳିଆ ଗ୍ରାମର ମହେଶ୍ୱର ନାଏକଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ନାଏକ (୫୫) ଙ୍କ ଝୁଲନ୍ତା ମୃତଦେହ ରବିବାର ସନ୍ଧ୍ୟାରେ ଘର ନିକଟ ଏକ ଜାମୁ ଗଛରୁ ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ ରବିବାର ଦିନ ୨ଟା ସମୟରେ ପୂର୍ଣ୍ଣଚନ୍ଦ୍ର ଶୌଚ ହେବାକୁ ଯାଉଛି କହି ଘରୁ ବାହାରି ଯାଇ ଗାଁ ଠାରୁ କିଛି ଦୂରରେ ଥିବା ଏକ ଜାମୁଗଛରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିଲେ। ସନ୍ଧ୍ୟା ସମୟରେ ଗାଁ ଲୋକେ ଶୌଚ ହେବାକୁ ଯାଇଥିବା ବେଳେ ଜାମୁ ଗଛରେ ପୂର୍ଣ୍ଣଚନ୍ଦ୍ରଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ପରେ ତାଙ୍କର ପରିବାର ଲୋକଙ୍କୁ ଖବର ଦେଇଥିଲେ। ଘଟଣାସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

# ମା' ମଙ୍ଗଳା ୟୁଥ୍ କ୍ଲବ୍ ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ଯୋଡ଼ା,୨୫।୫(ସମିସ): ଯୋଡ଼ା ସହରର ୱାର୍ଡ ନଂ-୯ ରେ ମା' ମଙ୍ଗଳା ୟୁଥ୍ କ୍ଲବ୍ ପକ୍ଷରୁ ଏକ ତିନିଦିନିଆ ସର୍ଟ ବାଉଣ୍ଡାରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ଗତ ୨୨ ତାରିଖରୁ ଆରମ୍ଭ ହୋଇ ୨୪ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ୭ ଓଭର ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଚମ୍ପୁଆ, ଝୁମ୍ପୁରା, କେନ୍ଦୁଝର ସହ ଯୋଡ଼ାର ବିଭିନ୍ନ ୱାର୍ଡରୁ ଦଳଗୁଡ଼ିକ ଭାଗ ନେଇ ଖେଳ ପ୍ରେମୀଙ୍କୁ ରୋମାଞ୍ଚକର ମ୍ୟାଚ ଦେଖାଇଥିଲେ। ଫାଇନାଲ ମ୍ୟାଚରେ ଏସ୍ଏନ୍‌ୱାଇସି ଦଳ ଓ ଦୀନେଶ ଇଲେଭେନ ମଧ୍ୟରେ ହୋଇଥିବା ଟକ୍କରରେ ପ୍ରଥମେ ବ୍ୟାଟିଂ କରି ଏସ୍ଏନ୍‌ୱାଇସି ଦଳ ୭୯ ରନ ସଂଗ୍ରହ କରିଥିଲା। ପରେ ଦୀନେଶ ଇଲେଭେନ୍ ଦଳ ଦମଦାର ପ୍ରଦର୍ଶନ କରି ମାତ୍ର ୪ ଓଭରରେ ଲକ୍ଷ୍ୟ ହାସଲ କରି ଚାମ୍ପିଅନ ହୋଇଥିଲା। ଫାଇନାଲରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସୁରଜ ସିଂହଙ୍କୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ' ପୁରସ୍କାର ପ୍ରଦାନ କରାଯାଇଥିଲା।

ଉଦ୍‌ଯାପନୀ ଉତ୍ସବରେ ଯୋଡ଼ା ପୌରପାଳିକାର ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଓ ରନର୍ସଅପ୍ ଦଳଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରକାଶ ମହାନ୍ତି, ସୁନୀଲ ସାମଲ, ଦୁର୍ଗା ପ୍ରସାଦ ମହାନ୍ତି ଓ ରତ୍ନାକର ମହାପାତ୍ର ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ଦୀନେଶ ଇଲେଭେନ୍ ଚାମ୍ପିଅନ ହୋଇ ଟ୍ରଫି ସହ ୧୫ ହଜାର ଟଙ୍କା ପୁରସ୍କାର ପାଇଥିବାବେଳେ ଏସ୍ଏନ୍‌ୱାଇସି ଯୋଡ଼ା ରନର୍ସ ଅପ୍ ହୋଇ ଟ୍ରଫି ସହ ୧୦ ହଜାର ଟଙ୍କା ପାଇଥିଲା। ସେହିପରି ଏମ୍ଏମ୍ଆର୍ ଯୋଡ଼ା ତୃତୀୟ ସ୍ଥାନ ଅଧିକାର କରି ଟ୍ରଫି ସହ ୫ ହଜାର ଟଙ୍କା ପୁରସ୍କାର ହାସଲ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟକୁ ମାୟାଧର ପାତ୍ର, ଅଭିଷେକ ଦେଓଗମ, ଘନଶ୍ୟାମ ପାତ୍ର, ମଣ୍ଟୁ ଓ ମା' ମଙ୍ଗଳା ୟୁଥ୍ କ୍ଲବ୍‌ର ସଦସ୍ୟମାନେ ସଫଳ ଭାବେ ପରିଚାଳନା କରିଥିଲେ।

# ନଦୀ ପାର ବେଳେ ବୁଡ଼ିଗଲେ ବୃଦ୍ଧ

ତୁରୁମୁଙ୍ଗା,୨୫।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଡୁମୁରିଆର ବୈତରଣୀ ନଦୀ ଘାଟରେ ସୋମବାର ନଦୀ ପାର ହେଉଥିବା ସମୟରେ ଜଣେ ବୃଦ୍ଧ ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତକ ହେଲେ ପଲାଣଘାଟି ପଞ୍ଚାୟତ କୁମୂଳାବାହଳୀ ଗ୍ରାମର ରବି ମହାନ୍ତ(୬୨)। ରବି ତାଙ୍କ ଭାଉଜଙ୍କ ସହ ନଦୀ ପାର ହେଉଥିବା ସମୟରେ ଗଭୀର ଗଣ୍ଡରେ ଗୋଡ଼ ଖସିଯିବାରୁ ବୁଡ଼ିଯାଇଥିଲେ। ଖବର ପାଇ ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପାଟଣା ମେଡିକାଲକୁ ପଠାଇଛି। ଏ ନେଇ ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ସତ୍‌ସଙ୍ଗୀ ଭୀମସେନ ସାହୁଙ୍କ ଏକାଦଶାହ



ଆନନ୍ଦପୁର,୨୫।୫(ସମିସ): ଆନନ୍ଦପୁର ବ୍ଲକ୍ ବାରିଗାଁ ଗ୍ରାମର ଠାକୁର ଶ୍ରୀଅନୁକୂଳଚନ୍ଦ୍ର ସତ୍‌ସଙ୍ଗୀ ଭୀମସେନ ସାହୁଙ୍କ ଏକାଦଶାହରେ ସ୍ମୃତି ସଭା ଓ ଭକ୍ତି ସଂଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ପରେ ସଂଗୀତ ଗୁରୁ ରବୀନ୍ଦ୍ର ବଳଙ୍କ ସଂଯୋଜନାରେ ସଂଗୀତ ଗୁରୁ ଦୀପ୍ତିକାନ୍ତ ଜେନା ଅଳକା ମହାନ୍ତି ବାସନ୍ତୀ ସାହୁ, ଶ୍ରେୟା ଜେନା, ସତ୍ୟବ୍ରତ ପାତ୍ର ସୁଦର୍ଶନ ଜେନା, ସଂଗୀତ ଗୁରୁ ହରିହର ଜେନା, ମଦନ ପାଣି ପ୍ରମୁଖ ଭକ୍ତି ସଂଗୀତ ପରିବେଷଣ କରିଥିଲେ।

# ମଦ ଜବତ; ୩ ଜଣ ଗିରଫ



ହାଟଡିହୀ,୨୫।୫(ସମିସ): କେନ୍ଦୁଝର ଅବକାରୀ ଅଧୀକ୍ଷକ ତେଜରାଜ ଯାନୀଙ୍କ ନିର୍ଦ୍ଦେଶକ୍ରମେ ହାଟଡିହୀ ଅବକାରୀ ବିଭାଗ ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡିହୀ ଅବକାରୀ ଥାନା ଷ୍ଟାଫ୍‌ମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ସୋସୋ ଥାନା ଅନ୍ତର୍ଗତ ପୁରୁଣାପାଣି, ଡେଙ୍ଗାଚୁଆ, ସଡ଼ା, ମରେିଗାଁ ଅଞ୍ଚଳରେ ଚଢ଼ଉ କରି ୧୭୩ ଲିଟର ଦେଶୀ ମଦ, ୧୫୦୦ଲିଟର ମହୁଲ ପୋଚ ଓ ୧୫.୬୦୦ଲିଟର ବିୟର ଓ ୨.୮୮୦ଲିଟର ବିଦେଶୀ ମଦ ଜବତ କରିବା ସହ ସଞ୍ଜୟ ବିଶ୍ୱାଳ, ଶାକର ଟୁଡୁ, ମାଳତୀ ଜେନାଙ୍କୁ ଗିରଫ୍ କରିଛି ଅବକାରୀ ବିଭାଗ। ଏ ନେଇ ହାଟଡିହୀ ଅବକାରୀ ଥାନା ପକ୍ଷରୁ ୪ଟି ଅବକାରୀ ମାମଲା ରୁଜୁ କରାଯାଇଛି। ଏହି ଚଢ଼ଉରେ ହାଟଡିହୀ ଅବକାରୀ ଥାନା ସହ ଉପ-ନିରୀକ୍ଷକ ସୁଶାନ୍ତ ରାଉତ, କନେଷ୍ଟବଳ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ଏବଂ ଅନ୍ୟ କର୍ମଚାରୀ ଏହି ଚଢ଼ଉରେ ସାମିଲ ଥିଲେ।

# ଦୁର୍ଘଟଣାରେ ଯୁବଦ୍ୟୋଗୀଙ୍କ ମୃତ୍ୟୁ



ଆନନ୍ଦପୁର,୨୫।୫(ସମିସ): ଘସିପୁରା ବ୍ଲକ ବରିପାଳ ପଞ୍ଚାୟତ ନାରଙ୍ଗପୁର ଗ୍ରାମର ଅନାଦି ପୃଷ୍ଟିଙ୍କ ପୁଅ ତଥା ଯୁବଦ୍ୟୋଗୀ ସାଗର ପୃଷ୍ଟିଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ଆଜି ଚେନ୍ନାଇ ଯିବାକୁ କାର୍‌ରେ ଭୁବନେଶ୍ୱର ବିମାନ ବନ୍ଦରକୁ ଯାଉଥିବା ସମୟରେ ଯାଜପୁର ଜିଲ୍ଲା ଛତିଆ ନିକଟରେ ଏକ ଟ୍ରକ ପଛରୁ ପିଟିଦେବାରୁ କାରଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସାଗରଙ୍କୁ ଭୁବନେଶ୍ୱର ଏମ୍ସକୁ ଚିକିତ୍ସା ପାଇଁ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।

# ଗାତରେ ପଡ଼ି ଶିଶୁ ମୃତ



ହାଟଡିହୀ,୨୫।୫(ସମିସ): ସୋସୋ ଥାନା ଅନ୍ତର୍ଗତ ଝଣଝଣା ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ଲିକେଜ୍ ପାଣି ପାଇପ୍ ମରାମତି ପାଇଁ କମ୍ପାନୀ ଖୋଳିଥିବା ଖାଲରେ ପଡ଼ି ଜଣେ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ଅଭିଯୋଗ ଅନୁସାରେ, ଗାଁରେ ମେଗା ପାନୀୟ ଜଳ ପ୍ରକଳ୍ପର ପାଇପ ଲିକ୍ କରିବାରୁ କମ୍ପାନୀ କର୍ତ୍ତୃପକ୍ଷ ପାଇପ୍ ଲିକେଜ୍ ମରାମତି ପାଇଁ ରାସ୍ତା ମଝିରେ ଏକ ବିରାଟ ଗାତ ଖୋଳିଥିଲେ। ହେଲେ ଏହି ଘଟଣାକୁ ୫ବର୍ଷ ବିତିଯାଇଥିଲେ ବି ଆଉ ମରାମତି କଲେନି କି ଖାଲଟିକୁ ପୋତିଲେନି। ସ୍ଥାନୀୟ ଝଣଝଣା ଗ୍ରାମର ଜଣେ ବ୍ୟକ୍ତିଙ୍କ ଦୁଇବର୍ଷର ଶିଶୁପୁତ୍ର ଅସାବଧାନତା ବଶତଃ ସେହି ଗାତରେ ପଡ଼ି ପ୍ରାଣ ହରାଇଥିବା ଜଣାପଡ଼ିଛି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ସୋସୋ ପୁଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହ ଘଟଣା ସମ୍ପର୍କରେ ତଦନ୍ତ ଚଳାଇଛି।

## ■ ନଦୀରୁ ବାଲି ଚୋରି

# ଜେସିବି, ହାଇୱା ସହ ଟ୍ରାକ୍ଟର ଜବତ, ୪ଗିରଫ



ଆନନ୍ଦପୁର,୨୫।୫(ସମିସ): ନିଲାମ ସ୍ଥାନରୁ ବାଲି ଉଠାଣ ବଦଳରେ ନଦୀରୁ ବାଲି ଚୋରି କରିବା ମହଙ୍ଗା ପଡ଼ିଛି। ଗୋଟିଏ ଜେସିବି, ହାଇୱା ଓ ଦୁଇ ଟ୍ରାକ୍ଟରୁ ଜବତ କରିଛି ପୁଲିସ। ଏଥିସହ ୪ଜଣଙ୍କୁ ଗିରଫ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଘସିପୁରା ଥାନା ଅନ୍ତର୍ଗତ ବୀରଗୋବିନ୍ଦପୁର ନିକଟରେ ବେଆଇନ ବାଲି ଚାଲାଣ ବେଳେ ଗତ ଦିନରେ ପୁଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଚଢ଼ଉ କରି ବିପୁଳ ପରିମାଣର ବାଲି ଜବତ କରି ନିଲାମ କରିଥିଲା। କିନ୍ତୁ ସମ୍ପୃକ୍ତ ଜାଗା ମାଲିକ ଚୋରା ବାଲିକୁ ନିଲାମ ନେଇ ପୁଣି ବୈତରଣୀ ନଦୀରୁ ଚୋରା ବାଲି ଚାଲାଣ କରିଥିବା ବେଳେ କାଲି ବିଳମ୍ବିତ ରାତିରେ ସ୍ୱତନ୍ତ୍ର ଟିମ୍ ଚଢ଼ଉ କରି ବୀରଗୋବିନ୍ଦପୁର ନଦୀ ଘାଟରୁ ଏହି ଜେସିବି, ଟ୍ରାକ୍ଟର ଓ ହାଇୱା ଜବତ କରିଛି। ଅନ୍ୟପକ୍ଷରେ ଅନ୍ଧାରର ସୁଯୋଗ ନେଇ ଦଶରୁ ଊର୍ଦ୍ଧ୍ୱ ହାଇୱା ଓ ଟ୍ରାକ୍ଟର ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏହି ବାଲି ଚୋରା କାରବାରରେ ତାଳଗାଁ ଗ୍ରାମର ସଞ୍ଜୟ ଚକ୍ର, ପଣ୍ଡୁଆ ଗ୍ରାମର ଦେବାଶିଷ ଜେନା, ବୀରଗୋବିନ୍ଦପୁର ବରଜୁ ନାଇକ, ତାଳଗାଁର ବିଭୂତି ଚକ୍ରଙ୍କୁ ଅଟକ ରଖି ତଦନ୍ତ କରୁଥିବା ଜଣାଯାଇଛି।

# ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ପକ୍ଷରୁ ସେଲ୍‌ଟର୍ ହାଉସ ଉଦ୍‌ଘାଟିତ

ଆନନ୍ଦପୁର,୨୫।୫(ସମିସ): ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସାଧୀନ କ୍ୟାନ୍ସର ରୋଗୀମାନଙ୍କ ପାଇଁ ନଭୀ ମୁମ୍ବାଇର ଖାରଘରଠାରେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ପକ୍ଷରୁ ଏକ ନୂତନ ସେଲ୍‌ଟର୍ ହାଉସ ଉଦ୍‌ଘାଟିତ ହୋଇଯାଇଛି। ଏହି ମାନବିକ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ସାମାଜିକ କର୍ମୀ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ମ୍ୟାନେଜିଂ ଡାଇରେକ୍ଟର ସତୀଶ ପାଇ ଓ ତାଙ୍କ ପତ୍ନୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ଗଣପତ କୋଠାରୀ, ଡା. ରୀତା ମୋଦୀ, ଆଣ୍ଟି କରପ୍ସନ ଇଣ୍ଟେଲିଜେନ୍ସ କମିଟିର ସଭାପତି ଆଶୁତୋଷ ତ୍ରିପାଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।




ହିନ୍ଦାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର କ୍ଲଷ୍ଟର ହେଡ୍ କୈଳାସ ପାଣ୍ଡେ ମଧ୍ୟ ଉପସ୍ଥିତ ଥିଲେ। ଡୁପ୍ଲିକେଟ ସଚିନ ତେନ୍ଦୁଲକର ଭାବେ ପରିଚିତ ବଲରାଜ ସିଂହ, ଟାଇମ୍ସ ଅଫ୍ ଇଣ୍ଡିଆର ସମ୍ପାଦକ ନିର୍ମଳ ମିଶ୍ର ଯୋଗଦେଇ କ୍ୟାନ୍ସର ରୋଗୀମାନଙ୍କ ମନରେ ଖୁସି ଓ ଉତ୍ସାହ ଭରି ଦେଇଥିଲେ। ୫୦ ଜଣ କ୍ୟାନ୍ସର ରୋଗୀ ଓ ତାଙ୍କ ସହଯାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ସହଯୋଗ କରିଥିବା ପ୍ରାୟ ୨୦ ଜଣ ସମର୍ଥକଙ୍କୁ ସମ୍ମାନିତ କରାଯାଇଥିଲା। ଫାଉଣ୍ଡେସନର ଟ୍ରଷ୍ଟି ବି.କେ. ପାଣିଗ୍ରାହୀଙ୍କ ନେତୃତ୍ୱରେ ଓ ଦୀପକ ସାହୁଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମନୋଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କ୍ୟାପଟେନ୍ ସେଲ୍ପି ମିଶ୍ର ଓ ସୌମ୍ୟ ମହାପାତ୍ର କ୍ୟାନ୍ସର ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ।

# ଗରା ବାଲ୍‌ଟି ଧରି ବିଡିଓଙ୍କୁ ଭେଟିବାକୁ ୧୮ କିମି ଗଲେ ଗ୍ରାମବାସୀ

ତୁରୁମୁଙ୍ଗା,୨୫।୫(ସମିସ)

## ଅଭିନବ ପ୍ରତିବାଦ



କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ବଣମହୁଲଡିହା ଗ୍ରାମ ପାତୁଲୁସାହିରେ ଦୀର୍ଘ ଦିନ ଧରି ନଳକୂପ ଅଚଳ ଥିବାରୁ ପାଣି ସମସ୍ୟାରେ ନାକେଦମ ହୋଇଥିବା ଗ୍ରାମବାସୀ ସୋମବାର ପିଇବା ପାଣି ପାଇଁ ନୂଆ ଢଙ୍ଗରେ ପ୍ରତିବାଦ କରିଛନ୍ତି। ଗରା ବାଲଟି ଧରି ଟ୍ରାକ୍ଟରରେ ୧୮ କିଲୋମିଟର ଯାତ୍ରା କରି ଆସି ପାଟଣା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କୁ ଗୁହାରି ଜଣାଇଛନ୍ତି। ଗାଁରେ ପିଇବା ପାଣି ସମସ୍ୟାକୁ ନେଇ ଏଭଳି ଅଭିନବ ପ୍ରତିବାଦ କରିଥିଲେ ମହିଳା। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଦୀର୍ଘ ଦିନ ଧରି ଗାଁର ନଳକୂପ ଅଚଳ ହୋଇ ପଡ଼ିଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଉନଥିଲା। ଫଳରେ ପ୍ରତିଦିନ ଦୂରଦୂରାନ୍ତରୁ ପାଣି ଆଣିବା ସହ ଚୁଆ ଓ ପୋଖରୀ ପାଣିକୁ ଆଣି ପାନୀୟ ଜଳ ରୂପେ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଏଭଳି ପ୍ରତିବାଦ ପରେ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ ଗ୍ରାମବାସୀଙ୍କ ସହ ଆଲୋଚନା କରି ସନ୍ଧ୍ୟା ସୁଦ୍ଧା ଅଚଳ ନଳକୂପର ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରଶାସନର ଏହି ପ୍ରତିଶ୍ରୁତି ପରେ ଗ୍ରାମବାସୀ ପ୍ରତିବାଦରୁ ହଟିବା ସହ ପ୍ରଚଣ୍ଡ ଖରାରେ ପୁଣି ଟ୍ରାକ୍ଟରରେ ୧୮ କିଲୋମିଟର ଗାଁ କୁ ଫେରିଥିଲେ। ଏ ନେଇ ପାଟଣା ବିଡିଓ କହିଛନ୍ତି ପୂର୍ବରୁ ପାନୀୟ ଜଳ ସମସ୍ୟା ଥିବା ନେଇ କେହି ଜଣାଇ ନଥିଲେ। ଆଜି ଜାଣିବା ପରେ ଏକ ଟିମ୍ ଗାଁକୁ ଯାଇ ନଳକୂପ ମରାମତି କରି ସନ୍ଧ୍ୟା ସୁଦ୍ଧା ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର କରାଯିବ ବୋଲି କହିଛନ୍ତି।

# ଚଳନ୍ତା ଟ୍ରେନ୍‌ରୁ ପଡି ଏସ୍‌ବିଆଇ କର୍ମଚାରୀଙ୍କ ମୃତ୍ୟୁ

## ଅମ୍ବାଦଳା ରେଳ ଷ୍ଟେସନରେ ଅଘଟଣ



ମୁନିଗୁଡା,୨୫।୫(ସମିସ): ରାୟଗଡ଼ା ଜିଲ୍ଲା ଅମ୍ବାଦଳା ରେଳ ଷ୍ଟେସନରେ ସୋମବାର ସକାଳେ ଏକ ଦୁର୍ଘଟଣାରେ ଏସବିଆଇ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଳାହାଣ୍ଡି ଜିଲ୍ଲା ରଜା ଲାଞ୍ଜିଗଡ଼ସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାର କର୍ମଚାରୀ ଦିଲୀପ କୁମାର ସାବତ। ସୂଚନାନୁସାରେ, ସେ ଭୁବନେଶ୍ୱର-ଜୁନାଗଡ଼ ଏକ୍ସପ୍ରେସ୍ ଯୋଗେ ଯାତ୍ରା କରୁଥିଲେ। ସକାଳ ପ୍ରାୟ ୮ଟା ୩୦ ମିନିଟ୍ ସମୟରେ ଟ୍ରେନ୍‌ଟି ଅମ୍ବାଦଳା ରେଳ ଷ୍ଟେସନରେ ପହଞ୍ଚିବା ବେଳେ ସେ ଓହ୍ଲାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ଟ୍ରେନ୍‌ଟି ସଂପୂର୍ଣ୍ଣ ରୂପେ ରୋକି ନଥିବା ସମୟରେ ଓହ୍ଲାଉଥିବା ବେଳେ ହଠାତ୍ ତାଙ୍କର ଗୋଡ଼ ଖସିଯାଇଥିଲା। ଫଳରେ ସେ ପ୍ଲାଟଫର୍ମ ନିକଟରେ ପଡ଼ି ଗୁରୁତର ଆହତ ହୋଇଥିଲେ। ଖବର ପାଇ ରେଳବାଇ ସୁରକ୍ଷା ବଳ ଓ ରେଳ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଅମ୍ବାଦଳା ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ଉନ୍ନତ ଚିକିତ୍ସା ପାଇଁ ଭବାନୀପାଟଣା ମେଡିକାଲକୁ ସ୍ଥାନାନ୍ତର ପରାମର୍ଶ ଦେଇଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ଭବାନୀପାଟଣା ନେବା ବାଟରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ଘଟଣା ପରେ ବ୍ୟାଙ୍କ କର୍ମଚାରୀ ମହଲ ସହ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ନିଖିଲ ହତ୍ୟାକାଣ୍ଡ ଘଟଣାରେ ଗିରଫଦାରୀ ସଂଖ୍ୟା ୧୬କୁ ବୃଦ୍ଧି

# କର୍ଣ୍ଣାଟକରୁ ୩, ଆନ୍ଧ୍ରରୁ ଜଣେ ଗିରଫ

ରାୟଗଡ଼,୨୫।୫(ସମିସ): ରାୟଗଡ ସହରର ଆମ୍ବେଦକର (ରେଲି ସାହି) ସାହିରେ ରହୁଥିବା ୧୯ବର୍ଷିୟ ହାଡପା ନିଖିଲକୁ ଗତ ୯ ତାରିଖ ରାତ୍ରରେ ସହରର ଇନ୍ଦିରା ନଗର ତୃତୀୟ ଲାଇନରେ ଗୁଳିକାଣ୍ଡ ପରେ ହତ୍ୟା କରାଯାଇଥିଲା। ଘଟଣାରେ ପୂର୍ବରୁ ୧୨ଜଣ ଅଭିଯୁକ୍ତ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ବେଳେ ରାୟଗଡ ପୁଲିସ ଏହି ମାମଲାରେ ଆଉ ୪ଜଣ ଷଡଯନ୍ତ୍ରକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଯେଉଁଠି ଏହି ମାମଲାରେ ଗିରଫଦାରୀ ସଂଖ୍ୟାରେ ବୃଦ୍ଧି ହୋଇ ୧୬ରେ ପହଞ୍ଚିଥିବା ନେଇ ଏସ୍‌ପି ସ୍ୱାତୀ ଏସ କୁମାର ପ୍ରେସ ବିବୃତି ମାଧ୍ୟମରେ ଜଣାଇଛନ୍ତି। ଗିରଫ ୪ଜଣ ହେଲେ ଟିଂଟୁ ଓରଫ ଦେବାଶିଷ ବିଭୋର, ପବନ କନ୍ଧ, ସାଗର କନ୍ଧ ଓ ଅଜୟ ଦେବରପାଲ୍ଲୀ। ଅଭିଯୁକ୍ତ ଟିଂଟୁ, ପବନ ଓ ସାଗରକୁ ପୋଲିସ ବିଶାଖାପାଟଣମରୁ ଗୋଆ ଏବଂ ଗୋଆ ଠାରୁ କର୍ଣ୍ଣାଟକର ହୁବୁଳି ପର୍ଯ୍ୟନ୍ତ ଗତିବିଧିକୁ ଅନୁସରଣ କରି ସେମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ଆଉଜଣେ ଅଭିଯୁକ୍ତ ଅଜୟ ଦେବରପାଲ୍ଲୀକୁ ଆନ୍ଧ୍ର ପ୍ରଦେଶର ପେଲନାଡୁ ଜିଲ୍ଲାରୁ ଗିରଫ କରାଯାଇଥିବା ନେଇ ଉଲ୍ଲେଖ କରାଯାଇଛି। ଅଭିଯୁକ୍ତମାନଙ୍କୁ ଉପଯୁକ୍ତ ରିମାଣ୍ଡ ପ୍ରକ୍ରିୟା ଅନୁଯାୟୀ ରାୟଗଡକୁ ଅଣାଯାଉଥିବା ନେଇ ଏସ୍‌ପି ଉଲ୍ଲେଖ କରିଛନ୍ତି। ସେହିପରି ଏହି ହତ୍ୟା ଘଟଣାରେ ଦେଶର ବିଭିନ୍ନ ସ୍ଥାନକୁ ଫେରାର ହୋଇଯାଇଥିବା ଅଭିଯୁକ୍ତମାନଙ୍କୁ



ଗିରଫ କରିବା ପାଇଁ ରାୟଗଡ ପୋଲିସ ବିଭିନ୍ନ ଦଳ ନିୟୋଜିତ କରି ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇପାରିଛି ବୋଲି ଏସପି ପ୍ରେସ ବିବୃତିରେ ଉଲ୍ଲେଖ କରିଛନ୍ତି। ତେବେ ହତ୍ୟା ଘଟଣାରେ ୨୧ଜଣଙ୍କ ସଂପୃକ୍ତି ଥିବା ନେଇ ଏସ୍‌ପି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିବା ବେଳେ ବର୍ତ୍ତମାନ ୧୬ଜଣ ଗିରଫ ହୋଇଛନ୍ତି ଏବଂ ୫ଜଣ ଏବେ ବି ଫେରାର ଥିବା ଜଣାପଡିଛି।

ପ୍ରକାଶ ଥାଉ କି, କୋରାପୁଟ ଜିଲ୍ଲା ଆଲମଣ୍ଡାର ଜୁଆ ଆ‡ାରୁ ଲକ୍ଷାଧିକ ଟଙ୍କା ଓ ସୁନା ଲୁଟ୍ ଘଟଣା ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ରାୟଗଡ ନୂଆ ସାହିର ଉମେଶ ହିଆଲ ଓ ତାଙ୍କ ଗ୍ୟାଙ୍ଗ୍ ହାଡପା ନିଖିଲକୁ ଚଳିତ ମାସ ୯ ତାରିଖରେ ହତ୍ୟା କରିଥିଲେ। ଘଟଣାକୁ ନେଇ ପରିବାର ପକ୍ଷରୁ ଏତଲା ଦିଆଯିବା ପରେ ପୁଲିସ ୬ଟି ଟିମ୍ ଗଠନ କରି ଏହାର ଅନୁସନ୍ଧାନ କରି ମୁଖ୍ୟ ଅଭିଯୁକ୍ତ ଉମେଶଚନ୍ଦ୍ର ହିଆଲ, ୱିଲସନ ସେମଲି, ଅକ୍ଷୟ ସାମଲକୁ ପ୍ରଥମେ ବିହାର ରାଜ୍ୟର ଔରାଙ୍ଗବାଦ ଜିଲ୍ଲା ମଦନପୁର ଥାନ ଅଞ୍ଚଳରୁ ଗିରଫ କରିଥିଲା। ପରେ ୪ଜଣ ଅଭିଯୁକ୍ତ ୱାଇ.ଶ୍ୟାମ ସୁନ୍ଦର, ଭି.ଲୋକେଶ କୁମାର, ବି.ପବନ କୁମାର, ଏସ.ପ୍ରେମ କୁମାରକୁ ଆନ୍ଧ୍ରର ବିଶାଖାପାଟଣମରୁ ରାୟଗଡ ପୁଲିସ ଟିମ୍ ଗିରଫ କରିଥିବା ବେଳେ କଳହାଣ୍ଡି ଜିଲ୍ଲା କେସିଙ୍ଗାରୁ ଅଭିଯୁକ୍ତ ସୁମିତ ଜୈନ ଓ ରାୟଗଡ ଜିଲ୍ଲାରୁ ଅନ୍ୟ ଜଣେ ଅଭିଯୁକ୍ତ ରାଜା ହୁଇକାକୁ ଗିରଫ କରାଯାଇ ତଦନ୍ତ ଜାରି ରଖାଯାଇଥିଲା। ଏହା ପରେ ଅନ୍ୟ ୩ଜଣ ଅଭିଯୁକ୍ତ ଅମିତ ମେଲେକା, ହେମନ୍ତ ମେଲକା ଓ ଭିକି ବେହେରାକୁ ଗିରଫ କରାଯାଇଥିବା ବେଳେ ପୋଲିସ କର୍ଣ୍ଣାଟକରୁ ଟିଂଟୁ, ପବନ କନ୍ଧ ଓ ସାଗର କନ୍ଧ ଏବଂ ପେଲାନାଡୁ ଆନ୍ଧ୍ର ପ୍ରଦେଶରୁ ଅଜୟ ଦେବରପାଲ୍ଲୀ ୪ଜଣ ଅଭିଯୁକ୍ତକୁ ମିଶାଇ ମୋଟ ୧୬ଜଣ ଅଭିଯୁକ୍ତକୁ ଗିରଫ କରିସାରିଲାଣି।

# ମାଓବାଦୀଙ୍କ ଗଚ୍ଛିତ ବିପୁଳ ସାମଗ୍ରୀ ଜବତ




ମାଲକାନଗିରି, ୨୫।୫(ସମିସ) : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବସ୍ତର ଅଞ୍ଚଳରେ ନକ୍ସଲ ବିରୋଧୀ ଅଭିଯାନରେ ସୁରକ୍ଷା ବାହିନୀକୁ କ୍ରମାଗତ ଭାବେ ସଫଳତା ମିଳିବାରେ ଲାଗିଛି। ଗତ ୧୭ ତାରିଖରୁ ସୁକମା ଜିଲ୍ଲାରେ ଚାଲିଥିବା ସର୍ଚ୍ଚ ଅପରେସନ ସମୟରେ ଜଙ୍ଗଲ ଅଞ୍ଚଳରୁ ନକ୍ସଲମାନଙ୍କ ଲୁଚାଇ ରଖାଯାଇଥିବା ଆଶ୍ରୟସ୍ଥଳ ଓ ଡମ୍ପ ଉଦ୍ଧାର କରାଯାଇଛି। ଅପରେସନ ସମୟରେ ବାହିନୀ ବହୁ ପରିମାଣର ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ସାମଗ୍ରୀ, ୱାୟାରଲେସ୍ ସେଟ୍ ଓ ନିତ୍ୟବ୍ୟବହାର ସାମଗ୍ରୀ ଜବତ କରିଛି। ପୂର୍ବରୁ ଆତ୍ମସମର୍ପଣ କରିଥିବା ନକ୍ସଲଙ୍କଠାରୁ ମିଳିଥିବା ଗୁପ୍ତ ସୂଚନା ଆଧାରରେ ଏହି ଅଭିଯାନ ଚାଲିଥିଲା। ଏହି କ୍ରମରେ ଆଜି ମଧ୍ୟ ଚିନ୍ତାଗୁଫା ଅଞ୍ଚଳରେ ୨୦୧ କୋବ୍ରା ଓ ୧୩୧ ସିଆରପିଏଫ ବାଟାଲିୟନ ପକ୍ଷରୁ ବିଶେଷ ସର୍ଚ୍ଚ ଅପରେସନ କରାଯାଇଥିଲା। ସେଠାରୁ ଏକ ଲାପଟପ୍, ୱାକୀ ଓ ୱାୟାରଲେସ୍ ସେଟ୍, ବୋମା, ନକ୍ସଲ ପତାକା, ବ୍ୟାଟେରୀ, ଅସ୍ତ୍ରଶସ୍ତ୍ର ସହ ଓ ନକ୍ସଲ ସାହିତ୍ୟ ଜବତ କରାଯାଇଛି। ସୁକମା ଏସପି କିରଣ ଚୌହାନ କହିଛନ୍ତି ଯେ, ଆ,ସମର୍ପଣ କରିଥିବା ନକ୍ସଲଙ୍କଠାରୁ ମିଳୁଥିବା ସୂଚନା ଆଧାରରେ ଅପରେସନ ଜାରି ରହିଛି। ଜଙ୍ଗଲରେ ଲୁଚାଇ ରଖାଯାଇଥିବା ଅସ୍ତ୍ର ଓ ବିସ୍ଫୋରକ ଉଦ୍ଧାର କରାଯାଉଥିବା ବେଳେ ଆଗାମୀ ଦିନରେ ମଧ୍ୟ ଏହି ଅଭିଯାନ ଜାରି ରହିବ ବୋଲି ସେ କହିଛନ୍ତି।

# ଗୁଣିଗାରେଡି ସନ୍ଦେହରେ ମହିଳାଙ୍କୁ ପିଟିପିଟି ହତ୍ୟା ଘଟଣା : ୩ ଗିରଫ

ମାଲକାନଗିରି,୨୫।୫(ସମିସ):

ମାଲକାନଗିରି ଜିଲ୍ଲା ଓରକେଲ ଥାନା ଅଧିନସ୍ଥ ଶାରଦାଗୁଡା ଗ୍ରାମରେ ଗୁଣିଗାରେଡି ସନ୍ଦେହରେ ମହିଳାଙ୍କୁ ପିଟିପିଟି ହତ୍ୟା ଘଟଣାରେ ଆଜି ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଓରକେଲ ପୁଲିସ। ମିଳିଥିବା ସୂଚନାନୁଯାୟୀ ଶାରଦାଗୁଡା ଗ୍ରାମରେ ଗତ ୧ ବର୍ଷ ମଧ୍ୟରେ ଗ୍ରାମର ୮ରୁ ୧୦ ବ୍ୟକ୍ତିଙ୍କ ଅଚାନକ ମୃତ୍ୟୁ ହୋଇଥିଲା। ତେବେ ଗ୍ରାମରେ ଏପରି ମୃତ୍ୟ ସଂଖ୍ୟା ଦିନକୁ ଦିନ ବଢୁଥିବା ଦେଖି ଗ୍ରାମରେ ଏକ ବୈଠକ ଡକାଇ କୋଟପାଡ଼ ଅଞ୍ଚଳରୁ ଜଣେ ଗୁଣିଆଙ୍କୁ ଡାକିଥିଲେ ଗ୍ରାମବାସୀ। ଉକ୍ତ ଗୁଣିଆ ଜଣଙ୍କ ଗ୍ରାମକୁ ଆସି ଚୁଡା ମନ୍ତ୍ରାଇ ସମସ୍ତଙ୍କୁ ଖାଇବାକୁ ଦେଇଥିଲେ। ଏହାପରେ ଗ୍ରାମର ପଦ୍ମା ନାୟକ(୫୧) ଉକ୍ତ ମନ୍ତ୍ରା ହୋଇଥିବା ଚୁଡାକୁ ଖାଇ ଅସୁସ୍ଥ ହୋଇ ପଡ଼ିଥିଲେ। ଯାହାଦ୍ୱାରା ଉକ୍ତ ଗୁଣିଆ ଜଣଙ୍କ ପଦ୍ମା ଏହି ସବୁ ଲୋକଙ୍କ ମୃତ୍ୟୁର କାରଣ କହିବା ସହ ଗତ ୨୦ ଦିନ ମଧ୍ୟରେ ଗ୍ରାମର ୨ ବ୍ୟକ୍ତି ଙ୍କ ମୃତ୍ୟ ପାଇଁ ପଦ୍ମା ହିଁ ଦାୟୀ ବୋଲି କହିଥିଲା। ଏହାପରେ ମୃତ୍ୟବରଣ କରିଥିବା ୨ ବ୍ୟକ୍ତିଙ୍କ ପୁଅମାନେ ରାଗରେ ଉତ୍କ୍ଷିପ୍ତ ହୋଇ ଗାଁ ଦାଣ୍ଡରେ ପଦ୍ମାଙ୍କୁ ଲାତ ଗୋଇଠା ମାରିଥିଲେ। ଏହାଦେଖି ପଦ୍ମାଙ୍କ ପୁଅ ଗଣେଶ ଆସି ତାଙ୍କ କବଳରୁ ଆହତ ଅବସ୍ଥାରେ ନିଜ ମାଙ୍କୁ ରକ୍ଷା କରିଥିଲେ। ପଦ୍ମାଙ୍କୁ ମାଡ଼ ପରେ ସେ ମୃତ୍ୟବରଣ କରିଥିଲେ। ଏନେଇ ପଦ୍ମାଙ୍କ ପୁଅ ଗଣେଶ ଓରକେଲ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଉକ୍ତ ମାମଲାକୁ




ଆଧାର କରି ରବିବାର ଘଟଣା ସ୍ଥଳରେ କୋରାପୁଟରୁ ସାଇଣ୍ଟିଫିକ ଟିମ ଆସି ତଦନ୍ତ କରିବା ପରେ ୩ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଗିରଫ ୩ ବ୍ୟକ୍ତି ହେଲେ ଶାରଦାଗୁଡା ଗ୍ରାମର ମହେଶ୍ୱର ପାଙ୍ଗି, ହରି ପାଙ୍ଗି ଏବଂ ହରିଷ ଚନ୍ଦ୍ର ଖିଲ। ଆଜି କେସ ନଂ ୧୫୭/୨୬ ରେ ମାମଲା ରୁଜୁ କରି ଏହି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।

● ବିଷମ କଟକ ନର୍ସିଂ କଲେଜ

# ପ୍ରତିଷ୍ଠାତା ସିଷ୍ଟର ନାନସି ହେନେରୀଙ୍କ ଦେହାନ୍ତ



ବିଷମ କଟକ, ୨୫।୫(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ସହରର ସ୍ଥାନୀୟ ଖ୍ରୀଷ୍ଟୀୟନ୍ ହସ୍ପିଟାଲର ପୂର୍ବତନ ନର୍ସିଙ୍ଗ ସୁପରିଟେଣ୍ଡେଣ୍ଟ ତଥା ନର୍ସିଙ୍ଗ କଲେଜର ପ୍ରତିଷ୍ଠାତା ସିଷ୍ଟର ନାନସି ହେନେରିଙ୍କ ସୋମବାର ସକାଳ ୮ ଘଟିକା ସମୟରେ ଚିତୁର ସ୍ଥିତ ତାଙ୍କ ବଡ଼ ପୁଅ ଡ.ଅନିଲ ହେନେରିଙ୍କ ବାସଭବନରେ ୯୧ବର୍ଷ ବୟସରେ ଦେହାନ୍ତ ଘଟିଛି। ସିଷ୍ଟର ନାନସି ହେନେରିଙ୍କ କର୍ମମୟ ଜୀବନ ବିଷମ କଟକ ଖ୍ରୀଷ୍ଟୀୟନ୍ ହସ୍ପିଟାଲରେ କଟାଇଥିବାରୁ ତାଙ୍କୁ ବିଷମ କଟକ ଠାରେ କବର ଦେବା ନିମନ୍ତେ ପୁଅ ଅନିଲ ନିଷ୍ପତି ନେଇଛନ୍ତି। ତାଙ୍କ ମରଶରୀର ମଙ୍ଗଳବାର ଦିନ ସକାଳେ ଖ୍ରୀଷ୍ଟାୟନ୍ ହସ୍ପିଟାଲରେ ପହଞ୍ଚିବା ପରେ ମେଡିକାଲ ପରିସରରେ ଶେଷ ଦର୍ଶନ ନିମନ୍ତେ ରଖାଯିବ ଏବଂ ଅପରାହ୍ନ ୪ସମୟରେ ସ୍ଥାନୀୟ ଗ୍ରେଭୟାର୍ଡରେ କବର ଦିଆଯିବା ନେଇ ସ୍ଥିର ହୋଇଛି। ବିଷମ କଟକ ଖ୍ରୀଷ୍ଟୀୟନ୍ ହସ୍ପିଟାଲ ପୂର୍ବତନ ସୁପରିଟେଣ୍ଡେଣ୍ଟ ସ୍ୱର୍ଗତ ଡ.ଭି.କେ.ହେନେରୀଙ୍କ ଧର୍ମପତ୍ନ ହେଉଛନ୍ତି ସିଷ୍ଟର ନାନସି ହେନେରି। ସେ ୧୯୭୫ ମସିହାରେ ବିଷମ କଟକ ଆସି ଖ୍ରୀଷ୍ଟୀୟନ୍ ହସ୍ପିଟାଲରେ ନିଜକୁ ନିୟୋଜିତ କରି ରୋଗି ସେବା ଯୋଗାଇ ଦେବା ଦିଗରେ ବେଶ ଗୁରୁତ୍ୱ ଦେଉଥିଲେ। ପରବର୍ତୀ ସମୟରେ ମେଡିକାଲ ପରିସରରେ ନର୍ସିଙ୍ଗ କଲେଜ ଏବଂ ନ୍ୟୁ-ଲାଇଫ ଇଂରାଜୀ ବିଦ୍ୟାଳୟ ସ୍ଥାପନ ଦିଗରେ ତାଙ୍କର ପ୍ରମଖ ଭୂମିକା ରହିଥିଲା। ଦୀର୍ଘଦିନର ସେବା ଯୋଗାଇ ଅବସରରେ ପରେ ସେ ତାଙ୍କ ବଡପୁଅ ଅନିଲ ହେନେରିଙ୍କ ନିକଟରେ ଜୀବନର ଶେଷ ସମୟ ଅତିବାହିତ କରୁଥିଲେ। ସ୍ୱର୍ଗତ ଡ.ଭି. କେ.ହେନେରିଙ୍କ ଦେହାନ୍ତ ପରେ ତାଙ୍କୁ ବିଷମ କଟକ ଠାରେ କବର ଦିଆଯାଇଥିବାରୁ ସିଷ୍ଟର ହେନେରି ଦେହାନ୍ତ ପରେ ତାଙ୍କୁ ସ୍ୱାମୀଙ୍କ ନିକଟରେ କବର ଦେବା ତାଙ୍କର ଶେଷ ଇଚ୍ଛାଥିଲା। ଅବିଭକ୍ତ କୋରାପୁଟ ଜିଲ୍ଲାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ବେଶ ଅବଦାନ ଥିବାରୁ ସିଷ୍ଟର ହେନେରିଙ୍କ ମୃତ୍ୟୁ ଅଞ୍ଚଳବାସୀଙ୍କୁ ମର୍ମାହତ କରିଛି।

# ସୌରା ଶିକ୍ଷା ଯୁବକ ସଂଗଠନର ବୈଠକ




ରାମନାଗୁଡ଼ା,୨୫।୫(ସମିସ): ରାୟଗଡ଼ ଜିଲ୍ଲା ରାମନାଗୁଡା ବ୍ଲକ ସ୍ଥିତ ଗୁଲୁଣ୍ଡି ପଞ୍ଚାୟତ ଅଧୀନରେ ଥିବା ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ପରିସରରେ ପାଞ୍ଚ ଦିନିଆ ଶୌରା ଶିକ୍ଷା ଯୁବକ ସଂଗଠନ ଶିବିର ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ ପଡୋଶୀ ଗଜପତି ଜିଲ୍ଲା ଏବଂ ରାୟଗଡ଼ା ଜିଲରୁ ୩୦୦ ଜଣ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୦୪ ଜଣ ସୌରା ଯୁବକ ଯୁବତୀ ପ୍ରସିକ୍ଷଣ ତାଲିମ ଗ୍ରହଣ କରିବା ପାଇଁ ଉପସ୍ଥିତ ଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିଦ୍ୟାଧର ଶବର, ମଙ୍ଗଳ ବିଭାଗର ଶିକ୍ଷା ମଣ୍ଡଳାଧୀଶ ଶ୍ୟାମଘନ ଭୂୟାଁ, ଶବର ସାଂସ୍କୃତିକ କମିଟି ସଭାପତି ଚକ୍ରପାଣି ଶବର,ସମ୍ପାଦକ ବନମାଳୀ ଶବର,ସତ୍ୟ ସାବିତ୍ରୀ ଶବର,ବିଶ୍ୱନାଥ ଶବର ପ୍ରମୁଖ ମଞ୍ଚସୀନ ଥିବା ବେଳେ ଅଞ୍ଚଳର ସମସ୍ତ ସୌରା ସାମ୍ପ୍ରଦାୟର ଲୋକ ମାନେ ଯୋଗ ଦେଇଥିଲେ।

# ଚନ୍ଦ୍ରପୁର ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଚନ୍ଦ୍ରପୁର,୨୫।୫(ସମିସ): ରାୟଗଡ଼ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକର ସଦଭାବନା ଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣିରେ ବନଖଣ୍ଡୀୟ ଅଧିକାରୀ (ଡିଏଫ୍‌ଓ ) ଆନା ସାହେବ୍ ଅହୋଲେ, ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପ, ଅତିରିକ୍ତ ଆରକ୍ଷୀ ଅଧିକାରୀ ଗୋସନର ବାର୍ଲା, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଖୀରଦ ତନୟା ସାହୁ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ପିକେ ମିଶ୍ର, ଗୁଣପୁର ଆଦିବାସୀ ଉନ୍ନୟନ ପ୍ରଶାସକ ଅଜୟ କୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷ କୋଇନ କିମ୍ବାକା ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ। ଆଜି ୧୫ ଅଭିଯୋଗି ମଧ୍ୟରୁ ୪ଟି ବ୍ୟକ୍ତିଗତ ଓ ୧୧ଟି ସାମୂହିକ ଅଭିଯୋଗ ରହିଥିଲା। ଗୁଡ଼ାରୀ ବ୍ଲକର ଜଣେ କୀଡ୍‌ନୀ ରୋଗୀକୁ ଜିଲ୍ଲାପାଳ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କାର ଆର୍ଥିକ ସାହାଯ୍ୟ ଚେକ୍ ପ୍ରଦାନ କରିଥିଲେ। ଜିଲ୍ଲାପାଳ ସମସ୍ତ ଦରଖାସ୍ତ ଗ୍ରହଣ ପରେ ସେଗୁଡ଼ିକୁ ତଦନ୍ତ କରି ବିଭାଗୀୟ ଅଧିକାରୀମାନଙ୍କୁ ହସ୍ତାନ୍ତର କରି ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ପଦାଧିକାରୀ ସହ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସନ୍ତୋଷିନୀ ଓରାମ, ବନାଞ୍ଚଳ ଅଧିକାରୀ ପ୍ରବୀଣ ଦାସ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରାହୁଲ ସାହୁ ଓ ଉପଖଣ୍ଡ ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ୟକାନ୍ତ ବୋଙ୍ଗାଲଙ୍କ ନେତୃତ୍ୱରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ କରାଯାଇଥିଲା। ଏହାକୁ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିବା ବେଳେ ଚନ୍ଦ୍ରପୁର ଥାନା ଅଧିକାରୀ ଲଳିତ ମୋହନ ସାଗର ଓ ଏସଆଇ ହେଚ କେ ପଟେଲ, ଏଏସଆଇ ନରସିଂହ ସାହୁ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

# ବିନା କଙ୍କ୍ରିଟ୍‌ରେ କଲଭର୍ଟ ନିର୍ମାଣ କାର୍ଯ୍ୟ ଅଭିଯୋଗ



କଲ୍ୟାଣସିଂହପୁର,୨୫।୫(ସମିସ): ରାୟଗଡ଼ ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ବିଭିନ୍ନ ସ୍ଥାନରେ ଆରଡ଼ି ରାସ୍ତା ଓସାରିଆ ପାଇଁ ଜିଲ୍ଲା ପ୍ରଶାସନର ନଜର ରହିଛି। ଆରଡି ବିଭଗ ପକ୍ଷରୁ କଲ୍ୟାଣସିଂହପୁର ବ୍ଲକର ସୀତାପୁର ଠାରୁ କ୍ରିଷ୍ଣା ପାତ୍ରଗୁଡା ପର୍ଯ୍ୟନ୍ତ ପ୍ରାୟ ୯ କିମି ଦୂରତା ରାସ୍ତା ପୁଣି ନିର୍ମାଣ ହେଉଛି। ପୂର୍ବରୁ ଥିବା ରାସ୍ତାକୁ ଅଣଓସାରିଆ କରି ପିଚୁ ବାହାର କରି ନୂତନ ପିଚୁ ପକାଇବା ଓ ଯେଉଁ ସ୍ଥାନରେ କଲଭର୍ଟ ଦରକାର ସେଠାରେ ନୂତନ କଲଭଟ ନିର୍ମାଣ ପାଇଁ ବ୍ୟୟ ବରାଦ ହୋଇଛି। କିନ୍ତୁ ଆରମ୍ଭରୁ କର୍ଲଭେଟ ନିର୍ମାଣରେ ଅନିୟମିତତା ହେବାରୁ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି କର୍ଲଭେଟ ନିର୍ମାଣ ପୂର୍ବରୁ ପ୍ରଥମେ ମେଟାଲ କଂକ୍ରିଟ କରିବାର ନିୟମ ରହିଥିଲେ ମଧ୍ୟ ବିନା କଂକ୍ରିଟରେ କର୍ଲଭେଟ ନିର୍ମାଣ ପାଇଁ ପାଇପ ପକାଇ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ରାସ୍ତାରେ ଉକ୍ତ କକର୍ଲଭଟ ନିର୍ମାଣ ହେଲେ ସମ୍ପୂର୍ଣ୍ଣ ଦବିଯାଇ ଦୁର୍ଘଟଣା ଘଟିବ ବୋଲି ଆଞ୍ଚଳବାସୀ ଆଶଙ୍କା ରହିଛି ବୋଲି ପ୍ରକାଶ କରିଛନ୍ତି। ଏମିତି ଅତି ନିମ୍ନମାନର କାର୍ଯ୍ୟ କରୁଥିବା ଠିକାଦାରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ପଡ଼ିଥିବା ପାଇପ ବାହାର କରି ପୁଣି କଂକ୍ରିଟ ପକାଇ କାର୍ଯ୍ୟ କରିବାକୁ ଦାବି ହୋଇଛି।

# ମାଲ୍ୟବନ୍ତ ଶିଳ୍ପୀ ସଂଘର ସ୍ୱଚ୍ଛ ଭାରତ ଅଭିଯାନ



କାଲିମେଲା/ପୋଟେରୁ,୨୫।୫(ସମିସ): ମାଲକାନଗିରି ମାଲ୍ୟବନ୍ତ ଶିଳ୍ପୀ ସଂଘ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଦେଶବ୍ୟାପୀ ଚାଲିଥିବା "ସ୍ୱଚ୍ଛ ଭାରତ ଅଭିଯାନ'କୁ ସମର୍ଥନ ଜଣାଇ ସୋମବାର ଦିନ ପୋଟେରୁ ଠାରେ ଶିଳ୍ପୀ ସଂଘ ପକ୍ଷରୁ ଏହି ବିଶେଷ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଅଞ୍ଚଳକୁ ସଫାସୁତରା ରଖିବା ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସୋମବାର ସକାଳ ସମୟରେ ସଂଘର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ପୋଟେରୁ ମୁଖ୍ୟ ବଜାର ପରିସରରୁ ସଫେଇ କାର୍ଯ୍ୟ ଆରମ୍ଭ କରିଥିଲେ। ସଦସ୍ୟମାନେ ନିଜ ହାତରେ ଝାଡୁ ଧରି ରାସ୍ତାଘାଟ, ନାଳି ଏବଂ ସାଧାରଣ ସ୍ଥାନଗୁଡ଼ିକୁ ସଫା କରିଥିଲେ। ଏଥିସହ, ସ୍ଥାନୀୟ ବ୍ୟବସାୟୀ ଏବଂ ଦୋକାନୀମାନଙ୍କୁ ଅଳିଆ ଆବର୍ଜନା ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇବାକୁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ନିତ୍ୟାନନ୍ଦ ରାୟ ସମ୍ପାଦକ ଜୟଦେବ ତରଫଦାର, ଉପଦେଷ୍ଟା ତପନ ମଣ୍ଡଳ, ପିନକ ସରକାର, ଶଶାଙ୍କ ମଣ୍ଡଳ ଏବଂ ମଧୁସୂଦନ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସଫେଇ କାର୍ଯ୍ୟର ନେତୃତ୍ୱ ନେଇଥିଲେ। ସେମାନେ ନିଜ ବକ୍ତବ୍ୟରେ କହିଥିଲେ ଯେ, କେବଳ ସରକାର ନୁହେଁ, ବରଂ ଜଣେ କଳାକାର ଓ ଶିଳ୍ପୀ ଭାବରେ ସମାଜକୁ ସ୍ୱଚ୍ଛ ଓ ସୁସ୍ଥ ରଖିବା ଆମର ମଧ୍ୟ ନୈତିକ ଦାୟିତ୍ୱ। ଶିଳ୍ପୀ ସଂଘର ଏହି ମହତ ପ୍ରୟାସକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଜନତା ଭୂୟସୀ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ମଧ୍ୟ ଏଭଳି ସଚେତନତା କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ଚିତ୍ରକୋଣ୍ଡାର ଗୁଣ୍ଠାୱାଡା ଗ୍ରାମପଞ୍ଚାୟତରେ ଅଭିଯୋଗ ଶୁଣାଣି

# ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ମାଲକାନଗିରି,୨୫।୫(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଗୁଣ୍ଠାୱାଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଓ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ସିଧାସଳଖ ଶୁଣିଥିଲେ। ଏହି ଶିବିରରେ ଆଖପାଖ ଅଞ୍ଚଳରୁ ପ୍ରବଳ ଜନସମାଗମ ହୋଇଥିବା ବେଳେ ଲୋକଙ୍କୁ ତୁରନ୍ତ ସରକାରୀ ସେବା ଯୋଗାଇବା ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ଅନେକ ସ୍ୱତନ୍ତ୍ର କ୍ୟାମ୍ପ୍ ମଧ୍ୟ ଆୟୋଜନ କରାଯାଇଥିଲା। ବିଶେଷ କରି ସ୍ୱାସ୍ଥ୍ୟ ବିଭାଗ, କୃଷି ବିଭାଗ, ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଷ୍ଟଲ୍ ସ୍ଥାପନ କରାଯାଇ ଲୋକଙ୍କୁ ସରକାରୀ ଯୋଜନା ବିଷୟରେ ଅବଗତ କରାଯିବା ସହ ତତ୍କାଳ ସେବା ପ୍ରଦାନ କରାଯାଇଥିଲା।ଦିନସାରା ଚାଲିଥିବା ଏହି ଶିବିରରେ ମୋଟ ୫୦ ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୫ ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ହୋଇଥିବା ବେଳେ ୪୫ ଟି ଗ୍ରାମ୍ୟ ଭିତ୍ତିକ ସମସ୍ୟା ରହିଥିଲା। ଶିବିରରେ ମୁଖ୍ୟତଃ ମଧୁବାବୁ ପେନସନ ଯୋଜନା, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପାଇଁ ନୂତନ ଆବେଦନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ପାଇବା



ଏବଂ ନୂତନ ରାସନ କାର୍ଡ ପ୍ରଦାନ ପାଇଁ ଲୋକେ ଗୁହାରି କରିଥିଲେ। ଏହା ସହିତ ବିଭିନ୍ନ ଗ୍ରାମରୁ ଆସିଥିବା ପ୍ରତିନିଧିମାନେ ଗ୍ରାମୀଣ ରାସ୍ତା ନିର୍ମାଣ, ପାନୀୟ ଜଳ ଯୋଗାଣରେ ଥିବା ସମସ୍ୟା, ବିଦ୍ୟୁତକରଣର ତ୍ରୁଟି ଏବଂ ଜମି ପଟ୍ଟା ପ୍ରଦାନ ସମ୍ବନ୍ଧୀୟ ଗମ୍ଭୀର ସମସ୍ୟାଗୁଡ଼ିକୁ ଜିଲ୍ଲାପାଳଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଜନସାଧାରଣଙ୍କ ଏହି ସମସ୍ୟା ଗୁଡ଼ିକୁ ଅତି ଗମ୍ଭୀରତାର ସହ ନେଇ ଜିଲ୍ଲାପାଳ ସ୍ଥାନୀୟ ଅଧିକାରୀମାନଙ୍କୁ ତ୍ୱରିତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମ୍ୟ ଭିତ୍ତିଭୂମି, ବିଶେଷ କରି ରାସ୍ତା ଓ ପାନୀୟ ଜଳ ସମସ୍ୟାର ସଠିକ୍ ସ୍ଥିତି ଅନୁଧ୍ୟାନ କରିବା ପାଇଁ ତୁରନ୍ତ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ଦାଖଲ କରିବାକୁ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ କୁହାଯାଇଛି। ସମସ୍ତ ଗରିବ ଓ ଯୋଗ୍ୟ ହିତାଧିକାରୀ ଯେପରି ସରକାରୀ ଯୋଜନାରୁ ବଞ୍ଚିତ ନ ହେବେ, ସେଥିପାଇଁ ବିଭିନ୍ନ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବ୍ଲକର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି କାଲିମେଲାର ଗୁମୁକା, ମାଥିଲିର କାର୍ତ୍ତନପାଲ୍ଲୀ, ମାଲକାନଗିରିର ସିନ୍ଧ୍ରିମାଲ, ଖଇରପୁଟର ମୁଦୁଲିପଡ଼ା, କୋରୁକୋଣ୍ଡାର ଦୁଦାମେଟା ଏବଂ ପୋଡ଼ିଆ ବ୍ଲକର ମାଟେରୁ ଗ୍ରାମ ପଞ୍ଚାୟତରେ ମଧ୍ୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି।

ସକାଳ
THE SAKALA



# ମଣିଷ ମାରୁଥିବା ଦନ୍ତାକୁ ସ୍ଥାନାନ୍ତର ଦାବି

## ଅନୁଗୋଳ ବନଖଣ୍ଡ ଅଧିକାରୀଙ୍କୁ ସ୍ମାରକପତ୍ର

ଅନୁଗୋଳ,୨୫ ।୫(ସମିସ):

ଅନୁଗୋଳ ବନଖଣ୍ଡ ଅଞ୍ଚଳରେ ଦିନକୁ ଦିନ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି । ହାତୀ ଆକ୍ରମଣରେ ଚଳିତ ମାସରେ ୭ଜଣଙ୍କ ମୃତ୍ୟୁ ହେଲାଣି । ହାତୀ ଭୟରେ ଜନସାଧାରଣ ଆତଙ୍କ ମଧ୍ୟରେ ଜୀବନଯାପନ କରୁଛନ୍ତି । ହାତୀ ଉପଦ୍ରବ ବନ୍ଦ ପାଇଁ ମଣିଷ ମାରୁଥିବା ଦନ୍ତାକୁ ଅବିଳମ୍ବେ ଅନ୍ୟତ୍ର ସ୍ଥାନାନ୍ତର କରିବା, ହାତୀ ଆକ୍ରମଣରେ ମୃତ୍ୟୁବରଣ କରୁଥିବା ପରିବାରକୁ ସର୍ବନିମ୍ନ ୨୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ, ହାତୀ ଉପଦ୍ରବ ବନ୍ଦ ପାଇଁ ବାସ୍ତବ ପଦକ୍ଷେପ ନେବା ସହ କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇଦେବା, ହାତୀ-ମଣିଷ ସଂଘର୍ଷ ରୋକିବା ପାଇଁ ଗାଁ ଗାଁରେ ବ୍ୟାପକ ସଚେତନତା କରିବା, ପ୍ରାକୃତିକ ଜଙ୍ଗଲ ସମ୍ପଦ ଓ ହାତୀ ଚଲାପଥର ସୁରକ୍ଷା କରାଯିବା ସହ ଶିଳ୍ପ, ଖଣିଖାଦାନ ପ୍ରତିଷ୍ଠା ନାଁରେ ପ୍ରାକୃତିକ ଜଙ୍ଗଲ ସମ୍ପଦକୁ କମ୍ପାନୀ ହାତରେ ଟେକିଦେବା ବନ୍ଦ କରିବା ଦାବିରେ ସୋମବାର




ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଅନୁଗୋଳ ଜିଲ୍ଲା କମିଟି ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତୀଶ କୁମାରଙ୍କୁ ଭେଟି ୫ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିବା ସହ ବିଷଦ ଆଲୋଚନା କରିଛନ୍ତି । ମଣିଷ ମାରୁଥିବା ଦନ୍ତାହାତୀକୁ ବନ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇ ସ୍ଥାନାନ୍ତର ପାଇଁ ପଦକ୍ଷେପ ନେବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବା ଡିଏଫ୍‌ଓ ପ୍ରତିନିଧି ମଣ୍ଡଳୀକୁ ପ୍ରତିଶ୍ରୁତି ଦେଇଛନ୍ତି । ହାତୀ ଆକ୍ରମଣରେ ମୃତ ବ୍ୟକ୍ତିଙ୍କ ପରିବାରକୁ ବର୍ତ୍ତମାନ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଯୋଗାଇ ଦିଆଯାଉଛି । ଏହି କ୍ଷତିପୂରଣ ରାଶି ବୃଦ୍ଧି କରିବା ପାଇଁ ସରକାରଙ୍କୁ ଅନୁରୋଧ କରାଯିବାକୁ ସେ ପ୍ରକାଶ କରିଛନ୍ତି । ହାତୀ-ମଣିଷ ସଂଘର୍ଷ ରୋକିବା ପାଇଁ ଗାଁ ଗାଁରେ ବ୍ୟାପକ ସଚେତନତା ସହ ୨୪ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯିବାକୁ ପ୍ରତିନିଧି ମଣ୍ଡଳୀ ଦାବି କରିଥିଲେ । ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଆହୁରି କ୍ରିୟାଶୀଳ ଭାବରେ ପଦକ୍ଷେପ ନିଆଯିବ ବୋଲି ଡିଏଫ୍‌ଓ ପ୍ରତିଶ୍ରୁତି ଦେଇଛନ୍ତି । ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଉପସ୍ଥାପିତ ୫ ଦାବି ସମ୍ପର୍କରେ ବନ ବିଭାଗ ପକ୍ଷରୁ ବାସ୍ତବ ପଦକ୍ଷେପ ଗ୍ରହଣ କରା ନ ଗଲେ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଆନ୍ଦୋଳନ କରାଯିବ ବୋଲି ପ୍ରତିନିଧି ମଣ୍ଡଳୀରେ ସାମିଲ ଥିବା ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଜିଲ୍ଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ତୀର୍ଥବାସୀ ଭୋଇ, ମାନସ ପାଳ, ସୁବାସ ପ୍ରଧାନ, ସଞ୍ଜୟ ସାହୁ, ନାରାୟଣ ନାୟକ, ମଳୟ ବେହେରା, ବିଷ୍ଣୁ ସାହୁ, ଦୁଃଖବନ୍ଧୁ ବେହେରା, ପ୍ରଦୀପ ମାଝୀ ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ଟେଣ୍ଡର ପେପର ଗ୍ରହଣ ନ ହେବାରୁ ବ୍ଲକ ସମ୍ମୁଖରେ ଧାରଣା



କଣିହାଁ,୨୫ ।୫(ସମିସ): କଣିହାଁ ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ମଡେଲ୍ ଟ୍ୟାଙ୍କ ନିର୍ମାଣ ପାଇଁ ବ୍ଲକ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏହି ଟେଣ୍ଡର ସମ୍ପର୍କିତ କାଗଜପତ୍ର ପୋଷ୍ଟ ଅଫିସ୍ ମାଧ୍ୟମରେ ବ୍ଲକ କାର୍ଯ୍ୟାଳୟକୁ ପହଞ୍ଚିଥିବା ବେଳେ ସେଗୁଡ଼ିକୁ ରିସିଭ୍ କରାଯାଇ ନ ଥିବା ଅଭିଯୋଗ କରି ଠିକାଦାର ସଂଘ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ କରାଯାଇଥିଲା । ଏହାକୁ ନେଇ କିଛି ସମୟ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା । ସୂଚନା ପାଇ କଣିହାଁ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାସୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା । ପରେ କଣିହାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା କରିଜେଣ୍ଡମ୍ ଅନୁଯାୟୀ ଟେଣ୍ଡର କଲ୍ ନୋଟିସକୁ ସମ୍ପୂର୍ଣ୍ଣ ବାତିଲ୍ କରାଯାଇଛି । ଅନିବାର୍ଯ୍ୟ ପରିସ୍ଥିତି ଓ ଟେଣ୍ଡର ନୋଟିସର ଧାରା-୧୪ ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଥିବା ବ୍ଲକ ପକ୍ଷରୁ ସୂଚନା ମିଳିଛି । ନୂତନ ଟେଣ୍ଡର ପ୍ରକାଶ ସମ୍ପର୍କରେ ପରବର୍ତ୍ତୀ ସୂଚନା ଶୀଘ୍ର ଜାରି କରାଯିବ ବୋଲି ବିଡିଓ ଜଣାଇଛନ୍ତି । ଅନ୍ୟପଟେ, ୨୬ଟି ମଡେଲ୍ ଟ୍ୟାଙ୍କ ପାଇଁ ଟେଣ୍ଡର ଦାଖଲର ସମୟସୀମା ଅପରାହ୍ନ ୧ଟା ପର୍ଯ୍ୟନ୍ତ ଥିବାବେଳେ ସମୟସୀମା ଶେଷ ହେବାର ପ୍ରାୟ ୩୦ ମିନିଟ୍ ପୂର୍ବରୁ ଟେଣ୍ଡର ବାତିଲ୍ ନୋଟିସ ଜାରି କରାଯାଇଥିବା ନେଇ ଠିକାଦାର ସଂଘ ପକ୍ଷରୁ ପ୍ରତିବାଦ କରାଯାଇଥିଲା । ଏହାସହ ଘଟଣାର ସଠିକ ତଦନ୍ତ ଦାବି ପାଇଁ ବାବୁଲା କୁମାର ପ୍ରଧାନ, ସୁବାସ ମହାନ୍ତି ବିଦ୍ୟାଧର ସମଲ, ଅଶୋକ କୁମାର ପ୍ରଧାନ, ରଞ୍ଜନ କୁମାର ସାମଲ, ଲକ୍ଷ୍ମଣ ବିଶ୍ୱାଳ, ସୁଶାନ୍ତ କୁମାର ବେହେରା, ମୁରଲୀଧର ସାମଲ, ବିଷ୍ଣୁଚରଣ ଦାସ, ତୁଷାରକାନ୍ତ ପ୍ରଧାନ, ଅଭିମନ୍ୟୁ ମହାନ୍ତି, ବିଧାନ ସାହୁ, ଟିକନ କୁମାର ପ୍ରଧାନ, ଋଷି ପ୍ରଧାନ ପ୍ରମୁଖ ଠିକାଦାର ସଂଘ କର୍ମକର୍ତ୍ତା ବିରୋଧ କରିଥିଲେ ।

## ମାସେ ହେଲା ବିଦ୍ୟୁତ କେବଲରେ ପଡ଼ିଛି ଗଛ

ବଅଁରପାଳ,୨୫ ।୫(ସମିସ): ବଅଁରପାଳ ଗଣେଶ ବଜାର ବାସିନ୍ଦା ଉମାକାନ୍ତ ସିଂହଙ୍କ ଘର ନିକଟ ଦେଇ ଯାଇଥିବା ବିଦ୍ୟୁତ କେବଲ ଉପରେ ଗତ ମାସେ ତଳେ ସଂଘଟିତ କାଳବୈଶାଖୀ ଝଡ଼ରେ ଏକ ଗଛ ଉପୁଡ଼ି ପଡ଼ିଥିଲା । ଏ ବିଷୟରେ ଉମାକାନ୍ତ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ଅବଗତ କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ



ନିଆଯାଇ ନ ଥିବା ଅଭିଯୋଗ କରିଛନ୍ତି । ବିଦ୍ୟୁତ କେବଲରେ ଟିଭି କେବଲ ଗୁଡ଼େଇ ହେବା ସହ ବିଭିନ୍ନ ଗୁଳ୍ମଲତା ମାଡି ବିପଜ୍ଜନକ ଅବସ୍ଥାରେ ରହିଛି । ଭବିଷ୍ୟତରେ କୌଣସି କାରଣବଶତଃ ଭାର ସମ୍ଭାଳି ନ ପାରି କେବଲ ଛିଣ୍ଡିଲେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ଦେଖାଯାଉଛି । ଅନ୍ୟ ପକ୍ଷରେ ଉମାକାନ୍ତ ନିଜେ ମୂଲିଆ ଲଗାଇ ଗଛ କାଟିବାକୁ ଚାହିଁଲେ ମଧ୍ୟ ବିପଜ୍ଜନକ ଅବସ୍ଥା ଦେଖି ମୂଲିଆ ରାଜି ହେଉନାହାନ୍ତି । ଟାଟା ପାୱାର ରକ୍ଷଣାବେକ୍ଷଣ ନାମରେ ଘଣ୍ଟାଘଣ୍ଟା ଧରି ଅଘୋଷିତ ବିଦ୍ୟୁତ କାଟ କରୁଥିବା ବେଳେ ଏହା କିପରି ନଜରକୁ ଆସୁନାହିଁ ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିବା ସହ ତୁରନ୍ତ ଗଛ କାଟିବାକୁ ଦାବି କରିଛନ୍ତି । ଏ ବିଷୟରେ ପ୍ରତିକ୍ରିୟା ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିଥିଲେ ସୁଦ୍ଧା ସେ ଫୋନ ଉଠାଇ ନ ଥିଲେ ।

## ଛାତ୍ରୀଙ୍କୁ ଅସଦାଚରଣ କରି ମାଡ଼ ଖାଇଲା ରୋମିଓ

ବଇଣ୍ଡା,୨୫ ।୫(ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ବଇଣ୍ଡା ଛକରେ ସୋମବାର ଜଣେ ଛାତ୍ରୀଙ୍କୁ ଅସଦାଚରଣ କରି ନିସ୍ତୁକ ମାଡ଼ ଖାଇଛି ହଣ୍ଡପା ଥାନା ଅଞ୍ଚଳର ଜଣେ ଯୁବକ । ଛାତ୍ରୀ ଜଣକ ବଇଣ୍ଡା ଛକରେ ଠିଆ ହୋଇଥିବା ବେଳେ ଯୁବକ ସେଠାକୁ ଆସି ଅସଦାଚରଣ କରିଥିଲେ । ପରେ ସେଠାରୁ ପଳାଇ ଯାଇଥିବା ବେଳେ କିଛି ସମୟ ପରେ ଛାତ୍ରୀଙ୍କ ହାବୁଡ଼ରେ ପୁଣି ପଡ଼ିଯାଇଥିଲେ । ଛାତ୍ରୀ ଜଣକ ତାଙ୍କୁ ମାଡ଼ ମାରିଥିଲେ । କିଛିଦିନ ହେବ ବଇଣ୍ଡା ଅଞ୍ଚଳରେ ମଦ୍ୟପମାନଙ୍କ ଦୌରାତ୍ମ୍ୟ ବଢୁଥିଲେ ମଧ୍ୟ ପୁଲିସ ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି । ତେବେ ଏ ନେଇ କୌଣସି ମାମଲା ରୁଜୁ ହୋଇ ନ ଥିବା ପୁଲିସ କହିଛି ।

## ଟାଙ୍ଗିଆ ଧରି ହତ୍ୟା ଉଦ୍ୟମ; ଦେଢ଼ଶୁର ଗିରଫ

କଣିହାଁ,୨୫ ।୫(ସମିସ): ଗାଳିଗୁଲଜ ସହ ଟାଙ୍ଗିଆ ଧରି ମହିଳା ଓ ତାଙ୍କ ସ୍ୱାମୀଙ୍କୁ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ କଣିହାଁ ଥାନା ପୁଲିସ ଦେଢ଼ଶୁରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ କଣିହାଁ ବ୍ଲକ ବଡ଼ତ୍ରିବିଡ଼ା ପଞ୍ଚାୟତ ଜାମୁଯୋଡ଼ି ଗ୍ରାମର ବାନାମ୍ବର ପେଣ୍ଟଇ (୩୭) । ଅଭିଯୋଗ ଅନୁଯାୟୀ, ବାନାମ୍ବର ତାଙ୍କ ଭାଇବୋହୂ ଜଲି ପେଣ୍ଟଇ (୨୫) ଓ ଭାଇ ବିକଳ ପେଣ୍ଟଇଙ୍କୁ ଗାଳିଗୁଲଜ କରିବା ସହ ଟାଙ୍ଗିଆ ଧରି ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ । ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ପୁଲିସ ତଦନ୍ତ କରି ବାନାମ୍ବରଙ୍କୁ ଗିରଫ କରିଥିଲା । ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ସ୍ତ୍ରୀକୁ ଯୌତୁକ ନିର୍ଯାତନା ସହ ହତ୍ୟା ଧମକ

କିଶୋରନଗର,୨୫ ।୫(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ଆମ୍ବସରମୁଣ୍ଡା ଗ୍ରାମରେ ଜଣେ ମହିଳାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ଯୌତୁକ ଦାବି କରି ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିବା ଥାନାରେ ସଙ୍ଗିନ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ଆମ୍ବସରମୁଣ୍ଡା ଗ୍ରାମର ରଞ୍ଜନ ନାୟକଙ୍କ ସହ ସରସ୍ୱତୀ ନାୟକ (୨୯)ଙ୍କର ୨୦୧୬ରେ ରୀତିନୀତି ଅନୁଯାୟୀ ବିବାହ ହୋଇଥିଲା । ବିବାହ ସମୟରେ ରଞ୍ଜନ ଚାକିରି ଏବଂ ସମ୍ପତ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବିବାହ ପରେ ତାହା ପୂରଣ କରି ନ ଥିଲେ । ଏପରିକି ସରସ୍ୱତୀଙ୍କୁ ଆଗକୁ ପଢ଼ାଇବା ପାଇଁ ପ୍ରତିଶ୍ରୁତି ଦେଇ ପରେ ମନା କରିଦେଇଥିଲେ । ଏହାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଦେଖାଦେବା ସହ ରଞ୍ଜନ ସରସ୍ୱତୀଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ସରସ୍ୱତୀଙ୍କ ବାପଘର ଲୋକେ ଘର କରିବା ପାଇଁ ୧୦ ଡିସିମିଲ ଜମି ଦେଇଥିଲେ । ମାତ୍ର ସେଠାରେ ଘର ନିର୍ମାଣ ହେବା ପରେ ରଞ୍ଜନ ତାଙ୍କୁ ସେହି ଘରୁ ବେଦଖଲ କରିବାକୁ ଚେଷ୍ଟା କରିଥିଲେ । ଏ ବିବାଦରେ ଜାତି ସମାଜ ଓ ଥାନା ସ୍ତରରେ ବହୁବାର ଆପୋସ ସମାଧାନ ହୋଇଥିଲେ ହେଁ ରଞ୍ଜନଙ୍କ ଆଚରଣରେ କୌଣସି ପରିବର୍ତ୍ତନ ଆସି ନ ଥିଲା । ଅଭିଯୋଗ ଅନୁଯାୟୀ, ରଞ୍ଜନ ଜଣେ ବିଧବା ମହିଳାଙ୍କ ସହ ଅବୈଧ ସମ୍ପର୍କ ରଖି ଭଡ଼ା ଘରେ ରହୁଥିଲେ ଏବଂ ଗତ ଏକ ବର୍ଷ ହେବ ସ୍ତ୍ରୀ ଓ ପିଲାମାନଙ୍କ ଭରଣପୋଷଣ କରୁ ନ ଥିଲେ । ଗତ ୨୩ ତାରିଖ ସକାଳ ପ୍ରାୟ ୬ଟାରେ ରଞ୍ଜନ ସରସ୍ୱତୀଙ୍କୁ ବାପଘରୁ ସୁନା ଅଳଙ୍କାର ସହ ନଗଦ ୫ ଲକ୍ଷ ଟଙ୍କା ଆଣିବାକୁ ବାଧ୍ୟ କରିଥିଲେ । ସରସ୍ୱତୀ ଏହାକୁ ବିରୋଧ କରିବାରୁ ତାଙ୍କୁ ନିର୍ଦ୍ଦୟ ଭାବେ ମାଡ଼ ମାରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ଭୟରେ ସରସ୍ୱତୀ ନିଜ ପିଲାମାନଙ୍କୁ ଧରି ବାପଘରକୁ ପଳାଇ ଆସିଥିଲେ । ୨୪ ତାରିଖ ଏ ନେଇ ସରସ୍ୱତୀ ଠାକୁରଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଥାନା ଅଧିକାରୀ ଶ୍ୟାମଲାଲ ଓରାମଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ମାମଲା ରୁଜୁ କରିଛି । ଏଏସଆଇ ଶେଷଦେବ ସାମଲଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି ।

## ଗୋପାଳ ସମ୍ପ୍ରଦାୟ ଉପରେ ଅମାନୁଷିକ ଆକ୍ରମଣକୁ ନିନ୍ଦା



କଣିହାଁ,୨୫ ।୫(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଥାନା ତଥା ରାଇଘର ବ୍ଲକ ଗୁଣା ପଞ୍ଚାୟତ ବରପଦର ଗ୍ରାମର ଭୁବନ ଗଉଡ଼, ଗୋପୀ ଗଉଡ଼, ରାହାସ ଗଉଡ଼ ଓ ଦଶରଥ ଗଉଡ଼ଙ୍କ ସମେତ ମୋଟ ୫ ଜଣ ଗୋପାଳ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ଅମାନୁଷିକ ଭାବେ ଆକ୍ରମଣ କରାଯାଇଛି । ଏମାନେ ଚାଷ କାମ ପାଇଁ ବଳଦ କିଣି ଘରକୁ ଫେରୁଥିବା ବେଳେ କିଛି ଲୋକ ସେମାନଙ୍କୁ ଅଟକାଇ ମାଡ଼ ମାରିଥିଲେ । ଏହାସହ ସେମାନଙ୍କୁ ଘଣ୍ଟା ଘଣ୍ଟା ଧରି ରାସ୍ତା କଡ଼ରେ ଆଣ୍ଠେଇ ଚଲାଇବା ସହ ଶାରୀରିକ ନିର୍ଯାତନା ଦେଇଥିଲେ । ଏହି ଅମାନୁଷିକ ଘଟଣାକୁ ଉତ୍କଳ ଗୋପାଳ ସମାଜ, ଓଡ଼ିଶା ପକ୍ଷରୁ ଘୋର ନିନ୍ଦା କରାଯାଇଛି । ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସଂଘ ପକ୍ଷରୁ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି ।

ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ରାଜ୍ୟର ସମସ୍ତ ଗୋପାଳ ସମ୍ପ୍ରଦାୟ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ସହ ରାଜରାସ୍ତାରେ ହଜାର ହଜାର ଗୋମାତାଙ୍କୁ ନେଇ ଧାରଣା ଦିଆଯିବ ବୋଲି ଉତ୍କଳ ଗୋପାଳ ସମାଜ ସଭାପତି ପ୍ରତାପ ଚନ୍ଦ୍ର ପରିଡ଼ା ଓ ସମ୍ପାଦକ ବିଦ୍ୟାଧର ଭୂତିଆ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି ।

## ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ



ଅନୁଗୋଳ,୨୫ ।୫(ସମିସ): ଅନୁଗୋଳ ଜିଲ୍ଲାପାଳ ଅବଦାଲ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ଛେଣ୍ଡିପଦା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ଜିଲ୍ଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଏସ୍‌ପି ରାହୁଲ ଜୈନ ଯୋଗଦେଇଥିଲେ । ଶିବିରରେ ସମୁଦାୟ ୫୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୪୫ଟି ବ୍ୟକ୍ତିଗତ ଓ ୧୪ଟି ସାମୂହିକ ଅଭିଯୋଗ ରହିଥିଲା । ୯ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ୩ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୭ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା ।

କାର୍ଯ୍ୟକ୍ରମରେ ଛେଣ୍ଡିପଦା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମିତ୍ରା ସାହୁ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ଛେଣ୍ଡିପଦା ବିଡିଓ ଅରବିନ୍ଦ ବେହେରା, ତହସିଲଦାର ମାନସ ରଞ୍ଜନ ରାୟ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିନୋଦ କୁମାର ଦଳାଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରିୟଙ୍କା ପାଲ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମ୍ବର ଲୁଗୁନ୍, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ ।

## କାଳବୈଶାଖୀ ପ୍ରଭାବରେ ବ୍ୟାପକ ଫସଲ ନଷ୍ଟ

ବଇଣ୍ଡା,୨୫ ।୫(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା, ବଇଣ୍ଡା, ଲୁହାମୁଣ୍ଡା, ବଇସିଣା, ଗାଁ ବଇଣ୍ଡା ଅଞ୍ଚଳରେ ସୋମବାର ଅପରାହ୍ନରେ କାଳବୈଶାଖୀ ବର୍ଷା ସହ କୁଆପଥର ମାଡ଼ ହୋଇଛି । ଫଳରେ ଅସହ୍ୟ ଗରମରୁ ଲୋକେ ଆଶ୍ୱସ୍ତି ପାଇଥିବା ବେଳେ ବ୍ୟାପକ ଫସଲ ନଷ୍ଟ ହୋଇଛି । ହଠାତ ଜୋରରେ ପବନ ହେବାରୁ ଅନେକ ଆଜବେଷ୍ଟସ ଓ ଚାଳ ଘର ଉଡ଼ିଯାଇଛି । ଏଥି ସହ



ଅନେକ ସ୍ଥାନରେ ଗଛ ଡାଳ ଭାଙ୍ଗି ଯାଇଥିବାରୁ ବିଦ୍ୟୁତ ସରବରାହ ବନ୍ଦ ରହିଛି । ଅନେକ ସ୍ଥାନରେ ବିଦ୍ୟୁତ ତାର ଛିଣ୍ଡି ଯାଇଛି । ବର୍ଷା ଯୋଗୁଁ ବ୍ୟାପକ ପନିପରିବା ଫସଲ ନଷ୍ଟ ହୋଇଛି । ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରି କ୍ଷତିପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି ।

## କିଶୋରନଗରରେ ନୂତନ ତହସିଲଦାର

କିଶୋରନଗର,୨୫ ।୫(ସମିସ): କିଶୋରନଗର ତହସିଲରେ ନୂତନ ତହସିଲଦାର ଭାବେ ସୋମବାର ରଞ୍ଜନ କୁମାର ସାହୁ କାର୍ଯ୍ୟରେ



ଯୋଗଦାନ କରିଛନ୍ତି । ସାହୁ ପୂର୍ବରୁ ଫୁଲବାଣୀ ଜିଲ୍ଲା ଜି.ଉଦୟଗିରିରେ ତହସିଲଦାର ଦାଇତ୍ୱରେ ଥିଲେ । ଜନସାଧାରଣଙ୍କ ଜମିଜମା ସଂକ୍ରାନ୍ତୀୟ ସମସ୍ୟା ସମାଧାନ ପ୍ରତି ବିଶେଷ ଦୃଷ୍ଟି ଦେବେ ବୋଲି ସେ ପ୍ରକାଶ କରିଛନ୍ତି । ଏଠାରେ ଥିବା ତହସିଲଦାର ବିକ୍ରମ କେଶରୀ ନାୟକଙ୍କର ଭୁବନେଶ୍ୱର ଲୋକସେବା ଭବନ ରାଜସ୍ୱ ବିଭାଗକୁ ବଦଳି ହୋଇଛି । ନୂଆ ତହସିଲଦାର ସାହୁଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ସରୋଜ କୁମାର ସାହୁ, କିଶୋରନଗର ମଣ୍ଡଳ ସଭାପତି ଧନୁର୍ଜୟ ପ୍ରଧାନ, ନାକଚି ମଣ୍ଡଳ ସଭାପତି ସଞ୍ଜୀବ ପାତ୍ର, ଜିତେନ୍ଦ୍ର ସାହୁ, ରମେଶ ଜେନାମଣି, ସୁଧାସାଗର ପ୍ରଧାନ ପ୍ରମୁଖ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ ।

## ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି




ଅନୁଗୋଳ,୨୫ ।୫(ସମିସ): ଜିଲ୍ଲା କାର୍ଯ୍ୟାଳୟରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ୨୫ ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୨୨ଟି ବ୍ୟକ୍ତିଗତ ଓ ୩ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିଲା । ୪ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୭ ହଜାର ୫୦୦ ଟଙ୍କା ଓ ୨ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ ।

## ଧଢ଼ରପାଳ ପଞ୍ଚାୟତରେ ଜନଶୁଣାଣି



କିଶୋରନଗର,୨୫ ।୫(ସମିସ): କିଶୋରନଗର ବ୍ଲକ ଧଢ଼ରପାଳ ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ବିଡିଓ ଶୁଭକାନ୍ତ ନାଏକ ଯୋଗଦେଇ ଜନସାଧାରଣଙ୍କ ମୋଟ ୧୧ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ କ୍ଷମାନିଧି ପ୍ରଧାନ, ଆରଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଝସକେତନ ସାହୁ, ଡିଇଓ (ଆରସିଏମ୍) ସରୋଜ ପ୍ରଧାନ, ଓଏଲଏମ ବିପିସି ସୁଜିତ ପ୍ରଧାନଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ ।

## ମହେଶ୍ୱର ପ୍ରଧାନଙ୍କ ୮୩ତମ ବଳିଦାନ ଦିବସ ପାଳିତ

କଣିହାଁ,୨୫ ।୫(ସମିସ):

ତାଳଚେର ପ୍ରଜାମଣ୍ଡଳର ଅମର ସହିଦ ମହେଶ୍ୱର ପ୍ରଧାନଙ୍କ ୮୩ତମ ବଳିଦାନ ଦିବସ ସୋମବାର ସ୍ଥାନୀୟ ପିଏମଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପାଳିତ ହୋଇଛି । ସୁଧାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସିଦ୍ଧିପ୍ରସାଦ ସାହୁ ସହିଦ ମହେଶ୍ୱର ପ୍ରଧାନଙ୍କ ବଳିଦାନର ଗାଥା ବର୍ଣ୍ଣନା କରିଥିଲେ । ସେ କହିଥିଲେ ଯେ ପବିତ୍ର ମୋହନ ପ୍ରଧାନ ଭାରତଛାଡ଼ ଆନ୍ଦୋଳନରେ ଯୋଗଦେବା ପାଇଁ ତାଳଚେର ଜେଲ୍ ପାଚେରି ଡେଇଁ ପଳାୟନ କରିବା ପରେ ତାଳଚେର ରାଜତନ୍ତ୍ର ଓ ବ୍ରିଟିଶ ସରକାର ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର ଆରମ୍ଭ କରିଥିଲେ । ସେହି ସମୟରେ ଜରଡ଼ା ଗ୍ରାମର ମହେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ତାଳଚେରର ଯୁବକମାନଙ୍କୁ ନେଇ ଏକ ଗରିଲା ବାହିନୀ ଗଠନ କରାଯାଇଥିଲା । ଏହି ଗରିଲା ବାହିନୀ ରାଜପକ୍ଷର ସିପାହୀମାନଙ୍କ ଉପରେ କଡ଼ା



ନଜର ରଖିବା ସହ ଗ୍ରାମକୁ ପ୍ରବେଶ ପୂର୍ବରୁ ଟାଙ୍ଗିଆ, ଧନୁଶର ଭଳି ଦେଶୀ ଅସ୍ତ୍ରଶସ୍ତ୍ର ଧରି ଅତର୍କିତ ଆକ୍ରମଣ କରୁଥିଲେ । ପରେ ରାଜପକ୍ଷ ଛଳନାର ଆଶ୍ରୟ ନେଇ ଟିକିରା ଓ ଓହ୍ଲାଣୀ ଯୋଡ଼ର ମିଳନସ୍ଥଳ ଖଣ୍ଡାଧୂଆଁ ନିକଟରେ ସନ୍ଧ୍ୟା ସମୟରେ ବିଶ୍ରାମ କରୁଥିବା ଗରିଲା ବାହିନୀ ଉପରେ ଗୁଳିବର୍ଷଣ କରିଥିଲେ । ଏଥିରେ କାଳିଆ ଦାସ, ପଦିଆ ବେହେରା, ଫିରିଙ୍ଗି ପ୍ରଧାନ ଓ ଯଦୁନାଥ ପ୍ରଧାନ ପ୍ରମୁଖ ଆହତ ହୋଇ ପଳାଇଥିବା ବେଳେ ଆହତ ମହେଶ୍ୱର ପ୍ରଧାନ ଧରାପଡ଼ିଥିଲେ । ଫୌଜ ମହେଶ୍ୱରଙ୍କ ଗୋଡ଼କୁ ଜିପ୍‌ର ପଛରେ ବାନ୍ଧି କଣିହାଁ ପର୍ଯ୍ୟନ୍ତ ଘୋଷାଡ଼ି ଆଣିଥିଲେ । ପରେ ତାଙ୍କ ଶରୀରକୁ ଖଣ୍ଡବିଖଣ୍ଡିତ କରି ଟିକିରା ନଦୀରେ ଫିଙ୍ଗି ଦେଇଥିଲେ । ସହିଦ ମହେଶ୍ୱରଙ୍କ ବଳିଦାନ ସହିଦ ରାଜଗୁରୁଙ୍କଠାରୁ କୌଣସି ଗୁଣରେ କମ୍ ନୁହେଁ ବୋଲି ମତପ୍ରକାଶ କରିଥିଲେ । ସଭାରେ ଉପସ୍ଥିତ ଜନସାଧାରଣ କଣିହାଁର ଯେଉଁ ସ୍ଥାନରେ ସହିଦ ମହେଶ୍ୱର ପ୍ରଧାନଙ୍କ ଶରୀରକୁ ଖଣ୍ଡବିଖଣ୍ଡିତ କରାଯାଇଥିଲା, ସେହି ଚାରିଛକକୁ 'ମହେଶ ଛକ' ନାମରେ ନାମିତ କରିବାକୁ ଦାବି କରିଥିଲେ । କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କ୍ଷୀରସିନ୍ଧୁ ସେଠୀ, ଦେବେନ୍ଦ୍ର ବାରିକ, ଭୂପେନ ଗଡ଼ନାୟକ, ଶିକ୍ଷକ ଭୀମସେନ ସାମଲ, ସୁନୀଲ ପ୍ରଧାନ, ମହେଶ୍ୱର ନାଏକ, ଲୋକନାଥ ବେହେରା, ବିନାୟକ ପ୍ରଧାନ, କାଳନ୍ଦୀ ପ୍ରଧାନ, ଗଗନ ପ୍ରଧାନ, ସତ୍ୟରାମ ପ୍ରଧାନ, ଜ୍ଞାନେନ୍ଦ୍ର କୁମାର ନାଏକ ଓ ସହିଦଙ୍କ ପୌତ୍ର ଜିତେନ କୁମାର ପ୍ରଧାନ, ଛବୀନ୍ଦ୍ର ପ୍ରଧାନ, ସତୀଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ । ସଭା ପ୍ରାରମ୍ଭରେ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସହିଦଙ୍କ ସ୍ମୃତିରେ ପ୍ରାର୍ଥନା କରାଯାଇଥିଲା ।

# ଭୁବନେଶ୍ୱର ସିଟି



# ଓଡ଼ିଆ ଅଧିକାରୀଙ୍କୁ ଇଆର୍‌ଏସ୍ ପାଇଁ ବାଧ କରୁଛି ଏକ୍ସିସ ବ୍ୟାଙ୍କ

ଭୁବନେଶ୍ୱର, ୨୫।୫(ସମିସ)

ଏକ୍ସିସ ବ୍ୟାଙ୍କର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବରିଷ୍ଠ ଓଡ଼ିଆ ଅଧିକାରୀମାନଙ୍କୁ ବ୍ୟାଙ୍କରୁ ବାହାର କରିବା ଯୋଜନାରେ ଲାଗି ପଡ଼ିଥିବା ଅଭିଯୋଗ ହୋଇଛି। ସଅଳ ଅବସର ଯୋଜନା (ଇଆର୍‌ଓ) ନାମରେ ବରିଷ୍ଠ ଓଡ଼ିଆ ଅଧିକାରୀ ମାନଙ୍କୁ ଶୋଷଣ କରାଯାଉଛି। ଏହି ବ୍ୟବସ୍ଥା ଗତ ଆର୍ଥିକ ବର୍ଷଠାରୁ ଆରମ୍ଭ ହୋଇଥିବା ଜଣାପଡ଼ିଛି। ଏହାକୁ ନେଇ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ, ଯଦି କୌଣସି ଓଡ଼ିଆ ଅଧିକାରୀ ୫୦ ବର୍ଷ ବୟସରୁ ଅଧିକ ଏବଂ ସେ ଭାଇସ ପ୍ରେସିଡେଣ୍ଟ କିମ୍ବା ତଦୁର୍ଦ୍ଧ୍ୱ ଗ୍ରେଡ୍‌ରେ କାମ କରୁଛନ୍ତି, ସେମାନଙ୍କୁ ଡାକି ଏହି ସଅଳ ଅବସର ଯୋଜନା (ଇଆର୍‌ଓ) ଗ୍ରହଣ କରିବାକୁ ବାଧ କରାଯାଉଛି। ଯିଏ ଏହି ଯୋଜନା ନେବାକୁ ମନା କରୁଛନ୍ତି, ତାଙ୍କୁ ସେମାନଙ୍କର ପିଏମ୍‌ଏସ ସ୍କୋର୍ ବା ବାର୍ଷିକ/ ଅର୍ଦ୍ଧ ବାର୍ଷିକ ପ୍ରଦର୍ଶନ/କାର୍ଯ୍ୟ ଦକ୍ଷତା ମାନଦଣ୍ଡକୁ କମ୍ କରି ଦିଆଯାଉଛି। ଯାହାଫଳରେ, ବ୍ୟାଙ୍କ୍ ସେମାନଙ୍କୁ ୧୫ ଦିନିଆ ନୋଟିସ ଦେଇ ଚାକିରିରୁ ବରଖାସ୍ତ କରିପାରିବାର ସୁଯୋଗ ପାଉଛି। ପୂର୍ବ ଭାରତର ଅନ୍ୟ କୌଣସି ରାଜ୍ୟରେ ଏକ୍ସିସ୍ ବ୍ୟାଙ୍କରେ ଏହି ବ୍ୟବସ୍ଥା ଲାଗୁ ହୋଇ ନ ଥିବା ବେଳେ ଓଡ଼ିଶାରେ ଓଡ଼ିଆ ଅଧିକାରୀମାନଙ୍କୁ ଏଥିପାଇଁ ଟାର୍ଗେଟ କରାଯାଉଛି।

ପ୍ରକାଶ ଥାଉକି, ଓଡ଼ିଶାରେ ଏକ ପ୍ରମୁଖ ଘରୋଇ ବ୍ୟାଙ୍କ୍ ଭାବରେ ଏକ୍ସିସ୍ ବ୍ୟାଙ୍କ ୧୯୯୭ରେ ଏହାର ପ୍ରଥମ ଶାଖା ଭୁବନେଶ୍ୱରସ୍ଥିତ ସତ୍ୟନଗରଠାରେ ଖୋଲିଥିଲା। ବର୍ତ୍ତମାନ ଓଡ଼ିଶାରେ ଏହି ବ୍ୟାଙ୍କର ୨୭୦ରୁ ଊର୍ଦ୍ଧ୍ୱ ଶାଖା କାର୍ଯ୍ୟ କରୁଛି। ରାଜ୍ୟ ସରକାର ମଧ୍ୟ ତାଙ୍କ ମୋଟ କାରବାରର ଏକ ପ୍ରମୁଖ ଭାଗ ଏକ୍ସିସ୍ ବ୍ୟାଙ୍କରେ କରୁଛନ୍ତି। ତେଣୁ ବ୍ୟାଙ୍କ୍‌ର ଏହି ଓଡ଼ିଆ ଅଫିସର ମାରଣ ନୀତି ବିରୁଦ୍ଧରେ ରାଜ୍ୟ ସରକାର କାହିଁକି ନିରବ ଅଛନ୍ତି ବୋଲି ଗ୍ରାହକଙ୍କ ମହଲରେ ପ୍ରଶ୍ନ ଉଠିଛି।

## ଚଳିତ ବର୍ଷ ଏବେ ସୁଦ୍ଧା ବିଦା ହେଲେଣି ୭ ଜଣ ଅଧିକାରୀ

ଗତ ଆର୍ଥିକ ବର୍ଷରେ ବ୍ୟାଙ୍କ୍ ବିନୋଦ ଚୌଧୁରୀ, ଶାଶ୍ୱତ ଦାସ, ନଳିନୀ ଦାସ ଏବଂ ଆଶିଷ ମହାନ୍ତି ଭଳି ଚାରି ଜଣ ଦକ୍ଷ ଅଧିକାରୀଙ୍କୁ ବିଦା କରିଥିବା ବେଳେ, ଚଳିତ ବର୍ଷ ଏବେ ସୁଦ୍ଧା ୭ ଜଣ ଅଧିକାରୀଙ୍କୁ ବିଦା କରିଛି। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା, ରାଜ୍ୟର ଦୁଇ ସର୍କଲ ମୁଖ୍ୟ ଦେବେନ୍ଦ୍ର ସାହୁ ଏବଂ ବିପ୍ଲବୀ ପଟ୍ଟନାୟକ ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି। ସେମାନଙ୍କ ଜାଗାରେ ଦୁଇ ଜଣ ଅଣ ଓଡ଼ିଆ ଅଧିକାରୀଙ୍କୁ ନିଯୁକ୍ତି ମିଳିଛି। ଏହା ବ୍ୟତୀତ ବିଭୁ ମିଶ୍ର, ନୀଳକଣ୍ଠ ମିଶ୍ର, ବ୍ରଜ ମିଶ୍ର, ପ୍ରଶାନ୍ତ ମିଶ୍ର ଏବଂ ତରୁଣ ତାରେଣିଆଙ୍କ ଭଳି ବରିଷ୍ଠ ଅଧିକାରୀମାନଙ୍କୁ ମଧ୍ୟ ସେମାନଙ୍କ ଶିକାର କରିବାକୁ ପଛାଇ ନାହାନ୍ତି। ଏହା ବାଦ୍ ଛତିଶଗଡ଼ରେ ଥିବା ପ୍ରଶାନ୍ତ ପାଣିଗ୍ରାହୀ, ସମୀର ପାତ୍ର ଏବଂ ଭୋଳା ଶତପଥୀ ଭଳି ବରିଷ୍ଠ ଓଡ଼ିଆ ଅଧିକାରୀ ମାନଙ୍କର ପିଏମ୍‌ଏସ ସ୍କୋର୍ କମାଯାଇ ଚାକିରି ଛାଡ଼ିବାକୁ ଏକ ପ୍ରକାର ବାଧ କରାଯାଉଛି। ଫଳରେ ଅନ୍ୟ ରାଜ୍ୟରେ ଥିବା ଏହି ବରିଷ୍ଠ ଓଡ଼ିଆ ଅଧିକାରୀମାନେ ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ମଧ୍ୟ ହେଉଛନ୍ତି।

ଓଡ଼ିଶାରେ ଏକ୍ସିସ୍ ବ୍ୟାଙ୍କର ସୁନାମ ଏବଂ ବ୍ୟବସାୟ ପାଇଁ ଏହି ବରିଷ୍ଠ ଅଧିକାରୀମାନଙ୍କର ଯଥେଷ୍ଟ ଅବଦାନ ରହିଛି। ଅତୀତରେ ଏହି ଅଧିକାରୀମାନେ ବହୁବାର ସେମାନଙ୍କ କାର୍ଯ୍ୟ ଦକ୍ଷତା ପାଇଁ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକଙ୍କଠାରୁ ପୁରସ୍କୃତ ହୋଇଛନ୍ତି। ଆଶ୍ଚର୍ଯ୍ୟର ବିଷୟ ଏହିକି ଯେ, ପୂର୍ବ ଭାରତ ରାଜ୍ୟ ଯେପରିକି ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ, ଆସାମ ଏବଂ ପୂର୍ବୋତ୍ତର ରାଜ୍ୟମାନଙ୍କର ଅଧିକାରୀମାନଙ୍କ ପାଇଁ ଏହି ସଅଳ ଅବସର ଯୋଜନା (ଇଆର୍‌ଓ) ବ୍ୟବସ୍ଥା ଲାଗୁ ହେଉ ନାହିଁ। ଏକ ନିର୍ଭରଯୋଗ୍ୟ ସୂତ୍ରରୁ ପ୍ରକାଶ ଯେ, କିଛି ବରିଷ୍ଠ ଓଡ଼ିଆ ଅଧିକାରୀ ମଧ୍ୟ ଏଥିପାଇଁ ଅଦାଲତର ଆଶ୍ରୟ ନେଇଥିବା ଜଣା ପଡ଼ିଛି ଏବଂ ଅଦାଲତ ଏହି ପଦକ୍ଷେପ ଉପରେ ରହିତାଦେଶ ମଧ୍ୟ ଦେଇଛନ୍ତି।

ଅନ୍ୟ ଏକ ସୂତ୍ରରୁ ପ୍ରକାଶ ଯେ, ବ୍ୟାଙ୍କ୍ ଇଆର୍‌ଓ ଅଧୀନରେ କର୍ମଚାରୀମାନଙ୍କୁ କୌଣସି ଲୋଭନୀୟ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରୁନାହିଁ। କେବଳ ଏକକାଳୀନ ୩ ମାସର ଦରମା ବ୍ୟତୀତ ଅନ୍ୟ କୌଣସି ଅର୍ଥ ପ୍ରଦାନ କରୁନାହିଁ। ଅନ୍ୟ ସରକାରୀ ବ୍ୟାଙ୍କ କିମ୍ବା କର୍ପୋରେଟ ଭଳି ଏଥିରେ କୌଣସି ଲାଭଜନକ ବ୍ୟବସ୍ଥା ନାହିଁ ଏବଂ ଏହା ଇଚ୍ଛାଧୀନ ନ ହୋଇ ବାଧ୍ୟତାମୂଳକ ଭାବେ କିଛି ନିର୍ଦ୍ଦିଷ୍ଟ ବରିଷ୍ଠ ଅଧିକାରୀମାନଙ୍କ କ୍ଷେତ୍ରରେ ଲାଗୁ କରାଯାଉଛି। ସରକାର, ବରିଷ୍ଠ କର୍ମଚାରୀମାନଙ୍କ କ୍ଷେତ୍ରରେ କୋହଳ କାର୍ଯ୍ୟ ବ୍ୟବସ୍ଥା ଲାଗୁ କରୁଥିବା ବେଳେ ଏକ୍ସିସ୍ ବ୍ୟାଙ୍କ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ବିପରୀତ। ୫୦ ବର୍ଷ ହେଲା ତ, ବ୍ୟାଙ୍କ୍ ଛାଡ଼ିବା ପାଇଁ ପ୍ରସ୍ତୁତ ରହିବା ଆବଶ୍ୟକ ବୋଲି, ବ୍ୟାଙ୍କ୍‌ର ଏହି ବରିଷ୍ଠ ଅଧିକାରୀ ଜଣକ ରୋକଠୋକ୍ କହି ବୁଲୁଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି, ଖାଲି ଓଡ଼ିଆ ଅଧିକାରୀଙ୍କ କ୍ଷେତ୍ରରେ ଏହି ବ୍ୟବସ୍ଥା କାହିଁକି? ରାଜ୍ୟ ସରକାର ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଚକ୍ରାନ୍ତ କରୁଥିବା ଦୁଇ ଅଣ ଓଡ଼ିଆ ଅଧିକାରୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି। ରିଜର୍ଭ ବ୍ୟାଙ୍କ୍ ତଥା ଅର୍ଥ ମନ୍ତ୍ରଣାଳୟକୁ ଚିଠି ମାଧ୍ୟମରେ ଜଣାଇବାକୁ ଅନୁରୋଧ କରାଯାଇଛି।

# ପେଟ୍ରୋଲ୍ ପମ୍ପରେ ଭୁଜାଲି ମାଡ଼; କର୍ମଚାରୀ ଆହତ



ଭୁବନେଶ୍ୱର, ୨୫।୫(ସମିସ): ଭୁବନେଶ୍ୱର ଉପକଣ୍ଠସ୍ଥ କାଟେଣୀ ଛକରେ ଥିବା ପେଟ୍ରୋଲ ପମ୍ପରେ ପେଟ୍ରୋଲ ମାଗିବାକୁ କେନ୍ଦ୍ରକରି ଭୁଜାଲିରେ ଆକ୍ରମଣ ହୋଇଛି। ଏଥିରେ ପେଟ୍ରୋଲ ପମ୍ପର ଜଣେ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ଯୁବକ ହେଲେ କଟକ ଜିଲ୍ଲା କାନପୁର ଥାନା ରଷିପଡ଼ା ଗ୍ରାମର ସଂଗ୍ରାମ ଜେନା।

ଖବର ନେବାରୁ ଜଣାପଡ଼ିଛି ଯେ, ରବିବାର ସନ୍ଧ୍ୟାରେ ୩ ଜଣ ନିଶାସକ୍ତ ଯୁବକ ଆସି ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ ମାଗିଥିଲେ। ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ ଦେବା ପାଇଁ ମନା କରିବାରୁ ସେମାନେ ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଏଥି ସହିତ କ୍ୟାସ୍ ବ୍ୟାକ୍ ଛଡ଼ିବାକୁ ଉଦ୍ୟମ କରିଥିଲେ ଏବଂ ପେଟ୍ରୋଲ ପମ୍ପରେ ନିଆଁ ଲଗାଇବାକୁ ଧମକ୍ ଦେଇଥିଲେ। ପମ୍ପର ଅନ୍ୟ କର୍ମଚାରୀମାନେ ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରିବାରୁ ସେମାନଙ୍କୁ ମଧ୍ୟ ଭୁଜାଲିରେ ଆକ୍ରମଣ କରିବା ପାଇଁ ଉଦ୍ୟମ କରିଥିଲେ ୩ ଜଣ ଯୁବକ। ତେବେ ସେମାନଙ୍କ ଭୁଜାଲି ଆକ୍ରମଣରେ ସଂଗ୍ରାମଙ୍କ ମୁଣ୍ଡ ଫାଟି ଯାଇଛି ଏବଂ ମୁଣ୍ଡରେ ୬ଟି ଷ୍ଟିଚ୍ ପଡ଼ିଛି। ଆହତ ସଂଗ୍ରାମଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା କରାଯାଉଥିବା ବେଳେ ଏ ନେଇ ଚନ୍ଦକା ଥାନାରେ ଅଭିଯୋଗ ହୋଇଛି। ଚନ୍ଦକା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏ ନେଇ ତଦନ୍ତ କରୁଛି। ସିସିଟିଭି ଆଧାରରେ ଆକ୍ରମଣ କରିଥିବା ଯୁବକମାନେ ଆଖପାଖ ଅଞ୍ଚଳର ବୋଲି ପୁଲିସ ଜାଣିବାକୁ ପାଇଛି। ସେମାନେ ହେଲେ ଅର୍ଜୁନ୍ ସିଂହ, ଶକ୍ତି ସିଂହ ଏବଂ ମିଥୁନ ପାଟଶାଣୀ।

# ପ୍ରେମିକାର ଗର୍ଭନଷ୍ଟ କରି ପ୍ରେମିକ ଗିରଫ

ଭୁବନେଶ୍ୱର, ୨୫।୫ (ସମିସ) ପ୍ରେମିକାର ଗର୍ଭନଷ୍ଟ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଅନୁଗୁଳ ଜିଲା ଆଠମଲ୍ଲିକ ଥାନା ମାଧପୁର ଥାନାର ଆଲୋକ ସାହୁ (୨୬)। ପୁଲିସ ସୂଚନାନୁସାରେ, ଆଲୋକ ଓ ଯୁବତୀ ଜଣକ ଗୋଟିଏ ଘରୋଇ ସଂସ୍ଥାରେ ଏକାଠି କାମ କରୁଥିବା ବେଳେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଆଲୋକ ବିବାହ କରିବାର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲା। ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ଦ୍ୱାରା ଯୁବତୀ ଜଣକ ଗର୍ଭବତୀ ହୋଇ ଯାଇଥିଲେ। ଗର୍ଭବତୀ ଯୁବତୀ ଜଣକ ବିବାହ କରିବାକୁ କହିବାରୁ ଆଲୋକ ଏଡ଼ାଇ ଯାଇଥିଲା। ଏଥିସହିତ ଯୁବତୀଙ୍କ ଅଜାଣତରେ ଗର୍ଭନଷ୍ଟ କରି ଦେଇଥିଲା। ପରବର୍ତ୍ତୀ ସମୟରେ ବିବାହ କରିବାକୁ ମନା କରିଦେଇଥିଲା। ଏନେଇ ପୀଡ଼ିତା ଭରତପୁର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଆଲୋକକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଅଂଶୁଘାତରେ ତଳେ ପଡ଼ିଗଲେ ଯୁବକ

ଯାଁଲା, ୨୫।୫(ସମିସ): ରାଜଧାନୀରେ ପ୍ରଚଣ୍ଡ ଗ୍ରୀଷ୍ମ ଲହରୀ ଜାରୀ ରହିଥିବା ବେଳେ ଘନ ଘନ ବିଦ୍ୟୁତ୍ କାଟ୍ ଜନଜୀବନକୁ ଅସ୍ତ ବ୍ୟସ୍ତ କରୁଛି। ଜଟଣୀ ବ୍ଲକ ଯାଁଲା ପଞ୍ଚାୟତ ତଳଖେତା ଛକରେ ଦୈନିକ ଜଳଖିଆ ବେପାର କରୁଥିବା ମୋହନ ଜେନା ରାତି ୮ଟା ସମୟରେ ତାଙ୍କ ଦେହ ହଠାତ୍ ଅସୁସ୍ଥ ଲାଗିବାରୁ ସେ ତାଙ୍କ ଘର ଗୋବିନ୍ଦପୁର ଯାଇଥିଲେ। ଘରେ ପହଞ୍ଚିବା କ୍ଷଣି ତାଙ୍କର ମୁଣ୍ଡ ଦେହ ବୁଲେଇବା ସଙ୍ଗେ ସଙ୍ଗେ ତାଙ୍କୁ ହଠାତ୍। ଆଉ କିଛି ଦେଖାଯାଇ ନ ଥିଲା, ଏବଂ ସେ ହଠାତ୍ ତଳେ ପଡ଼ିଯାଇଥିଲେ, ଘର ପରିବାର ଲୋକେ ପାଖରେ ଥିବା ଏକ ଅଟୋ ସାହାଯ୍ୟରେ ଏକ ଘରୋଇ ହସ୍ପିଟାଲକୁ ନେଇଯାଇଥିଲେ। ସେଠାରେ ଡାକ୍ତରଙ୍କ ଚିକିତ୍ସା ଯୋଗୁଁ ଭଲ ହୋଇ ଘରକୁ ଫେରିଥିଲେ।

# ଠକେଇ କରି ବାଇକ୍ ନେଇଗଲେ; ଡ୍ରାଇଭର୍ ଗିରଫ



ଭୁବନେଶ୍ୱର, ୨୫।୫(ସମିସ): ଠକେଇ କରି ମୋଟରସାଇକେଲ ନେବା ଅଭିଯୋଗରେ ସହିଦନଗର ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ଚୌଦ୍ୱାର୍ ଗୌସା ନଗର ଅଞ୍ଚଳର ଅରୁପ କୁମାର ସାମଲ। ସୂଚନାଯୋଗ୍ୟ ଯେ, ବିଜୟ କସ୍ତା ଟ୍ୱିନ୍ ସିଟି ଏଲପିଜି ଡିଷ୍ଟ୍ରିବ୍ୟୁଟରରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିବା ବେଳେ ଅଭିଯୁକ୍ତ ଅନୁପ କୁମାର ସାମଲ ସେଠାରେ ଡ୍ରାଇଭର ଭାବେ କାମ କରୁଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ଔଷଧ ଆଣିବା ପାଇଁ ବଜାରକୁ ଯିବେ ବୋଲି କହି ଅଭିଯୋଗକାରୀଙ୍କ ମୋଟରସାଇକେଲକୁ କିଛି ସମୟ ପାଇଁ ନେବାକୁ କହିଥିଲେ। ଉଭୟେ ଏକାଠି କାମ କରୁଥିବାରୁ ଏବଂ ପରସ୍ପର ପରିଚିତ ଥିବାରୁ ଅଭିଯୋଗକାରୀ ଅଭିଯୁକ୍ତଙ୍କ କଥାରେ ବିଶ୍ୱାସ କରି ତାଙ୍କୁ ମୋଟରସାଇକେଲ ଦେଇଥିଲେ। 'କିନ୍ତୁ ଅଭିଯୁକ୍ତ ମୋଟରସାଇକେଲ ନେଇ ଯିବା ପରେ ଆଉ ଅଫିସକୁ ଫେରିନଥିଲେ କିମ୍ବା ମୋଟରସାଇକେଲ ଫେରସ୍ତ କରି ନ ଥିଲେ। ଅଭିଯୋଗକାରୀ ତାଙ୍କ ସହ ଯୋଗାଯୋଗ କରି ମୋଟରସାଇକେଲ ଫେରାଇବାକୁ ବାରମ୍ବାର ଚେଷ୍ଟା କରିଥିଲେ ମଧ୍ୟ ଅଭିଯୁକ୍ତ ତାହା ଫେରାଇ ନଥିଲେ। ପରେ ଅଭିଯୋଗକାରୀ ଥାନାରେ ଏନେଇ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଜାଣିଶୁଣି ଠକିବା ଉଦ୍ଦେଶ୍ୟରେ ଅଭିଯୋଗକାରୀଙ୍କଠାରୁ ମୋଟରସାଇକେଲ ନେଇଥିଲେ ଏବଂ ପରେ ତାହାକୁ ନିଜ ହେପାଜତରେ ରଖିଥିଲେ।

# ୧୧କେଭି ତାର ଛିଡ଼ି ଜଳିଗଲା ସ୍କୁଟି

ଭୁବନେଶ୍ୱର, ୨୫।୫(ସମିସ): ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ୧୧କେଭି ବିଦ୍ୟୁତ ତାର ଛିଣ୍ଡି ଏକ ସ୍କୁଟି ଜଳିଯାଇଛି। ଘଟଣାସ୍ଥଳରେ ଅଗ୍ନିଶମ ବାହିନି ପହଞ୍ଚି ନିଆଁକୁ ଆୟତ କରିଛି। ମିଳିଥିବା ସୂଚନା ମୁତାବକ, ଫାଇନାନ୍ସ କମ୍ପାନୀରେ ଏକ ଚାକିରି ପାଇଁ ଇଣ୍ଟରଭ୍ୟୁ ଦେବାକୁ ଜଣେ ଯୁବକ ପୁରୁଣା ଭୁବନେଶ୍ୱରକୁ ଆସିଥିଲେ। ବାହାରେ ଗାଡ଼ି ରଖି ସେ ଜବ୍ ଇଣ୍ଟରଭ୍ୟୁ ଦେବାକୁ ଯାଇଥିଲେ। ଏହି ସମୟରେ ପ୍ରଚଣ୍ଡ ଗରମ ଯୋଗୁଁ ୧୧କେଭି ବିଦ୍ୟୁତ ତାର ଛିଣ୍ଡି ଯାଇଥିଲା। ଏହି ତାର ତାଙ୍କ ଗାଡ଼ି ଉପରେ ପଡ଼ିଥିଲା। ଯାହାଫଳରେ ସ୍କୁଟିଟି ଜଳି ଯାଇଥିଲା। ଯୁବକ ଜଣଙ୍କ ଇଣ୍ଟରଭ୍ୟୁ ଦେଇ ନ ପାରି ଫେରି ଯାଇଥିଲେ। ଏହାସହ ଗାଡ଼ି ବି ହରାଇଥିଲେ।

# ପଛରୁ ପିଟିଲା କାର; ଯୁବକ ମୃତ

ହଂସପାଳ, ୨୫।୫(ସମିସ): ଦ୍ରୁତ ଗତିରେ କାର ଚଳାଇ ପଛରୁ ଧକ୍କାଦେବା ଫଳରେ ଯୁବକ ମୃତ। ପାହାଳ ଥାନା ପୁଲିସ ମୃତକଙ୍କ ସମ୍ପର୍କୀୟ ରାଜକିଶୋର ମଲ୍ଲିକ (୩୦)ଙ୍କ ଲିଖିତ ରିପୋର୍ଟ ଆଧାରରେ ଆଧାରରେ ସମ୍ବଲପୁର ସଦର ଥାନା ଭୀମଭୋଇ ନଗର ଦନିପଲ୍ଲୀ ଗ୍ରାମର ବିବେକ ରାୟ (୨୧) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବିବେକ ଟଙ୍କପାଣି ରୋଡ, ସାଇ ମନ୍ଦିର ଛକ ନିକଟରେ ରୁହନ୍ତି। ସୂଚନା ଅନୁସାରେ ଗତ ୨୩ ତାରିଖ ରାତି ପ୍ରାୟ ୧୧.୩୦ ସମୟରେ ମୃତକ ରାଖେଲ କୁମାର ମଲ୍ଲିକ ଏବଂ ତାଙ୍କ ସମ୍ପର୍କୀୟ ଭାଇ ରାଜକିଶୋର ମଲ୍ଲିକ ହୋଟେଲ ଚାନ୍‌ସେଲର ସମ୍ମୁଖ ରାସ୍ତା କଡ଼ରେ ଠିଆ ହୋଇଥିବା ବେଳେ ଭୁବନେଶ୍ୱର ପଟୁ କଟକ ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଏକ କଳା ରଙ୍ଗର କାର ରାଖେଲ କୁମାର ମଲ୍ଲିକଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇବା ପରେ ଗାଡ଼ି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।



ଗିରଫ ଯୁବକ



ଗୁରୁତର ଆହତ ଅବସ୍ଥାରେ ସ୍ଥାନୀୟ ଲୋକମାନେ ରାଖେଲ କୁମାର ମଲ୍ଲିକଙ୍କୁ ଆଇଏମଏସ୍ ଏଣ୍ଡ ସମ୍ ହସ୍ପିଟାଲ-୨, ଫୁଲନଖରାକୁ ଚିକିତ୍ସା ପାଇଁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳ ପରିଦର୍ଶନ ସମୟରେ ପୁଲିସ ଏକ ଛିଣ୍ଡା ନମ୍ବର ପ୍ଲେଟ ଜବତ କରିଥିଲା। ପରେ ମୃତକ ରାଖେଲ କୁମାର ମଲ୍ଲିକଙ୍କ ମୃତଦେହର ଇନକ୍ୱେଷ୍ଟ ଆଇଏମଏସ୍ ଏଣ୍ଡ ସମ୍ ହସ୍ପିଟାଲ-୨ ରେ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା।

ପରବର୍ତ୍ତୀ ତଦନ୍ତରୁ ଜଣାପଡ଼ିଥିଲା ଯେ, ଦୁର୍ଘଟଣା ଘଟାଇଥିବା ଗାଡ଼ିଟି ପ୍ରଣବ ସିଂ ରାଠୋରଙ୍କ ନାମରେ ରେଜିଷ୍ଟର୍ ହୋଇଥିବା ବେଳେ ତାହାକୁ ଭୁବନେଶ୍ୱର ଗଜପତିନଗରର "ରେଭଟ୍ୟୁନ ଟେକ୍ନୋଲୋଜି (ଓପିସି) ପ୍ରାଇଭେଟ୍ ଲିମିଟେଡ୍ କାର ଜୋନ୍ ରେଣ୍ଟାଲ୍ସ" କୁ ଭଡ଼ାରେ ଦିଆଯାଇଥିଲା। ଯାଞ୍ଚରୁ ଜଣାପଡ଼ିଥିଲା ଯେ ୨୩ ତାରିଖ ରେ ଅଭିଯୁକ୍ତ ବିବେକ ରାୟ ଗୋଟିଏ ଦିନ ପାଇଁ ଉକ୍ତ ଗାଡ଼ିକୁ ଭଡ଼ାରେ ନେଇଥିଲେ। ପରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ପୁଲିସ ହଂସପାଳ ବସ୍ ଷ୍ଟପ ନିକଟରୁ କ୍ଷତିଗ୍ରସ୍ତ ଗାଡ଼ିଟିକୁ ଠାବ କରିବା ସହ ଅଭିଯୁକ୍ତ ଗାଡ଼ି ଚାଳକଙ୍କୁ କାବୁ କରିଥିଲା। ପଚରାଉଚରା ସମୟରେ ଅଭିଯୁକ୍ତ ଦୁର୍ଘଟଣା ଘଟାଇଥିବା ସ୍ୱୀକାର କରିଥିଲେ।

# ଅସହ୍ୟ ଗ୍ରୀଷ୍ମ ତାପରେ କୁକୁଡ଼ା ମଡ଼କ

ଯାଁଲା, ୨୫।୫(ସମିସ): ରାଜଧାନୀରେ ପ୍ରଚଣ୍ଡ ଗ୍ରୀଷ୍ମ ଲହରୀ ଜାରୀ ରହିଥିବା ବେଳେ, ଘନ ଘନ ବିଦ୍ୟୁତ୍ କାଟ୍ ଜନଜୀବନକୁ ଅସ୍ତ ବ୍ୟସ୍ତ କରୁଛି। ପଶୁ ପକ୍ଷୀଙ୍କୁ ବି ନିସ୍ତାର ମିଳୁନାହିଁ। ବିଶେଷ କରି କୁକୁଡ଼ା ଚାଷ କରୁଥିବା ବ୍ୟବସାୟୀ ବିଶେଷ କ୍ଷତିଗ୍ରସ୍ତ ହେଉଛନ୍ତି, ଫାର୍ମରେ ଗରମ ସହି ନ ପାରି କୁକୁଡ଼ା ମରିଯାଉଛନ୍ତି। କ୍ଷୁଦ୍ର ଚାଷୀ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଜି ଯାଁଲା ଅଞ୍ଚଳରେ ଅସହ୍ୟ ଗରମରେ ଗୋଟିଏ ଫାର୍ମରେ ୧୭୮୦ କୁକୁଡ଼ା ମରିଯାଇଛନ୍ତି। ସୂଚନା ମୁତାବକ ଯାଁଲା ଅଞ୍ଚଳରେ କୁକୁଡା ଫାର୍ମ କରିଥିବା ଦିଲ୍ଲୀପ କୁମାର ସ୍ୱାଇଁଙ୍କ ଅଭିଯୋଗ ଅନୁସାରେ ଶୁକ୍ରବାର ମଧ୍ୟାହ୍ନରେ ବିଦ୍ୟୁତ କଟିଗଲା, ପ୍ରାୟ ୩/୪ ଘଣ୍ଟା ପର୍ଯ୍ୟନ୍ତ ଲାଇନ୍ ଆସିଲା ନାହିଁ, ଅସହ୍ୟ ଗୁଳୁଗୁଳିରେ ତାଙ୍କର ୧୭୮୦ କୁକୁଡ଼ା ମରିଗଲେ, ପ୍ରାୟ ଏକ ଲକ୍ଷ ସତୁରି ହଜାର ଟଙ୍କାର କ୍ଷୟକ୍ଷତି ହୋଇଛି, କୁକୁଡ଼ା ଫାର୍ମର ମାଲିକ ଦିଲ୍ଲୀପ କହିଛନ୍ତି, ଆଜି ପଶୁଡାକ୍ତରଙ୍କ ସହିତ ସାଇଣ୍ଟିଫିକ୍ ଟିମ୍ ଆସି ଏଠାରେ କୁକୁଡ଼ା ଖାଉଥିବା ଉପଦ୍ରବ୍ୟ ସହିତ କୁକୁଡ଼ା ମାନଙ୍କର ମଳ, ଲାଳ ପରୀକ୍ଷା କରିବା ପାଇଁ ସଂଗ୍ରହ କରିଛନ୍ତି।

# ବିଷ ପିଇ ଜୀବନ ହାରିଲେ ମହିଳା

ଭୁବନେଶ୍ୱର, ୨୫।୫ (ସମିସ): ରାଜଧାନୀରେ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ବରମୁଣ୍ଡା ଅଞ୍ଚଳର ଜଣେ ମହିଳା ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ଜଣକ ହେଲେ ସଞ୍ଜୁ ମଲ୍ଲିକ (୫୦)।

ମିଳିଥିବା ସୂଚନାନୁସାରେ, ସଞ୍ଜୁ ବରମୁଣ୍ଡା ଅଞ୍ଚଳରେ ରହୁଥିବାବେଳେ ଆଜି କୌଣସି କାରଣକୁ ନେଇ ପରିବାର ଭିତରେ ପାଟିତୁଣ୍ଡ ହୋଇଥିଲା। ଏହାପରେ ସଞ୍ଜୁ ନିଜକୁ ରୁମ୍ ଭିତରେ ବନ୍ଦ କରି ରଖିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ ପରିବାର ଲୋକେ ସନ୍ଦେହ କରିଥିଲେ। କବାଟ ତାଲା ଭାଙ୍ଗି ଦେଖିବା ବେଳକୁ ସଞ୍ଜୁ ସଂଜ୍ଞାହୀନ ଅବସ୍ଥାରେ ପଡ଼ିଥିବା ବେଳେ ତାଙ୍କ ପାଟିରୁ ଫେଣ ବାହାରୁଥିଲା। ଚିକିତ୍ସା ପାଇଁ କ୍ୟାପିଟାଲ ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଖଣ୍ଡଗିରି ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରାଥମିକ ତଦନ୍ତରୁ ବିଷକ୍ରିୟା ଜନିତ ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲେ ମଧ୍ୟ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

ଆମ ରାଜଧାନୀ ଆମ ଐତିହ୍ୟ

# ଗଙ୍ଗବଂଶ ସମୟର କୀର୍ତ୍ତି ଭବାନୀ ଶଙ୍କର ମନ୍ଦିର



ଭୁବନେଶ୍ୱର, ୨୫।୫(ସମିସ): ମନ୍ଦିରମାଳିନୀ ସହର ଭାବରେ ପରିଚିତ ରାଜଧାନୀ ଭୁବନେଶ୍ୱର। ଏଠାରେ ପ୍ରତି ଛକରେ ପୁରାତନ ମନ୍ଦିର ଦେଖିବାକୁ ମିଳେ। ରାଜରାଜୁଡାଙ୍କ ସମୟର ପୁରାତନ ମନ୍ଦିର ଯାହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଓ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଦିଆଯାଇଛି।

ସେହି ପୁରାତନ ମନ୍ଦିରଗୁଡ଼ିକ ମଧ୍ୟରୁ ଅନ୍ୟତମ ହେଉଛି ଚତୁର୍ଦ୍ଦଶ ଶତାବ୍ଦୀର ଭବାନୀ ଶଙ୍କର ମନ୍ଦିର। ଏହା ବିନ୍ଦୁସାଗରର ପଶ୍ଚିମ ଦିଗରେ ରହିଛି। ସହରରେ ଥିବା ସମସ୍ତ ପୁରାତନ ମନ୍ଦିର ଜଣାଶୁଣା ନୁହଁ ତେଣୁ କିଛି ଐତିହ୍ୟ ମନ୍ଦିର ଏବେବି ଲୁକ୍କାୟିତ ଅବସ୍ଥାରେ ରହିଛି। ସ୍ଥାନୀୟ କିମ୍ବଦନ୍ତୀ ଅନୁଯାୟୀ ଦେବୀ ପାର୍ବତୀ ଏକାମ୍ର କ୍ଷେତ୍ରରେ ରହୁଥିବା ସମୟରେ ଯେତେବେଳେ କିର୍ତ୍ତୀ ଓ ବାସା ଅସୁରଙ୍କ ସହ ସାମ୍ନା ହୋଇଥିଲା, ତାଙ୍କ ବଧ କରିବା ପରେ ଦେବୀ ପାର୍ବତୀ କ୍ଳାନ୍ତ ହୋଇ ଭଗବାନ ଶିବଙ୍କ ପାଦରେ ଶୋଇ ପଡ଼ିଥିଲେ। ତେଣୁ ଏହି ସ୍ଥାନକୁ ପବିତ୍ର କରିବା ପାଇଁ ଭବାନୀ ଶଙ୍କର ମନ୍ଦିର ନିର୍ମାଣ କରାଯାଇଥିଲା। ସେହି କାହାଣୀ ଉପରେ ଆଧାରିତ ମନ୍ଦିର ନିକଟରେ ଦୁଇଟି ଶୂନ୍ୟ ମନ୍ଦିର ମଧ୍ୟ ରହିଛି। ଯେଉଁଠି କିର୍ତ୍ତୀ ଓ ବାସା ଅସୁରଙ୍କ ବଧ ହୋଇଥିଲା ସେଠାରେ ତାଙ୍କୁ ଆଧାର କରି ସେହି ଶୂନ୍ୟ ମନ୍ଦିର ଦୁଇଟି ନିର୍ମାଣ ହୋଇଛି ବୋଲି ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି। ଆଖପାଖରେ ଥିବା ଏପରି ଅନ୍ୟ ପୁରାତନ ମନ୍ଦିର ସହ ଏହି କାହାଣୀର ସମ୍ବନ୍ଧ ରହିଛି ବୋଲି ବିଶ୍ୱାସ କରାଯାଏ। ଏହି ମନ୍ଦିରଟି ଗଙ୍ଗ ବଂଶ ଦ୍ୱାରା ପଞ୍ଚରଥ ଶୈଳୀରେ ନିର୍ମିତ ବୋଲି କୁହାଯାଏ। ଏହା ଏକ ଜୀବନ୍ତ ମନ୍ଦିର ଯେଉଁଠି ଶିବଙ୍କୁ ପୂଜା କରାଯାଏ। ପାର୍ବତୀଙ୍କ ଅନ୍ୟ ନାମ ଭବାନୀ ତେଣୁ ଶିବଙ୍କ ସହ ତାଙ୍କ ନାମ ଆଧାରରେ ଏହି ମନ୍ଦିରର ନାମକରଣ କରାଯାଇଛି।

## ଏବେ କେମିତି ରହିଛି



ମନ୍ଦିରଟିର ରକ୍ଷଣାବେକ୍ଷଣ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ କରୁଛି। ବର୍ତ୍ତମାନ ମନ୍ଦିରର ସ୍ଥିତି ମରାମତି ଆବଶ୍ୟକ କରୁଛି। ମନ୍ଦିରର ବିଭିନ୍ନ ପାର୍ଶ୍ୱରେ ଅନାବନା ଗଛ ଉଠି ମନ୍ଦିରର ସୌନ୍ଦର୍ଯ୍ୟ ନଷ୍ଟ କରୁଛି। ପ୍ରାକୃତିକ କାରଣ ଓ ବର୍ଷା ପାଣି ଯୋଗୁଁ ମନ୍ଦିରର ଉପର ପାର୍ଶ୍ୱ କ୍ଷୟ ହେବା ସହ ରଙ୍ଗ ମଧ୍ୟ ପରିବର୍ତ୍ତନ ହେବାକୁ ଲାଗିଲାଣି। ଏଥିସହିତ ମନ୍ଦିର ପଛପାଖରେ ଅନାବନା ଗଛ ଉଠି ଜଙ୍ଗଲ ସୃଷ୍ଟି ହେଲାଣି। ମନ୍ଦିର ପରିସରରେ ଏକ ପୂଜା ମଣ୍ଡପ ମଧ୍ୟ ରହିଛି। ରାସ୍ତା ପାର୍ଶ୍ୱରେ ଥିବାରୁ ମନ୍ଦିରକୁ ନିୟମିତ ଶ୍ରଦ୍ଧାଳୁ ଆସିଥାନ୍ତି। ତେଣୁ ସମୟ ସମୟରେ ମନ୍ଦିରର ମରାମତି କରିବା ଉଚିତ୍ ବୋଲି ମନ୍ଦିରର ପୂଜାରୀ ମତ ଦେଇଛନ୍ତି।



## ଭୁବନେଶ୍ୱର ସିଟି

# ସମସ୍ୟା ନେଇ କମିସନରଙ୍କୁ ଭେଟିଲେ ଉଠାଦୋକାନୀ

ଭୁବନେଶ୍ୱର, ୨୫।୫(ସମିସ)



ଭୁବନେଶ୍ୱର ମହାନଗର ନିଗମ ତରଫରୁ ଯେଉଁଭଳି ଭାବରେ ଉଠାଦୋକାନୀ ଆଇନକୁ ଖାତିର ନ କରି ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରି ଚାଲିଛନ୍ତି ତାହାର ପ୍ରତିବାଦରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ସଭାପତି ପ୍ରତାପ ସାହୁଙ୍କ ନେତୃତ୍ୱରେ ନିଖିଳ ଉତ୍କଳ ସୁରକ୍ଷା କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ

## ପ୍ରତିଶ୍ରୁତି ପରେ ଘେରାଉ ସ୍ଥଗିତ: ସଂଘ

ମିଳିତ ସହଯୋଗରେ ୨୬ ତାରିଖ ମଙ୍ଗଳବାର ଅନ୍ତର୍ଜାତୀୟ ଉଠାଦୋକାନ ଉଚ୍ଛେଦ ଦିବସରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାସଭବନ, ବିଏମ୍‌ସିର ମୁଖ୍ୟ କାର୍ଯ୍ୟାଳୟ ଓ ତିନୋଟି ଜୋନାଲ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ଡାକରା ଦିଆଯାଇଥିଲା। ଏହି ଘେରାଉ ଡାକରାକୁ ପୁଲିସ୍ କମିଶନର ହୃଦୟଙ୍ଗମ କରି କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ଡିଆଇବି କମଲଲୋଚନ ସାର୍, ଏସିପି ଓ ଏସିପି କ୍ୟାପିଟାଲଙ୍କୁ ବିଏମ୍‌ସି କମିସନରଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଦୁଇଜଣ ଏସିପି ତାଙ୍କ କାର୍ଯ୍ୟକୁ ଠିକ୍ ଭାବରେ ତୁଲାଇ ସୋମବାର ଦିନ ବିଏମ୍‌ସି କମିଶନର ଚଞ୍ଚଳ ରଣା ଓ ଭେଣ୍ଡିଂଜୋନ ଡେପୁଟି କମିସନର ଅଜୟ ମହାନ୍ତି ମହାସଂଘର ୩୦ଜଣ କର୍ମକର୍ତ୍ତାଙ୍କ ସହ ଦୀର୍ଘ ୧ ଘଣ୍ଟାରୁ ଅଧିକ ସମୟ ଆଲୋଚନା କରିବା ପରେ ବଏମ୍‌ସି କମିଶନର ମହାସଂଘର ୨୦ ଦଫା ସମ୍ବଳିତ ଦାବି ମଧ୍ୟରୁ ୧୫ଟି ଦାବିକୁ ମାନି ନେଇଥିବା କହିଛନ୍ତି ଉଠାଦୋକାନୀ ମହାସଂଘର ସଭାପତି ପ୍ରତାପ ସାହୁ। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ସସ୍ମିତା ସାହୁ, ସୂର୍ଯ୍ୟକାନ୍ତ ପଣ୍ଡା, ସୂର୍ଯ୍ୟମଣି ସାହୁ, ଜଗବନ୍ଧୁ ବେହେରା, ସଭାପତି ନିରଞ୍ଜନ ପାଣ୍ଡେ, ସାଧାରଣ ସମ୍ପାଦକ ଦୀପକ ମହାପାତ୍ର, କୋଷାଧ୍ୟକ୍ଷ ଶୁଭଲକ୍ଷ୍ମୀ ମହାନ୍ତି, ଶରତ ସାହୁ, ଏସକେ କମଳା, ମଞ୍ଜୁଲତା ନାୟକ, ଭାଗବତ ମାଣିକ, ବସନ୍ତ କୁମାର ସାହୁ, ଲକ୍ଷ୍ମୀଧର ପ୍ରଧାନ ଓ ୩୨ଟି ସଂଘର ସଭାପତି, ସମ୍ପାଦକ ଉପସ୍ଥିତ ଥିଲେ।

## ପୁରୁଣା ଫଟୋ | ପୁରୁଣା ସ୍ମୃତି



ଭୁବନେଶ୍ୱର, ୨୫।୫(ସମିସ): ବର୍ତ୍ତମାନ ସମୟରେ ରାଜଧାନୀ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ବିଭିନ୍ନ ପାର୍କ, ପର୍ଯ୍ୟଟନସ୍ଥଳୀ, ସଂଗ୍ରହାଳୟ, ମନ୍ଦିର, ବଡ ବଡ ବିଲ୍ଡିଂଠୁ ଆରମ୍ଭ କରି ମଲ ମଧ୍ୟ ରହିଛି। ପରିବର୍ତ୍ତନର ସୁଅ ରାଜଧାନୀକୁ ଦିନକୁ ଦିନ ଆହୁରି ସ୍ମାର୍ଟ ଏବଂ ଆକର୍ଷଣୀୟ କରିବାରେ ଲାଗିଛି। ହେଲେ ଅନେକ ବର୍ଷ ପୂର୍ବର ଭୁବନେଶ୍ୱରକୁ ଦେଖିଲେ ଜାଣି ହେବ ସେସମୟରେ ପର୍ଯ୍ୟଟନର କେନ୍ଦ୍ରବିନ୍ଦୁ ଏଠାକାର କାରୁକାର୍ଯ୍ୟ ବହନ କରୁଥିବା ବିଭିନ୍ନ ମନ୍ଦିର ଏବଂ ଐତିହ୍ୟସ୍ଥଳୀ ହିଁ ରହିଥିଲା। ହୁଏତ ସେ ସମୟରେ ଯାତାୟତ ସୁବିଧା ଏବଂ ବିକାଶରେ ସେତେ ଉନ୍ନତି ଆସି ନ ଥିଲା ତଥାପି ଏହା ସବୁବେଳେ ପରବର୍ତ୍ତୀ ପିଢି ପାଇଁ ଐତିହ୍ୟ କୀର୍ତ୍ତିରାଜିର ମୂକସାକ୍ଷୀ ସାଜି ଆସିଛି।

ସେହି ମନ୍ଦିରମାଳିନୀ ସହର ଭୁବନେଶ୍ୱରର ଏକ ଶତାବ୍ଦୀ ପୁରୁଣା ମନ୍ଦିରର ଫଟୋ ଆଜି ସାମାଜିକ ଗଣମାଧ୍ୟମରେ ପରିଲକ୍ଷିତ ହୋଇଥିଲା। ଯାହାକି ଫେରେଇ ନେଇଥିଲା ଅନେକବର୍ଷପଛକୁ। ଏହିଫଟୋଟିସିଦ୍ଧେଶ୍ୱରମନ୍ଦିରଏବଂମୁକ୍ତେଶ୍ୱରମନ୍ଦିରପରିସରରେ ଥିବା ଛୋଟ ଛୋଟ ମନ୍ଦିର, ଯେଉଁଠି ଲିଙ୍ଗଙ୍କୁ ପୂଜା କରାଯାଇଥାଏ। ଫଟୋଟି ୧୭୦ ବର୍ଷ ପୁରୁଣା ବୋଲି ଜଣାପଡ଼ିଛି। ଏଥିରେ ବର୍ତ୍ତମାନ ଭଳି ମନ୍ଦିରର ସୌନ୍ଦର୍ଯ୍ୟୀକରଣ ହୋଇନଥିଲା କିନ୍ତୁ ଚାରିପାଖ ପ୍ରାକୃତିକ ପରିବେଶ ଘେରା ହୋଇ ରହିଥିଲା।

# ସମ ପକ୍ଷରୁ ବିଶ୍ୱ ରକ୍ତ କର୍କଟ ଦିବସରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୫।୫(ସମିସ): ରକ୍ତ କର୍କଟ ଆଉ ଦୂରାରୋଗ୍ୟ ହୋଇ ରହିନାହିଁ। ଏହାର ଚିକିତ୍ସା ସମ୍ଭବ ଓ ଏହାକୁ ପରାସ୍ତ କରିବା ସହ ରୋଗୀ ସୁସ୍ଥ ଜୀବନ ଶୈଳୀରେ ବଞ୍ଚିପାରିବ ବୋଲି କହିଛନ୍ତି ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ମାନସ ରଞ୍ଜନ ସାହୁ। ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ ଅନ୍ତର୍ଗତ କ୍ଲିନିକାଲ୍ ହେମାଟୋଲୋଜି, ହେମାଟୋଅଙ୍କୋଲୋଜି ଓ ଷ୍ଟେମ୍ ସେଲ ଟ୍ରାନ୍ସପ୍ଲାଣ୍ଟ ବିଭାଗ ପକ୍ଷରୁ ବିଶ୍ୱ କର୍କଟ ଦିବସ ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଫେସର ସାହୁ ରକ୍ତ କର୍କଟ ବ୍ୟାଧିରୁ ସୁସ୍ଥ ହୋଇଥିବା ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ କର୍କଟ ରୋଗ କେବଳ ରୋଗୀକୁ ନୁହେଁ ସମଗ୍ର ପରିବାରକୁ କଷ୍ଟ ଦେଇଥାଏ ତେଣୁ ରୋଗୀଟି ସୁସ୍ଥ ହେବା ପରିବାର ପାଇଁ ଏକ ଆଶ୍ୱସ୍ତିର ବିଷୟ। କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିବା ସହ କ୍ଲିନିକାଲ୍ ହେମାଟୋଲୋଜି ବିଭାଗ ପକ୍ଷରୁ ସଫଳତାର ସହ ୧୦୦ ରୁ ଅଧିକ ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ସମ୍ପନ୍ନ କରାଯିବା ନେଇ ସମ୍ପୃକ୍ତ ବିଭାଗକୁ ଶୁଭେଚ୍ଛା ଜଣାଇଥିଲେ। ଏଥିରେ ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର ଡ. ଅଶୋକ କୁମାର ମହାପାତ୍ର, ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୧ର ଡିନ୍ ପ୍ରଫେସର ଡ. ସଂଘମିତ୍ରା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କ୍ଲିନିକାଲ୍ ହେମାଟୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡ. ପ୍ରିୟଙ୍କା ସାମଲ ପରିଚାଳନା କରିଥିଲେ।

# ମୁମ୍ବାଇ ଜାତୀୟ ପ୍ରଦର୍ଶନୀରେ ୫ ଓଡ଼ିଆ ଶିଳ୍ପୀ



ଡ. ପଞ୍ଚାନନ ସାମଲ | ଚନ୍ଦନ କୁମାର ସାମଲ | ନରୋତ୍ତମ ଦାସ | ହିମାଂଶୁ ମହାନ୍ତ | ସୋଫିଆ ୟାସ୍ମିନ

ଭୁବନେଶ୍ୱର/ଧଉଳି, ୨୫।୫(ସମିସ): ମୁମ୍ବାଇର ନେହରୁ ଆର୍ଟ ସେଣ୍ଟରରେ ଚଳିତ ମାସ ୨୬ ତାରିଖରୁ ଆୟୋଜିତ ହେବାକୁ ଥିବା ଜାତୀୟ କଳା ପ୍ରଦର୍ଶନୀରେ ଓଡ଼ିଶାର ପାଞ୍ଚ ଜଣ ଶିଳ୍ପୀଙ୍କ କଳାକୃତି ପ୍ରଦର୍ଶିତ ହେବ। ଏଥିରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପଞ୍ଚାନନ ସାମଲ, ଜାତୀୟ ପୁରସ୍କାରପ୍ରାପ୍ତ ଭାସ୍କର୍ଯ୍ୟ ଶିଳ୍ପୀ ଚନ୍ଦନ କୁମାର ସାମଲ ଓ ନରୋତ୍ତମ ଦାସ, ଭାସ୍କର୍ଯ୍ୟ ଶିଳ୍ପୀ ହିମାଂଶୁ ମହାନ୍ତ ଏବଂ ଚିତ୍ରଶିଳ୍ପୀ ସୋଫିୟା ୟାସ୍ମିନ୍‌ଙ୍କ ସମସାମୟିକ ଚିତ୍ରକଳା ଓ ଭାସ୍କର୍ଯ୍ୟ କଳା ପ୍ରଦର୍ଶିତ ହେବ। ପ୍ରଦର୍ଶନୀରେ ପଞ୍ଚାନନ ସାମଲଙ୍କ ସମସାମୟିକ ବିଷୟବସ୍ତୁ ଉପରେ ଆଧାରିତ ନୈରୂପ୍ୟ ବାଦୀ ଚିତ୍ରକଳା ଗୁଡ଼ିକ ପ୍ରଦର୍ଶିତ ହେବା ସହିତ ଚନ୍ଦନ ସାମଲଙ୍କ ପ୍ରକୃତି ଶୀର୍ଷକ ସମସାମୟିକ ପ୍ରସ୍ତର ଭାସ୍କର୍ଯ୍ୟ ପ୍ରଦର୍ଶିତ ହେବ। ନରୋତ୍ତମ ଦାସ ସେରାମିକ ଭାସ୍କର୍ଯ୍ୟରେ ପୌରାଣିକ ବିଷୟବସ୍ତୁକୁ ନେଇ ଆଧୁନିକ ଶୈଳୀରେ ଭାସ୍କର୍ଯ୍ୟ ରୂପ ଦେଇଥିବା ବେଳେ ହିମାଂଶୁ ମହାନ୍ତ ଓଡ଼ିଶାର କାଳଜୟୀ ପୁସ୍ତକ ଗୁଡ଼ିକୁ ମୁଗୁନି ପ୍ରସ୍ତରରେ ବାସ୍ତବ ରୂପ ପ୍ରଦାନ କରିଛନ୍ତି ଏବଂ ସୋଫିୟା ପରିତ୍ୟକ୍ତ ଆସବା ପତ୍ର ଗୁଡ଼ିକୁ ସମସାମୟିକ ଚିତ୍ର ରୂପ ପ୍ରଦାନ କରିଛନ୍ତି ଯାହା ବେଶ୍ ମନମୁଗ୍ଧକର। ଏହି ପ୍ରଦର୍ଶନୀରେ ଚଣ୍ଡିଗଡ଼, ନୂଆଦିଲ୍ଲୀ, କୋଲକାତା, ମୁମ୍ବାଇ ଓ ରାଜସ୍ଥାନରୁ ଶିଳ୍ପୀ ମାନଙ୍କ ସମସାମୟିକ ଚିତ୍ରକଳା ଓ ଭାସ୍କର୍ଯ୍ୟ କଳା ମଧ୍ୟ ପ୍ରଦର୍ଶିତ ହେବ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ପାରଳା ମହାରାଜାଙ୍କ ଶ୍ରାଦ୍ଧ ଦିବସ

ଭୁବନେଶ୍ୱର, ୨୫।୫(ସମିସ):ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣଦେବଙ୍କ ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଏଜି ଛକରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖାର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଉତ୍କଳ ସମ୍ମିଳନୀର ସଦସ୍ୟ ସୁରଜିତ ପରିଡ଼ା, କାମଦେବ



ମହାପାତ୍ର ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ବୋଲି ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା କହିଛନ୍ତି।

# ଭୁବନେଶ୍ୱରରେ ପହଞ୍ଚିଲା 'ଅଭାଦା ଭାରତ ଉଦୟ ଯାତ୍ରା'

ଭୁବନେଶ୍ୱର, ୨୫।୫(ସମିସ): ନବୀକରଣଯୋଗ୍ୟ ଶକ୍ତିକୁ ନେଇ ସଚେତନତା ତ୍ୱରାନ୍ୱିତ କରିବାକୁ ନିଜର ଦେଶବ୍ୟାପୀ ଯାତ୍ରାକୁ ଜାରି ରଖି ୧୭.୭ ଜିଡବ୍ଲ୍ୟୁପିରୁ ଅଧିକ ନବୀକରଣଯୋଗ୍ୟ ଶକ୍ତି ପୋର୍ଟଫୋଲିଓ ରହିଥିବା ଭାରତର ଅନ୍ୟତମ ସମନ୍ୱିତ ଶକ୍ତି



ରୂପାନ୍ତରଣକାରୀ ଗୋଷ୍ଠୀ ଅଭାଦା ଗ୍ରୁପ୍‌ର ପ୍ରୟାସ 'ଆଭାଡା ଭାରତ ଉଦୟ ଯାତ୍ରା' ଭୁବନେଶ୍ୱରକୁ ଆଣିଛି। ଯାହା ନାଗରିକବୃନ୍ଦ ଏବଂ ସ୍ଥାନୀୟ ସହଭାଗୀଙ୍କୁ ଦୀର୍ଘସ୍ଥାୟୀ ଶକ୍ତି ଓ ଜଳବାୟୁ-ସମ୍ବେଦନଶୀଳ ଜୀବନ ନିର୍ବାହକୁ କେନ୍ଦ୍ରକରି ଆଲୋଚନାରେ ନିୟୋଜିତ କରୁଛି। ୨୦୨୬ ମେ ୮ ତାରିଖରେ ନଏଡାରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ନବୀକରଣଯୋଗ୍ୟ ଶକ୍ତି ଓ ଦୀର୍ଘସ୍ଥାୟୀ ଜୀବନ ନିର୍ବାହକୁ ଆପଣେଇବା ସମ୍ପର୍କରେ ତୃଣମୂଳସ୍ତରରେ ବୋଧଗମ୍ୟତାକୁ ସୁଦୃଢ଼ କରିବା ଏବଂ ତାହାସହିତ ଏକ ସ୍ୱଚ୍ଛ ଓ ଅଧିକ ଆତ୍ମନିର୍ଭରଶୀଳ ଶକ୍ତି ଭବିଷ୍ୟତ ଦିଗରେ ଭାରତର ରୂପାନ୍ତରଣକୁ ସମର୍ଥନ କରିବା ଲକ୍ଷ୍ୟରେ ଦେଶବ୍ୟାପୀ ସଚେତନତା ଅଭିଯାନ ଚଳାଉଛି।

ସ୍ୱତନ୍ତ୍ର ଭାବରେ ଡିଜାଇନ କରାଯାଇଥିବା ଭ୍ୟାନ୍ ଏପର୍ଯ୍ୟନ୍ତ ଉତ୍ତର ପ୍ରଦେଶ, ଝାଡଖଣ୍ଡ ଏବଂ ଓଡ଼ିଶା ସମେତ ଚାରିଟି ରାଜ୍ୟ ଓ ଚାରିଟି ସହରରେ ପ୍ରାୟ ୨୦୧୦ କିଲୋମିଟର ଯାତ୍ରା କରିସାରିଛି। ଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ଅଭାଦା ଗ୍ରୁପ ଚେୟାରମ୍ୟାନ ଭିନିତ ମିତ୍ତଲ କହିଥିଲେ, ଅଭାଦା ଭାରତ ଉଦୟ ଯାତ୍ରା ଜରିଆରେ ଆମେ ସ୍ୱଚ୍ଛ ଶକ୍ତିକୁ ଅଧିକ ସୁଲଭ୍ୟ, ସମ୍ପର୍କିତ ଏବଂ କାର୍ଯ୍ୟାନ୍ୱୟନଯୋଗ୍ୟ କରିବାକୁ ଲକ୍ଷ୍ୟ ରଖିଛୁ, ଯେଉଁଥିରେ ସଚେତନତାକୁ ଏକ ରାଷ୍ଟ୍ରବ୍ୟାପୀ ଆନ୍ଦୋଳନରେ ରୂପାନ୍ତରଣ କରାଯିବ।

# ଶ୍ରୀଜଗନ୍ନାଥ କଥାଲହରୀରେ କଥାମୃତ




ଭୁବନେଶ୍ୱର, ୨୫।୫(ସମିସ): ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର ଟ୍ରଷ୍ଟ କାଙ୍କଣଶିଖରୀ ଆନୁକୂଲ୍ୟରେ ୩୮ତମ ଶ୍ରୀଜଗନ୍ନାଥ କଥାଲହରୀର କଥାମୃତ କାର୍ଯ୍ୟକ୍ରମ ବୁଦ୍ଧମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ମହାପ୍ରଭୁଙ୍କର ଚନ୍ଦନ ଉତ୍ସବ ଅବସରରେ ଅନୁଷ୍ଠିତ ଏହି କଥାଲହରୀରେ ଚାରଣ ପଣ୍ଡିତ ପାର୍ଥ ସାରଥୀ ମହାନ୍ତି, ମହାପ୍ରଭୁଙ୍କର ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ଦୈନିକ ନୀତିକାନ୍ତି, ବିବିଧ ଯାନିଯାତ୍ରା ଓ ପର୍ବ ପର୍ବାଣିରେ ଚନ୍ଦନର ପ୍ରୟୋଗ ସମ୍ପର୍କରେ ଚର୍ଚ୍ଚା କରିଥିଲେ। ଚନ୍ଦନର ବିଶେଷ ପ୍ରୟୋଗ, ଝୁଲଣ ଯାତ୍ରା ସମୟରେ ମହାପ୍ରଭୁଙ୍କର ହୃଦୟରେ ଲାଗିହେଉଥିବା ଚନ୍ଦନ ଟେଳା ବା ହୃଦି ପ୍ରସାଦ ଇତ୍ୟାଦିକୁ ମାଧ୍ୟମ କରି ଏହି ଚର୍ଚ୍ଚା ହୋଇଥିଲା। ମୂଖ୍ୟ ଅତିଥି ଭାବରେ ପଦ୍ମଶ୍ରୀ ଡ. ପ୍ରିୟମ୍ବଦା ହେଜମାଦି ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତିରେ ମହାପ୍ରଭୁଙ୍କର ରଥ ଓ ରଥର ଅଙ୍ଗବିଶେଷ ମଧ୍ୟ ବିଶେଷ ଭାବରେ ସାମାଜିକ ଭୂମିକା ଗ୍ରହଣ କରିଛନ୍ତି ବୋଲି ବକ୍ତବ୍ୟ ରଖୁଥିଲେ। ସାମ୍ମାନିତ ଅତିଥି ଭାବରେ ପଦ୍ମଶ୍ରୀ ଡ଼ା. ଅଶୋକ କୁମାର ମହାପାତ୍ର, ବୃକ୍ଷ ମଣିଷ ସୁକାନ୍ତ ପ୍ରଧାନ, ଅଜୟ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ପଣ୍ଡିତ ଦେବେନ୍ଦ୍ର ଦାଶ ଧ୍ୟାନ ମନ୍ତ୍ର ପାଠ କରିଥିଲେ। ଅନୁଷ୍ଠାନର ସଭାପତି ଡା. ରବି ନାରାୟଣ ସାମନ୍ତଙ୍କ ସଭାପତିତ୍ୱରେ ସୁପତି ଅରବିନ୍ଦ ଦାସ ଓ ମଧୁସ୍ମିତା ବିଶ୍ୱାଳ ପାରମ୍ପରିକ ଭଜନ ଗାନ କରିଥିଲେ।

# ଧଉଳିରେ ପର୍ଯ୍ୟଟକଙ୍କୁ ଜଳସେବା



ଧଉଳି, ୨୫।୫(ସମିସ):ପ୍ରଚଣ୍ଡ ରୌଦ୍ରତାପକୁ ପ୍ରତିହିତ କରିବାପାଇଁ ଶାନ୍ତିସ୍ତୂପ ଧଉଳିରେ ପର୍ଯ୍ୟଟକଙ୍କ ନିମନ୍ତେ ଆଞ୍ଚଳିକ ବିକାଶ ପରିଷଦ ଓ ଶ୍ରୀ ଶ୍ରୀ ଧବଳେଶ୍ୱର ବ୍ୟବସାୟୀକ ସଙ୍ଘ ପକ୍ଷରୁ ଜଳସେବା ଶୁଭାରମ୍ଭ ହୋଇଯାଇଛି। ବିକାଶ ପରିଷଦର ସଭାପତି ବୃନ୍ଦାବନ ସାହୁ ଏବଂ ବ୍ୟବସାୟ ସଂଘର ସଭାପତି ରବୀନ୍ଦ୍ର ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ସେବା ଶୁଭାରମ୍ଭ ହୋଇଥିଲା। ପରେ ଏକ କାର୍ଯ୍ୟକ୍ରମରେ ଧଉଳି ଆସିଥିବା ବ୍ଲକ ଉନ୍ନୟନ ଅଧିକାରୀ ଦେବୀ ପ୍ରସନ୍ନ ମହାନ୍ତି ଏଥିରେ ସାମିଲ ହେବାସହ ଏଭଳି ଜନହିତକର କାର୍ଯ୍ୟ ନିମନ୍ତେ ଆୟୋଜକ ମାନଙ୍କୁ ଉଚ୍ଚପ୍ରଶଂସା କରିଥିଲେ। ଏଥିରେ ଦହିପଣା ବଣ୍ଟନ କରାଯାଇଥିଲା। ଯାହାକି ତୃଷ୍ଣାର୍ତ୍ତ ପର୍ଯ୍ୟଟକଙ୍କୁ ବେଶ ଆଶ୍ୱସ୍ତି ଦେଇଥିଲା।

# ମହିଳା ଆରୋଗ୍ୟ ସମିତି ପକ୍ଷରୁ ପଣା ବଣ୍ଟନ




ଭୁବନେଶ୍ୱର, ୨୫।୫(ସମିସ):ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ନୀଳମାଧବ ଆବାସ ସମ୍ମୁଖରେ ଆରମ୍ଭ ହୋଇଥିବା ଜଳସେବା କାର୍ଯ୍ୟକ୍ରମ ଦ୍ୱିତୀୟ ଦିନର ପହଞ୍ଚିଛି। ଆଜି ମାତୃ ମଙ୍ଗଳ, ପୃଥିବୀ ଓ ଜୟଶ୍ରୀ ମହିଳା ଆରୋଗ୍ୟ ସମିତିର ସଦସ୍ୟାମାନେ ଯୋଗଦେଇ ଏହି ମାଣ୍ଡିଆ ଦହି ପଣା, ବୁଟ ଦହି ପଣା ଓ ପାନୀୟ ଜଳ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ନୀଳାଦ୍ରିବିହାର ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ଡାକ୍ତର ବିଜୟାଲକ୍ଷ୍ମୀ ପଟ୍ଟନାୟକ ଉଦ୍‌ଘାଟନ କରି ବର୍ତ୍ତମାନ ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଳୁଗୁଳି ହେଉଥିବାରୁ ଏହି ଜଳସେବା ପଥିକ ମାନଙ୍କୁ ବେଶ୍ ସହାୟକ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଆଶାକର୍ମୀ ଦାମିନି ମୁର୍ମୁ, ମାତୃ ମଙ୍ଗଳ ମହିଳା ଆରୋଗ୍ୟ ସମିତିର ସଭାପତି ବବିତା ସ୍ୱାଇଁ ପରିଚାଳନା କରିଥିଲେ। ଏଥିରେ ପାଞ୍ଚୋଟି ମହିଳା ସମିତିର ସଭାପତି, ସମ୍ପାଦିକା ବବିତା ସ୍ୱାଇଁ, ତୁଳସୀ ସ୍ୱାଇଁ, ସସ୍ମିତା ରାଉତ, ଦାମିନି ମୁର୍ମୁ, ଲକ୍ଷ୍ମୀପ୍ରିୟା ମଲ୍ଲିକ, ସବିତା ପରିଡ଼ା, ଜେନାମଣି ଘଡ଼େଇ, ରିଲା ଖୁଣ୍ଟିଆ, କେ. ଲକ୍ଷ୍ମୀ ରାଓ ପ୍ରମୁଖ ସଦସ୍ୟାମାନେ ସହଯୋଗ କରିଥିଲେ।

# ଗାଡ଼କଣରେ ପ୍ରତିଭା ସମ୍ମାନ ଉତ୍ସବ



ଭୁବନେଶ୍ୱର, ୨୫।୫(ସମିସ): ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନମ୍ବର- ୯ ଅନ୍ତର୍ଗତ ଗାଡ଼କଣ ଗ୍ରାମରେ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବଭାରତୀୟ ମାନବାଧିକାର ପରିଷଦ ତରଫରୁ ଚାରୁକଳା କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନ ଡକ୍ଟରେଟ ଉପାଧି ଗ୍ରହଣ କରିଥିବା ଗ୍ରାମର ଉଦୀୟମାନ ଚିତ୍ରଶିଳ୍ପୀ ଡ. ପ୍ରଣବ କୁମାର ସାହୁଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ଗ୍ରାମ ପରିଚାଳନା ସମିତିର ସଭାପତି ଟୁନିଆ ପାତ୍ର ଓ ସମ୍ପାଦକ ସବ୍ୟସାଚୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଥିବା ବେଳେ ୱାର୍ଡ କର୍ପୋରେଟର ସୁଷମା ସାହୁ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର, ପ୍ରତାପ ରାଉତ, ଗ୍ରାମର ପୂର୍ବତନ ସଭାପତି କିଶୋର ଜେନା ପ୍ରମୁଖ ଯୋଗଦେଇ ଡ. ସାହୁଙ୍କୁ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଙ୍ଗମାଟିଆ ଗ୍ରାମର ସଭାପତି ବୁଲୁ ପରିଡ଼ା, ରାଜ୍ୟ କ୍ୟାଟେରିଙ୍ଗ ଆସୋସିଏସନର ସମ୍ପାଦକ ଦେବୀ ପ୍ରସାଦ ରଥ, ଗଡ଼ମହାବୀର ମନ୍ଦିର କମିଟିର ସମ୍ପାଦକ ଚିତ୍ତରଞ୍ଜନ ଜେନା ସ୍ଥାନୀୟ ବୁଦ୍ଧିଜିବୀମାନେ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଅଷ୍ଟମ ଜାତୀୟ ନାଟ୍ୟ ମହୋତ୍ସବ

# ତୃତୀୟ ସନ୍ଧ୍ୟାରେ 'ଇଡିପସ୍'

ଭୁବନେଶ୍ୱର, ୨୫।୫(ସମିସ)



ଥିବସର ରାଜା ଲାୟସଙ୍କର ଏକ ତିନି ଛକି ରାସ୍ତାରେ ହତ୍ୟା ହେବାପରେ, ଥିବସ ସିଂହାସନ ଅନେକ ଦିନ ଯାଏଁ ରିକ୍ତ ହୋଇ ରହିଲା। ରାକ୍ଷାସୀ ସ୍ଫିଙ୍ଗସ ସମସ୍ତଙ୍କୁ ଗୋଟାଏ ପ୍ରଶ୍ନ ପଚାରୁ ଥିଲା, ଯିଏ ତା ପ୍ରଶ୍ନର ଠିକ୍ ଉତ୍ତର ଦେବ ସେ ହିଁ ହେବ ଥିବସ ପରବର୍ତ୍ତୀ ରାଜା। କେହି ତା ପ୍ରଶ୍ନର ଉତ୍ତର ଦେଇ ପାରୁନଥିଲେ। ହଠାତ୍ ଗୋଟିଏ ଯୁବକ ସହିତ ତାର ସାମ୍ନାସାମ୍ନି ହେଲା। ଆଉ ସେ ହିଁ ଦେଇ ପାରିଲା ତା ପ୍ରଶ୍ନର ଉତ୍ତର ଏବଂ ତା ନା ଥିଲା 'ଇଡିପସ୍'। ସେ ହିଁ ହେଲା ଥିବସ ର ପରବର୍ତ୍ତୀ ରାଜା ଏବଂ ବିବାହ କଲା ଲାୟସଙ୍କର ବିଧବା ପତ୍ନୀ ରାଣୀ ଯୋକାଷ୍ଟାଙ୍କୁ। ସମୟ ଅତିବାହିତ ହେବା ସଙ୍ଗେ ସଙ୍ଗେ ଇଡିପସ ଏବଂ ଯୋକାଷ୍ଟା ହେଲେ ଦୁଇଟି ପୁତ୍ର ଆଉ ଦୁଇଟି କନ୍ୟାଙ୍କର ପିତାମାତା। ସେହି ସମୟରେ ଥିବସର ଘୋର ଅନାଟନ ବିପର୍ଯ୍ୟୟ ଏବଂ ମହାମାରୀ ଉତ୍ପୀଡନ ପ୍ରଜାମାନଙ୍କୁ ଅତିଷ୍ଠ କଲା। କାରଣ ଜାଣିବା ପାଇଁ ରାଜା ଇଡିପସ ତାଙ୍କ ପତ୍ନୀଙ୍କର ସହୋଦର କ୍ରେୟନଙ୍କୁ ପଠାଇଲେ ଦେବ ଆପୋଲଙ୍କ ମନ୍ଦିରକୁ। ସେ ସେଠାରୁ ନିର୍ଦ୍ଦେଶ ପାଇଲେ ଯେ ଏହି ରାଜ୍ୟରେ ଜଣେ ଏମିତି ପାପୀ ଅଛି ଯିଏ ତା ପିତାଙ୍କୁ ହତ୍ୟା କରିଛି ଏବଂ ତା ମାତାଙ୍କୁ ବିବାହ କରିଛି। ତେଣୁ ତାକୁ ଦେଶରୁ ନତଡିବା ଯାଏଁ ଏ ଦୁଃଖ ଦୂର ହେବ ନାହିଁ। ଜଣେ ଅନ୍ଧ ଭବିଷ୍ୟତ ଦ୍ରଷ୍ଟା ପ୍ରସାଦକୁ ଆସି କହିଲେ ଯେ ସେ ବ୍ୟକ୍ତି ହେଉଛନ୍ତି ନିଜେ ରାଜା ଇଡିପସ।

ଏହିପରି ଏକ କାହାଣୀକୁ ନେଇ ୟୁନିଭରସିଟି ଅଫ କଲଚର ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ପରିବେଷଣ ହୋଇଛି ନାଟକ 'ଇଡିପସ୍'। ନାଟକର ନିର୍ଦ୍ଦେଶନା ଦେବବ୍ରତ ପଟ୍ଟନାୟକ କରିଥିବାବେଳେ ମୂଳ ରଚନା କରିଛନ୍ତି ସଫୋକ୍ଲିସ। ବିଦ୍ୟାକନକ ସୃଜନାନୁଷ୍ଠାନ ଆୟୋଜିତ ଏହି ସନ୍ଧ୍ୟାରେ ଅତିଥି ଭାବେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ପରିଚୟ ଫାଉଣ୍ଡେସନର ଅଧ୍ୟକ୍ଷ କିଶୋର ଚନ୍ଦ୍ର ଦ୍ୱିବେଦୀ, ଓଡ଼ିଶା ନାଟ୍ୟ ସଂଘ ସଭାପତି ମିହିର କୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## କପ୍ତିପଦା ଉପଖଣ୍ଡରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୩୩ଟି ଅଭିଯୋଗର ତତ୍କାଳ ସମାଧାନ

ଉଦଳା, ୨୫।୫ (ସମିସ): କପ୍ତିପଦା ଉପଖଣ୍ଡ ଉଦଳାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଜନଶୁଣାଣୀ ଜିଲ୍ଲାପାଳ ହେମକାନ୍ତ ସୟ, ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଯୋଗଦେଇ ୧୯୩ଟି ଅଭିଯୋଗର ଶୁଣାଣି କରି ୩୩ଟିର ତତ୍କାଳ ସମାଧାନ କରିଛନ୍ତି।

ଉପଖଣ୍ଡ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଧନଞ୍ଜୟ ମହାନ୍ତ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ମୀନକେତନ ମହାନ୍ତି ଯୋଗ ଦେଇଥିବାବେଳେ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ, ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଶୁଣାଣିରେ ସହଯୋଗ କରିଥିଲେ। ଆଜି ଶିବିରରେ ୧୯୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ଏଥିରେ ୧୫୧ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଓ ୪୨ଟି ସାମୂହିକ ସମସ୍ୟା ସମ୍ବଳିତ ଥିଲା। ସେଥିରୁ ୩୩ଟି ସମସ୍ୟାର ତତ୍କାଳ ସମାଧାନ କରାଯାଇଛି। ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨୯ ଜଣଙ୍କୁ ଏକ ଲକ୍ଷ ୬୧ ହଜାର, ରେଡ୍‌କ୍ରସ ପାଣ୍ଠିରୁ ୨ ଜଣଙ୍କୁ ୨୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ଆଜିର ଶୁଣାଣିରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ମଧ୍ୟରେ ଉଦଳା ବ୍ଲକ ରାଢ଼ୋ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ୱୟଂସହାୟିକା ଗୋଷ୍ଠୀ ମାଧ୍ୟମରେ ୩ ଜଣ କର୍ମଚାରୀ ନିଯୁକ୍ତି ପ୍ରକ୍ରିୟାକୁ ପ୍ରଧାନଶିକ୍ଷକ କରାଇ ନ ଦେବା, ଖଲାଡି ପଞ୍ଚାୟତ ରାଇଦାଣ୍ଡିଆ ଗ୍ରାମ ସରକାରୀ ରାସ୍ତାରୁ ଜବରଦଖଲ ଉଚ୍ଛେଦ, ଚୈତନଗଡ଼ି ଅଧୀନସ୍ଥ ବନ୍ଧଘୁଟୁ ଗ୍ରାମରେ ନୂତନ ନଳକୂପ ଖନନ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧୀନସ୍ଥ କପ୍ତିପଦା-ବାଲେଶ୍ୱର ରାସ୍ତାର କପ୍ତିପଦା ଗୋଲେଇଠାରୁ ସୋନ ନଦୀ ପର୍ଯ୍ୟନ୍ତ ରାସ୍ତାର ଦକ୍ଷିଣ ପାର୍ଶ୍ୱ ଡ୍ରେନ୍ ନିର୍ମାଣ, ମହାନ ସ୍ୱାଧୀନତା ସଂଗ୍ରାମୀ, ସିଦ୍ଧ ଓ କାହ୍ନୁଙ୍କର ଗୁଜିପାଳ ଗ୍ରାମର ସହିଦ ଦିବସ ପାଳନ ସ୍ଥାନରୁ ଅବରୋଧ ହଟାଇବା, ସୋଲଗଡ଼ିଆ ଗ୍ରାମର ସରକାରୀ ଜଙ୍ଗଲ ଜମି ଉପରେ ଥିବା ଆମ୍ବ ବଗିଚା ଜବରଦଖଲ ଉଚ୍ଛେଦ, ଦେୱାନ ବାହାଲୀ ପଞ୍ଚାୟତ ଡିବୁରୁ ସାହିରେ ନୂତନ ନଳକୂପ ଖନନ, ବରବାଡ଼ି ପଞ୍ଚାୟତ ନୂଆସାହି ଗ୍ରାମର ସରକାରୀ ଜଗା ଚିହ୍ନଟ କରି ଜବରଦଖଲ ଉଚ୍ଛେଦ, ବଉଳଖଲାଡ଼ି ଗ୍ରାମର ଗୋଚର ଜମି ଓ ରାସ୍ତାକୁ ବାହାର କରିବା, ଖୁଣ୍ଟା ବ୍ଲକ ଡେଙ୍ଗାମ ପଞ୍ଚାୟତର ବିପ୍ରଚରଣପୁରଠାରୁ ସଦାମଡିହି ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ, ଗୋପବନ୍ଧୁନଗର ବ୍ଲକ ଅଛଡ଼ା ମୌଜାର ଚାଷଜମିକୁ ଜଳ ଯୋଗାଣ ପାଇଁ ଥିବା ମୁଖ୍ୟ କେନାଲର ନିର୍ମାଣ ଓ ମରାମତି ଆଦି ଅଭିଯୋଗ ଉପରେ ବିଚାର କରି ତା'ର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ରମେଶ ପୃଷ୍ଟି, ସତ୍ୟପ୍ରକାଶ ପାତ୍ର, ସାଇସ୍ୱରୂପ କର, ରେଣ୍ଟା ମୁର୍ମୁ, ବିଶ୍ୱଜିତ ବେହେରା, ଦେବଯାନୀ ସାହୁ, ପାର୍ବତୀ କିସ୍କୁ, ଶ୍ରୀତମ ମହାନ୍ତି, ହିମାଂଶୁ ଶଙ୍ଖୁଆ, ଅନୁଭବ ରାଉତ, ତାପସ ପ୍ରଧାନ, ତପୁ ପାତ୍ର, ଭବାନୀ ପଣ୍ଡା, ଅଜିତ ମହାପାତ୍ର, ତରୁଣକାନ୍ତି ମହାପାତ୍ର ଓ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।



## ● ପ୍ରଚଣ୍ଡ ଖରାରେ ଫାଟିଗଲା ପାଣି ଟାଙ୍କି

# ମୂଷାବଣି ଗ୍ରାମରେ ପାନୀୟଜଳ ଯୋଗାଣ ବାଧାପ୍ରାପ୍ତ



ରାଇରଙ୍ଗପୁର, ୨୫।୫(ସମିସ): ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଜିଲ୍ଲା ବ୍ୟାପି ଅସହ୍ୟ ତାତି ଅନୁଭୂତ ହେଉଛି। ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବାବେଳେ ଲୋକେ ତତଲା କଢେଇରେ ଭାଜି ହେଉଛନ୍ତି। ତେବେ ପ୍ରଚଣ୍ଡ ଖରାରେ ରାଇରଙ୍ଗପୁର ଅଞ୍ଚଳରେ ପାଣି ଟାଙ୍କି ଫାଟିଯାଇଛି। ଫଳରେ ମୂଷାବଣି ଗ୍ରାମରେ ପାଣି ଯୋଗାଣ ବାଧାପ୍ରାପ୍ତ ହୋଇଛି।

ପାନୀୟଜଳ ଯୋଗାଣ ନିମନ୍ତେ ରାଇରଙ୍ଗପୁର ପୌରପାଳିକା ଅନ୍ତର୍ଗତ ମୂଷାବଣିରେ ଥିବା ବଡ଼ ପାଣି ଟାଙ୍କି ଫାଟିଯାଇଛି। ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ସପ୍ତାହକରୁ ଊର୍ଦ୍ଧ୍ୱ ହେବ ଅସହ୍ୟ ତାତି ହେଉଛି। ଉକ୍ତ ଟାଙ୍କିଟି ବାହାରକୁ ରହିଛି। ନିୟମିତ ଭାବେ ଖରା ପାଇ ତାହା ଅନେକ ପରିମାଣରେ ଉତ୍ତପ୍ତ ହୋଇ ଫାଟିଯାଇଛି। ଏହା ଫାଟିବାବେଳେ ଜୋରରେ ଶବ୍ଦ ହୋଇ ପାଣି ବୋହିଯାଇଥିଲା। ତେବେ ଗ୍ରାମବାସୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଟାଙ୍କି ଫାଟିବା ଯୋଗୁଁ ଗ୍ରାମର ସମସ୍ତ ଘରକୁ ଜଳ ଯୋଗାଣ ବାଧା ସୃଷ୍ଟି ହୋଇଛି। ଏହାର ସୁଧାର ନିମନ୍ତେ ବିଭାଗୀୟ ପଦକ୍ଷେପ ଗ୍ରହଣ କରାଯାଉଛି। ଆଗକୁ ଆହୁରି ସପ୍ତାହେ ତାପମାତ୍ରା ବୃଦ୍ଧି ପାଇବା ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସର୍ତକ କରାଯାଇଛି। ଯାହାକୁ ନେଇ ତାତିରେ ଲୋକେ ଆଉଟୁପାଉଟୁ ହେବାର ଅନେକ ଆଶଙ୍କା ରହିଛି।

# କାଳବୈଶାଖୀରେ ଉଡ଼ିଲା ସ୍କୁଲ ରୋଷେଇ ଘର ଛପର

ମହୁଲଡିହା, ୨୫।୫(ସମିସ): ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଗ୍ରାମରେ ଗତକାଲି ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ସାତକୋଶିଆ ହାଇସ୍କୁଲ ରୋଷେଇ ଘର ଛପର ସମ୍ପୂର୍ଣ୍ଣ ଉଡ଼ିଯାଇଛି। ରବିବାର ସନ୍ଧ୍ୟାରେ ଘୋଡ଼ାଘାଟିରୁ ସାତକୋଶିଆ ପର୍ଯ୍ୟନ୍ତ ପ୍ରାୟ ଏକ କିଲୋମିଟର ଭିତରେ ଅଳ୍ପ ସମୟ ପାଇଁ ଘୂର୍ଣ୍ଣିଝଡ଼ ତା'ର କାୟାବିସ୍ତାର କରିଥିଲା। ଏହାର ପ୍ରଭାବରେ ଗ୍ରାମ ପଞ୍ଚାୟତ ହାଇସ୍କୁଲ ସାତକୋଶିଆର ରୋଷେଇ ଘର ଛପର ଉଡ଼ିଯିବା ସହିତ ଅଞ୍ଚଳରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ସ୍କୁଲ ଛୁଟିଥିବାରୁ ଖବର ପାଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ରଣା ଆସି ବିଦ୍ୟୁତ ସଂଯୋଗ ବ୍ୟବସ୍ଥା କରିବାକୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଅବିନାଶ କୁମାର ନାୟକଙ୍କୁ ଯୋଗାଯୋଗ କରିଥିଲେ। ବିଦ୍ୟୁତ୍ ବିଭାଗ ଓ ବନ ବିଭାଗ କର୍ମଚାରୀ ଗଛ କାଟି ବିଦ୍ୟୁତ ସଂଯୋଗ କରିଥିଲେ।

# ଏମ୍‌ପିସି ଉଚ୍ଚମାଧ୍ୟମିକ ବିଦ୍ୟାଳୟ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ବାରିପଦା, ୨୫।୫(ସମିସ): ସ୍ଥାନୀୟ ଏମ୍‌ପିସି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ +୨ ପରୀକ୍ଷାରେ ଉଚ୍ଚମାନର ପ୍ରଦର୍ଶନ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେମାନଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କଳାରେ ୯୧. ୩୮ ପ୍ରତିଶତ, ବିଜ୍ଞାନରେ ୯୦. ୩୦ ପ୍ରତିଶତ ଓ ବାଣିଜ୍ୟରେ ୯୦. ୮୪ ପ୍ରତିଶତ ପାସ ହାର ରହିଥିବାବେଳେ କଳାରେ ୧୮୨ ଜଣ, ବିଜ୍ଞାନରେ ୧୪୧ ଜଣ ଓ ବାଣିଜ୍ୟରେ ୪୦ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳାରେ ୩ ଜଣ, ବିଜ୍ଞାନରେ ୯ ଜଣ ଓ ବାଣିଜ୍ୟରେ ଜଣେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବାବେଳେ କଳାରେ ଚନ୍ଦ୍ରଲେଖା ମରିଗାନ୍ତି ସର୍ବାଧିକ ୯୩. ୩୩ ପ୍ରତିଶତ, ବିଜ୍ଞାନରେ ଅଜିତ କୁମାର ଭୋଦ୍ରା ସର୍ବାଧିକ ୯୬. ୩୩ ପ୍ରତିଶତ, ବାଣିଜ୍ୟରେ ଆଶୁତୋଷ ଖଣ୍ଡେଲୱାଲ ସର୍ବାଧିକ ୯୨. ୮୩ ପ୍ରତିଶତ ନମ୍ବର ରଖିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱରଞ୍ଜନ କର ଓ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ, କର୍ମଚାରୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି।

# ବୁସକିଙ୍କୁ ମିଳିଲା ୩ ବର୍ଷର ବକେୟା ବିଧବା ଭତ୍ତା

ବାରିପଦା, ୨୫।୫(ସମିସ): ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ବଡ଼ଗାଁ ପଞ୍ଚାୟତ ସୁନାପୋଷି ଗ୍ରାମର ଗରିବ ଆଦିବାସୀ ବିଧବା ମହିଳା ବୁସକି ସୋରେନଙ୍କୁ ୩ ବର୍ଷର ଭତ୍ତା ମିଳିଛି। ୨୦୨୩ରେ ବୁସକି ସ୍ୱାମୀ ବୀରମଲ ସୋରେନଙ୍କୁ ହରାଇବା ପରେ ସେ ଅନେକ ସମସ୍ୟା, ଘାତ ପ୍ରତିଘାତ ମଧ୍ୟରେ ଦିନ କାଟୁଥିଲେ। ଏପରିକି ନିଜ ପିଲାଙ୍କ ପାଠପଢ଼ା ଖର୍ଚ୍ଚ, ଘରର ସମସ୍ତ ଦାୟିତ୍ୱ ବହନ କରିବା ତାଙ୍କ ପକ୍ଷେ ଅତ୍ୟନ୍ତ କଷ୍ଟକର ଥିଲା। ତେଣୁ ସେ ରାଜ୍ୟ ସରକାରଙ୍କ ତରଫରୁ ମିଳୁଥିବା ମଧୁବାବୁ ବିଧବା ଭତ୍ତା ପାଇବା ଆଶାରେ ବାରମ୍ବାର ପଞ୍ଚାୟତ ଅଫିସରୁ ବ୍ଲକ ଅଫିସ, ବ୍ଲକ ଅଫିସରୁ ପଞ୍ଚାୟତ ଅଫିସ ଦୌଡ଼ି ଦୌଡ଼ି ଶେଷରେ ନିରାଶ ହୋଇଥିଲେ। ଏ ଘଟଣା ବିଷୟରେ ତାଙ୍କ ସମ୍ପର୍କୀୟ ମାସା ଆର୍ମି ସକ୍ରିୟ କର୍ମୀ ସୁରେନ୍ଦ୍ର ମାଝୀ, ମାସା ଆର୍ମି ବାଙ୍ଗିରିପୋଷି ବ୍ଲକ ସଭାପତି ସାନେଲ ମୁର୍ମୁଙ୍କ ସହିତ ଯୋଗାଯୋଗ କରିଥିଲେ। ସେ ଏ ଘଟଣାକୁ ଗମ୍ଭୀରତାର ସହ ନେଇ ଗତ ୧୩ ତାରିଖ ଦିନ ବାରିପଦା ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ତାଙ୍କର ବିଧବା ଭତ୍ତା ୨୦୨୩ ଅଗଷ୍ଟ ମାସରୁ ମଞ୍ଜୁର ହୋଇଥିଲେ ସୁଦ୍ଧା ଅଦ୍ୟାବଧି ଦିଆଯାଉ ନ ଥିଲା। ତେଣୁ ଉପଜିଲ୍ଲାପାଳ ଏହାର ଯାଞ୍ଚ ଓ ତୁରନ୍ତ କରିବାକୁ ବାଙ୍ଗିରିପୋଷି ବିଡିଓଙ୍କୁ ନୋଟିସ କରିଥିଲେ। ବିଡିଓ ଘଟଣାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରି ବଡ଼ଗାଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବକେୟା ଭତ୍ତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହିତାଧିକାରୀ ବୁସକି ସୋରେନ ୩ ବର୍ଷର ବକେୟା ଭତ୍ତା ୩୧୦୦୦ ଟଙ୍କା ପାଇବା ପରେ ଖୁସି ବ୍ୟକ୍ତ କରିବା ସହ ସାନେଲ ମୁର୍ମୁଙ୍କ ସହିତ ମାସା ଆର୍ମି ଟିମକୁ ଧନ୍ୟବାଦ ଜଣାଇଛନ୍ତି।



# ଉଦଳା ବ୍ଲକ୍ ଆକାଉଣ୍ଟାଣ୍ଟଙ୍କ ବିରୋଧରେ ତଦନ୍ତ ଦାବି

ବାରିପଦା/ଉଦଳା, ୨୫।୫(ସମିସ):ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ପ୍ରିୟରଞ୍ଜନ ନାୟକଙ୍କ ବିରୋଧରେ ଅଞ୍ଚଳବାସୀ ଗୁରୁତର ଅଭିଯୋଗ ଆଣିଛନ୍ତି। ସେମାନେ ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ଦେଇ ତଦନ୍ତ ଓ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ପ୍ରିୟରଞ୍ଜନ ନାୟକ କାର୍ଯ୍ୟାଳୟରେ ଦସ୍ତଖତ କରି କାର୍ଯ୍ୟ ନ କରି ବାହାରକୁ ଯାଇ ନିଜ ବ୍ୟକ୍ତିଗତ କାର୍ଯ୍ୟ କରନ୍ତି। ସେ ଇନସ୍ୟୁରାନ୍ସ କାର୍ଯ୍ୟ କରୁଛନ୍ତି। ଏଥିସହିତ ବିଇଓ କାର୍ଯ୍ୟାଳୟର କିଛି ଷ୍ଟାଫ ଓ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥନରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଧମକ ଦେଉଥିବା କୁହାଯାଇଛି। ଅଞ୍ଚଳବାସୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସରକାରୀ ଦରମା ନେଇ ଶ୍ରୀ ନାୟକ ସରକାରୀ କାର୍ଯ୍ୟ ନ କରି ନିଜ ସ୍ୱାର୍ଥ ସାଧନ କରୁଛନ୍ତି। ତାଙ୍କ ପତ୍ନୀ ମଧ୍ୟ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟରତ ଥିବା ସତ୍ତ୍ୱେ ଠିକ୍ ସମୟରେ ଅଫିସ ଆସନ୍ତି ନାହିଁ। ଉଦଳାରେ ତାଙ୍କର ଆଲିସାନ୍ ଘର ଦେଖିଲେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ ସ୍ପଷ୍ଟ ହେଉଥିବା ଅଭିଯୋଗ କରାଯାଇଛି। ସାଧୁଚରଣ ପୂର୍ତ୍ତି, ଜଗତଜୀବନ ପୃଷ୍ଟି, ସୁକାନ୍ତ ସିଂହ, କୁସୁମି ମାରାଣ୍ଡି, ରଞ୍ଜନ ଗିରି, ଜାନକୀ ରାଣୀ ସ୍ୱାଇଁ, ଗୀତାଞ୍ଜଳି ଦାସ ସମେତ ଶତାଧିକ ଗ୍ରାମବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଅଭିଯୋଗ ପତ୍ର ପ୍ରଦାନ ପୂର୍ବକ ଅଭିଯୋଗକାରୀ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ଯେ, ତୁରନ୍ତ ତଦନ୍ତ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଏହି ପତ୍ରର ଏକକିତା ନକଲ ମୟୂରଭଞ୍ଜ ଡିଇଓ, ଉଦଳା ବିଇଓଙ୍କୁ ପଠାଯାଇଛି। ଜିଲ୍ଲା ପ୍ରଶାସନ କ'ଣ ପଦକ୍ଷେପ ନେଉଛି, ତାହା ଏବେ ଦେଖାଯିବାକୁ ବାକି ରହିଛି। ଏ ନେଇ ଶ୍ରୀ ନାୟକ ଅଭିଯୋଗକୁ ଖଣ୍ଡନ କରିବା ସହିତ ଏହା କପୋଳକଳ୍ପିତ ଓ ଉଦ୍ଦେଶ୍ୟମୂଳକ ବୋଲି କହିଛନ୍ତି। ସମସ୍ତ ତଦନ୍ତ ପାଇଁ ସେ ସହଯୋଗ କରିବେ ବୋଲି କହିଛନ୍ତି।

# ଆଉଜଣେ ମଦ୍ୟପ ଚାଳକଙ୍କ ବାଇକ୍ ଜବତ




ମହୁଲଡିହା, ୨୫।୫(ସମିସ): ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା-ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥର ଚିଆଁବେଡା ଛକ ନିକଟରେ ଶନିବାର ଏକ ବାଇକ ଜବତ ହୋଇଥିବାବେଳେ ଗତକାଲି ସନ୍ଧ୍ୟାରେ ଆଉଜଣେ ମଦ୍ୟପଙ୍କ ଚାଳକଙ୍କ ବାଇକ୍‌କୁ ଜବତ କରିଛି ମହୁଲଡିହା ଥାନା ପୁଲିସ। ମହୁଲଡିହା ଥାନା ଏଏସଆଇ ସନ୍ତୋଷ କୁମାର ନାୟକ ରାଜପଥ ଚିଆଁବେଡା ଛକରେ ପାଟ୍ରୋଲିଂ କରୁଥିବାବେଳେ ଜଣେ ମଦ୍ୟପ ବାଇକ ଚାଳକଙ୍କୁ ଅଟକାଇ ଥିଲେ। ଏହି ସମୟରେ ବାଇକ୍ ଚାଳକ ବ୍ରେସ ଆନାଲାଇଜର ମେସିନ୍ ନ ଫୁଙ୍କି ଯୁକ୍ତିତର୍କ କରି ଶେଷରେ ଫୁଙ୍କିବାରୁ ପ୍ରଚୁର ମଦ୍ୟପାନ କରିଥିବା ଜଣାପଡ଼ିଥିଲା। ଫଳରେ ତାଙ୍କ ବାଇକ୍‌କୁ ଜବତ କରି ଚାଳକଙ୍କ ନାମରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ତୁଷାର ନାୟକ ସୂଚନା ଦେଇଛନ୍ତି।

# ମହିଳାଙ୍କ ତଣ୍ଟିଚିପି ହତ୍ୟା ଘଟଣାରେ ଯୁବକ ଗିରଫ

ବୈଶିଙ୍ଗା/ବେତନଟୀ , ୨୫।୫(ସମିସ): ବୈଶିଙ୍ଗା ଥାନା ଅଧୀନ ଦୁର୍ଗାପୁର ଉପକଣ୍ଠ ବାଲିଆପିଟା ଗ୍ରାମରେ ଘଟିଥିଲା ଏକ ଜଘନ୍ୟ ହତ୍ୟାକାଣ୍ଡ। ଶୋଇବା ଘରେ ବିଧବା ମହିଳାଙ୍କ ତଣ୍ଟିଚିପି ହତ୍ୟା କରିବା ପରେ ଉଲଗ୍ନ ମୃତ ଦେହକୁ ଖଟିଆ ଉପରେ ଛାଡ଼ି ଚମ୍ପଟ ମାରିଥିଲା ଦୁର୍ବୃତ୍ତ। ଉକ୍ତ ଘଟଣାର ୪ଦିନ ନପୂରୁଣୁ ବୈଶିଙ୍ଗା ପୁଲିସକୁ ମିଳିଛି ବଡ଼ ସଫଳତା। ମୃତକଙ୍କ ମୋବାଇଲ କଲ୍ ରେକର୍ଡ ଯାଞ୍ଚ କରି ବାଲେଶ୍ୱର ଜିଲ୍ଲା ରେମୁଣା ଥାନା ଅଧୀନ ଗୋବିନ୍ଦପୁର ଅଞ୍ଚଳରୁ ଅଭିଯୁକ୍ତ ସୁକୁଦେବ ଦଲେଇକୁ ଧରିଛନ୍ତି ସବଇନ୍ସପେକ୍ଟର ସରୋଜ ଜେନା। ତାକୁ ଥାନାରେ ଅଟକ ରଖି ସେଦିନର ଲୋମହର୍ଷକ ହତ୍ୟାକାଣ୍ଡ ସମ୍ବନ୍ଧରେ ପଚରାଉଚରା ଆରମ୍ଭ କରିଛି ପୁଲିସ। ବୁଧବାର ବିଳମ୍ବିତ ରାତିରେ ବୈଶିଙ୍ଗା ଥାନା ଅଧୀନ ଦୁର୍ଗାପୁର ଉପକଣ୍ଠ ବାଲିଆପିଟା ଗ୍ରାମର ସ୍ୱର୍ଗତ ରାଜୁ ସିଂଙ୍କ ୫୨ ବର୍ଷୀୟ ସ୍ତ୍ରୀ ଅନୀତା ସିଂଙ୍କୁ ଗୋଡ଼ବାନ୍ଧି ମୁହଁରେ କପଡ଼ା ବାନ୍ଧି ଅମାନୁଷିକ ଭାବେ ଓଢଣୀ ସାହାଯ୍ୟରେ ତଣ୍ଟିଚିପି କେହି ଦୁର୍ବୃତ୍ତ ହତ୍ୟା କରିଥିଲା। ହତ୍ୟାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପ୍ରାଥମିକ ତଦନ୍ତରୁ ତାହା ଅନୈତିକ ସମ୍ପର୍କ ନେଇ ହତ୍ୟା କରାଯାଇଥିବା ନେଇ ଅନୁମାନ କରିଥିଲା ପୁଲିସ। ସବଇନ୍ସପେକ୍ଟର ସରୋଜ ଜେନା ହତ୍ୟା ମାମଲା ରୁଜୁ କରି ଅନୀତାଙ୍କ ମୋବାଇଲ କଲ୍ ରେକର୍ଡକୁ ଯାଞ୍ଚ କରି ଅଭିଯୁକ୍ତଙ୍କ ପାଖରେ ପହଞ୍ଚିଥିବା ଜଣାପଡ଼ିଛି।

# +୨ ବିଜ୍ଞାନରେ ମନୀଷାମଞ୍ଜରୀଙ୍କ ସଫଳତା

ଶରତ, ୨୫।୫ (ସମିସ): ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ +୨ ବିଜ୍ଞାନ ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ନୋଟ ପଞ୍ଚାୟତ ଅନ୍ତର୍ଗତ ଡେକାଚତୁରୀ (ବାଗଦଫା) ଗ୍ରାମର ଛାତ୍ରୀ ମନୀଷାମଞ୍ଜରୀ ମହାନ୍ତ ୯୯ ପ୍ରତିଶତ ନମ୍ବର ରଖି ସଫଳତା ହାସଲ କରି ସମଗ୍ର କପ୍ତିପଦା ବ୍ଲକ ଓ ଶରତ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସେ ମୋଟ ୬୦୦ରୁ ୫୯୪ ନମ୍ବର ରଖି କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ମନୀଷାମଞ୍ଜରୀ ମହାନ୍ତ ଯାଜପୁର ରୋଡସ୍ଥ ଏକ୍ସେଲସିଓର +୨ ବିଜ୍ଞାନ ଆବାସିକ କଲେଜର ଛାତ୍ରୀ ଭାବେ ଏହି ସଫଳତା ପାଇଛନ୍ତି। ମନୀଷାଙ୍କ ଜେଜେ ବାପା ଅର୍ଜୁନ ମହାନ୍ତ ଶରତ ଅଞ୍ଚଳରେ ଜଣେ ସମାଜସେବୀ। ମନୀଷାଙ୍କ ବାପା ପୀତାମ୍ବର ମହାନ୍ତ ନୋଟ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବାବେଳେ ମାଆ ନମିତା ମହାନ୍ତ ମଧ୍ୟ ଜଣେ ଶିକ୍ଷୟିତ୍ରୀ। ତାଙ୍କର ଏହି କୃତିତ୍ୱ ପାଇଁ କଲେଜ କର୍ତ୍ତୃପକ୍ଷ, ଶିକ୍ଷକ ଶିକ୍ଷୟିତ୍ରୀ ମହଲ ଓ ସ୍ଥାନୀୟ ଶରତ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ମନୀଷା ଏହି ସଫଳତାର ଶ୍ରେୟ ତାଙ୍କ ଜେଜେ ବାପା, ବାପାମାଆ, କଲେଜର ଅଧ୍ୟକ୍ଷ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଦେଇଛନ୍ତି। ସେ ଭବିଷ୍ୟତରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି।



# କୁଟେଇତୁଣ୍ଡୀ ମନ୍ଦିର; ଏକ ଐତିହ୍ୟର ଜୀବନ୍ତ ସାକ୍ଷୀ

ଶୁକୁଳି, ୨୫।୫(ସମିସ): ଭଞ୍ଜ ରାଜବଂଶର ପ୍ରାଚୀନ ରାଜଧାନୀ ଭାବେ ପରିଚିତ ପାଞ୍ଚପିଢ଼ ଉପଖଣ୍ଡ ଅନ୍ତର୍ଗତ ଖିଚିଂ ଏକ ସମୃଦ୍ଧ ଐତିହ୍ୟ ଓ ସଂସ୍କୃତିର ଧାମ। ଏଠାରେ ଆଜିବି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରତ୍ନତାତ୍ତ୍ୱିକ ଅବଶେଷ ଦେଖିବାକୁ ମିଳେ। ଯାହା ଏ ଅଞ୍ଚଳର ଗୌରବମୟ ଅତୀତକୁ ସ୍ମରଣ କରାଏ। ଖିଚିଂରେ ଅବସ୍ଥିତ କଳା ମୁଗୁନି ପଥରରେ ନିର୍ମିତ କୁଟେଇତୁଣ୍ଡୀ ମନ୍ଦିର ଏହାର ଅନନ୍ୟ ସ୍ଥାପତ୍ୟ ଶୈଳୀ ଓ କାରୁକାର୍ଯ୍ୟ ପାଇଁ ବିଶେଷ ପରିଚିତ। ଏଥିସହ ଚନ୍ଦ୍ରଶେଖର ଓ କିଚକେଶ୍ୱରୀ ମନ୍ଦିର, ସ୍ଥାନୀୟ ସଂଗ୍ରହାଳୟରେ ସଂରକ୍ଷିତ ପ୍ରାଚୀନ ମୂର୍ତ୍ତି ଓ କଳାକୃତି ଖିଚିଂକୁ ଏକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ କେନ୍ଦ୍ରରେ ପରିଣତ କରିଛି। ତେବେ ରକ୍ଷଣାବେକ୍ଷଣ ଅଭାବରୁ ବହୁ ପୁରାତନ ଏହି କୁଟେଇତୁଣ୍ଡୀ ମନ୍ଦିର ଅସ୍ତିତ୍ୱ ହରାଇବାକୁ ବସିଛି। ପ୍ରତ୍ନତତ୍ତ୍ୱ ବିଭାଗ ଏଥିପ୍ରତି ଦୃଷ୍ଟି ସାଧାରଣରେ ଦାବି ହେଉଛି।

ମୟୂରଭଞ୍ଜ ଜିଲ୍ଲାର ଖିଚିଂ ଭୂମି। ଯାହାକୁ ଓଡ଼ିଶାର ପୁରାତନ ଶିଳ୍ପକଳାର ଜୀବନ୍ତ ଅଭିଲେଖ ବୋଲି କୁହାଯାଏ। ସେଠାରେ ଅବସ୍ଥିତ କୁଟେଇତୁଣ୍ଡୀ ମନ୍ଦିର ଆଜିବି ବିଗତ ଶତାବ୍ଦୀର କଳା ଓ କାରିଗରୀର ଗାଥା କହିଚାଲିଛି। ଏହି ଐତିହ୍ୟବାହୀ ମନ୍ଦିରରେ ବ୍ୟବହୃତ କଳା ମୁଗୁନି ପଥରର କାରୁକାର୍ଯ୍ୟ ଦେଖିଲେ ମନେ ହୁଏ, ପଥର ନୁହେଁ ଯେପରି ଜୀବନ୍ତ କାହାଣୀ ଖୋଦିତ ହୋଇଛି। ଖିଚିଂର ପ୍ରାଚୀନ ସ୍ଥାପତ୍ୟ ପରମ୍ପରାର ଅଂଶ ହିସାବରେ ଏହି କୁଟେଇତୁଣ୍ଡୀ ମନ୍ଦିର ଶତାବ୍ଦୀ ଧରି ନିରବ ସାକ୍ଷୀ ହୋଇରହିଛି। ମନ୍ଦିର ଦେହରେ ଖଞ୍ଜା ଯାଇଥିବା ମୂର୍ତ୍ତି, ଦେବଦେବୀଙ୍କ ରୂପାଙ୍କନ ସବୁକିଛି କଳା ମୁଗୁନି ପଥରରେ ଏମିତି ସୂକ୍ଷ୍ମତାରେ ତିଆରି ହୋଇଛି, ଯାହା ଦେଖି ଆଜିର ଆଧୁନିକ ଯନ୍ତ୍ର ମଧ୍ୟ ଲଜ୍ଜିତ ହୋଇପଡ଼େ। ମୁଗୁନି ପଥର, ଯାହା ତା'ର ଦୃଢ଼ତା ଓ ଚମକ ପାଇଁ ପରିଚିତ। ସେଥିରେ ଏପରି ସୁନ୍ଦର କାରୁକାର୍ଯ୍ୟ ନିର୍ମାଣ କରିବା ସେ ସମୟର ଶିଳ୍ପୀଙ୍କ ଅସାଧାରଣ ପ୍ରତିଭାର ପ୍ରମାଣ। ଏହି ପଥରରେ ଖୋଦିତ ନୃତ୍ୟଭଙ୍ଗୀ, ପୌରାଣିକ ଦୃଶ୍ୟ ଓ ଦୈନିକ ଜୀବନର ଛବି ଆମକୁ ସେ ସମୟର ସମାଜ ଓ ସଂସ୍କୃତି ସହିତ ପରିଚିତ କରାଏ। ଭଞ୍ଜ ରାଜବଂଶର ପ୍ରାଚୀନ ରାଜଧାନୀ ଭାବେ ଖିଚିଂ ଏକ ସମୟରେ ରାଜନୀତି, ସଂସ୍କୃତି ଓ ଧାର୍ମିକ କ୍ଷେତ୍ରର ମୁଖ୍ୟ କେନ୍ଦ୍ର ଥିଲା। ଆଜିବି ଏଠାରେ ବିକ୍ଷିପ୍ତ ଭାବେ ଥିବା ପ୍ରତ୍ନତାତ୍ତ୍ୱିକ ଅବଶେଷ ଓ ପ୍ରାଚୀନ ମନ୍ଦିର ସେହି ଗୌରବମୟ ଅତୀତର ନିରବ ସାକ୍ଷୀ ହୋଇ ରହିଛନ୍ତି। ଏହି ପ୍ରାଚୀନ ଐତିହ୍ୟ ମଧ୍ୟରେ କୁଟେଇତୁଣ୍ଡୀ ମନ୍ଦିର ଏକ ଅଦ୍ଭୁତ ଓ ଅଲୌକିକ ସ୍ଥାନ ଅଧିକାର କରିଛି। କଳା ମୁଗୁନି ପଥରରେ ନିର୍ମିତ ଏହି ମନ୍ଦିର ତାହାର ସୂକ୍ଷ୍ମ କାରୁକାର୍ଯ୍ୟ ଓ ନିର୍ମାଣ ଶୈଳୀ ପାଇଁ ଦର୍ଶକଙ୍କୁ ଆକର୍ଷିତ କରେ। ଖିଚିଂରେ ଅବସ୍ଥିତ ଚନ୍ଦ୍ରଶେଖର ଓ କିଚକେଶ୍ୱରୀ ମନ୍ଦିର ସହିତ ଏହା ଏକ ସମୃଦ୍ଧ ଐତିହାସିକ ପରିବେଶ ସୃଷ୍ଟି କରିଛି। ସ୍ଥାନୀୟ ସଂଗ୍ରହାଳୟରେ ସଂରକ୍ଷିତ ପ୍ରାଚୀନ ମୂର୍ତ୍ତି ଓ କଳାକୃତି ମଧ୍ୟ ଏହି ଅଞ୍ଚଳର କଳା ସମୃଦ୍ଧିକୁ ପ୍ରମାଣ କରେ। ଦଶମ ଶତାବ୍ଦୀରେ ନିର୍ମିତ କୁଟେଇତୁଣ୍ଡୀ ମନ୍ଦିରର ଏକ ବିଶେଷ ଲକ୍ଷଣ ହେଉଛି, ଏଠାରେ ପାରମ୍ପରିକ ମୁଖଶାଳା ନାହିଁ। ଏହି ବିଶେଷତା ଏହାକୁ ଅନ୍ୟ ଶିବ ମନ୍ଦିରଠାରୁ ପୃଥକ କରେ। ପଶ୍ଚିମମୁଖୀ ଏହି ମନ୍ଦିରରେ ମୃତ୍ୟୁଞ୍ଜୟ ମହାଦେବଙ୍କ ପୂଜା ହୋଇଥାଏ। ଯାହା ଶତାବ୍ଦୀ ଧରି ଭକ୍ତଙ୍କ ଆସ୍ଥାର କେନ୍ଦ୍ରବିନ୍ଦୁ ହୋଇରହିଛି। ମନ୍ଦିରର ବାହ୍ୟଭାଗରେ ନିର୍ମିତ ଶିଳ୍ପକଳା ତାହାର ଅନ୍ୟତମ ଆକର୍ଷଣ। ଗଣେଶ, କାର୍ତ୍ତିକେୟ ଓ ଦୁର୍ଗା ଆଦି ପାର୍ଶ୍ୱ ଦେବଦେବୀଙ୍କ ଅତ୍ୟନ୍ତ ସୁନ୍ଦର ପ୍ରତୀମା ଏଠାରେ ଦେଖିବାକୁ ମିଳେ। ଏହି ମୂର୍ତ୍ତିଗୁଡିକର ସୂକ୍ଷ୍ମ ଶିଳ୍ପକାର୍ଯ୍ୟ ସେହି ସମୟର ଶିଳ୍ପୀଙ୍କର ଉଚ୍ଚକୋଟୀର ଓ ସୃଜନଶୀଳତାକୁ ପ୍ରକାଶ କରେ। ପ୍ରତ୍ୟେକ ଖୋଦିତ କାମରେ ରହିଛି ଧାର୍ମିକ ଭାବନା ଓ କଳାର ଗଭୀର ସମନ୍ୱୟ।



ଇତିହାସର ପୃଷ୍ଠା ଓଲଟାଇଲେ ଜଣାପଡ଼େ ଯେ, ୧୯୨୧ରୁ ୧୯୩୧ ମଧ୍ୟରେ ଏହି ମନ୍ଦିରର ସଂରକ୍ଷଣ ଓ ମରାମତି କାର୍ଯ୍ୟ ହୋଇଥିଲା। ଏହା ଫଳରେ ମନ୍ଦିରର ପ୍ରାଚୀନ ରୂପ ଆଜି ପର୍ଯ୍ୟନ୍ତ ଅବିକୃତ ରହିପାରିଛି। ଏହା କେବଳ ଏକ ଧାର୍ମିକ ସ୍ଥଳ ନୁହେଁ, ବରଂ ଓଡ଼ିଶାର ପାରମ୍ପରିକ ସ୍ଥାପତ୍ୟ ଓ ଶିଳ୍ପକଳାର ଏକ ଜୀବନ୍ତ ନମୁନା। ଆଜିର ଦୃଷ୍ଟିରୁ କୁଟେଇତୁଣ୍ଡୀ ମନ୍ଦିର କେବଳ ଏକ ପର୍ଯ୍ୟଟନ ସ୍ଥଳ ନୁହେଁ, ଏହା ଆମ ଐତିହ୍ୟ ଓ ପରମ୍ପରାର ଅମୂଲ୍ୟ ସମ୍ପଦ। ଏହାକୁ ସୁରକ୍ଷିତ ଓ ସଂରକ୍ଷିତ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ଏପରି ଐତିହ୍ୟମୟ ସ୍ଥାନଗୁଡିକ ଆମକୁ ଇତିହାସ ସହ ଯୋଡ଼ି ରଖେ ଓ ଆଗାମୀ ପିଢ଼ି ପାଇଁ ଏକ ଅମୂଲ୍ୟ ପରିଚୟ ରୂପେ ରହିଯାଏ। ବିଶ୍ୱ ଐତିହ୍ୟ ଦିବସରେ ଏପରି ଅମୂଲ୍ୟ ସୃଷ୍ଟିକୁ ସ୍ମରଣ କରିବା କେବଳ ଗୌରବର କଥା ନୁହେଁ, ବରଂ ସୁରକ୍ଷା ଓ ସଂରକ୍ଷଣର ଆବଶ୍ୟକତାକୁ ମଧ୍ୟ ମନେ ପକାଇ ଦିଏ। ସମୟର ପ୍ରଭାବ, ପ୍ରାକୃତିକ ପ୍ରକୋପ ଓ ଅବହେଳାରେ ଏହି ଅମୂଲ୍ୟ ଐତିହ୍ୟ ଧୀରେ ଧୀରେ ନଷ୍ଟ ହେଉଛି। ଯଦି ଠିକ୍ ସମୟରେ ପଦକ୍ଷେପ ନ ନିଆଯାଏ, ତେବେ ଏହି ଶିଳ୍ପକଳାର ଅଦ୍ଭୁତ ନମୁନା ଆଗାମୀ ପିଢି ପାଇଁ କେବଳ କାହାଣୀ ହୋଇ ରହିଯିବ। ତେଣୁ ସରକାର, ସ୍ଥାନୀୟ ପ୍ରଶାସନ ଓ ସାଧାରଣ ଲୋକ ଏକତ୍ରିତ ହୋଇ ଏହି ଐତିହ୍ୟକୁ ସୁରକ୍ଷିତ ରଖିବା ଆବଶ୍ୟକ। ଅନ୍ୟପକ୍ଷରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏହି ପୁରାତନ ମନ୍ଦିରର ଉନ୍ନତିକରଣ କରିବା ଆବଶ୍ୟକ। ଫଳରେ ଏହା ରାଜ୍ୟର ଏକ ପର୍ଯ୍ୟଟନ ସ୍ଥଳରେ ପରିଣତ ହୋଇପାରିବ, ଏଥିରେ ସନ୍ଦେହ ନାହିଁ।

# ନାରୀ ଅଧିକାର ଅଭିଯାନ ବିକ୍ଷୋଭ ସମାବେଶ










ଢେଙ୍କାନାଳ,୨୫ ।୫(ସମିସ):

ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ତରଫରୁ ନାରୀ ଅଧିକାର ଅଭିଯାନ ସମ୍ପର୍କିତ ବିରାଟ ଶୋଭାଯାତ୍ରା ପୂର୍ବତନ ବିଧାୟକ ସୁଧୀର କୁମାର ସାମଲଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବାଜିଚୌକରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ମହିଳାମାନଙ୍କ ରାଜନୈତିକ ସାମ୍ବିଧାନିକ ଅଧିକାର ଓ ସାମାଜିକ ସୁରକ୍ଷା ତଥା ୨୦୨୩ରେ ସଂସଦରେ ଗୃହୀତ ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲ୍ କାର୍ଯ୍ୟକାରୀ କରିବା ଦାବିରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ମହିଳା ବିଜେଡି ସଭାପତି ସାଗରିକା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ନାରୀମାନଙ୍କର ଅଧିକାର କ୍ଷୁଣ୍ଣ କରିବାରେ ବିଜେପି ଡବଲ ଇଞ୍ଜିନ ସରକାର ଲାଗିପଡ଼ିଛନ୍ତି। ମହିଳାମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ବିଫଳ ହୋଇଛନ୍ତି। ରାଜ୍ୟରେ ଦରଦାମ ନିୟନ୍ତ୍ରଣ କରିବାରେ ବିଜେପି ସରକାର ସମ୍ପୂର୍ଣ୍ଣ ଅସମର୍ଥ। ନବୀନ ପଟ୍ଟନାୟକ ସରକାର ସମୟରେ ନାରୀମାନେ ସୁରକ୍ଷିତ ଥିଲେ। ବିଜୁବାବୁଙ୍କ ଚିନ୍ତାଧାରା ମା'କୁ ସମ୍ମାନ ଗାଁକୁ କାମ ଆଧାରରେ ନବୀନ ପଟ୍ଟନାୟକ ମହିଳାମାନଙ୍କୁ ପଞ୍ଚାୟତ ନିର୍ବାଚନରେ ୫୦ ପ୍ରତିଶତ ସଂରକ୍ଷଣ ଦେବା ସହ ମିଶନ ଶକ୍ତି ଜରିଆରେ ମହିଳାଙ୍କୁ ଶସକ୍ତ କରିବାକୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ ବ୍ୟବସ୍ଥା କରିଥିଲେ। ବର୍ତ୍ତମାନ ବିଜେପିର ଡବଲ ଇଞ୍ଜିନ ସରକାର ମହିଳାମାନଙ୍କୁ ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା ଦେବ କହି ମାତ୍ର ୫ ହଜାର ଟଙ୍କା ଦେଇ ଛେଳି ଚରାଇବାକୁ ପରାମର୍ଶ ଦେଉଛି। ଆଜି ରାଜ୍ୟରେ ନାରୀ ନିର୍ଯାତନା ଏପରି ବଢ଼ିଯାଇଛି ଯେ ଗତ ୨ବର୍ଷ ମଧ୍ୟରେ ୫୦ ହଜାରରୁ ଉର୍ଦ୍ଧ୍ୱ ମାମଲା ହେଲାଣି। ବର୍ତ୍ତମାନ ଓଡ଼ିଶା ନାରୀ ନିର୍ଯାତନା କ୍ଷେତ୍ରରେ ଦେଶରେ ୧ନମ୍ବର ହେବା ଅତ୍ୟନ୍ତ ଲଜ୍ଜାଜନକ ଘଟଣା ବୋଲି ସେ କହିଥିଲେ। କେବଳ ବିଜେଡିହିଁ ନାରୀମାନଙ୍କୁ ସୁରକ୍ଷା, ସ୍ୱାବଲମ୍ବୀ କରିପାରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ସମସ୍ତ ମହିଳା ଏକଜୁଟ ହୋଇ ଡବଲ ଇଞ୍ଜିନ ବିଜେପି ସରକାରର ମହିଳା ବିରୋଧୀ ନୀତି ବିରୋଧରେ ଉଚିତ ଜବାବ ଦେବାକୁ ସେ ଆହ୍ୱାନ ଦେଇଥିଲେ।

ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ କହିଲେ, ରାଜ୍ୟରେ ଯେଉଁଭଳି ଭାବେ ମହିଳାଙ୍କ ଉପରେ ଅନ୍ୟାୟ ଅତ୍ୟାଚାର ଦିନକୁ ଦିନ ବଢ଼ିଚାଲିଛି ତାହା ଅତ୍ୟନ୍ତ ଚିନ୍ତାଜନକ ବିଷୟ। ମହିଳାଙ୍କୁ ଧୋକ୍କା ଦେଇ ବିଜେପି ସରକାରକୁ ଆସିଛି। ଏ ସରକାରର ଅପାରଗତା, ବିଫଳତା ତଥା ଅପରାଧ ନିୟନ୍ତ୍ରଣରେ ଚରମ ଉଦାସୀନତା ହେତୁ ରାଜ୍ୟରେ ଗତ ୨ବର୍ଷ ମଧ୍ୟରେ ୪୮ ହଜାର ମହିଳା ହିଂସା, ଯୌନ ନିର୍ଯାତନା ମାମଲା ବିଭିନ୍ନ ଥାନରେ ରୁଜୁ ହୋଇଛି। ଢେଙ୍କାନାଳ ଭାପୁର, ହିଞ୍ଜିଳି, ବରଗଡ଼, ବାଲିଅନ୍ତା, ଝାରସୁଗଡ଼ା ଆଦି ଘଟଣାକୁ ନେଇ ରାଜ୍ୟ ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ତୁଟିଯାଇଛି ବୋଲି ସେ କହିଥିଲେ। ଏହି ଭିକ୍ଷୋଭରେ ରାଜ୍ୟ ମହିଳା ସାଧାରଣ ସମ୍ପାଦିକା ଗୀତାଞ୍ଜଳି ବସ୍ତିଆ, ସ୍ନେହାଞ୍ଜଳି ମହାନ୍ତି, ସୁମିତ୍ରା ଜେନା, ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ନରୋତ୍ତମ ସହୁ, ସନ୍ଦିପ ଷଡ଼ଙ୍ଗୀ, ଜିଲ୍ଲା ଉପସଭାପତି ଦେବାଶିଷ ମିଶ୍ର, ଅଜୟ କୁମାର ଭଞ୍ଜ, ତିଳୋତ୍ତମା ଚୌଧୁରୀ, ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ଟାଉନ ସଭାପତି ବିନୋଦ କୁମାର ମହାନ୍ତ, ଯୁବନେତା ଶ୍ରୀକାନ୍ତ ଧଳ, ଜିଲ୍ଲା ଛାତ୍ର ସଭାପତି ଆର୍ଯ୍ୟନ ଦାସ, ସୂରଜ ମହାପାତ୍ର, ଢେଙ୍କାନାଳ ଯୁବ ଟାଉନ ସଭାପତି ବହ୍ମାନନ୍ଦ ସାହୁ, ମହିଳା ଟାଉନ ସଭାନେତ୍ରୀ ଶ୍ରଦ୍ଧାଞ୍ଜଳି ସାହୁ, ଉର୍ବଶୀ ମହାପାତ୍ର, ଗନ୍ଦିଆ ଏନଏସି ସଭାନେତ୍ରୀ ଶୁଭଦର୍ଶିନୀ ପରିଡ଼ା, ଗନ୍ଦିଆ ବ୍ଲକ ସଭାନେତ୍ରୀ ରୁବି ବିଶ୍ୱାଳ, ସଦର ସଭାପତି ସୁନିତା ସାହୁ, ଗନ୍ଦିଆ ବ୍ଲକ ସଭାପତି ପ୍ରଦୀପ କୁମାର ରାଉତ, ବିଜେଡି ସାଧାରଣ ସମ୍ପାଦକ ଶୁଭକାନ୍ତ ପଣ୍ଡା, ବିଶ୍ୱନାଥ ବେହେରା, ସୋସିଆଲ ମିଡିଆ ସଂଯୋଜକ ଗଙ୍ଗାଧର ରାଉତ, ରଞ୍ଜନ ନାୟକ, ମାନସ ମହାରଣା, କାଉନସିଲର ମହମ୍ମଦ ସାଗିର, ବଂଶୀଧର ଦଳେଇ, ଦୀପ୍ତିରଞ୍ଜନ ସେଠୀ, ବହ୍ମାନନ୍ଦ ନାଏକ, ଲିପିକା ଦାସ ପ୍ରମୁଖଙ୍କ ସମେତ ଢେଙ୍କାନାଳ ବିଧାନସଭା ନବିର୍ବାଚନ ମଣ୍ଡଳୀର ହଜାର ହଜାର ମହିଳା ଯୋଗଦେଇଥିଲେ। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା କାର୍ଯ୍ୟକାରୀ ସଭାପତି ଶୁଭଲକ୍ଷ୍ମୀ ସାହୁ ଧନ୍ୟବାଦ ଦେଇଥିଲେ।



**ପରଜଙ୍ଗ:** ପରଜଙ୍ଗ ନିର୍ବାଚନମଣ୍ଡଳୀରେ ନାରୀ ସୁରକ୍ଷା ଅଭିଯାନ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଡ. ନୃସିଂହ ଚରଣ ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ସତ୍ୟ ପ୍ୟାଲେସରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେପି ସରକାରଙ୍କ ମହିଳାମାରଣ ନୀତି ବିରୋଧରେ ନେତାମାନେ ବର୍ଷିଥିଲେ। ସେଠାରୁ ଏକ ଶୋଭାଯାତ୍ରା ବାହାରି ପରଜଙ୍ଗ ବଜାର ପରିକ୍ରମା କରିବା ସହ ସ୍ଥାନୀୟ ତହସିଲଦାରଙ୍କ କାର୍ଯ୍ୟାଳୟରେ ପହଞ୍ଚି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ରୁନୁ ବର୍ମା, ସରପଞ୍ଚ ସସ୍ମିତା ସାହୁ, ଗାୟତ୍ରୀ ମହାପାତ୍ରଙ୍କ ସମେତ ପରଜଙ୍ଗ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ଶତାଧିକ ମହିଳା ଯୋଗଦେଇ ସରକାରଙ୍କ ବିରୋଧରେ ବର୍ଷିଥିଲେ।

● ଚାଷୀ ସୁରକ୍ଷା ଅଭିଯାନ ସମ୍ମିଳନୀ

## ଚାଷୀଙ୍କ ହକ୍ ପାଇଁ ଲଢ଼େଇ କରିବ ଭାରତୀୟ କିଷାନ ସଂଗଠନ



କାମାକ୍ଷାନଗର,୨୫ ।୫(ସମିସ): ଭାରତୀୟ କିଷାନ ସଂଗଠନ କାମାକ୍ଷାନଗର ଶାଖା ତରଫରୁ ଚାଷୀ ସୁରକ୍ଷା ଅଭିଯାନ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବିଶିଷ୍ଟ ଚାଷୀନେତା ସରୋଜ ଶତପଥୀଙ୍କ ସଭାପତିତ୍ୱରେ ସ୍ଥାନୀୟ ତେନ୍ତୁଳିସିଂହା ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଭାରତୀୟ କିଷାନ ସଂଗଠନର ରାଜ୍ୟ ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଚାଷୀସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଢେଙ୍କାନାଳ ଜିଲ୍ଲାରେ ଜଙ୍ଗଲୀ ଜନ୍ତୁଙ୍କ ଉପଦ୍ରବ ଫଳରେ ଚାଷୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଧାରଉଧାର କରି କରିଥିବା ଫସଲ ମଧ୍ୟ ନଷ୍ଟ ହେଉଛି। ବାରମ୍ବାର ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ଓ ସରକାରଙ୍କୁ ଅଭିଯୋଗ କଲେ ମଧ୍ୟ ଚାଷୀଙ୍କ ଫସଲ ସୁରକ୍ଷା ପାଇଁ କେହି କର୍ଣ୍ଣପାତ କରୁନାହାନ୍ତି। ତେଣୁ କିଭଳି କାମାକ୍ଷାନଗର ଅଞ୍ଚଳ ସମେତ ରାଜ୍ୟର କୋଣ ଅନୁକୋଣରେ ଚାଷୀମାନେ ସୁରକ୍ଷିତ ରହିବେ ଏବଂ ଫସଲର ସୁରକ୍ଷା ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଏହି ସମ୍ମିଳନୀରେ କାମାକ୍ଷାନଗର ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଚାଷୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସହ କିଷାନ ସଂଗଠନରେ ଯୋଗଦେଇଥିଲେ। ଏହି ଅବସରରେ ଭାରତୀୟ କିଷାନ ସଂଗଠନର କାମାକ୍ଷାନଗର ବ୍ଲକ ସଭାପତି ଭାବେ ନୀହାର ରଞ୍ଜନ ସାହୁ ଓ ସମ୍ପାଦକ ଭାବେ ସିଦ୍ଧାର୍ଥ କୁମାର ବିଶ୍ୱାଳଙ୍କୁ ଚୟନ କରାଯାଇଛି। ପ୍ରତ୍ୟେକ ପଞ୍ଚାୟତରେ ଜଣେ ଲେଖାଏଁ ସଭାପତି ଘୋଷଣା କରାଯାଇଛି। ଆଗାମୀ ଦିନରେ ଚାଷୀଙ୍କ ହକ୍ ପାଇଁ ଏହି ସଂଗଠନ ସ୍ୱର ଉଠାଇବା ସହ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିବା ନେଇ ସମସ୍ତେ ଶପଥ ନେଇଥିଲେ।

ମହିଳାଙ୍କୁ ଆକ୍ରମଣ କରି ଜଣେ ଗିରଫ ଘଟଣା

## ବିନା ଦୋଷରେ ଗିରଫ କରାଯାଇଥିବା ଅଭିଯୋଗ



ଢେଙ୍କାନାଳ,୨୫ ।୫(ସମିସ): ସଦରଥାନା ଭାପୁର ଫାଣ୍ଡି ଅନ୍ତର୍ଗତ ସାପୁଆ ନଦୀ ପଠାରେ ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ସହ ଦୁଷ୍କର୍ମ ଉଦ୍ୟମ ଘଟଣାରେ ପୁଲିସ ତଦନ୍ତ କରି ରବିବାର ଜଣଙ୍କୁ ଗିରଫ କରିଛି। ତେବେ ବିନା ଦୋଷରେ ତାଙ୍କୁ ଗିରଫ କରାଯାଇଥିବା ପରିବାର ଲୋକ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସେମାନେ ମିଳିତ ହୋଇ ଜିଲ୍ଲାପାଳଙ୍କୁ ଭେଟିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି।

ଗତ ଏପ୍ରିଲ ୨୭ ତାରିଖ ଜଣେ ମହିଳାଙ୍କ ମୁହଁକୁ ପଥରରେ ଛେଚି ମରଣାନ୍ତକ ଆକ୍ରମଣ ସହ ଦୁଷ୍କର୍ମ ଉଦ୍ୟମ ହୋଇଥିଲା। ସେହିଦିନଠାରୁ ଭାପୁର ବଣିଆସାହିର ସୁକୁଟା ନାଏକ ଫେରାର

### ସିବିଆଇକୁ ମାମଲା ହସ୍ତାନ୍ତର ଦାବି

ହୋଇଯାଇଥିଲେ। ବିଭିନ୍ନ ତଥ୍ୟ ପ୍ରମାଣକୁ ଭିତ୍ତିକରି ପୁଲିସ ସୁକୁଟାଙ୍କୁ ଗିଫର କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାକୁ ନେଇ ସଦର ଥାନାରେ ଏକ ମାମଲା ହୋଇ ତଦନ୍ତ ଜାରି ରହିଛି। ସୁକୁଟାଙ୍କୁ ଗିରଫ ପରେ ସୋମବାର ବଣିଆସାହିର ମହିଳା ଏବଂ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ସହିତ ସୁକୁଟା ନିର୍ଦ୍ଦୋଷ ବୋଲି ଦାବି କରିଛନ୍ତି। କୌଣସି ପ୍ରମାଣ ନ ଥାଇ ପୁଲିସ ସୁକୁଟାଙ୍କୁ ଥାନାକୁ ପଚରାଉଚରା କରିବାକୁ ଡାକି ତାଙ୍କୁ ଗିରଫ କରିଛି। ବିନା ଦୋଷରେ ତାଙ୍କୁ ଅଭିଯୁକ୍ତ ଦର୍ଶାଇ ପୁଲିସ ଗିରଫ କରିଥିବା ଗ୍ରାମବାସୀ କହିଛନ୍ତି। ପୁଲିସ ପ୍ରକୃତ ଦୋଷୀଙ୍କୁ ଗିରଫ କରି ଦଣ୍ଡ ଦେବାକୁ ନିବେଦନ କରିବା ସହ ଘଟଣାର ତଦନ୍ତ ଦାୟିତ୍ୱ ସିବିଆଇକୁ ଦେବାକୁ ଦାବି କରିଛନ୍ତି।

## ନିର୍ଦ୍ଧୁମ ଖରାରେ ଚାଲିଛି ପାଇପ ମରାମତି କାର୍ଯ୍ୟ

ଭୁବନ,୨୫ ।୫(ସମିସ): ଢେଙ୍କାନାଳ ଜିଲ୍ଲାରେ ଅସହ୍ୟ ଗରମ ଓ ଗୁଳୁଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପ୍ରଚଣ୍ଡ ତାତି ଯୋଗୁଁ ଦିନ ୧୦ଟା ପରେ ୫୩ ନମ୍ବର ଜାତୀୟ ରାଜପଥ ଶୂନଶାନ୍ ହୋଇପଡୁଛି। ଭୁବନ ସହର ମଧ୍ୟ ଶୂନଶାନ ହୋଇପଡ଼ିଥିଲା। ଘରୁ ବାହାରିବା କଷ୍ଟକର ହୋଇପଡ଼ିଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଦିନ ୧୧ଟାରୁ ୩ଟା ମଧ୍ୟରେ କାମ ବନ୍ଦ ରଖିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। ତେବେ କେତେକ ସ୍ଥାନରେ ନିର୍ଦ୍ଧୁମ ଖରାରେ ଦିନ ପ୍ରାୟ ୧୨ଟାରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ପାଇପ କାର୍ଯ୍ୟ ହେଉଥିବା ଦେଖିବାକୁ ମିଳିଛି।



## ଲୁଟ୍‌ର ୪ ବର୍ଷ ପରେ ଅଭିଯୁକ୍ତ ଗିରଫ

ଗଁଦିଆ,୨୫ ।୫(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ନିହଲପ୍ରସାଦ ଥାନା ଦଶମାଣପାଟଣା ପିଙ୍ଗୁଆ ରାସ୍ତାରେ ଜଣେ ଫାଇନାନ୍ସ କମ୍ପାନୀ ରିକଭରି ଏଜେଣ୍ଟଙ୍କଠାରୁ ବନ୍ଧୁକ ମୁନରେ ଟଙ୍କା ଲୁଟ୍ ହୋଇଥିଲା। ଘଟଣାର ୪ ବର୍ଷ ପରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ, କଙ୍କଡ଼ାହାଡ଼ ବ୍ଲକ ପଥରକଟା ଗ୍ରାମର ପତିତ ପାବନ ସାହୁଙ୍କ ପୁଅ ଅବିନାଶ ସାହୁ ସମସ୍ତା ଫାଇନାନ୍ସର ଗ୍ରାହକ ସେବା ଅଧିକାରୀ ଭାବେ କାମ କରନ୍ତି। ସେ ୨୦୨୨ ଏପ୍ରିଲ ୨୯ ରେ ଜେନାପୁର ଥାନା ରାଇଚନ୍ଦା ଅଞ୍ଚଳରୁ ୪୮ ହଜାର ଟଙ୍କା ଧରି ବାଇକରେ ଫେରୁଥିଲେ। ଦଶମାଣପାଟଣା ପିଙ୍ଗୁଆ ରାସ୍ତାରେ ୩ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଟଙ୍କା ଲୁଟିନେଇଥିଲେ। ସେମାନଙ୍କ ମଧ୍ୟରୁ ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି ଅତିଣ୍ଡା ଗ୍ରାମର ମାଧବ ଦାସଙ୍କ ପୁଅ ନିର୍ମଳ ଦାସ (୫୪)ଙ୍କୁ ପୁଲିସ ଗତ ଏପ୍ରିଲ ୨୯ ରେ ଗିରଫ କରିଥିଲା। ସୋମବାର ଯାଜପୁର ଜିଲ୍ଲା ବଡ଼ଚଣା ଥାନା କରମଙ୍ଗୀ ଗ୍ରାମର ବିଦ୍ୟାଧର ନାୟକଙ୍କ ପୁଅ ବାପି ନୟକ (୩୨)ଙ୍କୁ ଗିରଫ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ଧୀରେନ ସ୍ୱାଇଁ କହିଛନ୍ତି। ଏହି ଘଟଣାରେ ଅନ୍ୟ ଜଣେ ଅଭିଯୁକ୍ତ ପୂର୍ବରୁ ଗିରଫ ହୋଇଥିଲେ।

## ଦୁର୍ଘଟଣାରେ ଜଣେ ମୃତ, ୩ ଗୁରୁତର

ଢେଙ୍କାନାଳ,୨୫ ।୫(ସମିସ): ୫୫ନଂ ଜାତୀୟ ରାଜପଥର ସଦର ଥାନା ବାଇପାସ ରାସ୍ତା ଚାଇଁପୁର ଗ୍ରାମ ନିକଟରେ ରବିବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଚାଇଁପୁର ଗ୍ରାମର କେତେକ ଯୁବକ ଏକ କାର ଯୋଗେ ଦ୍ରୁତଗତିରେ ଯାଉଥିବା ସମୟରେ ଚାଳକ ନିୟନ୍ତ୍ରଣ ହରାଇ ରାସ୍ତା କଡ଼ରେ ଥିବା ଡିଭାଇଡରେ ଧକ୍କା ହୋଇ ସାମ୍ନାରୁ ଆସୁଥିବା ଅନ୍ୟ ଏକ କାର ସହ ମୁହାଁମୁହିଁ ଧକ୍କା ହୋଇଥିଲା। କାର ଚାଳକ କାଶିଆଡିହି ଗ୍ରାମର ଦିବ୍ୟସିଂହ ଷଣ୍ଢଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ତିନିଜଣ ଗୁରୁତର ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣ ଗୁରୁତରଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ବେଳେ ଜଣେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସମ୍ମୁଖରୁ ଆସୁଥିବା କାରରେ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଅଞ୍ଚଳର ମଳୟ ପ୍ରଧାନ ପରିବାର ସଦସ୍ୟଙ୍କୁ ନେଇ ପୁରୀ ଯାତ୍ରା କରୁଥିବା ବେଳେ ଏହି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏଥିରେ ତାଙ୍କ ପରିବାରର ଜଣେ ଶିଶୁ ମଧ୍ୟ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଜନଶୁଣାଣି ଶିବିରରେ ୧.୫୫ ଲକ୍ଷ ଟଙ୍କା ସହାୟତା



ଭୁବନ,୨୫ ।୫(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ପରିସରରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୯୫ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୯୨ଟି ବ୍ୟକ୍ତିଗତ ଓ ୩ଟି ସାମୂହିକ ଅଭିଯୋଗ ରହିଥିଲା। ୨ଜଣଙ୍କୁ ରେଡକ୍ରସ ଏବଂ ୪ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧ଲକ୍ଷ ୫୫ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଛି। ୯ ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ୨ ଦିନ ପୂର୍ବରୁ ଭୁବନ ୱାର୍ଡ ନମ୍ବର ୭ର ନାବାଳିକାଙ୍କୁ ପଡ଼ୋଶୀ ତତଲା ଚା' ଫୋପାଡ଼ି ଦେଇଥିଲେ। ସାଂସଦ ରୁଦ୍ରନାରାୟଣ ପାଣିଙ୍କ ହସ୍ତକ୍ଷେପ ପରେ ୨ ନାବାଳିକାଙ୍କୁ ଶିଶୁ କଲ୍ୟାଣ ସମିତିକୁ ପଠା ଯାଇଥିବା ବେଳେ ଆବାସ ଯୋଜନା ପାଇଁ ଜିଲ୍ଲାପାଳ ନିର୍ବାହୀ ଅଧିକାରୀଙ୍କୁ ତାଗିଦ କରିଥିଲେ। ୨ ନାବାଳିକାଙ୍କ ନାମ ରାସନ କାର୍ଡ ତାଲିକାରେ ସଂଯୋଗ କରାଯାଇଛି। କାଳିବଜାରରେ ନିର୍ମାଣ ହେଉଥିବା ଦୋକାନ ଘରଗୁଡ଼ିକ ଯୋଗୁଁ ଟ୍ରାଫିକ ସମସ୍ୟା ଉପୁଜୁଛି। ଏହାର ନିରାକରଣ, ପୁରୁଷୋତ୍ତମପୁର ପାର୍କର ଉନ୍ନତୀକରଣ, ରେଙ୍ଗାଲି କେନାଲର ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା, ଏକତାଳି ଗ୍ରାମ୍ୟ ରାସ୍ତାରୁ ଜବରଦଖଲ ଉଚ୍ଛେଦ, ଜାତୀୟ ରାଜପଥ ୫୩ ଯୋଗୁଁ କ୍ଷତିଗ୍ରସ୍ତ ବାସୁଦେବପୁର ଗ୍ରାମର ଜେନା ପରିବାରକୁ ଆର୍ଥିକ ସହାୟତା, ଚିନରା ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଶେଷ କରିବା ଆଦି ବହୁ ସମସ୍ୟା ସମ୍ପର୍କରେ ଅଭିଯୋଗ ହୋଇଥିଲା। ଉପଜିଲ୍ଲାପାଳ ବିକାଶ ଚନ୍ଦ୍ର ମହାନ୍ତି, ସିଡିଏମଓ, ସିଡିଭିଓଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଯୋଗଦେଇଥିଲେ।

# ସ୍ୱପ୍ନ ହୋଇ ରହିଯିବ ବଡ଼ଯୋରା ଜଳସେଚନ ପ୍ରକଳ୍ପ !

ହିନ୍ଦୋଳ,୨୫ ।୫(ସମିସ):

ହିନ୍ଦୋଳ ଉପଖଣ୍ଡ ଏକ ବଣପାହାଡ଼ ଘେରା ଉପାନ୍ତ ଅଞ୍ଚଳ ଭାବେ ପରିଚିତ। ଏଠିକାର ଅଧିବାସୀ ପ୍ରାୟତଃ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି। ମାତ୍ର ଉପଖଣ୍ଡରେ ଜଳସେଚନ ଅଭାବ ଯୋଗୁଁ କୃଷି କାର୍ଯ୍ୟ ବ୍ୟାହତ ହେବା ସହ କୃଷକ ହାତବାନ୍ଧି ବସିଥିବା ଲକ୍ଷ୍ୟ କରାଯାଉଛି। ଅଞ୍ଚଳର ପ୍ରାୟ ୭୦ ପ୍ରତିଶତ ଜନସାଧାରଣ କୃଷି ଉପରେ ନିର୍ଭର କରିଆସୁଥିବା ବେଳେ ଏବେ ଜଳ ଅଭାବ ଯୋଗୁଁ ତାହା ହୋଇପାରୁନାହିଁ। ସରକାରଙ୍କ ବହୁ ଯୋଜନା ଏଠାରେ ବିଭାଗୀୟ ଅଧିକାରୀ ଓ ରାଜନେତାଙ୍କ ଉଦାସୀନତା ଯୋଗୁଁ ଦିଗହରା ହେବା ସହ ବହୁ ଯୋଜନା ଅଧପନ୍ତରିଆ ହୋଇ ପଡ଼ିରହିଛି। ଉପଖଣ୍ଡର ବହୁ ଅଞ୍ଚଳରେ କୋଟି କୋଟି ଟଙ୍କା ବ୍ୟୟରେ କାଢ଼ା କେନାଲ ନିର୍ମାଣ କରାଗଲା। ହେଲେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହେବା ସହ କେବଳ ଠିକାଦାର ପୋଷଣ ନୀତିରେ କାର୍ଯ୍ୟ ହୋଇଥିବା ବେଳେ ଏବେ କେନାଲକୁ ପାଣି ମୁନ୍ଦିଏ ଯାଉ ନ ଥିବା ଦେଖିବାକୁ ମିଳୁଛି। ଉପଖଣ୍ଡରେ କୃଷିକାର୍ଯ୍ୟ ନିମନ୍ତେ ଜଳସେଚନ ପାଇଁ ଉଭୟ ସାପୁଆ ଓ ବଡ଼ଯୋରା ପ୍ରକଳ୍ପ ଆବଶ୍ୟକ ଥିବା ବେଳେ ସାପୁଆ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହୋଇସାରିଛି। ହେଲେ ଜଳସେଚନ ନିମନ୍ତେ ଉଦ୍ଦିଷ୍ଟ କେନାଲଗୁଡ଼ିକ ଅଧପନ୍ତରିଆ ଭାବେ ପଡ଼ିରହିଛି। ପ୍ରତେକ ବର୍ଷ କେନାଲ ମରାମତି ନାମରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ କରାଯାଉଛି। ହିନ୍ଦୋଳବାସୀଙ୍କ ପାଇଁ ଏବେ ବଡ଼ଯୋରା ଜନସେଚନ ପ୍ରକଳ୍ପ ମୁଖ୍ୟ ଆବଶ୍ୟକତା ଥିବା ବେଳେ ଏହା ସପ୍ନ ହୋଇ ରହିଯାଇଛି।




ଦୀର୍ଘ ୨୨ ବର୍ଷ ତଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏକ ନିର୍ବାଚନୀ ସଭାରେ ଯୋଗଦେଇ ତୁରନ୍ତ ବଡ଼ଯୋରା ପ୍ରକଳ୍ପ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟରେ ୨ ବର୍ଷ ହେବ ନୂତନ ସରକାର ଆସିଥିବା ବେଳେ ବଡ଼ଯୋରା ପ୍ରକଳ୍ପକୁ ମଞ୍ଜୁରୀ ମିଳିଲା ବୋଲି ବର୍ଷକ ପୂର୍ବରୁ ଢେଙ୍କାନାଳ ସାଂସଦ ଓ ହିନ୍ଦୋଳ ବିଧାୟିକା ସାମ୍ବାଦିକ

### ବର୍ଷେ ବିତିଲା, ଜମି ଅଧିଗ୍ରହଣ ବି ହେଲାନି

ସମିଳନୀ କରି ସୂଚନା ଦେବା ସହ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ହିନ୍ଦୋଳବାସୀଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଥିଲା। ମାତ୍ର ଗୋଟିଏ ବର୍ଷ ବିତିଗଲା ପରେ ବି ବଡ଼ଯୋରା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ଦୂରକଥା ଜମି ଅଧିଗ୍ରହଣ ମଧ୍ୟ ହୋଇନାହିଁ। ହିନ୍ଦୋଳ ଉପଖଣ୍ଡରେ ୩୧୫୭୩ ଏକର ଚାଷଜମି ରହିଛି। ସେଥିମଧ୍ୟରୁ ପ୍ରାୟ ୧୮୦୦ ଏକର ଖରିଫ ଫସଲ ନିମନ୍ତେ ଉଦ୍ଦିଷ୍ଟ ହୋଇଥିବା ବେଳେ ପ୍ରାୟ ୨୫୨୦ ଏକର ଜମିକୁ ଜଳସେଚିତ ହୋଇଥିବା ସରକାରୀ ରେକର୍ଡ କହୁଥିବା ବେଳେ ପ୍ରକୃତରେ କେତେ ଜମି ଜଳସେଚିତ ହୋଇଛି ତାହା କଳନା କରିବା କଷ୍ଟକର ହୋଇପଡ଼ିଛି। ବହୁ ଅଞ୍ଚଳରେ କେନାଲ କାର୍ଯ୍ୟ ନାମରେ ଅର୍ଥ ହରିଲୁଟ ହୋଇଥିବାରୁ କେନାଲଗୁଡ଼ିକ ଅଧପନ୍ତରିଆ ହୋଇ ପଡ଼ିରହିଛି। ଏଭଳି ସ୍ଥିତିରେ ଲୋକେ ଏବେ କୃଷି ଉପରୁ ମୁହଁ ଫେରାଇ ରାଜ୍ୟ ବାହାରକୁ ଦାଦନ ଖଟିବା ପାଇଁ ଯାଉଥିବା ଦେଖିବାକୁ ମିଳୁଛି। ଏଠି ବଡ଼ଯୋରା ପ୍ରକଳ୍ପ କେବେ ହେବ ବୋଲି ଜନସାଧାରଣ ଚାହିଁ ବସିଥିବା ବେଳେ ନୂତନ ସରକାର କେବେ ପ୍ରକଳ୍ପ ନିର୍ମାଣ କରିବେ ତାହା ଅନିଶ୍ଚିତତା ମଧ୍ୟରେ ରହିଛି।

### ଖତକୁରବାହାଲ ଅଞ୍ଚଳରେ ପୁଲିସର ଚଢ଼ଉ

# ୨ ଗିରଫ; ନିଶାଦ୍ରବ୍ୟ, ପଶୁମାଂସ, ମାରଣାସ୍ତ୍ର ଜବତ

**ରାଉରକେଲା, ୨୫।୫(ସମିସ)**

ଇଦ୍-ଉଲ୍-ଆଧା(ବକ୍ରିଦ୍) ପାଳନର ଅବ୍ୟବହିତ ପୂର୍ବରୁ ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ କୁତ୍ରା ଥାନା ପୁଲିସ ପକ୍ଷରୁ ଗତକାଲି ବିଳମ୍ବିତ ରାତିରେ ଖତକୁରବାହାଲ ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ଉପରେ ବ୍ୟାପକ ଧରପଗଡ଼ କରାଯାଇଥିଲା। ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଏସ୍‌ପି ଶାନ୍ତା ନୂତନ ସାମଦଙ୍କ ନେତୃତ୍ୱରେ ରାଜଗାଙ୍ଗପୁର ଏସ୍‌ଡିପିଓ ବିଭୁତିଭୂଷଣ ଭୋଇ, କୁତ୍ରା ଥାନା ଅଧିକାରୀଙ୍କ ସମେତ ୪ ପ୍ଲାଟୁନ ପୁଲିସ ଫୋର୍ସ ଏହି ଧରପଗଡ଼ରେ ସାମିଲ ହୋଇଥିଲେ। ଖତକୁରବାହାଲ ଅଞ୍ଚଳରେ ଥିବା ବିଭିନ୍ନ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ, ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟକଳାପ ଏବଂ ନିଶା କାରବାରର ପେଣ୍ଠସ୍ଥଳି ଗୁଡିକରେ ପୁଲିସ ଦଳ ଚଢ଼ଉ କରିଥିଲେ। ଏହି ଚଢ଼ଉ ବେଳେ ଉକ୍ତ ଅଞ୍ଚଳର ଅପରାଧୀ ଓ ପୁଲିସ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅପରାଧୀମାନେ ଚଢ଼ଉକୁ ବିରୋଧ କରିବାକୁ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପୁଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଛଢ଼ଉ ବେଳେ ପୁଲିସ ବହୁ ପରିମାଣରେ ନିଶାଦ୍ରବ୍ୟ, ୫୦ କିଲୋଗ୍ରାମର କଟା ପଶୁମାଂସ ଜବତ କରିବା ସହ ୨ଟି ମରଣାସ୍ତ୍ର, ୨ଟି ଓଜନ ମେସିନ ଏବଂ ଗୋଟିଏ ରେଫ୍ରିଜେଟର ଜବତ କରିଥିଲା। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ଏନେଇ ଏସ୍‌ପି ଶ୍ରୀମତୀ କୌର କହିଛନ୍ତି, ସୁନ୍ଦରଗଡ଼ ପୁଲିସ ପକ୍ଷରୁ ସମ୍ପ୍ରତି ବିଭିନ୍ନ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ, ଅପରାଧିକ କାର୍ଯ୍ୟକଳାପ ଉପରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବା ଆରମ୍ଭ କରିଛି। ଏଥିପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ୟାପକ ଚଢ଼ଉ ଜାରି ରହିଛି। ଅଭ୍ୟାସଗତ ଅପରାଧି ଏବଂ ଅସାମାଜିକ ବ୍ୟକ୍ତିଙ୍କ ଗିରଫଦାରୀ ଜାରି ରହିଛି। ଆଗାମୀ ଦିନରେ ଏହି ଚଢ଼ଉକୁ ଆହୁରି ବ୍ୟାପକ କରାଯାଇ ଅପରାଧୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀମତୀ କୌର କହିଛନ୍ତି।



**ଚଢ଼ଉ ବେଳେ ପୁଲିସ ଅପରାଧୀ ମୁହାଁମୁହିଁ**

# ଷ୍ଟ୍ରିଟ୍ ଲାଇଟ୍ ଅଚଳ; ଅନ୍ଧାରରେ କେନ୍ଦ୍ରିକଳା ପଞ୍ଚାୟତର ଅନେକ ଗାଁ

**ବଣାଇଁ, ୨୫।୫(ସମିସ):** ବଣାଇଁ ବ୍ଲକ ଅନ୍ତର୍ଗତ କେନ୍ଦ୍ରିକଳା ଗ୍ରାମପଞ୍ଚାୟତର କେନ୍ଦ୍ରିକଳା ଛକରୁ ମଧୁପୁର ଛକ ପର୍ଯ୍ୟନ୍ତ ରାସ୍ତା କଡ଼ରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ଗୁଡିକ ଦୀର୍ଘ ଦିନ ଧରି ଅଚଳ ଅବସ୍ଥାରେ ପଡ଼ିରହିଛି। ଅଲେଖପୁର, ଗୁଡିଆଲି, ଉପରବାହାଳ, ଦରେଇକଳା ଭଳି ଅନେକ ଗୁଡ଼ିଏ ଗାଁ ସନ୍ଧ୍ୟା ହେବା ମାତ୍ରେ ଅନ୍ଧାରରେ ବୁଡି ରହୁଛି। ଯାହା ଫଳରେ ଲୋକେ ଯିବା ଆସିବା କରିବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଛାତ୍ରଛାତ୍ରୀମାନେ ଟିଉସନ ସାରି ଘରକୁ ଫେରିବା ବେଳେ ଭୟ କରୁଛନ୍ତି। ଅଦିନିଆ ବର୍ଷାରେ ସାପ, ପୋକ ବିଛାର ବେଶୀ ଭୟ ରହୁଛି। ଷ୍ଟ୍ରିଟ୍ ଲାଇଟ୍‌ର ରକ୍ଷଣାବେକ୍ଷଣ କାର୍ଯ୍ୟ ବିଭିନ୍ନ କାରଖାନା କର୍ତ୍ତୃପକ୍ଷ ଦାୟିତ୍ୱ ନେଇଥିଲେ ମଧ୍ୟ ସେମାନେ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏପରିକି ଏହାସବୁ ପରେ ଚଳିତ ସପ୍ତାହରେ କାଳ ବୈଶାଖୀ ଯୋଗୁଁ ବାବୁ ନୁଆ ଗାଁ ଛକରୁ ଗୁଡିଆଲି ଏବଂ କେନ୍ଦ୍ରିକଳା ଛକରୁ ଦରେଇକଳା ପର୍ଯ୍ୟନ୍ତ ଲିଗିଥିବା ଷ୍ଟ୍ରିଟ୍ ଲାଇଟ୍‌ର ତାର ସବୁ ଛିଣ୍ଡି ରାସ୍ତା ଉପରେ ପଡ଼ି ରହିଛି। କେତେକ ସ୍ଥାନରେ ଲାଇଟ୍ ଭାଙ୍ଗି ଯାଇଥିବା ବେଳେ ଏବେ ପଞ୍ଚାୟତରର କେନ୍ଦ୍ରିକଳା, ଉପରପଡ଼ା, ମଧୁପୁର, ବାବୁ ନୁଆ ଗାଁ, ପଞ୍ଚାୟତ ତରଫରୁ କୌଣସି ପଦକ୍ଷେପ ନିଆଯାଉନାହିଁ, ଯାହା ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ଦିନ ଏସବୁ ଅବ୍ୟବସ୍ଥା ଲାଗି ରହିଥିବାରୁ ଲୋକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ଏସବୁର ମରାମତି କରିବାକୁ ଲୋକେ ଦାବି କରିଛନ୍ତି।



# ରାଉରକେଲା ପୁଲିସ ପକ୍ଷରୁ 'ସଣ୍ଡେ ଅନ୍ ସାଇକଲ'

### ଏସ୍‌ପି ଓ ଡିଆଇଜିଙ୍କ ସମେତ ଶତାଧିକ ପୁଲିସ ସାମିଲ

**ରାଉରକେଲା, ୨୫।୫(ସମିସ):** ରାଉରକେଲା ପୁଲିସ ଜିଲ୍ଲା ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ଓ ଫିଟନେସକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ରବିବାର ସକାଳେ 'ସଣ୍ଡେ ଅନ୍ ସାଇକେଲ' ଅଭିଯାନ ଆୟୋଜିତ ହୋଇଥିଲା। ଏହି ଅଭିଯାନରେ ରାଉରକେଲା ଏସ୍‌ପି ନୀତେଶ ୱାଧୱାନୀ, ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ ରାୟଙ୍କ ସମେତ ଶତାଧିକ ପୁଲିସ କର୍ମଚାରୀ ଯୋଗଦେଇ ସାଇକ୍ଲୋଥୋନରେ ସାମିଲ ହୋଇଥିଲେ। ରବିବାର ସକାଳେ ରାଉରକେଲା ସହରର ମୁଖ୍ୟ ରାସ୍ତାରେ ଏହି ସାଇକେଲ ରାଲି ଆୟୋଜିତ ହୋଇଥିଲା। ରାଉରକେଲା ଏସ୍‌ପି ନୀତେଶ ୱାଧୱାନୀ ନିଜେ ସାଇକେଲ ଚଳାଇ ଲୋକମାନଙ୍କୁ ଫିଟନେସ ପ୍ରତି ସଚେତନ ହେବାକୁ ବାର୍ତ୍ତା ଦେଇଥିଲେ। ତାଙ୍କ ସହ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ବିଭିନ୍ନ ପୁଲିସ ଅଧିକାରୀ, କର୍ମଚାରୀ ଓ ସହରବାସୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏସପି ଶ୍ରୀ ୱାଧୱାନୀ କହିଥିଲେ, ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ଥିଲା ଲୋକମାନଙ୍କ ମଧ୍ୟରେ ସୁସ୍ଥ ଜୀବନଶୈଳୀ, ନିୟମିତ ବ୍ୟାୟାମ ଓ ପରିବେଶବନ୍ଧୁ ଯାତାୟାତ ପ୍ରତି ସଚେତନତା ସୃଷ୍ଟି କରିବା। ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ ରାୟ 'ରାଇଡ୍ ଟୁଡେ, ଫିଟ୍ ଟୁମରୋ' ସ୍ଲୋଗାନକୁ ଅର୍ଥପୂର୍ଣ୍ଣ କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ।



# କାଳବୈଶାଖୀ ତାଣ୍ଡବ ଗଛ ଉପୁଡ଼ି ରାସ୍ତା ଅବରୋଧ, ଭାଙ୍ଗିଲା ଘର







**ରାଉରକେଲା, ୨୫।୫(ସମିସ):** ସୋମବାର ଅପରାହ୍ଣରେ କାଳବୈଶାଖୀ ଯୋଗୁଁ ରାଉରକେଲା ସହରର ବିଭିନ୍ନ ସ୍ଥାନରେ ଅନେକ ଗଛ ଉପୁଡି ପଡ଼ି ରାସ୍ତା ଅବରୋଧ ହୋଇଥିବା ବେଳେ କେତେକ ସ୍ଥାନରେ ଘର ଭାଙ୍ଗିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଆଜି ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ କାଳବୈଶାଖୀ ତାଣ୍ଡବ ରଚିଥିଲା। ଘଡ଼ଘଡ଼ି ସହ ପ୍ରବଳ ପବନ, ବର୍ଷା ହେବା ଫଳରେ ରାଉରକେଲା ରିଙ୍ଗ ରୋଡରେ ଥିବା ବହୁ ସଂଖ୍ୟାରେ ଗଛ ଉପୁଡି ପଡ଼ିଥିଲା। ବିଶେଷକରି ସେକ୍ଟର - ୧, ସେକ୍ଟର - ୨ ଏବଂ ସେକ୍ଟର-୨୦ ଅଞ୍ଚଳରେ ବହୁ ସଂଖ୍ୟାରେ ଗଛ ଉପୁଡି ପଡ଼ି ରାସ୍ତା ଅବରୋଧ ହୋଇଥିବା ଜଣାପଡ଼ିଛି। ସେକ୍ଟର-୨ର ବିଜୁ ପଟ୍ଟନାୟକ ଛକରୁ ରାଉରକେଲା କ୍ଲବ ଛକ ଏବଂ ସେକ୍ଟର - ୧୮ ଛକ ପର୍ଯ୍ୟନ୍ତ ଅନେକ ଗଛ ଉପୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ସେହିପରି ସେକ୍ଟର-୧, ଏନଆଇଟି ରୋଡ ଅଞ୍ଚଳରେ ମଧ୍ୟ ଗଛ ଡାଳ ପଡ଼ି ରାସ୍ତା ଅବରୋଧ ହେବା ସହ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ଫଳରେ ଯାତାୟାତ ଏବଂ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସେକ୍ଟର - ୧ ରେ ଏକ ଆମ୍ବଗଛ ଡାଳ ପଡ଼ି ଏକ ଘର ଭାଙ୍ଗି ଯାଇଥିବା ଜଣାପଡ଼ିଛି। ସେହିପରି ରାଉରକେଲା ହାଉସ ଛକ ନିକଟରେ ପାର୍କିଂ ହୋଇଥିବା ଏକ ଅଟୋରିକ୍ସା ଉପରେ ଏକ ଗଛ ପଡ଼ି କ୍ଷତିଗ୍ରସ୍ତ ହୋଇଛି। ସେକ୍ଟର - ୧ ଏବଂ ସେକ୍ଟର-୨ ମଧ୍ୟରେ ଅବସ୍ଥିତ ଖାରିଆ ବାହାଲ ବସ୍ତିରେ ଅନେକ ଅଞ୍ଚଳରେ ଗଛ ଉପୁଡ଼ି ପଡ଼ିବା ସହ ଗଛର ଡାଳ ଭାଙ୍ଗି ବ୍ୟାପକ କ୍ଷତି ହୋଇଛି। ଏପରିକି ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଶିଳ୍ପ ସହରର ସେକ୍ଟର - ୧ ଏବଂ ସେକ୍ଟର-୨ ସମେତ କିଛି ଅଞ୍ଚଳରେ ପ୍ରବଳ ପବନ ଏବଂ ବର୍ଷା ସହିତ କୁଆପଥର ବର୍ଷା ହୋଇଥିବା ଜଣାପଡ଼ିଛି। ସେକ୍ଟର - ୨ ସ୍ଥିତ ଦୁର୍ଗା ପୂଜା ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା 'ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର' କାର୍ଯ୍ୟକ୍ରମର ପ୍ରସ୍ତୁତି ମଧ୍ୟ କାଳବୈଶାଖୀ ଝଡ଼ ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି। ସେକ୍ଟର - ୨୦ ସ୍ଥିତ ଡବଲ-ମହଲା ମାର୍କେଟ୍ ଏବଂ ଚିପ୍ ଟାଇପ୍ ମାର୍କେଟ୍ ଅଞ୍ଚଳରେ ଅନେକ ଗଛ ଉପୁଡ଼ି ପଡ଼ିବା ସହ ଡାଳ ଭାଙ୍ଗି ପଡ଼ିଛି। ଉକ୍ତ ଅଞ୍ଚଳରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିବାରୁ କିଛି ଲୋକ ଆହତ ହୋଇଥିବା ସୂଚନା ମିଳିଛି। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ନଗର ପ୍ରଶାସନ ଏବଂ ସ୍ଥାନୀୟ ଜିଲ୍ଲା ପ୍ରଶାସନ ସ୍ୱାଭାବିକତା ଫେରାଇ ଆଣିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ଆରମ୍ଭ କରିଛନ୍ତି।

# ଆର୍‌ଏସ୍‌ପିର ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ରାଉରକେଲା, ୨୫।୫ (ସମିସ):** ରାଉରକେଲା ଇସ୍ପାତ କାରଖାନାର କ୍ରୀଡ଼ା ବିଭାଗ ପକ୍ଷରୁ ଉଦୀୟମାନ ପ୍ରତିଭାମାନଙ୍କ ପାଇଁ ଆୟୋଜିତ ଏକ ବୃହତ କ୍ରୀଡ଼ା ଇଭେଣ୍ଟ '୩୯ତମ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର-୨୦୨୬' ମଇ ୨୫ ତାରିଖ ଦିନ ଇସ୍ପାତ ଷ୍ଟାଡିୟମଠାରେ ଉଦ୍‌ଯାପିତ ହୋଇଯାଇଛି। ଆର୍‌ଏସ୍‌ପିର ସିଜିଏମ୍(ଟିଇଆଣ୍ଡ ହର୍ଟିକଲଚର୍) ବି.କେ. ଜୋଜୋ ଏହି ଅବସରରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲା ବେଳେ ଜିଏମ୍(ପିଏଚ୍, ଏସ୍‌ଡବ୍ଲ୍ୟୁ. ଆଣ୍ଡ ଏୟାରପୋର୍ଟ) ଜେପି ମିଶ୍ର ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଶ୍ରୀ ଜୋଜୋ ଭବିଷ୍ୟତରେ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିବା ଏବଂ ଏକ ସୁସ୍ଥ ଜୀବନଶୈଳୀ ଅତିବାହିତ କରିବା ପାଇଁ ଅଂଶଗ୍ରହଣକାରୀଙ୍କୁ ନିଷ୍ଠା, ଶୃଙ୍ଖଳା ଏବଂ କ୍ରୀଡ଼ାବିତ୍ ମନୋଭାବ ସହ ଅଭ୍ୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ପ୍ରଶିକ୍ଷକ ଏବଂ ସେମାନଙ୍କ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଉତ୍ସବ ଶେଷରେ ମୁଖ୍ୟ ଅତିଥି କ୍ରୀଡ଼ା ପତାକା ଅବତରଣ କରି ୩୯ତମ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର-୨୦୨୬ର ସମାପ୍ତି ଘୋଷଣା କରିଥିଲେ। ପୂର୍ବରୁ ଜେପି ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହ ଶିବିର ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ସିଲିକନ୍ ଷ୍ଟିଲ୍ ମିଲ୍‌ର ଜୁନିୟର ଇଞ୍ଜିନିୟର ଅନିଲ ମଲ୍ଲିକ ଏହି କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ। କ୍ରୀଡ଼ା ବିଭାଗର ଡେପୁଟି ମ୍ୟାନେଜର ଆର୍‌ଏନ୍ ପାଢ଼ୀ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଚଳିତ ମାସ ୫ ତାରିଖରେ ଉଦ୍‌ଘାଟିତ ହୋଇଥିଲା। ରାଉରକେଲା ସମେତ ଆଖପାଖ ଅଞ୍ଚଳର ୧୨୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ବିଶେଷଜ୍ଞ ପ୍ରଶିକ୍ଷକମାନଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇଥିଲା।



# ସେକ୍ଟର-୧୮ ଯୋଗ କେନ୍ଦ୍ରର ବାର୍ଷିକ ଉତ୍ସବ

**ରାଉରକେଲା, ୨୫।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା ପାତଞ୍ଜଳି ଯୋଗ ପରିବାର ଦ୍ୱାରା ସଞ୍ଚାଳିତ ସେକ୍ଟର-୧୮ ସ୍ଥିତ ସୋସିଆଲ ହୋମ ଯୋଗ କେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ରେଖା ନାୟକଙ୍କ ପୌରୋହିତ୍ୟରେ ଯଜ୍ଞ କାର୍ଯ୍ୟ କରାଯାଥିଲା। ରାଜ୍ୟ ସହ ପ୍ରଭାରୀ ଅକ୍ରୁର ମାର୍ଥା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କେନ୍ଦ୍ରର ଯୋଗ ଶିକ୍ଷୟିତ୍ରୀ ବିଷ୍ଣୁ ପ୍ରିୟା ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଭାରତ ସ୍ୱାଭିମାନ ନ୍ୟାସର ସହ ରାଜ୍ୟ ପ୍ରଭାରୀ ଅକ୍ରୁର ମାର୍ଥା ଯୋଗର ଆବଶ୍ୟକତା ଓ ବ୍ୟକ୍ତି, ପରିବାରର ଆର୍ଥିକ ପ୍ରଗତିରେ ଯୋଗର ଅବଦାନ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ମହିଳା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନୀତମ୍ବିନୀ ସ୍ୱାଇଁ, ଜିଲ୍ଲା ବିଏସ୍‌ଟି ପ୍ରଭାରୀ ନରେନ୍ଦ୍ର ବେହେରା, ପିୱାଇଏସ୍ ଜିଲ୍ଲା ପ୍ରଭାରୀ ପ୍ରଦୀପ୍ତ ସାହୁ, ଜିଲ୍ଲା କିଷାନ ପ୍ରଭାରୀ ପୀତବାସ ପ୍ରଧାନ, ଜିଲ୍ଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ, ଜିଲ୍ଲା ସୋସିଆଲ ମିଡିଆ ପ୍ରଭାରୀ ଆରତୀ କର, ଯୋଗ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ଯୋଗ ସୁସ୍ଥ ଓ ନିରୋଗ ଜୀବନ ପାଇଁ ବିନା ଅର୍ଥରେ ଏକମାତ୍ର ମାର୍ଗ ବୋଲି କହିଥିଲେ। କେନ୍ଦ୍ରର ଯୋଗ ପରିଚାଳିକା କଳ୍ପନା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପରିଚାଳିକା ବିଷ୍ଣୁ ପ୍ରିୟା ଦାଶ ସଞ୍ଚାଳନ କରିଥିଲେ। ମହିଳା ଜିଲ୍ଲା ସଂଗଠନ ମନ୍ତ୍ରୀ ସନ୍ଧ୍ୟାରାଣୀ ସାହୁ, ଯୋଗ ଶିକ୍ଷୟିତ୍ରୀ ତପସ୍ୱିନୀ ପଣ୍ଡା, ମମତା ରାଉତ, ଆଶାଲତା ସାହୁ, ସବିତା ପ୍ରଧାନ ଉପସ୍ଥିତ ଥିଲେ। ଏହି ଅବସରରେ କଳ୍ପନା ପଣ୍ଡା, ସନ୍ତୋଷୀ, ଦମୟନ୍ତୀ ବେହେରା, ରଶ୍ମି ମହାପାତ୍ର, ସ୍ୱର୍ଣ୍ଣ ରାଉତ, ମିରା, ଉମା, କବିତା ବେହେରା, ସ୍ୱର୍ଣ୍ଣଲତା ରାଉଳ, ସୁଜାତା ସାମଲ ଓ ରେଣୁବାଳା ଏବଂ ସନ୍ତୋଷୀ ସୋଲୋଙ୍କ ଦ୍ୱାରା ୨ ଟି ଯୋଗ ନୃତ୍ୟ ପରିବେଷିତ ହୋଇଥିଲା।

# ହେମଗିର ବ୍ଲକ ପରିସରରେ ଯୁଗ୍ମ ଜନଶୁଣାଣି



**ରାଉରକେଲା, ୨୫।୫ (ସମିସ):** ହେମଗିର ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର, ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୭୫ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୯ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୬୫ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ଗୋଟିଏ ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଗୋଟିଏ ଆବେଦନ ରହିଥିଲା। ଆଜିର ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପି ଅକ୍ସିଜେନ୍ ପ୍ଲାଣ୍ଟର ରେକର୍ଡ ରାଜସ୍ୱ ସଂଗ୍ରହ



**ରାଉରକେଲା, ୨୫।୫(ସମିସ):** ଉଚ୍ଚ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିବା ସହ ନିରବଚ୍ଛିନ୍ନ ଇସ୍ପାତ ଉତ୍ପାଦନକୁ ନିଶ୍ଚିତ କରିବାରେ ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପୁନଃ ପ୍ରତିପାଦିତ କରି ଆରଏସପିର ଅକ୍ସିଜେନ୍ ପ୍ଲାଣ୍ଟ ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଉତ୍କୃଷ୍ଟ ରାଜସ୍ୱ ସଂଗ୍ରହ, ନିଜସ୍ୱ ପାରଦର୍ଶୀତା ଉପଯୋଗରେ ପ୍ରମୁଖ ରକ୍ଷଣାବେକ୍ଷଣ କାର୍ଯ୍ୟର ସଫଳ ରୂପାୟନ ପ୍ରମୁଖ କମିଶନିଂ କାର୍ଯ୍ୟରେ ଏହି ବିଭାଗ କାରଖାନାର ସାମଗ୍ରିକ ପ୍ରଦର୍ଶନରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଅକ୍ସିଜେନ୍ ପ୍ଲାଣ୍ଟ ବାହ୍ୟ ସଂସ୍ଥାଗୁଡ଼ିକୁ ତରଳ ଗ୍ୟାସ୍ ବିକ୍ରୟ କରି ଯଥେଷ୍ଟ ରାଜସ୍ୱ ସଂଗ୍ରହ କରିପାରିଛି। ସମୁଦାୟ ୭୧୨ ଟନ୍ ତରଳ ଆର୍ଗନ୍ ବିକ୍ରୟ କରାଯାଇ ୩.୬୨ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରାଯାଇଛି। ଏହା ବ୍ୟତୀତ ୪୧୯ ଟନ୍ ତରଳ ନାଇଟ୍ରୋଜେନର ବିକ୍ରୟରୁ ୧୧.୭୫ ଲକ୍ଷ ଟଙ୍କା ଆୟ ହୋଇଛି। ଏକ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ସଫଳତା ସ୍ୱରୂପ ଏଏସ୍ୟୁ-୩ ରେ ଥିବା ମଲିକ୍ୟୁଲାର ସିଭ୍ ବେଡ୍-ଏ ୱେଟ୍ ଏୟାର୍ ଇନଲେଟ୍ ଭାଲ୍ଭକୁ ପ୍ରଥମ ଥର ପାଇଁ ନିଜସ୍ୱ ସମ୍ବଳ ବ୍ୟବହାର କରି ବଦଳାଯାଇଛି। ଯାହା ଜଟିଳ ରକ୍ଷଣାବେକ୍ଷଣ ପାଇଁ କମ୍ ସମୟ ମଧ୍ୟରେ କାର୍ଯ୍ୟ ସମ୍ପାଦନ ସୁନିଶ୍ଚିତ କରିଛି। ଅତ୍ୟାବଶ୍ୟକ ଗ୍ୟାସ୍ ଏବଂ ୟୁଟିଲିଟି ଯୋଗାଣ ଲାଇନଗୁଡ଼ିକର ଆନ୍ତଃସଂଯୋଗ କାର୍ଯ୍ୟକୁ ସଫଳତାର ସହ ସମ୍ପାଦନ କରି ଏସଏମଏସ-୨ ଠାରେ କାଷ୍ଟର-୪ର କମିସନିଂକୁ ସହଜ କରିବାରେ ଅକ୍ସିଜେନ୍ ପ୍ଲାଣ୍ଟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଅକ୍ସିଜେନ୍, ନାଇଟ୍ରୋଜେନ୍, ଆର୍ଗନ୍, ପ୍ରୋପେନ୍ ଏବଂ କମ୍ପ୍ରେସଡ୍ ଏୟାର୍ ପାଇଁ ଆନ୍ତଃ ସଂଯୋଗ ସ୍ଥାପନ କରାଯାଇଥିଲା, ଯାହା ନୂତନ କାଷ୍ଟର ୟୁନିଟ୍‌ର ସହଜ ସମନ୍ୱୟ ଏବଂ ପ୍ରସ୍ତୁତିକୁ ସୁନିଶ୍ଚିତ କରିଛି। ବିଧିବଦ୍ଧ ଅନୁପାଳନ ଏବଂ ସୁରକ୍ଷା ପ୍ରସ୍ତୁତିକୁ ସୁଦୃଢ଼ କରି ଅକ୍ସିଜେନ୍ ପ୍ଲାଣ୍ଟ ପ୍ରଥମ ଥର ପାଇଁ ଓଡ଼ିଶା ସରକାରଙ୍କ ଅଗ୍ନିଶମ ସେବା ପକ୍ଷରୁ ତିନୋଟି ଅଗ୍ନି ସୁରକ୍ଷା ପ୍ରମାଣପତ୍ର ହାସଲ କରି ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ପ୍ରୋପେନ୍ ପ୍ଲାଣ୍ଟ-୨, ପ୍ରୋପେନ୍ ପ୍ଲାଣ୍ଟ-୩ ଏବଂ ଏଏସ୍ୟୁ-୧, ଏଏସ୍ୟୁ-୨ ଓ ଏଏସ୍ୟୁ-୩ ପାଇଁ ଏହି ପ୍ରମାଣପତ୍ର ଗୁଡ଼ିକ ସୁରକ୍ଷିତ କରାଯାଇଛି, ଯାହା ସୁରକ୍ଷା ବ୍ୟବସ୍ଥା ଏବଂ ନିୟାମକ ଅନୁପାଳନ ପ୍ରତି ବିଭାଗର ସକ୍ରିୟ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି। ଅକ୍ସିଜେନ୍ ଏବଂ ଅନ୍ୟାନ୍ୟ ଶିଳ୍ପଭିତ୍ତିକ ଗ୍ୟାସ୍ ଆଧୁନିକ ଇସ୍ପାତ ଗଠନ ପ୍ରକ୍ରିୟାର ଜୀବନରେଖା ସଦୃଶ ଅଟେ। ଯାହା କନଭର୍ଟର, କଣ୍ଟିନିଉଅସ୍ କାଷ୍ଟିଂ, କଟିଂ କାର୍ଯ୍ୟ ଏବଂ ବିଭିନ୍ନ ୟୁଟିଲିଟି ସେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ରାଜସ୍ୱ ସଂଗ୍ରହ, ବୈଷୟିକ ରକ୍ଷଣାବେକ୍ଷଣର ଶ୍ରେଷ୍ଠତା, ରଣନୀତିକ ପ୍ରକଳ୍ପ ସହାୟତା ଏବଂ ସୁରକ୍ଷା ପ୍ରମାଣପତ୍ର କ୍ଷେତ୍ରରେ ଏହାର ଚିତ୍ତାକର୍ଷକ ପ୍ରଦର୍ଶନ ସହିତ ସେଲ୍‌ର ରାଉରକେଲା ଇସ୍ପାତ କାରଖାନାର ଅକ୍ସିଜେନ୍ ପ୍ଲାଣ୍ଟ ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ଉନ୍ନତ ଦକ୍ଷତା ଏବଂ ସ୍ଥାୟୀ କାର୍ଯ୍ୟ ପ୍ରଣାଳୀ ଦିଗରେ ଏକ ଦୃଢ଼ ଅବଦାନ ରଖିଛି।

### ଯୁବ ସଙ୍ଗମ ପର୍ଯ୍ୟାୟ-୬ କାର୍ଯ୍ୟକ୍ରମ

# ଗୁଜୁରାଟର ପ୍ରତିନିଧି ଦଳକୁ ଏନ୍‌ଆଇଟି ପକ୍ଷରୁ ସ୍ୱାଗତ

**ରାଉରକେଲା, ୨୫।୫(ସମିସ)**

ଯୁବ ସଙ୍ଗମ ପର୍ଯ୍ୟାୟ-୬ କାର୍ଯ୍ୟକ୍ରମ ଅଧୀନରେ ଭାରତୀୟ ପ୍ରବନ୍ଧନ ସଂସ୍ଥାନ ଅହମ୍ମଦାବାଦର ପାଞ୍ଚ ଜଣ ସମନ୍ୱୟ ଅଧିକାରୀଙ୍କ ସହିତ ଗୁଜରାଟର ୩୯ ଜଣ ଯୁବ ଅଂଶଗ୍ରହଣକାରୀଙ୍କ ଏକ ପ୍ରତିନିଧି ଦଳ ଓଡ଼ିଶାକୁ ଛଅ ଦିନିଆ ଗସ୍ତରେ ଆସିଥିବା ବେଳେ ସେମାନଙ୍କୁ ଏନ୍‌ଆଇଟି ରାଉରକେଲା ପକ୍ଷରୁ ବିପୁଳ ସ୍ୱାଗତ କରାଯାଇଥିଲା। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମ ଅଧୀନରେ ଆୟୋଜିତ ଏହି ଯୁବ ସଙ୍ଗମ ପର୍ଯ୍ୟାୟ-୬ କାର୍ଯ୍ୟକ୍ରମ ପାଇଁ ଓଡ଼ିଶାରୁ ନୋଡାଲ ପ୍ରତିଷ୍ଠାନ ଭାବରେ ଏନ୍‌ଆଇଟି ରାଉରକେଲାକୁ ମନୋନୀତ କରାଯାଇଛି। ଯୁବ ସଙ୍ଗମ ଓଡ଼ିଶାର ନୋଡାଲ ଅଧିକାରୀ ପ୍ରଫେସର ୱିନି ରାଉତରାୟଙ୍କ ମାର୍ଗଦର୍ଶନରେ ଏନ୍‌ଆଇଟି ରାଉରକେଲାରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଛାତ୍ରଛାତ୍ରୀଙ୍କ ସହିତ ଆସିଥିବା ଆଇଆଇଏମ ଅହମ୍ମଦାବାଦର ପ୍ରତିନିଧି ଦଳରେ ସଂଯୋଜକ ରେଭେନ୍ଦ୍ର ଭାଘେଲା, ସୁମନ୍ତ ମିଶ୍ର, ଦିବ୍ୟା ବିଜୁ, ଗୋମଥି ମୁଦାଲିଆର ଏବଂ ସୁନୀଲକୁମାର ମନୁଭାଇ ପଟେଲ ପ୍ରମୁଖ ରହିଛନ୍ତି। ଏହି ଦଳ ଆଜି ଭୁବନେଶ୍ୱରରୁ ତେଜସ ରାଜଧାନୀ ଏକ୍ସପ୍ରେସ ଯୋଗେ ଆସି ରାଉରକେଲାରେ ପହଞ୍ଚିବା ପରେ ସ୍ଥାନୀୟ କଳାକାର ଏବଂ ସ୍ୱେଚ୍ଛାସେବକଙ୍କ ଦ୍ୱାରା ଢୋଲ ବାଦ୍ୟ ଓ ପାରମ୍ପରିକ ନୃତ୍ୟର ତାଳେ ତାଳେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଦିନରେ ଛାତ୍ରଛାତ୍ରୀମାନେ ଏନ୍‌ଆଇଟି ରାଉରକେଲାରେ ପ୍ରମୁଖ କ୍ୟାମ୍ପସ ସୁବିଧା ଏବଂ ନବସୃଜନ ଇକୋସିଷ୍ଟମ, ଫାଉଣ୍ଡେସନ ଫର୍ ଟେକ୍ନୋଲୋଜି ଆଣ୍ଡ ବିଜନେସ୍ ଇନକ୍ୟୁବେସନ୍ (ଏଫଟିବିଆଇ) ଏବଂ ଛାତ୍ର କାର୍ଯ୍ୟକଳାପ ସ୍ଥାନ ଆଦି ବୁଲି ଅନୁଧ୍ୟାନ କରିଥିଲେ। ଗୁଜୁରାଟର ଏହି ପ୍ରତିନିଧି ଦଳ ସହିତ ଆଲୋଚନା କରି ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ କହିଛନ୍ତି, ଏପରି ପଦକ୍ଷେପ ଭାରତର ଯୁବପିଢ଼ିଙ୍କ ମଧ୍ୟରେ ସାଂସ୍କୃତିକ ବୁଝାମଣାକୁ ସୁଦୃଢ଼ କରିବା ଏବଂ ଲୋକ-ଲୋକଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ କରିବା ପାଇଁ ଏକ ଚମତ୍କାର ପ୍ରୟାସ। ସୂଚନାଯୋଗ୍ୟ, ଏହି ଛଅ ଦିନିଆ ଏକ୍ସପୋଜର କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ସାରା ଓଡ଼ିଶାରେ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ, ସାଂସ୍କୃତିକ, ଐତିହାସିକ ଏବଂ ଗ୍ରାମୀଣ ବିକାଶ ସ୍ଥାନ ପରିଦର୍ଶନ କରିବେ। ଦ୍ୱିତୀୟ ଦିନରେ ପ୍ରତିନିଧି ଦଳ ରାଉରକେଲା ଇସ୍ପାତ କାରଖାନା, ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଏବଂ ରାଉରକେଲାର ଜନଜାତି ସଂଗ୍ରହାଳୟ ପରିଦର୍ଶନ କରି ଏହି ଅଞ୍ଚଳର ଶିଳ୍ପ ଅଭିବୃଦ୍ଧି ଏବଂ ଜନଜାତି ଐତିହ୍ୟକୁ ବୁଝିବେ। ତୃତୀୟ ଦିନରେ ଛାତ୍ରଛାତ୍ରୀମାନେ ଭୁବନେଶ୍ୱର ଏବଂ କୋଣାର୍କ ପରିଦର୍ଶନ କରିବେ। ଏହାସହ ସେମାନେ ଓଡ଼ିଶାର ରାଜ୍ୟପାଳ ହରି ବାବୁ କାମ୍ଭମପତିଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ଚତୁର୍ଥ ଦିନରେ, ଅଂଶଗ୍ରହଣକାରୀମାନେ ସୁନ୍ଦରଗଡ଼ ଜିଲ୍ଲା ଗସ୍ତ କରି ପ୍ରାକୃତିକ କୃଷି ପ୍ରଥା ଏବଂ ଗ୍ରାମୀଣ ଜୀବିକା ପଦକ୍ଷେପ ବିଷୟରେ କିଷାନ ସାଥୀ ଫାଉଣ୍ଡେସନ ସହ ଆଲୋଚନା କରିବେ। ସେମାନେ ପରିବେଶ ସଚେତନତା ଏବଂ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରି 'ଏକ ପେଡ୍ ମା କେ ନାମ' ରୋପଣ ଅଭିଯାନରେ ମଧ୍ୟ ଅଂଶଗ୍ରହଣ କରିବେ। ପଞ୍ଚମ ଦିନରେ ପ୍ରତିନିଧିମଣ୍ଡଳୀ ସମ୍ବଲପୁର ଯାତ୍ରା କରି ସମଲେଶ୍ୱରୀ ମନ୍ଦିର ଏବଂ ହୀରାକୁଦ ଡ୍ୟାମ୍ ପରିଦର୍ଶନ କରିବେ। ଛାତ୍ରଛାତ୍ରୀମାନେ ଓଡ଼ିଶାର ପ୍ରସିଦ୍ଧ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ପରମ୍ପରା ବିଷୟରେ ଅନ୍ତର୍ଦୃଷ୍ଟି ପାଇବା ପାଇଁ ବୈଜାମୁଣ୍ଡା ଗ୍ରାମର କାରିଗର ଏବଂ ବୁଣାକାର ସମ୍ପ୍ରଦାୟଙ୍କ ସହିତ ଆହୁରି ଆଲୋଚନା କରିବେ। କାର୍ଯ୍ୟକ୍ରମ ଷଷ୍ଠ ଦିନରେ ଏକ ବିଦାୟ ସମାରୋହ ଏବଂ କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ (ସିଆଇଆଇଏଲ)ର ବିଶିଷ୍ଟ ଅତିଥି ଏବଂ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିବେ। ଯେଉଁଠାରେ ଅଂଶଗ୍ରହଣକାରୀମାନେ ବିନିମୟ କାର୍ଯ୍ୟକ୍ରମର ପ୍ରତିଫଳନ ଏବଂ ଅଭିଜ୍ଞତା ବାଣ୍ଟିବେ ବୋଲି ସୂଚନା ମିଳିଛି।



# ଭିମ୍ସାରରେ ଚିକିତ୍ସା ଅବହେଳା; ଯୁବକଙ୍କ ମୃତ୍ୟୁ

ସମ୍ବଲପୁର, ୨୫।୫(ସମିସ)

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଗବେଷଣା ପ୍ରତିଷ୍ଠାନ (ଭିମସାର)ରେ ଭୁଲ୍ ଚିକିତ୍ସା ପାଇଁ ଚାଲିଗଲା ଜଣେ ଯୁବକଙ୍କ ଜୀବନ। ସାମାନ୍ୟ ଅସ୍ତ୍ରୋପଚାର ପରେ ଶରୀର ବିଭିନ୍ନ ଅଂଶ ଖରାପ

**ନାକ ଅସ୍ତ୍ରୋପଚାର ପରେ**
**ଯକୃତ, ବୃକ୍କ ଫୁସଫୁସ ଖରାପ**
**ନ୍ୟାୟ ଦାବିରେ ରାସ୍ତାରୋକ**
**ଡାକ୍ତର ଓ ମେଡିକାଲ ଉପରେ କାର୍ଯ୍ୟାନୁଷ୍ଠାନ ଦାବି**

ହୋଇଯାଇଥିଲା। ପରେ ଭୁବନେଶ୍ୱର ସ୍ଥିତ ଏକ ଡାକ୍ତରଖାନାରେ ଚିକିତ୍ସା ବେଳେ ଆଜି ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ବିରୋଧ କରି ପରିବାର ଓ ସ୍ଥାନୀୟ ଲୋକ ସମ୍ବଲପୁର ବୁର୍ଲା ରାସ୍ତା ରାଜଘାଟ ଛକ ଠାରେ ରାସ୍ତା ରୋକ କରିଥିଲା। ଶବ ଧରି ଭିମସାର ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ମୃତ ଯୁବକ ଜଣକ ହେଉଛନ୍ତି ବଡବଜାର ୨୪ ବର୍ଷୀୟ ସଙ୍କେତ ସାହୁ। ସୂଚନା ଅନୁସାରେ ସଙ୍କେତ ବର୍ତ୍ତମାନ ଏମ୍‌ସିଏଲରେ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ନାକରେ ମାଂସ ବଢ଼ିଯିବାରୁ ବୁର୍ଲା ଭିମସାରକୁ ଅସ୍ତ୍ରୋପଚାର



ପାଇଁ ଯାଇଥିଲେ। ଅସ୍ତ୍ରୋପଚାର ପରେ ସଙ୍କେତଙ୍କ ଯକୃତ, ଫୁସଫୁସ ଓ ବୃକ୍କ ଖରାପ ହୋଇଯାଇଥିଲା। ପରିବାର ଅଭିଯୋଗ ଅନୁସାରେ ସାମାନ୍ୟ ଅପରେସନ ପରେ ଏହି ସମସ୍ୟା ଦେଖାଯାଇଥିଲା। ତେଣୁ ଉତ୍ତମ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ପଠାଯାଇଥିଲା। ହେଲେ ଆଜି ସକାଳୁ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକ ଶବକୁ ଆଣି ଆଜି ରାସ୍ତାରୋକ କରିଥିଲେ। ସନ୍ଧ୍ୟା ୫ରୁ ୮ଟା ପର୍ଯ୍ୟନ୍ତ ଶବ ଧରି ପ୍ରତିବାଦ କରିଥିଲେ। ପଶ୍ଚିମ ଓଡ଼ିଶାର



ପ୍ରାଣ କେନ୍ଦ୍ର କୁହାଯାଉଥିବା ଭିମସାରରେ ଚିକିତ୍ସା ଅବହେଳା ପାଇଁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଦାବି କରିଥିଲେ। ଏଥିପାଇଁ ଡାକ୍ତରଖାନା ଓ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସଙ୍କେତ ଘରର ଏକ ମାତ୍ର ପୁଅ। ଏବେ ତାଙ୍କ ପରେ ବାପା ମା ଓ ଭଉଣୀଙ୍କ କଥା କିଏ ଶୁଣିବ ବୋଲି ସ୍ଥାନୀୟ ଲୋକ ପ୍ରଶାସନକୁ ପ୍ରଶ୍ନ କରିଥିଲେ। ଘଟଣାସ୍ଥଳକୁ ବିଭିନ୍ନ ଥାନା ଅଧିକାରୀ, ସଦର ଉପଜିଲ୍ଲାପାଳ ପହଞ୍ଚି ଲୋକଙ୍କ ବୁଝାସୁଝା କରିଥିଲେ। ପୂର୍ବରୁ ଜିଲ୍ଲା ପ୍ରଶାସନ ଆଡୁ ୫୦ ହଜାର ଟଙ୍କା ସହାୟତା ରାଶି ଦିଆଯାଇଥିଲା। ଉପଜିଲ୍ଲପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା କହିଛନ୍ତି, ଆଉ ୫୦ ହଜାର ଟଙ୍କା ଦେବା ସହ ସିଏମଆରଏଫ ପାଣ୍ଠିରୁ ସହାୟତା ପାଇଁ ଚିଠି ଲେଖାଯିବ। ଲୋକଙ୍କ ଅଭିଯୋଗ ଅନୁସାରେ ନିଜସ୍ୱ ଘର ନଥିବାରୁ ବର୍ତ୍ତମାନ ପରିବାର ଲୋକ ଭଡ଼ାରେ ରହୁଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପ୍ରଦାନ କରାଯିବ। ସଙ୍କେତଙ୍କ ଭଉଣୀକୁ ମଧ୍ୟ ଚାକିରି ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପରେ ଲୋକେ ଆନ୍ଦୋଳନରୁ ଓହରିଥିଲେ। ଭିମସାର ପ୍ରତି ଆଣିଥିବା ଅଭିଯୋଗ ପାଇଁ କମିଟି ଗଠନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲପାଳ କହିଥିଲେ। ସେପଟେ ପୂର୍ବରୁ ଭିମସାରରେ ଏହି ଘଟଣା ପରେ ୫ ଜଣିଆ କମିଟି ଗଠନ କରାଯାଇଥିଲା। ହେଲେ ଏହି ଟିମ କୌଣସି ସୂଚନା ପାଇପାରିନଥିଲା। ଏଭଳି ଘଟଣାକୁ ସ୍ଥାନୀୟ ମହଲରେ ଦୃଢ ନିନ୍ଦା କରାଯାଇଛି।



ପେଟ ପାଇଁ ନାଟ: ୪୫ ଡିଗ୍ରୀ ଖରାରେ ବି ଟାଣୁଛନ୍ତି ରିକ୍ସା

# ୨୬୦ କେଜି ଗଞ୍ଜେଇ, ବନ୍ଧୁକ ଓ ଗୁଳି ଜବତ; ଜଣେ ଗିରଫ





**ସମ୍ବଲପୁର/ରେଢ଼ାଖୋଲ,୨୫।୫ (ସମିସ):** ଆନ୍ତଃରାଜ୍ୟ ନିଶାଦ୍ରବ୍ୟ ଚୋରାଚାଲାଣ ବିରୋଧରେ ଏକ ବଡ଼ ସଫଳତା ହାସଲ କରିଛି ସମ୍ବଲପୁର ପୁଲିସ। ସମ୍ବଲପୁର ଚାରମାଳ ଥାନା ସୀମା ଅଧୀନ ଖୋଖୋଡାପାଳ ଛକ ନିକଟରେ ଏକ ଟ୍ରକ୍ ଏବଂ ଟିପ୍ପର୍‌କୁ ଅଟକାଇ ବିପୁଳ ପରିମାଣର ଚୋରା ଗଞ୍ଜେଇ ସହିତ ବେଆଇନ ବନ୍ଧୁକ ଓ ଗୁଳି ଜବତ କରିଛି। ଟିପ୍ପର୍ ଚାଳକ ବୌଦ୍ଧ ଜିଲ୍ଲାର ଜଗନ ମହାକୁଡ଼ (୨୨)କୁ ଗିରଫ କରାଯାଇଥିବାବେଳେ ଅନ୍ୟ ଜଣେ ଫେରାର ହୋଇଯାଇଛି।

ବିଶ୍ୱସ୍ତ ସୂତ୍ରରୁ ଖବର ପାଇ, ଚାରମାଳ ଥାନାଧିକାରୀ ବେଦପ୍ରକାଶ ନନ୍ଦଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ଦଳ ଚଢ଼ଉ କରିଥିଲା। ଯାଞ୍ଚ ସମୟରେ ପୁଲିସ ଗାଡ଼ି ଗୁଡ଼ିକରେ ସ୍ୱତନ୍ତ୍ର ଭାବରେ ନିର୍ମିତ ଗୁପ୍ତ କୋଠରି ଏବଂ ବ୍ୟାଗ ଭିତରେ ଲୁଚାଇ ରଖାଯାଇଥିବା ପ୍ରାୟ ୨୬୦ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। ନିଶାଦ୍ରବ୍ୟ ଜବତ ବ୍ୟତୀତ, ପୁଲିସ ଗୋଟିଏ ବେଆଇନ ବନ୍ଧୁକ ଓ ପାଞ୍ଚ ରାଉଣ୍ଡ ଜୀବନ୍ତ ଗୁଳି ଜବତ କରିଛି। ଉପରୋକ୍ତ ସାମଗ୍ରୀ ସହ ଟ୍ରକ୍ ଓ ଟିପ୍ପର୍‌କୁ ପୁଲିସ ଜବତ କରିଛି। ଟ୍ରକ୍ ଚାଳକ ଫେରାର ହୋଇଯାଇଥିବାବେଳେ ଟିପ୍ପର୍ ଚାଳକ ଜଗନ ମହାକୁଡ଼କୁ ଗିରଫ କରାଯାଇଛି। ଏନେଇ ଚାରମାଲ ଥାନାର କେସ ନଂ. ୯୩/୨୦୨୬ ରୁଜୁ ହୋଇଛି। ଫେରାର ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଛାନଭିନ କରାଯାଉଛି।

# ବୁର୍ଲାର ଅଧିକାଂଶ ଡ୍ରେନ୍ ହେଉନି ସଫା



**ସମ୍ବଲପୁର, ୨୫।୫(ସମିସ):** ବୁର୍ଲା ସହରର ଅଧିକାଂଶ ଡ୍ରେନ୍ ସଫା ହେଉନି। ତାହା ପୁଣି ଚାରି ପାଞ୍ଚ ଦିନ ନୁହେ। ମାସମାସ ଧରି ଡ୍ରେନ ଅପରିଷ୍କାର ହୋଇ ପଡ଼ି ରହୁଛି। ଡ୍ରେନରୁ ଆବର୍ଜନା ରାସ୍ତା ଉପରକୁ ଆସୁଛି। ହେଲେ ଏଥି ପ୍ରତି ମହାନଗର ନିଗମର ଟିକେ ହେଲେ ଦୃଷ୍ଟିନାହିଁ। ମହାନଗର ନିଗମ ସଫେଇ ଆଳରେ କୋଟି କୋଟି ଟଙ୍କା ବିଲ କରୁଛି। ହେଲେ ବାସ୍ତବର ଚିତ୍ର ବୁର୍ଲା ସହରରୁ ଜଣାପଡୁଛି। ବୁର୍ଲାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଭିସୁଟ, ଆଇଆଇଏମ, ଭିମ୍‌ସାର ସମେତ ଅନେକ ସ୍ୱାସ୍ଥ୍ୟ ସେବାର ଗନ୍ତାଘର ରହିଛି। ଅନେକ ଲୋକ ସହରକୁ ଆସୁଛନ୍ତି। କିନ୍ତୁ ଏସ୍‌ଏମ୍‌ସିର ସଫେଇ କର୍ମଚାରୀ ଏହାକୁ ଅବହେଳା କରୁଛନ୍ତି। ସହରର ୱାନଆର କଲୋନୀର ଡ୍ରେନ୍ ଏବେ ଅପରିଷ୍କାର ହୋଇପଡ଼ିଛି। ସମସ୍ତ ଆବର୍ଜନା ଡ୍ରେନ୍ ବାହାରେ। ବାରମ୍ବାର ଅଭିଯୋଗ ପରେ ମଧ୍ୟ ବିଭାଗର ନିଦ ଖୋଲୁନି। କଲୋନୀବାସୀଙ୍କ ଅଭିଯୋଗ ଅନୁସାରେ ଡ୍ରେନଗୁଡ଼ିକ ୫ରୁ ୬ ମାସ ହେଲାଣି ସଫା ହୋଇନାହିଁ। ସଫେଇ ପାଇଁ ଟେଣ୍ଡର ହୋଇ ଟଙ୍କା ମଞ୍ଜୁର ହେଉଛି। କିନ୍ତୁ ବାସ୍ତବରେ ତାହା କାର୍ଯ୍ୟକ୍ଷମ ହେଉନାହି। ତେଣୁ ତୁରନ୍ତ ଡ୍ରେନ୍ ସଫା କରିବାକୁ ସେମାନେ ଦାବି କରିଛନ୍ତି।

## ଅପରାଧ ନିୟନ୍ତ୍ରଣ ପାଇଁ ସମ୍ବଲପୁର ପୁଲିସର କଡ଼ା କାର୍ଯ୍ୟାନୁଷ୍ଠାନ

# ୧୪ ଦିନରେ ଦୁଇ ଏନ୍‌କାଉଣ୍ଟର ସହ ଅସ୍ତ୍ରଶସ୍ତ୍ର ଜବତ

**ସମ୍ବଲପୁର, ୨୫।୫(ସମିସ):** ଅପରାଧ ନିୟନ୍ତ୍ରଣ ପାଇଁ ସମ୍ବଲପୁର ପୁଲିସର କଡ଼ା କାର୍ଯ୍ୟାନୁଷ୍ଠାନ। ଜିଲ୍ଲାରେ ଆଇନ ଶୃଙ୍ଖଳା ରକ୍ଷା, ଅପରାଧ ନିୟନ୍ତ୍ରଣ ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ଅଧିକ କଡ଼ାକଡ଼ି କରିବା ପାଇଁ ପୁଲିସ ପକ୍ଷରୁ ଏକ ବ୍ୟାପକ ସ୍ପେଶାଲ ଡ୍ରାଇଭ୍ କାର୍ଯ୍ୟକ୍ଷମ ହୋଇଛି। ମେ' ୧୧ ତାରିଖଠାରୁ ୨୪ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ୧୪ ଦିନିଆ ସ୍ପେଶାଲ ଡ୍ରାଇଭ୍‌ରେ ପୁଲିସକୁ ବଡ଼ ସଫଳତା ମିଳିଛି। ୧୪ ଦିନରେ ଦୁଇଟି ଏନ୍‌କାଉଣ୍ଟର କରିଛି। ବୁର୍ଲାରେ କଫ୍‌ସିରପ ମାଫିଆ ଓ ଚାରମାଳ ଥାନା ଅଞ୍ଚଳରେ ବେଆଇନ ଅସ୍ତ୍ରଶସ୍ତ୍ର ସହ ଗଞ୍ଜେଇ ଚାଲାଣକାରୀ ଉପରେ ପୁଲିସ ଏନ୍‌କାଉଣ୍ଟର କରିଛି। ବେଆଇନ ନିଶାଦ୍ରବ୍ୟ କାରବାର, ବେଆଇନ ଅସ୍ତ୍ରଶସ୍ତ୍ର ଜବତ, ୱାରେଣ୍ଟ କାର୍ଯ୍ୟକାରୀ ଏବଂ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ପୁଲସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ୧୩୨ଟି ପୁରୁଣା ୱାରେଣ୍ଟର ସମାଧାନ କରିବାରେ ସଫଳ ହୋଇଛି। ଏଥିମଧ୍ୟରୁ ୮୦ଟି ୱାରେଣ୍ଟକୁ ସଫଳତାର ସହ କାର୍ଯ୍ୟକାରୀ କରାଯାଇଥିବାବେଳେ ୨୪ ଜଣ ଅଭିଯୁକ୍ତ କୋର୍ଟ ପ୍ରକ୍ରିୟାକୁ ଫେରିଛନ୍ତି ଏବଂ ୨୮ ଜଣ ଫେରାର ଅଭିଯୁକ୍ତଙ୍କୁ ପୁଣି ଥରେ ହାଜର ହେବା ପାଇଁ ନୋଟିସ ଜାରି କରାଯାଇଛି। ଏହା ସହିତ ନୂତନ ଭାବେ ୩୯ଟି ୱାରେଣ୍ଟ କାର୍ଯ୍ୟକାରୀ ପାଇଁ ପୁଲିସକୁ ହସ୍ତାନ୍ତର କରାଯାଇଛି। ନିଶା କାରବାର ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଇ ପୁଲିସ ମୋଟ ୬ଟି ଏନ୍‌ଡିପିଏସ ମାମଲା ରୁଜୁ କରିବା ସହ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ସ୍ପେସାଲ ଡ୍ରାଇଭବେଳେ ଗଞ୍ଜେଇ ୩୩୪ କେଜିରୁ ଅଧିକ, କଫ୍ ସିରପ୍ ୧୩୮୦ ବୋତଲ ସହ ୧୨୩୪୦ ନଗଦ ଟଙ୍କା ଜବତ କରିଛି।

**ବିପୁଳ ମାତ୍ରାରେ କଫ୍‌ସିରପ, ଗଞ୍ଜେଇ ଜବତ**
**ମଦୁଆ ଚାଳକଙ୍କଠାରୁ ୧୩ ଲକ୍ଷରୁ ଅଧିକ ଜରିମାନା ଆଦାୟ**

ଅପରାଧୀଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ ପୁଲିସ ବେଆଇନ ଅସ୍ତ୍ରଶସ୍ତ୍ର ବିରୋଧରେ ୪ଟି ମାମଲା ରୁଜୁ କରି ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୬ଟି ଦେଶୀ ପିସ୍ତଲ, ୨୦ଟି ଜୀବନ୍ତ ଗୁଳି, ୭ଟି ଖୋକା ଏବଂ ୨ଟି କାର୍ ଜବତ କରାଯାଇଛି। ସମଗ୍ର ଡ୍ରାଇଭ୍ ସମୟରେ ମୋଟ ୮ଟି ଦେଶୀ ପିସ୍ତଲ ଏବଂ ୨୫ଟି ଜୀବନ୍ତ ଗୁଳି ଜବତ ହୋଇଛି। ରାତିରେ ଗାଡ଼ି ବ୍ଲକିଂ ଓ ଚେକିଂକୁ ପୁଲିସ ଗୁରୁତ୍ୱ ଦେଇଛି। ଏହି କ୍ରମରେ ମୋଟ ୧୦୭ ଜଣ ମଦ୍ୟପ ଗାଡ଼ି ଚାଳକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନଙ୍କଠାରୁ ମୋଟ ୧୩, ୧୮, ୫୦୦ ଟଙ୍କାର ମୋଟା ଅଙ୍କର ଜରିମାନା ଆଦାୟ କରାଯାଇଛି। ବେଆଇନ ମଦ ବ୍ୟବସାୟ ବିରୋଧରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ଏଥିରେ ମୋଟ୍ ୫୭ଟି ଅବକାରୀ ମାମଲା ରୁଜୁ କରାଯାଇଛି। ଏହି କ୍ରମରେ ୨୬୪.୪୮ ଲିଟର ବିଦେଶୀ ମଦ, ୨୬୨.୬ ଲିଟର ଭାଟି ମଦ ଓ ୩୯ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହା ବ୍ୟତୀତ ବେଆଇନ ଖଣିଜ ସମ୍ପଦ ଚୋରା ଚାଲାଣ ବିରୋଧରେ ୧ଟି ମାମଲା ରୁଜୁ କରିଛି। ବେଆଇନ ସାମଗ୍ରୀ ପରିବହନ କରୁଥିବା ଗୋଟାଏ ଟ୍ରକ୍‌କୁ ଜବତ କରିଛି। ଜିଲ୍ଲାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଏବଂ ଅପରାଧମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ସମ୍ବଲପୁର ପୁଲିସ ସଦାସର୍ବଦା ଚେଷ୍ଟା ଜାରି ରଖିଛି। ଆଗାମୀ ଦିନରେ ମଧ୍ୟ ଏହିଭଳି ଆକସ୍ମିକ ଚଢ଼ଉ ଓ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି।

# ବାଇକ୍ ଦୁର୍ଘଟଣା; ବନ ବିଭାଗ କର୍ମଚାରୀ ଗୁରୁତର

**କୁଚିଣ୍ଡା, ୨୫।୫ (ସମିସ):** ବାମରା-କୁଚିଣ୍ଡା ମୁଖ୍ୟରାସ୍ତାସ୍ଥିତ ନୂଆରୋଡ଼ ଛକ ନିକଟରେ ସଡ଼କ ଦୁର୍ଘଟଣାରେ ବନ ବିଭାଗର ଜଣେ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ବାମରା ସ୍ଥିତ ଡିଏଫ୍‌ଓ କାର୍ଯ୍ୟାଳୟରେ କାର୍ଯ୍ୟରତ କିଶୋର କୁମାର ନାଏକ। ସୂଚନା ଅନୁସାରେ, କିଶୋର କୁମାର ନାଏକ ରବିବାର ରାତି ପ୍ରାୟ ୧୦ଟା ସମୟରେ ବାମରାରୁ ନିଜ ଘର ଭୋଜପୁରକୁ ବାଇକ୍‌ରେ ଫେରୁଥିବାବେଳେ ନୂଆରୋଡ଼ ଛକ ନିକଟରେ କୌଣସି ଅଜଣା ଗାଡ଼ି ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ



ସେ ରାସ୍ତା ଉପରେ ଦୂରକୁ ଘୋଷାଡ଼ି ହୋଇ ପଡ଼ିଥିଲେ। ଘଟଣା ସମ୍ପର୍କରେ ଖବରପାଇ ଗୋବିନ୍ଦପୁର ଫରେଷ୍ଟର ଅତିସ ନାୟକ ଓ ୱାଚର୍ ରାଜୁ କୁମାର ରାଉତ ପହଞ୍ଚି ଆହତ କିଶୋରଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ସୁନ୍ଦରଗଡ଼ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ସବୁଠି ସଂକୁଚିତ ନାଳ; ଦେଖୁନି ଏସ୍‌ଏମ୍‌ସି ଇଞ୍ଜିନିୟରିଂ ବିଭାଗ

**ସମ୍ବଲପୁର, ୨୫।୫ (ସମିସ) :** ସମ୍ବଲପୁର ମହାନଗର ନିଗମ ଘୋଷଣାର ୧୩ ବର୍ଷ ପରେ ବି ସମ୍ବଲପୁରର ସମସ୍ତ ୱାର୍ଡରେ ନାଳ ବ୍ୟବସ୍ଥା ହୋଇ ପାରିନାହିଁ। ଲକ୍ଷ ଲକ୍ଷ ଟେଣ୍ଡର କରି କରାଯାଉଥିବା ନାଳ ଗୁଡ଼ିକ ସଂକୁଚିତ ହେବାସହ ଅଙ୍କାବଙ୍କା ହୋଇଥିବା ଦେଖାଯାଉଛି। ନାଳ ଗୁଡ଼ିକ କେଉଁଠି ଗୋଟିଏ ଫୁଟ୍ ଚଉଡ଼ା ତ ଆଉ କେଉଁଠି ତା'ଠାରୁ କମ୍ ଚଉଡ଼ା ରହୁଛି। ନାଳ ଗୁଡ଼ିକ ସଂକୁଚିତ ହୋଇଥିବାରୁ ଆବର୍ଜନା ପଡ଼ିଲେ ତାହା ଜାମ୍ ହୋଇଯାଉଛି। ଏପରିକି ପ୍ରଚଣ୍ଡ ଖରା ସମୟରେ ମଧ୍ୟ ସମ୍ବଲପୁରର ବିଭିନ୍ନ ଅଞ୍ଚଳରେ

**ବର୍ଷା ଋତୁରେ ବୁଡ଼ିବ ସମ୍ବଲପୁର**

ନାଳପାଣି ରାସ୍ତା ଉପରେ ବହୁଛି। ଏନେଇ ଅଭିଯୋଗ କଲାପରେ ଏସ୍‌ଏମସି କର୍ମଚାରୀ ଆସି ସଫେଇ କରୁଛନ୍ତି, କିନ୍ତୁ ଦିନ କେଇଟା ପରେ 'ଯଥା ପୂର୍ବଂ ତଥା ପରଂ'। ଅନ୍ୟପକ୍ଷରେ ରାସ୍ତା ନିର୍ମାଣ ପୂର୍ବରୁ ନାଳ ନିର୍ମାଣ କରିବା ସକାଶେ ନିୟମ ରହିଥିଲେ ସୁଦ୍ଧା ଏସ୍‌ଏମ୍‌ସି ଇଞ୍ଜିନିୟରିଂ ବିଭାଗ ସେଥିପ୍ରତି ଦୃଷ୍ଟି ଦେଉନାହିଁ। ସମ୍ବଲପୁରର ବହୁ ଗଳି ରାସ୍ତାରେ ପେଭର୍ ବ୍ଲକ ପକାଇବା ପୂର୍ବରୁ ନାଳ ନିର୍ମାଣ ହେଉ ନାହିଁ। ଏହାକୁ ନେଇ ମହାନଗର ନିଗମ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ସଠିକ୍ ଭାବେ ମନିଟରିଂ ଏବଂ ତାଗିଦ କରୁ ନ ଥିବା ସାଧାରଣରେ ମତପ୍ରକାଶ ପାଉଛି। ସମ୍ବଲପୁରରେ ସମ୍ପ୍ରତି ତାପମାତ୍ରା ୪୫ ଡିଗ୍ରୀ ଡେଇଁଥିବାବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇଗଲାଣି। ଲୋକେ ପାଣି ଟୋପାଏ ପାଇଁ ତହଲବିକଳ ହେଉଛନ୍ତି। ଏଭଳି ସ୍ଥିତିରେ ନାଳ ଜାମ୍ ହୋଇ ଡାଏଟ୍ ରୋଡ୍ ଓ ସହରର ଦୁଇ ତିନୋଟି ସ୍ଥାନରେ ରାସ୍ତା ଉପର ନାଳ ପାଣି ବହୁଛି। ଆବର୍ଜନା ଦୂଷିତ ପାଣିରେ ଲୋକେ ଚାଲିବା ସହ ଘରକୁ ପଶୁଛନ୍ତି। କେତେକ ସ୍ଥାନରେ ନାଳ ଉପରେ ଦୋକାନ ବା ଘର ନିର୍ମାଣ ସମୟରେ ଅତିକ୍ରମଣ ରହିଛି। କିନ୍ତୁ ଅଧିକାଂଶ ସ୍ଥାନରେ ନାଳ ଗୁଡ଼ିକ ସଂକୁଚିତ ଏବଂ ଅଙ୍କାବଙ୍କା ରହିଥିବାରୁ ରାସ୍ତାର ଆବର୍ଜନା ନାଳରେ ପଡ଼ି ଅବରୋଧ କରୁଛି। ଯଦି ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ଏଭଳି ଅବସ୍ଥା ତେବେ ବର୍ଷା ଆରମ୍ଭ ହେଲେ କ'ଣ ହେବ ବୋଲି ସଚେତନ ମହଲରେ ଉଦ୍‌ବେଗ ପ୍ରକାଶ ପାଉଛି। ସମ୍ବଲପୁର ମହାନଗରର ନିଗମ ଅଞ୍ଚଳର ସିଂହଭାଗ ନାଳ ୪୦ରୁ ୫୦ ବର୍ଷ ପୁରୁଣା ହୋଇଥିବାବେଳେ ତାହାର ମରାମତି କରି ଠିକାଦାର ପୋଷା ନୀତି ଅବଲମ୍ବନ କରାଯାଉଥିବା





ଅଭିଯୋଗ ହେଉଛି। ପୂର୍ବ ସମୟରେ ସମ୍ବଲପୁରରେ ବର୍ଷା ଜଳ ନିଷ୍କାସନ ପାଇଁ ଆର୍ଦ୍ର ଭୂମି (ୱେଟ୍ ଲେଣ୍ଡ) ରହିଥିଲା। ବର୍ତ୍ତମାନ ପରିପ୍ରେକ୍ଷୀରେ ସବୁଆଡ଼େ କଂକ୍ରିଟ୍ ଘର ନିର୍ମାଣ କରିବାପରେ ବର୍ଷା ସ୍ରୋତ ନିଷ୍କାସନର ପଥ ଗୁଡ଼ିକ ବନ୍ଦ ହୋଇଯାଇଛି। ଏପରିସ୍ଥଳେ ମହାନଗର ନିଗମ କର୍ତ୍ତୃପକ୍ଷ ସମ୍ବଲପୁର ସହରାଞ୍ଚଳର ବିଭିନ୍ନ ଗଳିକନ୍ଦିରେ ରହିଥିବା ସଂକୁଚିତ ନାଳ ଗୁଡ଼ିକର ପୁନଃନିର୍ମାଣ ନ କଲେ ଆଗାମୀ ବର୍ଷା ଋତୁରେ ପୁଣି ଘରେ ଘରେ ପାଣି ପଶିବ ଏବଂ ସମ୍ବଲପୁର ବୁଡ଼ିବ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଉଛି।

## ଅସହ୍ୟ ହେଲାଣି ତାତି

# ସକାଳ ୯ରେ ୩୪ ଡିଗ୍ରୀ, ରାତି ୧୧ରେ ୩୨ ଡିଗ୍ରୀ

ସମ୍ବଲପୁର, ୨୫।୫ (ସମିସ)

ସମ୍ବଲପୁର ଏବେ ତତଲା କଢ଼େଇରେ ଭାଜି ହେଉଛି। ସକାଳ ୯ଟା ବେଳକୁ ତାପମାତ୍ରା ୩୪ ଡିଗ୍ରୀରେ ପହଞ୍ଚୁଛି। ଏହାପରେ ତାପମାତ୍ରା ବଢ଼ି ବଢ଼ି ଚାଲିଛି। ସନ୍ଧ୍ୟାପରେ ତାପମାତ୍ରା କିଛିଟା ହ୍ରାସ ପାଇଲେ ବି ରାତି ୧୧ଟା - ୧୨ଟା ସମୟର ତାପମାତ୍ରା ୩୨ ଡିଗ୍ରୀ ରହିବା ଉଦ୍‌ବେଗଜନକ। ସକାଳୁ ଆରମ୍ଭ ହୋଇଯାଉଛି ଗୁଳୁଗୁଳି ଏବଂ ଖରା ତାତି। ଅତ୍ୟାବଶ୍ୟକ ନଥିଲେ ଲୋକେ ଘରୁ ବାହାରୁ ନାହାନ୍ତି। ଗତବର୍ଷ ତୁଳନାରେ ଚଳିତବର୍ଷ ମାର୍ଚ୍ଚ ମାସର ୪୦ ଡିଗ୍ରୀ ଛୁଇଁବା ସହ ମେ' ମାସ ଦ୍ୱିତୀୟାର୍ଦ୍ଧରେ ୪୫ ଡିଗ୍ରୀ ଅତିକ୍ରମ କରିବା ଅସହ୍ୟ ହେଲାଣି। ଦିନବେଳା ଲୋକେ ଖରା ତାତିରେ ଘରୁ ବାହାରକୁ ଗୋଡ଼ କାଢ଼ି ପାରୁ ନ ଥିବାବେଳେ ରାତି ସମୟରେ ବି ତାତିଲା ପବନ ବହିବା ଏବଂ ଗୁଳୁଗୁଳି ଯୋଗୁଁ ଘର ଭିତରେ ରହି ପାରୁନାହାନ୍ତି। ରାସ୍ତା ସମ୍ପ୍ରସାରଣ ଏବଂ ବିକାଶ ନାମରେ ଅବାଧ ଗଛକଟାର ମୂଲ୍ୟ ସାଧାରଣ ଲୋକଙ୍କୁ ଦେବାକୁ ପଡୁଛି। ପୁଣି ଉଷ୍ମ ରାତ୍ରି ପ୍ରଭାବ ଯୋଗୁଁ ରାତି ସମୟରେ ତାପମାତ୍ରା ୩୦ ଡିଗ୍ରୀ ତଳକୁ ନ ଖସିବା ଲୋକଙ୍କୁ କଲବଲ



**ସମ୍ବଲପୁରର ତାପମାତ୍ରା**

| ତାରିଖ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ମେ' ୧୬ | ୪୧.୪ | ୨୭.୪ |
| ମେ' ୧୭ | ୪୧.୦ | ୨୮.୦ |
| ମେ' ୧୮ | ୪୨.୩ | ୨୯.୦ |
| ମେ' ୧୯ | ୪୩.୬ | ୩୦.୦ |
| ମେ' ୨୦ | ୪୫.୩ | ୩୦.୪ |
| ମେ' ୨୧ | ୪୪.୬ | ୩୦.୭ |
| ମେ' ୨୨ | ୪୪.୨ | ୩୦.୬ |
| ମେ' ୨୩ | ୪୫.୦ | ୩୦.୨ |
| ମେ' ୨୪ | ୪୫.୩ | ୩୦.୨ |
| ମେ' ୨୫ | ୪୪.୨ | ୩୧.୦ |

କରୁଛି। ଅନ୍ୟପକ୍ଷରେ ବିଦ୍ୟୁତ୍ ଯୋଗାଣ ସଂସ୍ଥା ଟିପିଡବ୍ଲୁଓଡିଏଲ୍‌ର ଅଘୋଷିତ ବିଦ୍ୟୁତ୍ କାଟ୍ ଏବଂ ବହୁ ଅଞ୍ଚଳର ଲୋ-ଭୋଲ୍ଟେଜ୍ ଯୋଗୁଁ ଲୋକେ ହନ୍ତସନ୍ତ ହେଉଛନ୍ତି। ସୋମବାର ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୪.୨ ଡିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ୩୧ ଡିଗ୍ରୀ ରହିଥିଲା। ଗତ ୨୦ ତାରିଖରୁ ତାପମାତ୍ରା ୪୫ ଡିଗ୍ରୀ ପାଖାପାଖି ରହୁଛି। ତାପମାତ୍ରାରେ ଏହି ବୃଦ୍ଧି ବରିଷ୍ଠ ନାଗରିକ, ରୋଗୀ, ମହିଳା ଏବଂ ଶିଶୁଙ୍କ ସକାଶେ ବାଧକ ହେଉଛି। ଦିନବେଳା ମୁଖ୍ୟତଃ ୧୧ଟାରୁ ୩ଟା ପର୍ଯ୍ୟନ୍ତ ବାହାରକୁ ନ ବାହାରିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଖରା ତାତି, ଗରମ ପବନ ବହିବା ଏବଂ ଗୁଳୁଗୁଳି ଯୋଗୁଁ ଦିନବେଳା ବାହାରକୁ ବାହାରିଲେ ଶୋଷରେ ତଣ୍ଟି ଶୁଖି ଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଚଳିତବର୍ଷ ମାର୍ଚ୍ଚ ୧୩ ତାରିଖରେ ସମ୍ବଲପୁରର ତାପମାତ୍ରା ୪୦ ଡିଗ୍ରୀ ଛୁଇଁଥିଲା। ଗତ ଏପ୍ରିଲ ୨୪ ତାରିଖରେ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୩.୬ ଡିଗ୍ରୀ ଏବଂ ୨୮ ତାରିଖରେ ୪୩.୫ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ମାସ ଶେଷାର୍ଦ୍ଧରେ ତାପମାତ୍ରା ୪୩ ଡିଗ୍ରୀ ତଳକୁ ଖସି ନ ଥିଲା। ପରେ କାଳବୈଶାଖୀ ଯୋଗୁଁ ତାପମାତ୍ରା କିଛିଟା ହ୍ରାସ ପାଇଥିଲା। ପୁଣି ଗତ ୧୨ ତାରିଖରୁ ତାପମାତ୍ରା ୪୦ ଡିଗ୍ରୀ ଉପରକୁ ଉଠିବା ଆରମ୍ଭ କରିଛି। ମେ ୨୦ ତାରିଖରେ ସମ୍ବଲପୁରରେ ଚଳିତବର୍ଷର ସର୍ବାଧିକ ତାପମାତ୍ରା ୪୫.୩ ଡିଗ୍ରୀ ହୋଇଥିଲା। ଏହାପରେ ତାପମାତ୍ରା ନିୟମିତ ଭାବେ ୪୫ ଡିଗ୍ରୀ ପାଖାପାଖି ରହିଛି।

## ଖଣ୍ଡାରେ ଆକ୍ରମଣ ଘଟଣାରେ ୨ ଅଭିଯୁକ୍ତ ଗିରଫ



**ପାଇକମାଲ, ୨୫।୫ (ସମିସ):** ପାଇକମାଲ ଥାନା ମିଠାପାଲି ବିଜୁ ଏକ୍ସପ୍ରେସ ୱେ ନିକଟରେ ଖଣ୍ଡା ଆକ୍ରମଣ ଘଟଣାରେ ପୁଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ମାଣ୍ଡିଆଡିପା ଗାଁର ଜୟ ସାହୁ ଓରଫ ଜୟଲାଲ ସାହୁ (୩୧) ଏବଂ କେନାବୁଦା ଗାଁର ଗଗନ ଧରୁଆ ଓରଫ ଚୁଡାମଣି ଧରୁଆ(୨୫)। ଗତ ୮ ତାରିଖ ମିଠାପାଲି ବିଜୁ ଏକ୍ସପ୍ରେସ ୱେ ନିକଟରେ ମନ୍ମଥପାଲି ଗାଁର ପୀତାମ୍ବର ସାହୁ ଓ ପ୍ରେମାନନ୍ଦ ସାହୁଙ୍କୁ ଏମାନେ ଖଣ୍ଡାରେ ଆକ୍ରମଣ କରି ଫେରାର ମାରିଥିଲେ। ଏନେଇ ପାଇକମାଲ ଥାନାରେ ମାମଲା ରୁଜୁ ହେବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ପୁଲିସ ଏମାନଙ୍କଠାରୁ ଗୋଟିଏ ଖଣ୍ଡା, ନମ୍ବର ପ୍ଲେଟ୍ ନ ଥିବା ଏକ ପଲସର ମୋଟରସାଇକେଲ, ୩ଟି ମୋବାଇଲ ଫୋନ ଓ ନଗଦ ୬ ହଜାର ୭୧୦ ଟଙ୍କା ଜବତ କରିଛି। ଅଭିଯୁକ୍ତ ଜୟଲାଲ ନାଁରେ ପାଇକମାଲ, ଝାରବନ୍ଧ, ପଦ୍ମପୁର ଓ ଲରମ୍ଭା ଥାନାରେ ଏକାଧିକ ଆପରାଧିକ ମାମଲା ରହିଛି। ସେହିପରି ଚୂଡ଼ାମଣି ନାଁରେ ମଧ୍ୟ ପୂର୍ବରୁ ଏକ ମାମଲା ରହିଛି ବୋଲି ପାଇକମାଲ ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ରେଶମ ମାର୍କେଟରୁ ଧାନ କିଣା ଆରମ୍ଭ



**ଭେଡେନ, ୨୫।୫(ସମିସ):** ଭେଡେନ ବ୍ଲକ ଅଧୀନ ରେଶମ ମାର୍କେଟରେ ଚଳିତରବି ଋତୁ ପାଇଁ ଧାନକିଣା ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ବରଗଡ଼ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଦିବ୍ୟସିଂହ ବଡ଼ମାଳୀ, ସହ ମୁଖ୍ୟଯୋଗାଣ ଅଧିକାରୀ ବ୍ୟୋମକେଶ ମାଝୀ, ଭେଡେନ ବ୍ଲକ ଯୋଗାଣ ଅଧିକାରୀ ପିଙ୍କୁ ଭୋଇ, ଭେଡେନ ସମବାୟ ସମିତିର ନିର୍ଦ୍ଦେଶକ ସୁଦାମ ଚରଣ ପାତ୍ର, ନରେନ୍ଦ୍ର ଭୋଇ, ଉତ୍ତର ପଧାନଙ୍କ ସହିତ ମାର୍କେଟ ପରିଚାଳନା କମିଟିର ସନ୍ତୋଷ ପଧାନ, ବିକାଶ ମାଝୀ, ସୁବ୍ରତ ପଧାନ, ଆର୍‌ଏମ୍‌ସି କର୍ମଚାରୀ ଶୁକ୍ରୁ ମେହେର, ଯଦୁମଣି ସେଟ୍, ପାକ୍ସ କର୍ମଚାରୀ ରବୀନ୍ଦ୍ର ଦାଶ, ତାପସ ବଢ଼େଇ ଓ ଚାଷୀମାନେ ଉପସ୍ଥିତ ଥିଲେ। ଚଳିତଋତୁରେ ପ୍ରଥମ ଗାଡ଼ି ଧାନ ବିଷ୍ଣୁ ରାଇସ୍ ମିଲ୍ କିଣିଥିବାବେଳେ ସବୁବର୍ଷ ପରି ଆଜି ମଧ୍ୟ ବିନା କଟ୍‌ନୀଛଟ୍‌ନୀରେ ରେଶମ ମାର୍କେଟରୁ ଧାନ ଉଠିଥିବାରୁ ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ଚାଷୀମାନେ ଧନ୍ୟବାଦ ଜଣାଇଛନ୍ତି।

## ବରଗଡ଼ ବ୍ଲକରେ ଅଭିଯୋଗ ଶୁଣାଣି ଶିବିର



**ବରଗଡ଼, ୨୫। ୫(ସମିସ):** ବରଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ବ୍ୟତୀତ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କୁବେର ମହନ୍ତ, ଡେପୁଟି କଲେକ୍ଟର ସୁମତି ପଣ୍ଡା, ବିଡିଓ ବେରସିୟୁସ ଡୁଙ୍ଗଡୁଙ୍ଗ, ଅତିରିକ୍ତ ତହସିଲଦାର କାଜୋଲ ଖମାରୀ, ସନ୍ଧ୍ୟାରାଣୀ ନେପାଳ, ତାହିର ହୁସେନଙ୍କ ସମେତ ବହୁ ବିଶିଷ୍ଟ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟକି, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟଜଳ ଯୋଗାଣ, ରାସନକାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୬୬ଟି ଅଭିଯୋଗ ମଧ୍ୟରୁ ୪୨ଟି ବ୍ୟକ୍ତିଗତ ଏବଂ ୨୪ଟି ସାମୂହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିଜେଡି ନାରୀ ସୁରକ୍ଷା ଅଭିଯାନ

# ନାରୀ ନିର୍ଯାତନା ନିୟନ୍ତ୍ରଣରେ ବିଫଳ ସରକାର

ଅମ୍ବାଭୋନା, ୨୫।୫(ସମିସ)




ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକରେ ବିଜେଡି ନାରୀ ସୁରକ୍ଷା ଅଭିଯାନ ଆମର୍ଭ କରିଛି। ପ୍ରକାଶପୁରସ୍ଥିତ ମାଉସୀ ମା’ ମନ୍ଦିରରେ ଦଳ ପକ୍ଷରୁ ନାରୀ ସୁରକ୍ଷା, ନାରୀ ଅଧିକାର ନେଇ ଏହି କାର୍ଯ୍ୟକ୍ରମ ହୋଇଥିଲା। ଦଳର ନେତୃମଣ୍ଡଳୀ ଉଭୟ କେନ୍ଦ୍ର ଓ ରାଜ୍ୟ ବିଜେପି ସରକାର ବିରୋଧରେ ବର୍ଷିଥିଲେ। ନାରୀଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ କାର୍ଯ୍ୟକରୀ କରିବାରେ କେନ୍ଦ୍ର ସରକାର ବିଫଳ। ସେହିଭଳି ଦେଶରେ ବଢୁଥିବା ନାରୀ ନିର୍ଯାତନା ଘଟଣାକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ ବୋଲି ଅଭିଯୋଗ କରି ଦଳର ନେତୃମଣ୍ଡଳୀ ବିଜେପି ଉପରେ ବର୍ଷିଥିଲେ। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ବିଡିଓ ସରୋଜ ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ନିଜ ଅଭିଭାଷଣରେ କହିଥିଲେ ଯେ, ନାରୀ ସଶକ୍ତୀକରଣ କ୍ଷେତ୍ରରେ ବିଜୁ ପଟ୍ଟନାୟକ ଜଣେ ଯୁଗ ପ୍ରବର୍ତ୍ତକ ଥିଲେ। ପଞ୍ଚାୟତିରାଜ ସଂସ୍ଥା ଓ ସରକାରୀ ଚାକିରିରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ଭଳି ସାହସିକ ପଦକ୍ଷେପ ନେଇ ସେ ଇତିହାସ ସୃଷ୍ଟି କରିଥିଲେ। ବରଗଡ଼ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ କହିଥିଲେ ଯେ, ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସରକାର ପଞ୍ଚାୟତିରାଜ ଓ ପୌର ସଂସ୍ଥାରେ ମହିଳା ସଂରକ୍ଷଣକୁ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲା। ସେହିପରି ୨୦୧୯ ଓ ୨୦୨୪ ଲୋକସଭା ନିର୍ବାଚନରେ ବିଜୁ ଜନତା ଦଳ ପକ୍ଷରୁ ମହିଳାଙ୍କୁ ୩୩ ପ୍ରତିଶତ ଟିକେଟ ଦିଆଯାଇଥିବା ସେ ଉଲ୍ଲେଖ କରିଥିଲେ। ବରଗଡ଼ ଜିଲ୍ଲା ବିଜେଡି ସଭାପତି ଜାପାନ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ରାଜ୍ୟ ଉପସଭାପତି ସୁବ୍ରତ ସିଂ, ଜିଲ୍ଲା ସଂଯୋଜକ ଗୌରହରି ମିଶ୍ର, ବରିଷ୍ଠ ନେତା ସୁଶାନ୍ତ ମିଶ୍ର, ଯୁବ ନେତା ପ୍ରଦ୍ୟୁମ୍ନ ତ୍ରିପାଠୀ, ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଜିଲ୍ଲା ପରିଷଦ ସଭ୍ୟା ନୀଳକୁମାରୀ ନାୟକ ଓ କଳ୍ପନା ପଧାନ, ବରଗଡ଼ ପୌର ପରିଷଦ ଅଧ୍ୟକ୍ଷା ଅଧ୍ୟକ୍ଷା କଳ୍ପନା ମାଝୀ, ପୂର୍ବତନ ସୋହେଲା ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ରାଜୁ ଘିଭେଲା, ଅମ୍ବାଭୋନା ବିଜେଡି ବ୍ଲକ ସଭାପତି ବିଷ୍ଣୁ ପଧାନ ଓ ପୂର୍ବତନ ବ୍ଲକ ସଭାପତି ରଘୁନାଥ ପଟେଲଙ୍କ ସମେତ ଅନେକ ନେତା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଗୌରୀଶଙ୍କର ଅଗ୍ରୱାଲ, ଖେଟବ୍ରତ ସାହୁ, ମଣ୍ଟୁ ବଢେଇ, ରାଜକିଶୋର ପୁରୋହିତ, ମେଘନାଦ ପଟେଲ, ପରେଶ ମହାନନ୍ଦ, ଗଣେଶ ସା ପ୍ରମୁଖ ସହଯୋଗ କରିଥିଲେ।

ମାନବାଧିକାର କମିଶନ କୌଣସି ଦେୱାନୀ ଅଦାଲତ କିମ୍ବା ସର୍ଭିସ ଟ୍ରିବ୍ୟୁନାଲ ନୁହଁନ୍ତି: ହାଇକୋର୍ଟ

## ବେତନ ପ୍ରଦାନ ସମ୍ପର୍କିତ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ ରଦ୍ଦ

**କଟକ, ୨୫।୫ (ସମିସ):** ମାନବାଧିକାର କମିଶନ କୌଣସି ଦେୱାନୀ ଅଦାଲତ (ସିଭିଲ କୋର୍ଟ) କିମ୍ବା ସର୍ଭିସ ଟ୍ରିବ୍ୟୁନାଲ ନୁହନ୍ତି। ଚୁକ୍ତିଭିତ୍ତିକ ଚାକିରି ସର୍ତ୍ତାବଳୀ କିମ୍ବା ପାରିଶ୍ରମିକ ଦାବିର ଫଏସଲା କରିବା ମାନବାଧିକାର କମିଶନଙ୍କ ଅଧିକାର ବହିର୍ଭୂତ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଇନଷ୍ଟିଚ୍ୟୁଟ୍ ଅଫ୍ ଇନଫରମେସନ୍ ଟେକ୍ନୋଲୋଜି (ଏସୟୁଆଇଆଇଟି) ପକ୍ଷରୁ ଦାୟର ଏକ ମାମଲାର ଶୁଣାଣି କରି ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ରାୟ ପ୍ରକାଶ କରିଛନ୍ତି। ଏଥିସହ ଓଡ଼ିଶା ମାନବାଧିକାର କମିଶନଙ୍କ ଦ୍ୱାରା ଗତ ୨୦୨୫ ଅକ୍ଟୋବର ୩୦ରେ ଜାରି କରାଯାଇଥିବା ବେତନ ପ୍ରଦାନ ସମ୍ପର୍କିତ ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଚୁକ୍ତିଭିତ୍ତିକ ନିଯୁକ୍ତିରେ ଦରମାବୃଦ୍ଧି କିମ୍ବା ପାରିଶ୍ରମିକ ନିର୍ଦ୍ଧାରଣକୁ ନେଇ ଦେଖା ଦେଉଥିବା ବିବାଦକୁ ‘ମାନବାଧିକାର ଉଲ୍ଲଂଘନ’ ଶ୍ରେଣୀଭୁକ୍ତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିବା ସହ ଏଭଳି ସେବା ସମ୍ବନ୍ଧୀୟ ମାମଲାରେ ହସ୍ତକ୍ଷେପ କରିବା ଓଡ଼ିଶା ମାନବାଧିକାର କମିଶନ (ଓଏଚଆରସି)ଙ୍କ ଅଧିକାର ଭୁକ୍ତ ନୁହେଁ ବୋଲି କୋର୍ଟ କହିଛନ୍ତି।

ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜଣେ ଅବସରପ୍ରାପ୍ତ କର୍ମଚାରୀ ବିହାରୀଲାଲ ସାହୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସେଲଫ-ଫାଇନାନ୍ସିଂ ଶିକ୍ଷା ଅନୁଷ୍ଠାନ ଏସ୍ୟୁଆଆଇଟିରେ ପ୍ରଶାସନିକ ଅଧିକାରୀ ଭାବେ ଚୁକ୍ତିଭିତ୍ତିକ ଭିତ୍ତିରେ ଏକ ବର୍ଷ ପାଇଁ ନିଯୁକ୍ତି ପାଇଥିଲେ। ତାଙ୍କର ମାସିକ ପାରିଶ୍ରମିକ ବିଶ୍ୱବିଦ୍ୟାଳୟର ପରିଚାଳନା କମିଟି ଦ୍ୱାରା ୨୦ହଜାର ଟଙ୍କା ସ୍ଥିର କରାଯାଇଥିଲା। ଏହାକୁ ସେ ବିନା କୌଣସି ପ୍ରତିବାଦରେ ଗ୍ରହଣ କରି ଦୁଇ ବର୍ଷ କାର୍ଯ୍ୟ କରିଥିଲେ। ମାତ୍ର ଚାକିରି ଅବଧି ଶେଷ ପରେ ସେ ପିଛିଲା ଭାବେ ଅଧିକ ପାରିଶ୍ରମିକ ଦାବି କରି କର୍ତ୍ତୃପକ୍ଷଙ୍କୁ ଆବେଦନ କରିଥିଲେ। ଆବେଦନ ଖାରଜ ହେବା ପରେ ସେ ଓଡ଼ିଶା ମାନବାଧିକାର କମିଶନ (ଓଏଚଆରସି)ଙ୍କ ଦ୍ୱାରସ୍ଥ ହୋଇଥିଲେ। କମିଶନ ସେବା ସମ୍ବନ୍ଧୀୟ ନିୟମାବଳୀକୁ ଏଡ଼ାଇଯାଇ ବାକିଥିବା ଅର୍ଥ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଏସୟୁଆଇଟି ପକ୍ଷରୁ ହାଇକୋର୍ଟରେ ରିଟ୍ ପିଟିସନ ଦାୟର କରାଯାଇଥିଲା।

ଅଦାଲତ କହିଛନ୍ତି ଯେ ଯେଉଁ ବ୍ୟକ୍ତି ନିଜ ଇଚ୍ଛାରେ ସମସ୍ତ ସର୍ତ୍ତ ଜାଣିଶୁଣି ଏକ ଚୁକ୍ତିପତ୍ର ସ୍ୱୀକାର କଲେ ଏବଂ ସେହି ଅନୁଯାୟୀ ପାରିଶ୍ରମିକ ପାଇ କାର୍ଯ୍ୟ ପୂରଣ କଲେ, ସେ ସେବାନିବୃତ୍ତ ପରେ ପୁନର୍ବାର ସେହି ପ୍ରସଙ୍ଗ ଉଠାଇପାରିବେ ନାହିଁ। ସମ୍ପୂର୍ଣ୍ଣ ରୂପେ ଜୀବିକା ହରାଇବା କିମ୍ବା ଆଦୌ ଦରମା ନମିଳିବା ଏବଂ କମ୍ କିମ୍ବା ଅଧିକ ପାରିଶ୍ରମିକ ପାଇବା ବିବାଦ ମଧ୍ୟରେ ଏକ ବଡ଼ ଗୁଣାତ୍ମକ ପାର୍ଥକ୍ୟ ରହିଛି। ଦ୍ୱିତୀୟଟି ସମ୍ପୂର୍ଣ୍ଣ ଭାବେ ଚୁକ୍ତି ଓ ସେବା ଆଇନର ପରିସରଭୁକ୍ତ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଆବେଦନକାରୀ ଏସୟୁଆଇଆଇଟି ପକ୍ଷରୁ ଆଇନଜୀବୀ ଅମ୍ରିତ ମିଶ୍ର ଓ ଦ୍ୱୀପାନ୍ୱିତା ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

## ପାଇକମାଲ ଓ ଝାରବନ୍ଧ ବ୍ଲକରେ ବିଇଓ ପଦ ଶୂନ୍ୟ

**ବରଗଡ଼, ୨୫।୫(ସମିସ):** ରାଜ୍ୟ ସରକାରଙ୍କ ଓଇଏସ୍ ବିଭାଗରେ ସମ୍ପ୍ରତି ହୋଇଥିବା ଅଦଳବଦଳ ପରେ ବରଗଡ଼ ଜିଲ୍ଲାର ପାଇକମାଲ ଓ ଝାରବନ୍ଧ ବ୍ଲକ ଶିକ୍ଷା ବିଭାଗରେ ବିଇଓ ପଦବ ଏବେ ଶୂନ୍ୟ ପଡ଼ିଛି। ଏହି ଦୁଇ ବ୍ଲକର ବିଇଓ ଦାୟିତ୍ୱରେ ଥିବା ଶୁଭମ୍ କୁମାର ପତିଙ୍କୁ ନବରଙ୍ଗପୁର ଜିଲ୍ଲାର ପାପଡ଼ାହାଣ୍ଡି ବ୍ଲକ ବିଇଓ ଭାବରେ ନୂତନ ଦାୟିତ୍ୱ ଦିଆଯାଇଥିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ସରକାରଙ୍କ ପକ୍ଷରୁ ପ୍ରକାଶିତ ଅଦଳବଦଳ ତାଲିକାରେ ଶୁଭମ୍ କୁମାର ପତିଙ୍କ ବଦଳି ସ୍ପଷ୍ଟ ହୋଇଥିଲେ ସୁଦ୍ଧା ଏଯାଏଁ ପାଇକମାଲ ଓ ଝାରବନ୍ଧ ବ୍ଲକ ପାଇଁ ନୂତନ ବିଇଓଙ୍କ ନିଯୁକ୍ତି ହୋଇନାହିଁ। ଫଳରେ ଦୁଇଟି ବ୍ଲକର ଶିକ୍ଷା ପ୍ରଶାସନ କାର୍ଯ୍ୟରେ ଅନିଶ୍ଚିତତା ଦେଖାଦେଇଛି। ବିଶେଷକରି ବିଦ୍ୟାଳୟ ନିରୀକ୍ଷଣ, ଶିକ୍ଷକ ଉପସ୍ଥିତି, ଶିକ୍ଷା କାର୍ଯ୍ୟକ୍ରମର ତଦାରଖ ଓ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ଉପରେ ପ୍ରଭାବ ପଡ଼ିପାରେ ବୋଲି ଚର୍ଚ୍ଚା ହେଉଛି। ସ୍ଥାନୀୟ ଶିକ୍ଷକ ଓ ଅଭିଭାବକମାନଙ୍କ ମତାନୁସାରେ, ଦୁଇଟି ବ୍ଲକରେ ଶିକ୍ଷା ସମ୍ବନ୍ଧୀୟ ଅନେକ ପ୍ରଶାସନିକ କାର୍ଯ୍ୟ ଚାଲିଥିବା ସମୟରେ ବିଇଓ ପଦ ଖାଲି ରହିବା ଚିନ୍ତାର ବିଷୟ। ବିଦ୍ୟାଳୟଗୁଡ଼ିକରେ ଗ୍ରୀଷ୍ମ ଅବକାଶ ପରେ ନୂତନ ଶିକ୍ଷାବର୍ଷ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଏକ ଦାୟିତ୍ୱଶୀଳ ଅଧିକାରୀଙ୍କ ଅଭାବ ଅନୁଭବ କରାଯାଉଛି। ଅନ୍ୟପଟେ, ଶିକ୍ଷା ବିଭାଗର କିଛି କର୍ମଚାରୀଙ୍କ କହିବା ଅନୁଯାୟୀ, ଶୀଘ୍ର ନୂତନ ବିଇଓଙ୍କୁ ଦାୟିତ୍ୱ ଦିଆଯିବାର ସମ୍ଭାବନା ରହିଛି। ତଥାପି ସରକାରୀ ଭାବେ ଏନେଇ କୌଣସି ଘୋଷଣା ହୋଇନାହିଁ। ଏବେ ଦୁଇଟି ବ୍ଲକର ଶିକ୍ଷା ବ୍ୟବସ୍ଥାକୁ ସୁଚାରୁ ଭାବେ ଚାଲୁ ରଖିବା ପାଇଁ ଶୀଘ୍ର ନୂତନ ବିଇଓ ନିଯୁକ୍ତି କରିବାକୁ ସାଧାରଣରେ ଦାବି ଜୋର୍ ଧରିଛି।

## କେନାଲ ନବୀକରଣ କାମର ଭିତ୍ତିପ୍ରସ୍ତର

**ବରଗଡ଼, ୨୫।୫(ସମିସ):** କେନାଲ କାମର ନବୀକରଣ ପାଇଁ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାଦ୍ୱାରା ତଳମୁଣ୍ଡକୁ ପାଣି ସମସ୍ୟା, ଚାଷୀଙ୍କ ବିଲ୍‌କୁ ସିଧା ଜଳସେଚନ ବ୍ୟବସ୍ଥା ଆହୁରି ସୁଦୃଢ଼ ହୋଇପାରିବ। କିଛିଦିନ ପୂର୍ବରୁ ସମ୍ବଲପୁର ଗସ୍ତରେ ଆସି ହୀରାକୁଦ କମାଣ୍ଡ ଏରିଆର ନବୀକରଣ ଓ ଉନ୍ନତୀକରଣ ପାଇଁ ୮୦୦ କୋଟି ଟଙ୍କାର ଘୋଷଣା କରିଥିଲେ। ଯାହାର କାମ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ବରଗଡ଼ ନିର୍ବାଚନ ମଣ୍ଡଳୀର ବରଗଡ଼ କେନାଲ ସେକ୍ସନ, କମଗାଁ କେନାଲ ସେକ୍ସନ ସହ ଅନ୍ୟାନ୍ୟ ୱାଟରକୋର୍ସ ଗୁଡିକର ଉନ୍ନତୀକରଣ ପାଇଁ ଦୁଇଶହ କୋଟି ଟଙ୍କା ରାଜ୍ୟ ସରକାର ମଞ୍ଜୁର କରିଥିବା ବେଳେ ଏହାର ଟେଣ୍ଡର ପ୍ରକ୍ରିୟା ମଧ୍ୟ ଶେଷ ହୋଇଛି। ବରଗଡ଼ ସହରର ପୁରୁଣା ରିଜର୍ଭ ପୁଲିସ ଛକ ଓ କଟାପାଲି ଗାଁରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବିଧାୟକ। କେନାଲ ବିଭାଗର ଏସଇ ମଦନ ସେଠୀ, ଏଇ ମନ୍ମଥ ଶତପଥୀ, ଏସ୍‌ଡିଓ ନବୀନ ବେହେରା, ଜେଇ ଅନୀଲ ପଟେଲଙ୍କ ସହ ଶହଶହ ଚାଷୀ ଓ ସ୍ଥାନୀୟଲୋକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଲକୁ ପାଣି ପାଇଁ ଗାଁଗାଁ ଓ ଚାଷୀଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଏହି ପ୍ରକଳ୍ପ ହେବାଦ୍ୱାରା ସମସ୍ତ ଚାଷୀଙ୍କ କ୍ଷେତକୁ ପାଣି ପହଞ୍ଚିବ ବୋଲି କହିଛନ୍ତି ବିଧାୟକ ଅଶ୍ୱିନୀ ଷଡଙ୍ଗୀ।



ଭଡ଼ାଘରେ ଚାଲିଥିଲା ଦେହ ବ୍ୟବସାୟ

## ୫ ଗିରଫ, ଦୁଇ ମହିଳା ଉଦ୍ଧାର

**ବରଗଡ଼, ୨୫।୫(ସମିସ):** ବରଗଡ଼ ଟାଉନ ଥାନା ପୁଲିସ ପକ୍ଷରୁ ଅନୈତିକ ଦେହ ବ୍ୟବସାୟ ବିରୋଧରେ ଏକ ବଡ଼ ଚଢ଼ଉ କରାଯାଇଛି। ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରାଯାଇଛି। ଏହାସହ ଘଟଣାସ୍ଥଳରୁ ଦୁଇ ଜଣ ପୀଡ଼ିତାଙ୍କୁ ଉଦ୍ଧାର କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ବରଗଡ଼ ଟାଉନ ଥାନା କେସ ନମ୍ବର ୨୬୯/୨୬ ଅନୁଯାୟୀ ଅନୈତିକ ମାନବ ତସକରି ନିରୋଧ ଆଇନ୍ ଅନୁସାରେ ମାମଲା ରୁଜୁ ହୋଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବରଗଡ଼ ସହର ନିକଟସ୍ଥ ପିପିଲିପାଲି ଗାଁ ନିକଟ ଡାଙ୍ଗ ଛକ ଅଞ୍ଚଳରେ ଥିବା ଏକ ଭଡାଘର ଉପରେ ପୁଲିସ ଚଢ଼ଉ କରିଥିଲା। ଏହି ଚଢ଼ାଉ ସମୟରେ ଧ୍ରୁବ ଚରଣ ମେହେର, ତେଜ ବେହେରା, ବନିତା ବେହେରା, ବଳଦେବ ସାହୁ ଓ ସରୋଜ ସାହୁଙ୍କୁ ଗିରଫ କରିଛି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ବେଳେ ଘଟଣାର ତଦନ୍ତ ଜାରି ରହିଛି। ଚଢ଼ଉ ସମୟରେ ପୁଲିସ ଘଟଣାସ୍ଥଳରୁ ନଗଦ ୩୦ ହଜାରରୁ ଅଧିକ ଟଙ୍କା, ମୋବାଇଲ ଫୋନ, ସିମ୍ କାର୍ଡ ସହ ୫ଟି ଦୁଇଚକିଆ ଯାନ ଜବତ କରିଛି। ଜବତ ଯାନମାନଙ୍କ ମଧ୍ୟରେ ମାରୁତି ସୁଜୁକି କାର, ଦୁଇଟି ଜୁପିଟର ସ୍କୁଟି ଓ ଏକ ଟିଭିଏସ ସ୍ପୋର୍ଟ ବାଇକ ରହିଛି। ବରଗଡ଼ ଟାଉନ ଥାନା ଅଧିକାରୀ ଚିତ୍ତରଞ୍ଜନ ମେହେରଙ୍କ ନେତୃତ୍ୱରେ ପୁଲିସ ଟିମ୍ ଏହି ଚଢ଼ଉ କରିଥିବା ବେଳେ ଏହା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପୁଲିସ କହିଛି ଯେ, ଅନୈତିକ କାର୍ଯ୍ୟକଳାପ ବିରୋଧରେ ଆଗାମୀ ଦିନରେ ଏପରି ଚଢ଼ଉ ଜାରି ରହିବ।



## ରେମଣ୍ଡାରେ ରେବତୀ କୁଅଁରଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଥୁଆପାଲି, ୨୫।୫(ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ରେମଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସମାଜସେବୀ ସ୍?ର୍ଗତ ରେବତୀ କୁଅଁର ଙ୍କ ୧୯ ତମ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଥାଉକି, ରେମଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୁ ୭ ଏକଡ ୨୧ ଡିସିମିଲ ଦାନ କରିଥିଲେ। “ ରେମଣ୍ଡା ଉଚ୍ଚ ବିଦ୍ୟାଳୟ ଅଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ ଙ୍କ ପୌରହିତ୍ୟ ରେ, ଲ ପ୍ରଥମେ ରେମଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ସମାଜସେବୀ ସେବତୀ କୁଅଁର ସମାଧି ଠାରେ ଅଧ୍ୟକ୍ଷା ସମେତ ମାଧ୍ୟମିକ ବିଦ୍ୟାଳୟ ର ସମସ୍ତ ଅଧ୍ୟାପକ /ଅଧ୍ୟାପିକା କର୍ମଚାରୀ ଉପସ୍ଥିତ ରହି ଧୂପଦୀପ, ପୁଷ୍ପମାଲ୍ୟ ଅର୍ପଣ, ନିରବ ପ୍ରାର୍ଥନା ଓ ସ୍?ର୍ଗତ ସେବତୀ କୁଅଁର ଙ୍କ ଶ୍ରୁତିଚାରଣ କରିଥିଲେ। ରେମଣ୍ଡା ମାଧ୍ୟମିକ ବିଦ୍ୟାଳୟ ର ବରିଷ୍ଠ କିରାଣୀ ଅର୍ଜୁନ ଦୋରା, ଅନୁପ କୁମାର ଭୋଇ, ସୁଜିତ ସାହୁ, ରବିନାରାୟଣ ବଘାର, ଅର୍ଜୁନ ପ୍ରଧାନ, ଫନିନ୍ଦ୍ର ମିରିଗ, ଉମେଶ ରାଉତିଆ, ଶିବ ସାହୁ ଓ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

ପ୍ରତିଶ୍ରୁତି ଦେଇ ପାଳନ ନ କରିବା ପଡ଼ିଲା ମହଙ୍ଗା

# ପଞ୍ଚାୟତ ଅଫିସରେ ତାଲା ପକାଇଦେଲେ ମହିଳା

ଭେଡ଼େନ, ୨୫।୫(ସମିସ)



ଦେଶଭଟିଲି ସରପଞ୍ଚଙ୍କ ଉପରେ ଲୋକେ ଖପ୍ପା

ଆନ୍ଦୋଳନକାରୀଙ୍କୁ ବୁଝାଇଲେ ଅତିରିକ୍ତ ବିଡ଼ିଓ

ଭେଡେନ ବ୍ଲକ ଦେଶଭଟଲି ସରପଞ୍ଚ ପ୍ରତିଶ୍ରୁତି ଦେଇ ପାଳନ ନ କରିବା ଶେଷରେ ମହଙ୍ଗା ପଡ଼ିଛି। ବାରମ୍ବାର ଦାବି ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଶେଷରେ ଉତ୍ତ୍ୟକ୍ତ ମହିଳା ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ଦେଶଭଟଲି ଗ୍ରାମର ପାନମୁରା ବନ୍ଧର ପୁନରୁଦ୍ଧାର ତଥା ସଂସ୍କାର କାର୍ଯ୍ୟ ପାଇଁ ସ୍ଥାନୀୟ ମହିଳାମାନେ ଦୀର୍ଘ ଦିନ ହେବ ସରପଞ୍ଚଙ୍କୁ ବାରମ୍ବାର ଗୁହାରି କରିଆସୁଥିଲେ; ହେଲେ ସରପଞ୍ଚ ଆଜି କାଲି କହି କେବଳ ପ୍ରତିଶ୍ରୁତି ଉପରେ ପ୍ରତିଶ୍ରୁତି ଦେଇ ସେମାନଙ୍କୁ ଭୁଆଁ ବୁଲାଉଥିଲେ। ସରପଞ୍ଚଙ୍କ ଏଭଳି ଟାଳଟୁଳ ନୀତି ଓ ପ୍ରତାରଣାରେ ଅତିଷ୍ଠ ହୋଇ ଶେଷରେ ଗ୍ରାମର ମହିଳାମାନେ ଏକତ୍ରିତ ହୋଇଥିଲେ। ଏହି ଅସନ୍ତୋଷ ଉଗ୍ର ରୂପ ଧାରଣ କରିଥିଲା। ସେମାନେ ପଞ୍ଚାୟତ ଅଫିସରେ ତାଲା ପକାଇ ଦେଇଥିଲେ। ଏହି ଖବର ପାଇ ଭେଡ଼େନ ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ରଞ୍ଜନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେ ଉତ୍ତ୍ୟକ୍ତ ମହିଳାମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲେ। ମହିଳାମାନଙ୍କ ସମସ୍ୟାର ଗୁରୁତ୍ୱକୁ ବୁଝି ଏବିଡିଓ ଶ୍ରୀ ପ୍ରଧାନ ଆସନ୍ତା ୧୦ ଦିନ ମଧ୍ୟରେ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ସରପଞ୍ଚଙ୍କୁ ତୁରନ୍ତ ଏହି ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରତିଶ୍ରୁତି ପରେ ମହିଳାମାନେ ଆନ୍ଦୋଳନରୁ ଓହରିଥିଲେ।

## ପାଇକମାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା



**ପାଇକମାଲ, ୨୫।୫(ସମିସ):** ପାଇକମାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଜୟଦେବ ପ୍ରଧାନଙ୍କ ସଭାପତିତ୍ୱରେ ବାର୍ଷିକ ପରୀକ୍ଷାରେ ୬୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଅଧ୍ୟାପିକା ସବିତାଭୋଇ ଅତିଥି ପରିଚୟ ଓ ସ୍ୱାଗତଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରଛାତ୍ରୀମାନେ ଲକ୍ଷ୍ୟ ପଥରୁ ବିଚ୍ୟୁତ ନହୋଇ ପରିଶ୍ରମକଲେ ଭବିଷ୍ୟତରେ ବଡ଼ ମଣିଷ ହେବ ବୋଲି ଉତ୍ସାହିତ କରିଥିଲେ। ତତ୍‌ସହିତ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। କଳା ବିଭାଗରେ ଛାତ୍ରୀ ଦିବ୍ୟଙ୍କା ଭୋଇ ୮୯.୬% ନମ୍ବର ରଖି ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବାବେଳେ ବିଜ୍ଞାନରେ ଛାତ୍ରୀ ଅମୃତାମୟୀ ଭୋଇ ୮୯% ନମ୍ବର ରଖି ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି। କଳା ଓ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ୩୬ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସଭାରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ। ଅଧ୍ୟାପିକା ନିରୂପମା ପ୍ରଧାନ ସଭା ପରିଚାଳନା କରିଥିବାବେଳେ ଅଧ୍ୟାପକ ସୁନୀଲ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## କାର୍ଯ୍ୟରେ ଯୋଗ ଦେଇନାହାନ୍ତି ଏସ୍ଆଇ; ଲୋକେ ଅସନ୍ତୁଷ୍ଟ

ନୟାହାଟ,୨୫।୫(ସମିସ): ପୁରୀ ଏସ୍ପି ପ୍ରତୀକ୍ ସିଂ ନୟାହାଟ ଅଞ୍ଚଳର ଆଇନଶୃଙ୍ଖଳାପରିସ୍ଥିତିକୁଅନୁଧ୍ୟାନକରିବ୍ରହ୍ମଗିରିଥାନାରସବ୍ଇନ୍ସପେକ୍ଟରରାକେଶ ସାହୁଙ୍କୁ ନୟାହାଟ ଫାଣ୍ଡିକୁ ବଦଳି କରାଯାଇଛି। ସେ କାର୍ଯ୍ୟରେ ଯୋଗଦେଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ନୟାହାଟରେ ୬ଟି ପଞ୍ଚାୟତରେ ୭୫ଟି ଗାଁ ଥିବାବେଳେ ପ୍ରତିଦିନ ବଜାରରେ ଟ୍ରାଫିକ୍ ସମସ୍ୟା ଲାଗିରହୁଛି। ଗ୍ରାମାଞ୍ଚଳରେ ଘଟୁଥିବା ଅପରାଧକୁ ଜଣେ ପୁଲିସ ଏଏସ୍ଆଇଙ୍କ ପକ୍ଷରେ ସମ୍ଭାଳିବା କଷ୍ଟସାଧ ହେଉଛି। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପୁରୀ ଏସ୍ପି ଶ୍ରୀ ସିଂ ଏସ୍ଆଇ ଶ୍ରୀ ସାହୁଙ୍କୁ ୫ ଦିନ ତଳେ ବଦଳି କରିଥିଲେ ମଧ୍ୟ ସେ ନୟାହାଟରେ କାର୍ଯ୍ୟଭାର ସମ୍ଭାଳି ନ ଥିବାରୁ ବରିଷ୍ଠ ନାଗରିକ ମଞ୍ଚ ପ୍ରଶ୍ନ ଉଠାଇଛନ୍ତି।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଆକ୍ରମଣ



ବଳଙ୍ଗା,୨୫।୫(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରବିବାର ରାତିରେ ବଳଙ୍ଗା ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ଇଟାରେ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଳଙ୍ଗା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ବଳଙ୍ଗା ଗ୍ରାମର ପ୍ରଫୁଲ୍ଲ ଦଳାଇଙ୍କ ପତ୍ନୀ ପ୍ରତିମା ବିଶ୍ୱାଳ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ରବିବାର ରାତିରେ ପ୍ରଫୁଲ୍ଲ ଗାଁ ଦାଣ୍ଡରେ ଥିବା ଦୋକାନକୁ ସର୍ଫ ଆଣିବାକୁ ଯାଇଥିଲେ। ସେଠାରେ ବସିଥିବା ଗ୍ରାମର କେତେକ ଲୋକଙ୍କ ସହିତ ପ୍ରଫୁଲ୍ଲ କଥା ହେଉଥିବା ବେଳେ ଗ୍ରାମର ବାବୁ ସାହୁ ଓ ତାଙ୍କ ଭାଇ ଏଣ୍ଡୁ ସାହୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଫଳରେ ପ୍ରଫୁଲ୍ଲ ପ୍ରତିବାଦ କରିବାରୁ ବାବୁ ପାଖରେ ପଡ଼ିଥିବା ଏକ ଇଟା ଆଣି ମୁଣ୍ଡକୁ ଛେଚି ଦେଇଥିଲା। ପ୍ରଫୁଲ୍ଲଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ପ୍ରଫୁଲ୍ଲଙ୍କୁ ଉଦ୍ଧାର କରି ମଙ୍ଗଳପୁର ମେଡିକାଲ ନେଇ ଚିକିତ୍ସା କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

## ନାବାଳିକା ଅପହରଣ ଅଭିଯୋଗ

ବଳଙ୍ଗା,୨୫।୫(ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ନାବାଳିକା ଜଣେ ଯୁବକ ସହ ଫେରାର୍ ହୋଇଯାଇଥିବା ବେଳେ ଥାନାରେ ଅଭିଯୋଗ କଲେ ବିଷପିଇ ଆତ୍ମହତ୍ୟା କରିବ ବୋଲି ପରିବାର ଲୋକଙ୍କୁ ଧମକ ଦେଇଛି। ଏନେଇ ନାବାଳିକାର ମାଆ ଥାନାରେ ଅଭିଯୋଗ କରିବା ପରେ ବଳଙ୍ଗା ଥାନା ପୁଲିସ ପକ୍ଷରୁ ଥାନାରେ ଏକ ଅପହରଣ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

ନାବାଳିକାର ମାଆଙ୍କ ଅଭିଯୋଗ ଅନୁଯାୟୀ, ଗତ ଶୁକ୍ରବାର ମହିଳା ଓ ତାଙ୍କ ସ୍ୱାମୀ ବାହାରକୁ କାମ କରିବାକୁ ଯାଇଥିଲାବେଳେ ତାଙ୍କର ୧୬ ବର୍ଷୀୟା ନାବାଳିକା ଝିଅ ଘରେ ଏକୁଟିଆ ଥିଲେ। ସନ୍ଧ୍ୟାରେ ପତି-ପତ୍ନୀ ଘରକୁ ଫେରିଲା ବେଳକୁ ଝିଅ ଘରେ ନ ଥିବା ଦେଖିଥିଲେ। ଝିଅର ମୋବାଇଲ୍କୁ ଯୋଗାଯୋଗ କରିବାରୁ ତାହା ବନ୍ଦ ରହିଥିବା ଜଣାପଡ଼ିଥିଲା। ପରେ ସମସ୍ତ ବନ୍ଧୁବାନ୍ଧବ ଓ ଝିଅର ସାଙ୍ଗସାଥୀଙ୍କ ଘରେ ଖୋଜାଖୋଜି କରିବାରେ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ତେବେ ଗତ ରବିବାର ମଧ୍ୟାହ୍ନ ସମୟରେ ମହିଳାଙ୍କ ମୋବାଇଲ୍କୁ ଝିଅ ଫୋନ୍ କରି ସେ ଭଲ ପାଉଥିବା ନାଗପୁରର ଜଣେ ଯୁବକ ସହ ଚେନ୍ନାଇ ଆସିଥିବା ନେଇ ଜଣାଇଥିବାବେଳେ ଏ ସମ୍ପର୍କରେ ଯଦି ପରିବାର ଲୋକେ ଥାନାରେ ଅଭିଯୋଗ କରିବେ ସେ ବିଷପିଇ ଆତ୍ମହତ୍ୟା କରିବ ବୋଲି ମହିଳାଙ୍କୁ କହିଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି।

● ଦୟାବିହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

## ଯୁକ୍ତ ୨ ବିଜ୍ଞାନରେ କାଜଲ, ଅର୍ଚ୍ଚିତା ଟପ୍ପର

କଣାସ,୨୫।୫(ସମିସ): ଯୁକ୍ତ ଦୁଇ ପରୀକ୍ଷା ଫଳ ଗତ ବୁଧବାର ପ୍ରକାଶ ପାଇଛି। କଣାସ ଦୟାବିହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ପରୀକ୍ଷାରେ ୨ଜଣ ଟପ୍ପର ହୋଇଛନ୍ତି। କାଜଲ ସାସମଲ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଅର୍ଚ୍ଚିତା ବରାଳ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଦୟାବିହାର ଉଚ୍ଚ ବିଦ୍ୟାଳୟରେ



ଟପ୍ପର ହୋଇଥିବା ଛାତ୍ରୀଙ୍କୁ ଅଧ୍ୟକ୍ଷ ପ୍ରଭାତ ରଞ୍ଜନ ପ୍ରଧାନ ପ୍ରଶଂସା କରିବା ସହିତ ଅଭିବାଦନ ପ୍ରଦାନ କରିଥିଲେ। ସୂଚନା ଥାଉକି, ଛାତ୍ରୀଦ୍ୱୟ ପରିବର୍ତ୍ତନ ଟ୍ୟୁଟୋରିଆଲରେ ଅଧ୍ୟୟନରତ ଥିଲେ। ତାଙ୍କର ଏହି ସଫଳତା ପାଇଁ ପରିବର୍ତ୍ତନ ଟ୍ୟୁଟୋରିଆଲ ଶିକ୍ଷକ ସାଧୁବାଦ ଜଣାଇଥିଲେ।

# ପେଟ୍ରୋଲ, ଡିଜେଲ ଓ ଗ୍ୟାସ୍ ଦରବୃଦ୍ଧିକୁ ବିଜେଡିର ବିରୋଧ

ବ୍ରହ୍ମଗିରି,୨୫।୫(ସମିସ)




ସୋମବାର ବ୍ରହ୍ମଗିରି ବିଜୁ ଜନତା ଦଳର ପକ୍ଷରୁ ପେଟ୍ରୋଲ, ଡିଜେଲ ଓ ଗ୍ୟାସ୍ ଦରବୃଦ୍ଧିକୁ ବିରୋଧ କରାଯାଇଛି। ବ୍ଲକ୍ ସଭାପତି ବିଦ୍ୟାଧର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପୁରୀ-ସାତପଡ଼ା ଜାତୀୟ ରାଜପଥ କଲେଜ ଛକ ପାଖରେ ଥିବା ପେଟ୍ରୋଲ୍ ପମ୍ପ ସମ୍ମୁଖରେ ବିକ୍ଷୋଭପ୍ରଦର୍ଶନକରାଯାଇଥିଲା। ଶହଶହ ବିଜୁଯୁବଛାତ୍ର ହାତରେ ପ୍ଲାକାର୍ଡ ଧରି କେନ୍ଦ୍ର ଓ ରାଜ୍ୟ ସରକାର ବିରୋଧୀ ନାରାବାଜି କରିଛନ୍ତି। ବ୍ଲକ୍ ସଭାପତି କହିଛନ୍ତି ଯେ କେନ୍ଦ୍ର ଓ ରାଜ୍ୟ ସରକାର ଯେଭଳି ଭାବରେ ପେଟ୍ରୋଲ, ଡିଜେଲ୍ ଓ ଗ୍ୟାସ୍ ଦରବୃଦ୍ଧି କରୁଛନ୍ତି, ସାଧାରଣ ଲୋକମାନେ ଅଣନିଃଶ୍ୱାସୀ ହୋଇଗଲେଣି। ସମସ୍ତେ ତ୍ରାହି ତ୍ରାହି ଡାକିଲେଣି। ଆମେ ଦାବି କରୁଛୁ ପେଟ୍ରୋଲ, ଡିଜେଲ ଓ ଗ୍ୟାସ୍ ଦରବୃଦ୍ଧି ପ୍ରତ୍ୟାହାର କରାଯାଉ। ଆଗାମୀ ଦିନରେ ବିଜେଡି ତରଫରୁ ଏହି ଆନ୍ଦୋଳନଙ୍କୁ ବ୍ୟାପକ କରାଯିବ। ଦରକାର ପଡ଼ିଲେ ଏ ସରକାରଙ୍କ ସବୁ କାର୍ଯ୍ୟାଳୟ ଅକାମି କରିଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

ସୂଚନା ଥାଉକି, ଚଳିତ ମାସରେ ମାତ୍ର ୮ ଦିନ ମଧ୍ୟରେ ଚତୁର୍ଥ ଥର ପାଇଁ ଦେଶରେ ମହଙ୍ଗା ହୋଇଛି ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସ୍। ଏହା ଖାଉଟିଙ୍କ ଚିନ୍ତା ବଢ଼ାଇ ଦେଇଛି। ଯାହା ସାଧାରଣ ଲୋକଙ୍କ ପାଇଁ ଏକ ବଡ଼ ଆର୍ଥିକ ସଙ୍କଟ ସୃଷ୍ଟି କରିଛି। ପୁଣି ଆସନ୍ତା ସପ୍ତାହେ ମଧ୍ୟରେ ପେଟ୍ରୋଲ, ଡିଜେଲ, ସିଏନ୍ସି କିମ୍ବା ଏଲ୍ପିଜି ମୂଲ୍ୟ ପୁଣି ବୃଦ୍ଧି ପାଇପାରେ। ଏ ନେଇ ଭାରତ ପେଟ୍ରୋଲିୟମ୍ କର୍ପୋରେସନ ଲିମିଟେଡ୍ (ବିପିସିଏଲ୍) ବରିଷ୍ଠ ଅଧିକାରୀ ସୂଚନା ଦେଇସାରିଛନ୍ତି। ପେଟ୍ରୋଲ, ଡିଜେଲ, ସିଏନ୍ଜି ଗ୍ୟାସ୍ ମୂଲ୍ୟ ବୃଦ୍ଧି ମୁଦ୍ରାସ୍ଫୀତି ରୂପରେ ସାଧାରଣ ଲୋକଙ୍କୁ ପ୍ରଭାବିତ କରିବାରେ ଲାଗିଛି। ବଜାରରେ ପ୍ରାୟ ସବୁ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ପୂର୍ବରୁ ବୃଦ୍ଧି ପାଇସାରିଛି। ଆଗାମୀ ଦିନରେ ଏଥିରେ ଆହୁରି ବୃଦ୍ଧି ହେବାର ସମ୍ଭାବନା ଅଛି। ଇନ୍ଧନ ମୂଲ୍ୟ ବୃଦ୍ଧି ଦ୍ୱାରା କୃଷି, ଖାଦ୍ୟ, ଏଫ୍ଏମ୍ସିଜି, ଇସ୍ପାତ୍, ଇ-କମର୍ସ ଏବଂ ପର୍ଯ୍ୟଟନ କ୍ଷେତ୍ର ସର୍ବାଧିକ ପ୍ରଭାବିତ ହେଉଛି। ଫଳରେ ପେଟ୍ରୋଲ, ଡିଜେଲ ଦରବୃଦ୍ଧି ଚାପରେ ମଧ୍ୟବିତ୍ତ ଲୋକମାନେ ନାହିଁ ନ ଥିବା ହଇରାଣ ହେବ ବୋଲି ଆଶଙ୍କା କରାଯାଉଛି। କାରଣ ଇନ୍ଧନ ଏବଂ ପରିବହନ ଖର୍ଚ୍ଚ ବୃଦ୍ଧି ପାଇବା ଦ୍ୱାରା ପରିଚାଳନା ଖର୍ଚ୍ଚ ବୃଦ୍ଧି ପାଇବାର ଆଶା କରାଯାଉଛି। ଏଥିଯୋଗୁଁ ଅଟୋ ଏବଂ ଟ୍ୟାକ୍ସି ପାଇଁ ଭଡ଼ା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ଉପସଭାପତି ଜୟନ୍ତ କୁମାର ମହାନ୍ତି, ବିଜେଡି ଜିଲ୍ଲା ସଭାପତି ମାନସୀ ହରିଚନ୍ଦନ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ସିଂ, ସରପଞ୍ଚ ଅମୂଲ୍ୟ କୁମାର ଜେନା, ନିରଞ୍ଜନ ସେଠୀ, ଯୁବ ନେତା ବିଜୟ ଦଳାଇ, ନନ୍ଦକିଶୋର ବିଶ୍ୱାଳ, ଅଜୟ ବେହେରା, ରାଜେଶ ଭଟ୍ଟ, ବୃନ୍ଦାବନ ପ୍ରଧାନ, ସୁଶାନ୍ତ ମହାପାତ୍ର, ଲିପୁ ରାଉତରାୟ, ଚକ୍ରଧର ବାରିକିଙ୍କ ସମେତ ଶହଶହ ଯୁବ ଛାତ୍ର ଯୋଗଦେଇଥିଲେ।

## ଚୋରି ବିଦ୍ୟୁତ୍ ତାର ବୋଝେଇ ଗାଡ଼ି ଓ ଜଣେ ଯୁବକଙ୍କୁ ପୁଲିସ ଜିମା

ସାକ୍ଷୀଗୋପାଳ,୨୫।୫(ସମିସ): ରବିବାର ରାତିରେ ବିଦ୍ୟୁତ୍ ତାର ଚୋରି କରୁଥିବାବେଳେ ନିକଟସ୍ଥ ପାହାଡ଼ ଚୁଳ ଗ୍ରାମବାସୀ ଜଣେ ଯୁବକଙ୍କୁ ଧରି ପୁଲିସ ଜିମା ଦେଇଛନ୍ତି। ସ୍ଥାନୀୟ ଲୋକଙ୍କୁ ମାରଣାସ୍ତ୍ର ଦେଖାଇ ଦୁଇ ଜଣ ଯୁବକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ବେଳେ ସେଠାରୁ ଚୋରି ହୋଇଥିବା ବିଦ୍ୟୁତ୍ ତାର, ବ୍ୟବହୃତ ଗାଡ଼ିକୁ ସତ୍ୟବାଦୀ ପୁଲିସକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।




ପ୍ରକାଶ ଯେ, ରବିବାର ରାତି ପ୍ରାୟ ୨ଟା ସମୟରେ ପାହାଡ଼ ଚୁଳ ଓ ତୋରାଣିଆ ଗ୍ରାମର କିଛି ଯୁବକ ଗବକୁଣ୍ଡଠାରେ ଯାତ୍ରା ଦେଖି ଫେରୁଥିଲେ। ଭାର୍ଗବୀ ନଦୀ ବନ୍ଧରେ ଏକ ନିଛାଟିଆ ସ୍ଥାନରେ ଏକ ଅଟୋ ଠିଆ ହୋଇଥିବା ଦେଖିଥିଲେ। ଏହି ଯୁବକମାନେ ପାହାଡ଼ ଚୁଳ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କୁ ଡାକିବାରୁ ସେମାନେ ଅଟୋ ନିକଟକୁ ଆସିଥିଲେ। କିନ୍ତୁ ଗ୍ରାମବାସୀମାନଙ୍କୁ ମାରଣାସ୍ତ୍ର ଦେଖାଇ ୨ ଜଣ ଖସିଯାଇଥିଲେ। ମାତ୍ର ଗ୍ରାମବାସୀମାନେ ଜଣେ ଯୁବକ, ବିଦ୍ୟୁତ୍ ତାର ବୋଝେଇ ହୋଇଥିବା ଏକ ଡାଲା ଅଟୋକୁ ଅଟକାଇ ସତ୍ୟବାଦୀ ଥାନା ଓ ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ, ସାକ୍ଷୀଗୋପାଳକୁ ଖବର ଦେଇଥିଲେ। ସତ୍ୟବାଦୀ ପୁଲିସ ବିଦ୍ୟୁତ୍ ତାର ବୋଝେଇ ଡାଲା ଅଟୋ, ଏକ କଟର ମେସିନ୍ ଓ ଯୁବକଙ୍କୁ ଥାନାକୁ ଆଣିଥିଲେ। ୧ କିଲୋମିଟର ମଧ୍ୟରେ ରହିଥିବା ୧୦ ସ୍ପାନ୍ ବିଦ୍ୟୁତ ତାର ଚୋରି ହୋଇଛି ବୋଲି ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ, ସାକ୍ଷୀଗୋପାଳର କନିଷ୍ଠ ଯନ୍ତ୍ରୀ ସୌମ୍ୟରଞ୍ଜନ ପଣ୍ଡା ସତ୍ୟବାଦୀ ଥାନାରେ ଦେଇଥିବା ଏତଲାରୁ ଜଣାପଡ଼ିଛି। ପ୍ରାୟ ୬ ମାସ ତଳେ ଏହି ଟ୍ରାନ୍ସଫର୍ମରରୁ ତମ୍ବା କଏଲ୍ ଚୋରି ହୋଇଥିଲା। ୪ଟି ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ଚୋରି ହୋଇଯାଇଛି। ଏହି ସ୍ଥାନ ଏକ ନିଛାଟିଆ ଅଞ୍ଚଳ ହୋଇଥିବାରୁ ସନ୍ଧ୍ୟା ପରେ ଏହି ନଦୀ ବନ୍ଧ ଉପରେ ଗମନାଗମନ ବନ୍ଦ ହୋଇଯାଏ।

ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ସାରଙ୍ଗଯୋଡ଼ି ପଞ୍ଚାୟତର ଧ୍ୱଜା ମୁଣ୍ଡାଇ ଗ୍ରାମ ନିକଟରେ ଭାର୍ଗବୀ ନଦୀ କୂଳରେ ଏକ ସରକାରୀ ଉଠା ଜଳସେଚନ ପ୍ରକଳ୍ପ ରହିଛି। ଭାର୍ଗବୀ ନଦୀ ବନ୍ଧ ଉପରେ ଏହାର ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସିଛି। ଏହି ପ୍ରକଳ୍ପକୁ ସାରଙ୍ଗଯୋଡ଼ି ଗ୍ରାମ ନିକଟରେ ଅବସ୍ଥିତ ପାହାଡ଼ ଚୁଳଠାରୁ ଭାର୍ଗବୀ ନଦୀ ବନ୍ଧ ଉପରେ ବିଦ୍ୟୁତ୍ ଖୁଣ୍ଟ ପକାଯାଇ ବିଦ୍ୟୁତ୍ ଯୋଗାଣ ହେଉଛି। ଏହି ପ୍ରକଳ୍ପରୁ ତୋରାଣିଆ ଓ ରାୟ ଚକ୍ରଧରପୁର ମୌଜାର ପ୍ରାୟ ୪୦୦ ଏକରରୁ ଊର୍ଦ୍ଧ୍ୱ ଜମିକୁ ଜଳ ଯୋଗାଣ ହେଉଛି। ଚାଷୀମାନେ ନିୟମିତ ଏହି ଜମିରେ ଧାନ ଓ ବାଦାମ ସହିତ ଅନ୍ୟାନ୍ୟ ଫସଲ ଚାଷ କରିଥାନ୍ତି।

## ପୂର୍ବ ବିବାଦକୁ କେନ୍ଦ୍ରକରି ଯୁବକଙ୍କୁ ଛୁରାମାଡ଼

ନିମାପଡ଼ା,୨୫।୫(ସମିସ): ନିମାପଡ଼ା ଅଞ୍ଚଳରେ ପୂର୍ବ ବିବାଦକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଅଭିଯୋଗ ହୋଇଛି। ନିମାପଡ଼ା ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୋଜନାବଦ୍ଧ ଭାବେ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଥିବା ଜଣାପଡ଼ିଛି। ଯୁବକ ଜଣକ ନିଜ କାର୍ଯ୍ୟ ସାରି ଘରକୁ ଫେରୁଥିବା ସମୟରେ ଗୋଟିଏ ପରିବାରର ତିନିଜଣ ତାଙ୍କୁ ଘେରିଯିବା ସହିତ ଅତର୍କିତ ଭାବେ ଏକ ଛୁରାରେ ତାଙ୍କ ମୁଣ୍ଡ ଏବଂ କାନମୁଣ୍ଡାକୁ ଆକ୍ରମଣ କରିଥିଲେ।



ମିଳିଥିବା ସୂଚନା ଅନୁଯାୟୀ, ଶ୍ୟାମସୁନ୍ଦରପୁର ଗ୍ରାମର କାର୍ତ୍ତିକ ସେଠୀଙ୍କ ସହିତ ସେହି ଗ୍ରାମର ସୋମନାଥ ସେଠୀଙ୍କର ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା। ଏହି ବିବାଦ ଉଗ୍ରରୂପ ନେବା ସହ କାର୍ତ୍ତିକ ନିଜ କାମ ସାରି ଘରକୁ ଫେରୁଥିବା ସମୟରେ ସୋମନାଥ ଏବଂ ତାଙ୍କ ଦୁଇ ସହଯୋଗୀ ଯୋଜନାବଦ୍ଧ ଭାବେ କାର୍ତ୍ତିକଙ୍କୁ ଛୁରାରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ କାର୍ତ୍ତିକଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଦୌଡ଼ି ଆସିବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। କାର୍ତ୍ତିକଙ୍କୁ ଗୁରୁତର ଅବସ୍ଥାରେ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ତେବେ ଆଗରୁ ମଧ୍ୟ ଅଭିଯୁକ୍ତମାନେ କାର୍ତ୍ତିକଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଛି। ଏ ନେଇ କାର୍ତ୍ତିକଙ୍କ ବଡ଼ଭାଇ ତୋଫାନ୍ ସେଠୀ ନିମାପଡ଼ା ଥାନାରେ ଅଭିଯୋଗ କରିଥିବାବେଳେ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଫାଣ୍ଡି ଆଗରେ ମହିଳାଙ୍କ ଧାରଣା

ନୟାହାଟ,୨୫।୫(ସମିସ)



କନ୍ତିଲା ହରିଜନ ସାହିରେ ଘଟିଥିବା ମାରପିଟ୍ ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସୋମବାର ନୟାହାଟ ଫାଣ୍ଡି ଆଗରେ ଧାରଣାରେ ବସିଛନ୍ତି ମହିଳା। ଖବର ପାଇ ଗୋପ ଥାନା ଆଇଆଇସି ଦୁର୍ଗାଚରଣ ମହାପାତ୍ର ନୟାହାଟ ଫାଣ୍ଡିରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଧାରଣାରେ ବସିଥିବା ମହିଳାଙ୍କୁ ପ୍ରତିଶ୍ରୁତି ଦେଲା ପରେ ମହିଳାମାନେ ଧାରଣାରୁ ଓହରି ଯାଇଥିଲେ।

ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତର କନ୍ତିଲା ହରିଜନ ସାହିରେ ଥିବା ସରକାରୀ ପୋଖରୀକୁ ଦଳିତ ମହିଳା ସଙ୍ଘ ନିଲାମ ନେଇ ମାଛ ଧରିବା ସମୟରେ ସେହି ଗ୍ରାମର ଅଶୋକ ଭୋଇ ଗାଳିଗୁଲଜ କରିବା ଘଟଣାକୁ ନେଇ ବିବାଦ ଉପୁଜିଥିଲା। ଗତ ୧୯ ତାରିଖ ରାତି ୯ଟା ସମୟରେ ଅଶୋକ ଭୋଇ ଓ ଅଲେଖ ଭୋଇଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ମିନତି ଭୋଇ (୪୫) ଆହତ ହୋଇଥିବାବେଳେ ଅଲେଖ ଭୋଇଙ୍କ ପତ୍ନୀ ବିଦୁଲତା ଭୋଇ ଏବଂ ପୁଅ ଆରତ ଭୋଇ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଉଭୟପକ୍ଷ ନୟାହାଟ ଫାଣ୍ଡିରେ ଅଭିଯୋଗ କରିବା ପରେ ଗୋପ ଥାନା କେସ୍ ନମ୍ବର ୧୭୧/୨୬, ୧୭୨/୨୬ରେ ଦୁଇଟି ମାମଲା ରୁଜୁ ହୋଇଥିଲା। ୧୭୨ ନମ୍ବର କେସ୍‌ରେ ବରଗଡ଼ା ଗ୍ରାମର ଅନନ୍ତ ସାହୁ ଓ ତାଙ୍କ ପୁଅ ଅନିଲ ସାହୁ ଗଣ୍ଡଗୋଳ ଘଟଣାରେ ସମ୍ପୃକ୍ତ ନ ଥାଇ ତାଙ୍କ ନାମରେ ମିଥ୍ୟା ମୋକଦ୍ଦମା କରାଯିବା ଫଳରେ କନ୍ତିଲା ଗ୍ରାମବାସୀମାନେ ଫାଣ୍ଡିରେ ଧାରଣା ଦେଇଥିଲା ସମୟରେ ସେଠାରେ କେଦାର ସାହୁ, ପୂର୍ବତନ ସରପଞ୍ଚ ବାବୁଲାଲ ସ୍ୱାଇଁ, ପ୍ରଭାତ ପାତ୍ର, ମାନସ ପାତ୍ର, ବିଶ୍ୱରଞ୍ଜନ ଦଳାଇ, ଭାଗିରଥି ଦଳାଇ, ପୂର୍ଣ୍ଣ ଚନ୍ଦ୍ର ସେନ୍ ପ୍ରମୁଖଙ୍କ ନେତୃତ୍ୱରେ ନୟାହାଟ ଫାଣ୍ଡିରେ ମହିଳାମାନେ ଧାରଣାରେ ବସିଥିଲେ। ଆଇଆଇସି ଶ୍ରୀ ମହାପାତ୍ର ମହିଳାମାନଙ୍କୁ ପଚାରିବାରେ ସେ କହିଥିଲେ ଉକ୍ତ ବାପ-ପୁଅ ଆମ ଗଣ୍ଡଗୋଳ ଘଟଣାରେ ସମ୍ପୃକ୍ତ ନ ଥିବାବେଳେ ତାଙ୍କ ନାମରେ କାହିଁକି ମୋକଦ୍ଦମା କରାଗଲା ପ୍ରଶ୍ନ କରିବାରୁ ଶ୍ରୀ ମହାପାତ୍ର କହିଥିଲେ ତଦନ୍ତ ପରେ ତାଙ୍କ ନାମ କାଟି ଦିଆଯିବ। ଗ୍ରାମବାସୀମାନେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି କରିବାରୁ ଆପଣମାନଙ୍କ ସହଯୋଗ ମିଳିଲେ ପୁଲିସ ତାକୁ ଖୁବ୍‌ଶୀଘ୍ର ଗିରଫ କରିବ ବୋଲି ଆଇଆଇସି ଶ୍ରୀ ମହାପାତ୍ର କହିଥିଲେ।

# ଅନାସ୍ଥାରେ ହାରିଲେ ବୀରରାମଚନ୍ଦ୍ରପୁର ପଞ୍ଚାୟତ ସରପଞ୍ଚ

ସାକ୍ଷୀଗୋପାଳ,୨୫।୫(ସମିସ)

ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ୍ ବୀରରାମଚନ୍ଦ୍ରପୁର ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ସୋମବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ବର୍ଷାରାଣୀ ସେଠୀଙ୍କ ବିରୋଧରେ ୧୨ଟି ଭୋଟ୍ ପଡ଼ିବାରୁ ସେ ଅନାସ୍ଥାରେ ପରାସ୍ତ ହୋଇଥିବା ବେସରକାରୀ ଭାବେ ଜଣାପଡ଼ିଛି। ସରକାରୀ ଭାବେ ଘୋଷଣା ନିମନ୍ତେ ଭୋଟ୍ ବାକ୍ସକୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପଠାଯାଇଥିବା ନିର୍ବାଚନ ଅଧିକାରୀ ତଥା ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।




ନିୟମ ମୁତାବକ, ବୀରରାମଚନ୍ଦ୍ରପୁର ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ସୋମବାର ନିର୍ବାଚନ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ସମସ୍ତ ୱାର୍ଡ ସଭ୍ୟ/ସଭ୍ୟାଙ୍କୁ ଉପସ୍ଥିତ ରହିବା ପାଇଁ ପ୍ରଶାସନ ପକ୍ଷରୁ ସୂଚିତ କରାଯାଇଥିଲା। ୧୨ ଜଣ ୱାର୍ଡ ସଭ୍ୟ/ସଭ୍ୟା ଉପସ୍ଥିତ ଥିବାବେଳେ ୩ ଜଣ ଅନୁପସ୍ଥିତ ଥିଲେ। ସରପଞ୍ଚ ବର୍ଷାରାଣୀ ସେଠୀ ମଧ୍ୟ ଉପସ୍ଥିତ ଥିଲେ। ନିର୍ବାଚନ ପ୍ରକ୍ରିୟା ପରିଚାଳନା କରିଥିଲେ ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ। ସହଯୋଗୀ ଭାବରେ ଉପସ୍ଥିତ ଥିଲେ ବିଡିଓ ଦେବାଶିଷ ନାୟକଙ୍କ ସହ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟ ଦୁଇ କର୍ମଚାରୀ। ମତଦାନ ପାଇଁ ସମସ୍ତ ୱାର୍ଡ ସଭ୍ୟ/ସଭ୍ୟାଙ୍କୁ ଅପେକ୍ଷା କରିଥିଲେ ନିର୍ବାଚନ ପରିଚାଳନା ଅଧିକାରୀ। ନିର୍ଦ୍ଧାରିତ ସମୟ ମଧ୍ୟରେ ୩ ଜଣ ୱାର୍ଡ ସଭ୍ୟ/ସଭ୍ୟା ଉପସ୍ଥିତ ହୋଇ ନ ଥିଲେ। ନିୟମ ଓ ସମୟ ଅନୁଯାୟୀ ଆରମ୍ଭ ହୋଇଥିଲା ନିର୍ବାଚନ ପ୍ରକ୍ରିୟା। ଭୋଟ୍ ଗ୍ରହଣ ସମୟରେ ସରପଞ୍ଚ ଶ୍ରୀମତୀ ସେଠୀ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ନିର୍ବାଚନ ଅଧିକାରୀ ସତ୍ୟବାଦୀ ତହସିଲ୍‌ଦାର ଶ୍ରୀ ପାଣିଗ୍ରାହୀ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କୁ ଏ ବାବଦରେ ସୂଚିତ କରିଥିଲେ। ଡା. ଶିଶିର କୁମାର ସାହୁ ସେଠାରେ ପହଞ୍ଚି ସରପଞ୍ଚ ଶ୍ରୀମତୀ ସେଠୀଙ୍କ ପ୍ରାଥମିକ ଚିକିତ୍ସା କରିଥିଲେ। ସରପଞ୍ଚଙ୍କ ସ୍ୱାସ୍ଥ୍ୟାବସ୍ଥା ସାଧାରଣ ଥିବାର ସୂଚନା ଦେବା ପରେ ବର୍ଷାଙ୍କ ପରିବାର ସଦସ୍ୟଙ୍କୁ ଏ ବାବଦରେ ସୂଚିତ କରାଯାଇଥିଲା। ପରିବାର ସଦସ୍ୟ ଆସିବା ପରେ ଭୋଟ୍‌ରୁ ବିରତ ରହିବା ସହ ଫେରିଯାଇଥିଲେ। କୋରମ ମୁତାବକ ଭୋଟ୍ ଗ୍ରହଣ ପରେ ଭୋଟ୍‌କୁ ଉପସ୍ଥିତ ୱାର୍ଡ ସଭ୍ୟ/ସଭ୍ୟାଙ୍କ ସମ୍ମୁଖରେ ଗଣତି କରି ନିର୍ବାଚନ ଅଧିକାରୀ ସୂଚନା ପ୍ରଦାନ କରିବା ସହ ଭୋଟ୍ ବାକ୍ସକୁ ସୁରକ୍ଷିତ ଭାବେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ସରକାରୀ ଘୋଷଣା ନିମନ୍ତେ ପଠାଇଥିଲେ।

ସୂଚନା ଅନୁଯାୟୀ, ୧୨ଟି ଭୋଟ୍ ବର୍ଷାରାଣୀଙ୍କ ବିରୋଧରେ ପଡ଼ିଥିଲା। ଫଳରେ ବର୍ଷାରାଣୀ ଅନାସ୍ଥାରେ ପରାଜୟ ବରଣ କରିଛନ୍ତି। ସ୍ଥାନୀୟ ସରପଞ୍ଚ ଭାଜପା ସମର୍ଥିତ ହୋଇଥିବାବେଳେ ସମସ୍ତ ୱାର୍ଡ ସଭ୍ୟ/ସଭ୍ୟା ବିଜୁ ଜନତା ଦଳର ସମର୍ଥିତ ଅଟନ୍ତି। ପୂର୍ବରୁ ଏହି ପଞ୍ଚାୟତରେ ସରପଞ୍ଚ ଭାବେ ବିଜେଡି ସମର୍ଥିତ ପ୍ରାର୍ଥୀ ଦୀପା ବେହେରା ବିଜୟୀ ହୋଇଥିଲେ। ଏକ ଦୁର୍ଘଟଣାରେ ତାଙ୍କର ପରଲୋକ ହୋଇଥିଲା। ପରବର୍ତ୍ତୀ ସମୟରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଉପନିର୍ବାଚନରେ ବର୍ଷାରାଣୀ ସେଠୀ ବିଜେପି ସମର୍ଥିତ ପ୍ରାର୍ଥୀ ଭାବରେ ବିଜୟୀ ହୋଇ ସରପଞ୍ଚ ହୋଇଥିଲେ। ନିର୍ବାଚନ ଫଳାଫଳ ଜଣାପଡ଼ିବା ପରେ ଉପସ୍ଥିତ ବିଜେଡି ନେତା ଓ କର୍ମକର୍ତ୍ତାମାନେ ବିଜେଡି ଜିନ୍ଦାବାଦ, ନବୀନ ପଟ୍ଟନାୟକ ଜିନ୍ଦାବାଦ ଓ ଉମାକାନ୍ତ ସାମନ୍ତରାୟ ଜିନ୍ଦାବାଦ ସ୍ଲୋଗାନ ଦେଇଥିଲେ। ବୀରରାମଚନ୍ଦ୍ରପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମଣି ଦୁର୍ଗାଙ୍କୁ ଦର୍ଶନ କରି ଆଶୀର୍ବାଦ କାମନା କରିଥିଲେ। ପୂର୍ବତନ ସତ୍ୟବାଦୀ ବିଧାୟକ ତଥା ପୁରୀ ଜିଲ୍ଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟଙ୍କୁ ସାକ୍ଷାତ୍ କରିଥିଲେ। ସାକ୍ଷୀଗୋପାଳ ବଜାର ପରିକ୍ରମା କରି ସାକ୍ଷୀଗୋପୀନାଥଙ୍କ ଆଶୀର୍ବାଦ କାମନା କରିଥିଲେ। ମନ୍ଦିର ସମ୍ମୁଖରେ ଥିବା ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ସତ୍ୟବାଦୀ ବ୍ଲକ୍ ବିଜେଡି ସଭାପତି ପ୍ରମୋଦ କୁମାର ରାଉତରାୟ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ପ୍ରେମାନନ୍ଦ ବେହେରା, ପୂର୍ବତନ ସରପଞ୍ଚ ଦେବ ମହାପାତ୍ର, ବ୍ଲକ୍ ମହିଳା ସଭାପତି ପୁଷ୍ପାଞ୍ଜଳି ବିଶ୍ୱାଳଙ୍କ ସମେତ ବିଜେଡିର ସମସ୍ତ କର୍ମକର୍ତ୍ତା, ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟ/ସଭ୍ୟା ଏହି ଅବସରରେ ଉପସ୍ଥିତ ଥିଲେ।

## ପିପିଲିରେ କୃଷକ ପ୍ରଶିକ୍ଷଣ ଓ ସଂଗୋଷ୍ଠୀ



ପିପିଲି,୨୫।୫(ସମିସ): ସୋମବାର ପୁରୀ ଜିଲ୍ଲା ପିପିଲି ବ୍ଲକ୍ ଅନ୍ତର୍ଗତ ମଙ୍ଗଳପୁରଠାରେ ଏକ କୃଷକ ପ୍ରଶିକ୍ଷଣ ଏବଂ ସଂଗୋଷ୍ଠୀ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱର ଏବଂ ପିପିଲି ସାଂସ୍କୃତିକ ପରିଷଦର ମିଳିତ ପ୍ରୟାସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡେଲାଙ୍ଗ-ପିପିଲିର ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ କୃଷକମାନଙ୍କୁ ଆଧୁନିକ କୃଷି, ଜ୍ଞାନ କୌଶଳ ଆପଣେଇବାକୁ ଆହ୍ୱାନ କରିଥିଲେ। ସଂସ୍ଥାନର ନିର୍ଦ୍ଦେଶକ ଡ. ଅର୍ଜମା ଦତ୍ତ ଷଡ଼ଙ୍ଗୀ ବୈଜ୍ଞାନିକ ପଦ୍ଧତିରେ କୃଷିରେ ବ୍ୟବହୃତ ଜଳର ସୁପରିଚାଳନା ମାଧ୍ୟମରେ କମ୍ ଜଳ ବ୍ୟବହାର କରି ଅଧିକ ଫସଲ ପାଇବାର ବିଭିନ୍ନ ଦିଗ ସମ୍ବନ୍ଧରେ ଅବଗତ କରାଇଥିଲେ। ଏହି କ୍ରମରେ ସଂସ୍ଥାନର ବୈଜ୍ଞାନିକ ଡ. ସୁମନ୍ତ କୁମାର ମିଶ୍ର ଏବଂ ଡ. ସଚିନକାନ୍ତ ରାଉତରାୟ କୃଷକମାନଙ୍କୁ ବିଭିନ୍ନ ଜୈବିକ ସାର ତଥା ନାନୋ ୟୁରିଆ ଓ ନାନୋ ଡିଏପି ଆଦିର ଉପଯୋଗିତା ଓ ବ୍ୟବହାର ପ୍ରଣାଳୀ ସମ୍ବନ୍ଧରେ ଅବଗତ କରାଇଥିଲେ। ଡ. ଦିବାକର ଘୋଷ ପ୍ରାକୃତିକ କୃଷି ପଦ୍ଧତିରେ ବ୍ୟବହୃତ ବିଭିନ୍ନ ଉପାଦାନର ପ୍ରସ୍ତୁତି ଓ ବ୍ୟବହାର ସମ୍ବନ୍ଧରେ ସଚେତନ କରାଇଥିଲେ। ଡ. ପାର୍ଥ ଦେବରାୟ ମୃତ୍ତିକାର ବିଭିନ୍ନ ଉପାଦାନ ଓ ଉର୍ବରତା ସମ୍ବନ୍ଧରେ ଅବଗତ କରାଇଥିଲେ। ଡ. ଦେବବ୍ରତ ସେଠୀ ଡିଜିଟାଲ କୃଷି ପାଇଁ ସେନ୍ସର ବ୍ୟବହାର କରି ଫସଲର ଆବଶ୍ୟକତା ଆଧାରିତ ଜଳସେଚନ ପଦ୍ଧତି ସମ୍ବନ୍ଧରେ ଅବଗତ କରିବା ସହ ସଂସ୍ଥାନ ଦ୍ୱାରା ବିକଶିତ ବିଭିନ୍ନ ଗେଜେଟ୍ ସମ୍ବନ୍ଧରେ ଅବଗତ କରାଇଥିଲେ। ଡ. ବୀରକିଶୋର ସେଠୀ ଉପକୂଳବର୍ତ୍ତୀ ଅଞ୍ଚଳରେ ବର୍ଷାଜଳ ସଂରକ୍ଷଣ ଓ ଏହାର ସୁପରିଚାଳନା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ରମେଶ ଚନ୍ଦ୍ର ମହାପାତ୍ର କୃଷକମାନଙ୍କୁ ଆହ୍ୱାନ କରି ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ସହିତ ଯୋଗାଯୋଗ ରକ୍ଷା କରି ଆଧୁନିକ ପଦ୍ଧତିରେ କୃଷି ଜଳର ସୁପରିଚାଳନା ସମ୍ବନ୍ଧରେ ବିସ୍ତୃତ ଜ୍ଞାନ ଆହରଣ କରିବାକୁ ଅନୁରୋଧ କରିଥିଲେ।

## ବାଲେଶ୍ୱର ସହରରେ ଦ୍ୱିତୀୟ ପର୍ଯ୍ୟାୟ ଜବରଦଖଲ ଉଚ୍ଛେଦ

# ମାଟିରେ ମିଶିଲା ୨୦୦ ଦୋକାନ ଘର

ବାଲେଶ୍ୱର,୨୫।୫(ସମିସ)

ଆଜି ଦ୍ୱିତୀୟ ପର୍ଯ୍ୟାୟରେ ବାଲେଶ୍ୱର ସହରରେ ମୁଖ୍ୟ ରାସ୍ତା ତଥା ଷ୍ଟେସନ ଛକଠାରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ଜବର ଦଖଲ ଉଚ୍ଛେଦ କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଆଜି ଜିଲ୍ଲା ପ୍ରଶାସନ ଏହି ଉଚ୍ଛେଦ ପ୍ରକ୍ରୀୟା ଆରମ୍ଭ କରିଛି। ଷ୍ଟେସନ ଛକ ଠାରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ପ୍ରାୟ ଦୁଇଶହରୁ ଅଧିକ ଦୋକାନ ଥିବା ବେଳେ ପ୍ରଥମ ପର୍ଯ୍ୟାୟ ଉଚ୍ଛେଦ ସମୟରେ ସେଥିମଧ୍ୟରୁ ୧୮୪ଟିରୁ ଅଧିକ ଜବରଦଖଲ ଘର ଆଜି ଭଙ୍ଗା ହୋଇଥିଲା। ହେଲେ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ସମସ୍ତ ଜବରଦଖଲ ଉଚ୍ଛେଦ କରାଯାଇଛି। ଏଥିମଧ୍ୟରେ ଅଧାଭଙ୍ଗା ହୋଇ ରହିଥିବା ଦୁଇ ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ଗୁଡିକୁ ଆଜି ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇଛି। ଗତ ଡିସେମ୍ବର ମାସ ୨୪ତାରିଖରେ ହୋଇଥିବା ପ୍ରଥମ ପର୍ଯ୍ୟାୟରେ ରାସ୍ତାରୁ ୧୮ମିଟର ପର୍ଯ୍ୟନ୍ତ ଯେଉଁ ସବୁ ଘର ରହିଥିଲା ତାହାକୁ ସବୁ ଅଧା ଭଙ୍ଗା ହୋଇଥିଲା।






ସୂଚନା ଅନୁସାରେ, ବାଲେଶ୍ୱର ସହରର ଓଟି ରୋଡ ସମ୍ପ୍ରସାରଣ ପାଇଁ ଜବର ଦଖଲ ଉଚ୍ଛେଦ କରାଯାଉଛି। ତାମୁଲିଆ ପୋଲଠାରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍ରେ ଏହି ଜବରଦଖଲ ଉଚ୍ଛେଦ କରାଯାଉଛି। ଅନ୍ୟପଟେ ଷ୍ଟେସନ ଛକଠାରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ରାସ୍ତା ଗୁଡିକ ଅଧିକ ସଙ୍କୁଚିତ ହୋଇଥିଲା। ଏହି ଠାରେ ଦୁଇ ମହଲା ବିଶିଷ୍ଟ କୋଠା ଗୁଡିକ ଜବରଦଖଲରେ ରହି ବେଆଇନ ଭାବେ ନିର୍ମାଣ ହୋଇଥିଲା। ସେଥିରେ ପ୍ରାୟ ୨୬୮ଟିରୁ ଅଧିକ ଦୋକାନ ଘର ଚାଲୁଥିଲା। ଯାହାଫଳରେ ରାସ୍ତା ଭିଡ ହେଉଥିଲା। ଏହି ଜବରଦଖଲ ଉଚ୍ଛେଦ କରିବା ପାଇଁ ହାଇକୋର୍ଟ ଗତ ଡିସେମ୍ବର ମାସ ୯ତାରିଖରେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାପ୍ରଶାସନ ଏହି ଜବରଦଖଲ ଉଚ୍ଛେଦ କାର୍ଯ୍ୟ କରି ରାସ୍ତାରୁ ୧୮ମିଟର ମଧ୍ୟରେ ଆସୁଥିବା ସମସ୍ତ ଜବରଦଖଲ ଘରକୁ ଉଚ୍ଛେଦ କରିଥିଲା। ବାକି ଅଧା ରହିଥିଲା। ଏହି ରହିଥିବା ଅଧା ଘରକୁ ଆଜି ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇଛି। ଆଜି ସକାଳ ୬ଟା ଠାରୁ ଏହି ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଷ୍ଟେସନ ଛକ ଠାରୁ ଆରମ୍ଭ କରି ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ରହିଥିବା ସମସ୍ତ ଅଧାଭଙ୍ଗା ଘର ଗୁଡିକୁ ଆଜି ସମ୍ପୂର୍ଣ୍ଣ ଭାବେ ଭଙ୍ଗାଯାଇଛି। ଏହାରି ମଧ୍ୟରେ ବହୁ ଦୁଇ ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ରହିଥିଲା। ବିଶେଷ କରି ସହରର ଏହା ମୁଖ୍ୟ ରାସ୍ତା ହୋଇଥିବା ବେଳେ ରେଳଷ୍ଟେସନ, ବସଷ୍ଟାଣ୍ଡ ଛଡା ସହରରକୁ ରାସ୍ତା ସଂଯୋଗ କରୁଥିଲା। ଉପଜିଲ୍ଲାପାଳ ଶିବ ମାଲବ୍ୟଙ୍କ ନେତୃତ୍ୱରେ ଏହି ଜବରଦଖଲ ଉଚ୍ଛେଦ କରିବା ପାଇଁ ମୋଟ ୩ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିବା ବେଳେ ୩୦ଜଣ ଅଫିସର ନିୟୋଜିତ ହୋଇଥିଲେ। ଏହାଛଡା ଏହି ସମସ୍ତ ଘର ଗୁଡିକୁ ଭାଙ୍ଗିବା ପାଇଁ ୧୫ଟି ଜେସିବି ମେସିନ ମଧ୍ୟ ବ୍ୟବହାର କରାଯାଇଥିଲା। ଏନେଇ ଉପଜିଲ୍ଲାପାଳ ଶ୍ରୀ ମାଲ୍ୟବଙ୍କ ସୂଚନା ଅନୁସାରେ, ଏହି ସ୍ଥାନରେ ପିଡବ୍ଲୁଡି ବିଭାଗର ଜାଗାରେ ବହୁ ଦୋକାନ ଜବରଦଖଲରେ ରହିଥିଲେ। ଏଠାରେ ଡ୍ରେନ ସାଙ୍ଗକୁ ଫୁଟପାତ କରାଯିବ। ଏଣୁ ଆଜି ଏହାକୁ ଉଚ୍ଛେଦ କରାଯାଇଛି। ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ହୋଇଥିବା ଉଚ୍ଛେଦ ସମୟରେ ରାସ୍ତାରୁ ୧୮ମିଟର ମଧ୍ୟରେ ଏହା ଜିଲ୍ଲାପାଳଙ୍କ ନିଷ୍ପତି କ୍ରମେ ହୋଇଥିଲା। ପୁନରବାର କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଆଜି ତାହା ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଭଙ୍ଗା ହେବା ପରେ ସେଠାରେ କୌଣସି ଦୋକାନ ହେଉନଥିଲା। କିନ୍ତୁ ତାହା ଅଧା ହୋଇ ରହିଥିଲା। ତେବେ ସେଠାରୁ ଦୋକାନ ହରାଇଥିବା ଲୋକଙ୍କୁ କିପରି ଭାବେ ଥଇଥାନ କରାଯିବ ସେଇ ମଧ୍ୟ ଜିଲ୍ଲା ପ୍ରଶାସନ ଚିନ୍ତା କରୁଛି ବୋଲି କହିଛନ୍ତି।

## ରାସ୍ତା କଡ଼ରୁ ମୃତ ହରିଣ ଉଦ୍ଧାର

ବାଲେଶ୍ୱର,୨୫।୫(ସମିସ): ଆଜି ୬୦ନମ୍ବର ଜାତୀୟ ରାଜପଥ ନିଧିପଣ୍ଡା ଛକ ନିକଟରେ ଥିବା ବୁଦାଳିଆ ସ୍ଥାନରୁ ଏକ ହରିଣର ମୃତଦେହକୁ ଉଦ୍ଧାର କରାଯାଇଛି। ସକାଳ ପ୍ରାୟ ୬ଟା ସମୟରେ ଜାତୀୟ ରାଜପଥ ନିଧିପଣ୍ଡା ଛକଠାରୁ ଅନତି ଦୂରରେ ରାସ୍ତା କଡରେ ମୃତ ଅବସ୍ଥାରେ ଏକ ହରିଣ ପଡ଼ିଥିବାରୁ ଦେଖିବାକୁ ମିଳିଥିଲା। ଏପରିକି ହରିଣର ମୁହଁରୁ ରକ୍ତ ବାହାରୁଥିବା ବେଳେ ତା ନିକଟରେ ରକ୍ତ ଭିଜା ତୁଳା ମଧ୍ୟ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାଛଡା ସେଠାରେ ଏକ ଗାମୁଛା ମଧ୍ୟ ପଡିଥିବା ଦେଖିବାକୁ ମିଳିଥିଲା। ତେବେ ସେଇ ଅଂଚଳରେ କୌଣସି ପ୍ରକାର ଜଙ୍ଗଲ ନଥିବା ବେଳେ ବେଳେ ସେଠାରେ କେବେ ହରିଣ ଦେଖିବାକୁ ମଧ୍ୟ ମିଳିନଥାଏ। ହେଲେ ଆଜି ହଠାତ ଏକ ହରିଣର ମୃତଦେହ ପଡିବା ସମସ୍ତଙ୍କୁ ଚକିତ କରିଛି। ଏପରିକି ଏହି ହରିଣକୁ ମାରି କୌଣସି ପ୍ରକାର ଚୋରା ଚାଲାଣ କରାଯାଉଥିବା ଅନୁମାନ କରାଯାଉଛି। ବିଶେଷ କରି ଏହି ଚୋରା ଚାଲାଣ ପଶ୍ଚିମବଙ୍ଗ ଆଡୁ ବାଲେଶ୍ୱରକୁ ଆସୁଥିବା ବେଳେ ରାସ୍ତାକଡରେ ପଡିଥିବାରୁ ତାହା ଅଧିକ ସନ୍ଦେହ ସୃଷ୍ଟି କରିଛି। ଏପରିକି କୌଣସି ଦୁର୍ବୃତ୍ତ ଏହାକୁ ନେଉଥିବା ବେଳେ ପୁଲିସର ଧରପଗଡ ସମୟରେ ହୁଏତ ତାହାକୁ ସେଠାରେ ଫିଙ୍ଗି ଦେଇ ପଳାଇଯାଇଥିବା ମଧ୍ୟ ଅନୁମାନ କରାଯାଉଛି।



## ମାତୃଭାଷା ପ୍ରତି ସିବିଏସ୍‌ଇର ନୀତିକୁ ବିରୋଧ

ବାଲେଶ୍ୱର,୨୫।୫(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ସିବିଏସଇର ୨୦୨୬-୨୭ ଶିକ୍ଷାବର୍ଷରୁ ଦଶମ ଶ୍ରେଣୀରେ ତୃତୀୟ ଭାଷା ପରୀକ୍ଷା ଉଚ୍ଛେଦ ନିଷ୍ପତ୍ତିକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ବିଶିଷ୍ଟ ଶିକ୍ଷାବିତ ଡ. ରାଧାରଞ୍ଜନ ପଟ୍ଟନାୟକ ଏହା ଓଡ଼ିଆ ଭାଷାକୁ ଶିକ୍ଷା ବ୍ୟବସ୍ଥାରୁ ଦୂରେଇ ଦେବାର ସୁଚିନ୍ତିତ ଚକ୍ରାନ୍ତ ବୋଲି କହି ଶିକ୍ଷାମନ୍ତ୍ରୀଙ୍କ ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି। ସିବିଏସଇର ନୂଆ ଗାଇଡଲାଇନ ଅନୁସାରେ ୨୦୨୬-୨୭ରୁ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ତୃତୀୟ ଭାଷା ପରୀକ୍ଷା ହେବନାହିଁ। ଇଂରାଜୀକୁ ପ୍ରଥମ ଓ ହିନ୍ଦୀକୁ ଦ୍ୱିତୀୟ ଭାଷା ଭାବେ ରଖାଯାଇଥିବା ବେଳେ ଓଡ଼ିଆ ସମେତ ଆଞ୍ଚଳିକ ଭାଷାକୁ ତୃତୀୟ ସ୍ଥାନକୁ ଠେଲି ଦିଆଯାଇଛି। ଫଳରେ ଅନେକ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଓଡ଼ିଆ ବଦଳରେ କେବଳ ହିନ୍ଦୀ ଓ ସଂସ୍କୃତ ପଢ଼ାଉଛନ୍ତି। ଡ. ପଟ୍ଟନାୟକ ଏକ ପ୍ରେସ ବିବୃତିରେ କହିଛନ୍ତି, 'ଯେଉଁ ରାଜ୍ୟର ପିଲା, ସେହି ରାଜ୍ୟର ମାତୃଭାଷା ହିଁ ପ୍ରଥମ ଭାଷା ହେବା କଥା। ସିବିଏସଇର ଏହି ଏକତରଫା ନିଷ୍ପତ୍ତି ଓଡ଼ିଶାର ଶିକ୍ଷା ସଂସ୍କୃତି ଓ ଭାଷାର ସୁରକ୍ଷା ପ୍ରତି ଗମ୍ଭୀର ସଙ୍କଟ। ପୂର୍ବରୁ ଛାତ୍ରଛାତ୍ରୀ ଇଂରାଜୀ ସହ ହିନ୍ଦୀ, ଓଡ଼ିଆ କିମ୍ବା ସଂସ୍କୃତ ମଧ୍ୟରୁ ଗୋଟିଏ ବିଷୟ ନେଇ ବୋର୍ଡ ପରୀକ୍ଷା ଦେଉଥିଲେ। ଓଡ଼ିଆରେ ହିଁ ସିବିଏସଇ ପିଲାମାନେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହେଉଥିଲେ ବୋଲି ଡ. ପଟ୍ଟନାୟକ ଦର୍ଶାଇଛନ୍ତି। ଡ. ପଟ୍ଟନାୟକ ଶିକ୍ଷାମନ୍ତ୍ରୀଙ୍କୁ ବ୍ୟକ୍ତିଗତ ହସ୍ତକ୍ଷେପ କରି ଦଶମ ବୋର୍ଡ ପରୀକ୍ଷାରେ ପୂର୍ବଭଳି ଓଡ଼ିଆକୁ ତୃତୀୟ ଭାଷା ଭାବେ ରଖିବା ପାଇଁ ସରକାରୀ ଆଦେଶନାମା ଜାରି କରିବାକୁ ଦୃଢ଼ ଦାବି କରିଛନ୍ତି। ଓଡ଼ିଆ ଭାଷାର ଅସ୍ତିତ୍ୱ ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।

## ରେମୁଣା ଏନ୍‌ଏସିରେ ମନମୁଖୀ ଟାକ୍ସ ଆଦାୟ ଅଭିଯୋଗ

ବାଲେଶ୍ୱର,୨୫।୫(ସମିସ): ରେମୁଣା ଏନଏସି ଅର୍ନ୍ତଗତ କୌଣସି ଗୃହକୁ ଶୌଚାଳୟ ଯୋଗାଇଦିଆଯାଇ ନାହିଁ। ପୂର୍ବରୁ ଗ୍ରାମପଂଚାୟତ ପକ୍ଷରୁ ସିକ୍ୟୁରିଟି ଟଙ୍କା ନେଇ ପାଣି ଯୋଗାଉନଥିବା ବେଳେ ପାଣି ଟ୍ୟାକ୍ସ ନେଉଥିଲେ। ଏପରିକି ଅନେକ ସ୍ଥାନରେ ଡ୍ରେନରେ ଜଳ ନିଷ୍କାସନ ସଠିକ ଭାବେ ହେଉନଥିବା ବେଳେ ଠିକ ସଭୟରେ ଲୋକେ ମଧ୍ୟ ପାଣି ପାଇପାରୁ ନାହାନ୍ତି। ଏଣୁ ଏହାକୁ ଠିକ ଭାବେ ତଦନ୍ତ କରାନଯାଇ ମୁନମୁଖୀ ଭାବରେ ବାଲେଶ୍ୱର ପୌରପରିଷଦ ଠାରୁ ରେମୁଣା ଏନଏସି ପର୍ଯ୍ୟନ୍ତ ଲୋକଙ୍କ ଠାରୁ ଅଧିକ ଟ୍ୟାକ୍ସ ନିଆଯାଉଥିବାରୁ ତାହାର ବିଧିବଦ୍ଧ ତଦନ୍ତ କରାଯାଇ ହୋଲଡିଂ ଟ୍ୟାକ୍ସ, ପାଣି ଟ୍ୟାକ୍ସ ଓ ଶୌଚାଳୟ ଟ୍ୟାକ୍ସ ଛାଡ କରାଯିବା ପାଇଁ ରେମୁଣାରୁ ପୂର୍ବତନ ଭାଇସ ଚେୟାରମେନ ବିଧାନଚନ୍ଦ୍ର ରାୟଙ୍କ ନେତୃତ୍ୱରେ ପ୍ରଦୀପ ତ୍ରିପାଠୀ, ଗଜେନ୍ଦ୍ର ଜେନା, ହରେନ୍ଦ୍ର ବେହେରା, ଗଙ୍ଗାଧର ସାହୁ, ଦେବୀପ୍ରସନ୍ନ ପଣ୍ଡା, ଭରତ ପାତ୍ର, କାହ୍ନୁ ଚରଣ ଦଳେଇ, ମନାତନ ଦାସ, ଦୀନବନ୍ଧୁ ରାଉତ, ହରିବନ୍ଧୁ ପଡିହାରୀ, ପ୍ରଫୁଲ୍ଲ କୁମାର ପାତ୍ର, ମୂରଲୀଧର ସାହୁ, ହରେକୃଷ୍ଣ ସାହୁ ପ୍ରମୁଖଙ୍କ ସହ ଅନ୍ୟମାନେ ଯୋଗଦେଇ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଛନ୍ତି। ଏହାଛଡା ଜିଲ୍ଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀ ଏବଂ ନଗର ଉନ୍ନୟନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି।



## ନିହାରିକା ମେଧା ସମ୍ମାନ ପ୍ରଦାନ ଉତ୍ସବ

ବାଲେଶ୍ୱର,୨୫।୫ (ସମିସ): ନିହାରିକା ମେଧା ସମ୍ମାନ କମିଟି ତରଫରୁ "ନିହାରିକା ମେଧା ସମ୍ମାନ-୨୦୨୬' ସ୍ଥାନୀୟ ଗାନ୍ଧି ସ୍ମୃତି ଭବନରେ ସଭାପତି ମୁରଲୀଧର ନାୟକଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ହାଇସ୍କୁଲ ପରୀକ୍ଷାରେ ଜିଲ୍ଲାରେ ୬୭୦ଜଣ ଏ୧ଛାତ୍ରଛାତ୍ରୀଙ୍କୁ ୩ଟି ଅଧିବେଶନରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉଦଘାଟକ ଭାବେ ବାଲେଶ୍ୱର ଆଇନ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ରାଜେନ୍ଦ୍ର କିଶୋର ରାୟ, ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସୁଧାଂଶୁ ପଣ୍ଡା, ସତ୍ୟସାଇ ସ୍କୁଲ ଅଫ ଇଞ୍ଜିନିୟରିଙ୍ଗ କଲେଜର ଅଧ୍ୟକ୍ଷ ଯତୀନ୍ଦ୍ର କୁମାର ଦାସ ଛାତ୍ରଛାତ୍ରୀ ରାଷ୍ଟ୍ରପ୍ରତି ଆନୁଗତ୍ୟ ପ୍ରକାଶ କରିବାକୁ ମତ ରଖିଥିଲେ। ନିହାରିକା ଫାଉଣ୍ଡେସନ ଅଧ୍ୟକ୍ଷ ରୀତିକ ଜୀ ଉଦ୍ଦେଶ୍ୟ ଜ୍ଞାପନ, ସଧାରଣ ସମ୍ପାଦକ ଦେବଦତ୍ତ ଦାସ ଆଗାମୀ ଦିନର କାର୍ଯ୍ୟକ୍ରମ, ସମ୍ପାଦକ ଶ୍ୟାମସୁନ୍ଦର ମହାନ୍ତି ଅତିଥି ପରିଚୟ, ଉପଦେଷ୍ଟା ପାର୍ଥ ସାରଥୀ ଦାସ, ଉପସଭାପତି ଅର୍ଦ୍ଧେନ୍ଦୁ ଶେଖର ଦାସ ଓ ଶୁଭମ ସାଇ ମହାପାତ୍ର, ଦାସ, ସହ ସମ୍ପାଦକ ବିଭୁଦତ୍ତ ପରିଡା ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ। ଶେଷରେ ଟ୍ରଷ୍ଟି ମୀତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଓ ତୃତୀୟ ଅଧିବେଶନରେ ଅତିଥି ଭାବେ ସାମ୍ବାଦିକ ରଞ୍ଜନ ବାଗ, ଅଜିତ ମହାନ୍ତି, ବ୍ରହ୍ମନାଥ ରଥ, ସୁକୁମାର ରଣା, ହିମାଂଶୁ ଦାସ, ରାଜକିଶୋର ବେହେରା, ହାଇଦର ଖାଁ, ଶମ୍ଭୁନାଥ ସେଠୀ, ପୂର୍ବତନ ଏବିଇଓ ବିକର୍ତ୍ତନ ନାୟକ, ପୂର୍ବତନ ଶିକ୍ଷକ ନେତା ଦେବେନ୍ଦ୍ର ଚୌଧୁରୀ, ପଣ୍ଡିତ ମନ୍ମଥ ମିଶ୍ର, ରମାରାଣୀ ଗ୍ରୁପ ର ସମ୍ପାଦକ ସ୍ୱରୂପ ଦାସ, ଟାଉନ ଥାନାଧିକାରୀ ବିଜୟ କୁମାର ଦାସ, ସମାଜସେବୀ ମନୋଜ ରାଉତ, ଡିଷ୍ଟ ଗଭର୍ଣ୍ଣ ଲାୟନ୍ସ କ୍ଲବ ମମତା ଦାସ, କ୍ରିଷ୍ଣା ଦାସ, ପ୍ରଫେସର ସ୍ମିତେ ପାଢ଼ୀ, ତାରାକାନ୍ତ ବାରିକ, କ୍ଷେତ୍ର ମୋହନ ମହାପାତ୍ର, ନିଶିତ କୁମାର ବାରିକ, ସପନ ପାଢ଼ୀ, ପ୍ରଶାନ୍ତ ପଣ୍ଡା, ସତ୍ୟ ରଞ୍ଜନ ଦାସ, ସୁଶାନ୍ତ କୁମାର ବେହେରା, ପ୍ରଦୀପ କୁମାର ଦାସ, ଶୁଭେନ୍ଦୁ ମଙ୍ଗରାଜ, ଧିରେନ ନାୟକ, ମୀନା ମହାନ୍ତି, ଶିକ୍ଷକ ନରେନ୍ଦ୍ର ମହାନ୍ତି, ବାବାଜୀ ବାରିକ,ସପନ ଗାଣ, ସୁଶାନ୍ତ ବେହେରା ସହିତ ଅନ୍ୟାନ୍ୟ ବହୁ ଜ୍ଞାନୀ ଗୁଣୀ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରି ଉତ୍ସାହିତ କରିଥିଲେ। ଦିବସବ୍ୟାପୀ କାର୍ଯ୍ୟକ୍ରମକୁ ସଂଯୋଜକ ସତ୍ୟଭାମା ମୁଦୁଲି, ଡ ବିଥିକାରାଣୀ ପଟ୍ଟନାୟକ, ରେବତୀ ନାୟକ, ଆରତୀ ମଲ୍ଲିକ, ସ୍ନେହାଞ୍ଜଳି ପାଣିଗ୍ରାହୀ, କଳ୍ପନା ନାୟକ,ସୌଭାଗ୍ୟ ଖୁଣ୍ଟିଆ, ହର୍ଷ ପ୍ଲଣ୍ଡେଲୱାଲ, ତପନ ଦାସ, ସତ୍ୟଜିତ ଦାସ, ସୋହନ ସୌରଭ ଦାସ, ଅଭିଷେକ ମହାନ୍ତି, ବିକାଶ ବେହେରା, ମଳୟ ରଞ୍ଜନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଦେବାଂଶୀ ଓ ନୃତ୍ୟଶ୍ରୀ ଡ୍ୟାନ୍ସ ଗ୍ରୁପ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।



## ନୂତନ ଶାଖା ପରିଚାଳକଙ୍କ ଯୋଗଦାନ

ରାଜଘାଟ, ୨୫।୫ (ସମିସ): ବ୍ୟାଙ୍କ ଅଫ ଇଣ୍ଡିଆ ରାଜଘାଟସ୍ଥିତ ତମ୍ବାଖୁରୀ ଶାଖାରେ ନୂତନ ଶାଖା ପରିଚାଳକ ଭାବେ କୃପାସିନ୍ଧୁ ପାତ୍ର ସୋମବାର ଯୋଗଦାନ କରିଛନ୍ତି। ପୂର୍ବତନ ଶାଖା ପରିଚାଳକ ବିକାଶ ରଞ୍ଜନ ରାଉତଙ୍କ ବଦଳି ପରେ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ପାତ୍ର ବ୍ୟାଙ୍କ ଅଫ ଇଣ୍ଡିଆ ବାରିପଦା ମୁଖ୍ୟ ଶାଖାରୁ ବଦଳିହୋଇ ଆସିଛନ୍ତି। ଶ୍ରୀ ପାତ୍ର କହିଛନ୍ତି ତମ୍ବାଖୁରୀ ଶାଖାର ଗ୍ରାହକ ସେବାକୁ ଆହୁରି ଉନ୍ନତ କରିବା ମୋର ପ୍ରଥମ ପ୍ରାଥମିକତା। କିସାନ କ୍ରେଡିଟ କାର୍ଡ, ମୁଦ୍ରା ଲୋନ, ଏସଏଚଜି ଲିଙ୍କେଜ ଓ ସରକାରୀ ଯୋଜନାର ଲାଭ ପ୍ରତ୍ୟେକ ହିତାଧିକାରୀଙ୍କ ପାଖରେ ସଠିକ ସମୟରେ ପହଞ୍ଚାଇବାକୁ ଚେଷ୍ଟା କରିବି, ଏବଂ ଗ୍ରାହକମାନେ ବିନା ସଂକୋଚରେ ଆସି ସେମାନଙ୍କ ସମସ୍ୟା ଜଣାଇବା ପାଇଁ ନିବେଦନ କରିଛନ୍ତି।

## 'ଇଦ୍-ଉଲ୍-ଜୁହା' ପାଇଁ ଶାନ୍ତି କମିଟି ବୈଠକ



ବାଲେଶ୍ୱର,୨୫।୫ (ସମିସ): ପବିତ୍ର 'ଇଦ୍-ଉଲ୍-ଜୁହା' ବା ବକ୍ରିଦ୍ ପର୍ବକୁ ସମଗ୍ର ବାଲେଶ୍ୱର ସହରରେ ଶାନ୍ତି, ମୈତ୍ରୀ ଏବଂ ସାମ୍ପ୍ରଦାୟିକ ସଦ୍ଭାବନାର ସହ ପାଳନ କରିବା ଉଦ୍ଦେଶ୍ୟରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାସ୍ତରୀୟ ଶାନ୍ତି କମିଟି ବୈଠକ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଆଜି ଏହି ବୈଠକରେ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ, ପୋଲିସ ପ୍ରଶାସନ ଏବଂ ମୁସଲିମ୍ ସମ୍ପ୍ରଦାୟର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସମାଜସେବୀ ଯୋଗ ଦେଇଥିଲେ। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂହ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବଜ୍ୟୋତି ଦାଶ, ଉପ ଜିଲ୍ଲାପାଳ ଶିବ ମାଲବ୍ୟ, ଉପ ଜିଲ୍ଲାପାଳ, ନୀଳଗିରି ଉପ ଜିଲ୍ଲାପାଳ ଶୁଭଶ୍ରୀ ରଥ, ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାଏକ ପ୍ରମୁଖ ଏହି ଉଚ୍ଚସ୍ତରୀୟ ବୈଠକରେ ମଞ୍ଚାସୀନ ଥିଲେ। ଏହା ସହିତ ସହର ତଥା ଆଖପାଖ ଅଞ୍ଚଳର ବିଭିନ୍ନ ମସଜିଦ୍ କମିଟିର ସଭାପତି, ସମ୍ପାଦକ, ମୌଲାନା ଏବଂ ମୁସଲିମ୍ ସମ୍ପ୍ରଦାୟର ଶତାଧିକ ସଦସ୍ୟ ଏହି ବୈଠକରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ପର୍ବକୁ ସୁଚାରୁରୂପେ ପାଳନ କରିବା ପାଇଁ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ପବିତ୍ର ବକ୍ରିଦ୍ ଉତ୍ସବ ଆସନ୍ତା ମେ ୨୮, ୨୯ ଏବଂ ୩୦ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳନ କରାଯିବ। ସମସ୍ତ ମସଜିଦ୍ ନିକଟରେ ସ୍ୱଚ୍ଛତା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଏବଂ ଶୁଦ୍ଧ ପାନୀୟ ଜଳର ସୁବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଜନସାଧାରଣ ଯେପରି କୌଣସି ପ୍ରକାରର ଗୁଜବ ଉପରେ ବିଶ୍ୱାସ ନ କରନ୍ତି ଏବଂ ସୋସିଆଲ ମିଡିଆରେ କୌଣସି ଆପତ୍ତିଜନକ ପୋଷ୍ଟ ସେୟାର ନ କରନ୍ତି, ସେଥିପାଇଁ ସେ ସମସ୍ତଙ୍କୁ ଅନୁରୋଧ କରାଯାଇଛି। ଆରକ୍ଷୀ ଅଧୀକ୍ଷକ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଉତ୍ସବ ସମୟରେ ସହରର ସମସ୍ତ ସମ୍ବେଦନଶୀଳ ଅଞ୍ଚଳ, ମସଜିଦ୍ ଏବଂ ଜନଗହଳି ପୂର୍ଣ୍ଣ ସ୍ଥାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯିବ। ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିବା ପାଇଁ ଦିନରାତି ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ଏହି ସମୟରେ ବାଣ ଏବଂ ଡିଜେ କୁ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କର ଯାଇଛି। ଅପରାହ୍ନ ୪ଟା ରୁ ରାତି ୧୦ଟା ପର୍ଯ୍ୟନ୍ତ ବକ୍ରିଦ୍ ପାଳନ କରିବା ପାଇଁ ପୋଲିସ୍ ପ୍ରଶାସନ ପକ୍ଷରୁ ସମୟ ସୀମା ଧାର୍ଯ୍ୟ କରାଯାଇଛି। ବୈଠକରେ ଉପସ୍ଥିତ ଥିବା ମୁସଲିମ୍ ସମ୍ପ୍ରଦାୟର ବରିଷ୍ଠ ନେତୃବୃନ୍ଦ ଏବଂ ଇଦ୍‌ଗାହ କମିଟିର ସଦସ୍ୟମାନେ ଜିଲ୍ଲା ପ୍ରଶାସନର ଏହି ଆଗୁଆ ପଦକ୍ଷେପକୁ ସ୍ୱାଗତ କରିଥିଲେ।

## ବାଲେଶ୍ୱର ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସ୍ୱଚ୍ଛତା କାର୍ଯ୍ୟକ୍ରମ



ବାଲେଶ୍ୱର,୨୫।୫ (ସମିସ): ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ସ୍ୱଚ୍ଛତା ତଥା ସଫେଇ କାର୍ଯ୍ୟକ୍ରମ ବାଲେଶ୍ୱରର ବରିଷ୍ଠ ଗାନ୍ଧୀବାଦୀ ସୁରେନ୍ଦ୍ରନାଥ ପଣ୍ଡାଙ୍କ ନେତୃତ୍ୱରେ ବାଲେଶ୍ୱର ସିନେମା ବଜାରସ୍ଥିତ ସହିଦ୍ ପାର୍କରେ ସଂଗଠନର କର୍ମକର୍ତ୍ତାଙ୍କୁ ନେଇ ଅନୁଷ୍ଠିତ ହୋଇଥୁଲା। ସହିଦ୍ ପାର୍କର ଚତୁଃପାଶ୍ୱର୍ ଝାଡୁ, ବେଲ୍‌ଚା, କୋଦାଳ ଆଦି ଦ୍ୱାରା ଅଳିଆ ଆବର୍ଜନା ସଫା କରାଯାଇଥିଲା। ଏଥିସହ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିକୁ ପାଣିରେ ଭଲ ଭାବରେ ସଫା କରାଯାଇ ନୂତନ ପୁଷ୍ପକୁଣ୍ଡ ଓ ନୂତନ ଗଛ ଲଗାଯାଇଥିଲା ଏବଂ ସମସ୍ତ ସଭ୍ୟସଭ୍ୟାଙ୍କ ଉପସ୍ଥିତିରେ ବାପୁଜୀଙ୍କୁ ପୁଷ୍ପମାଳ ଅର୍ପଣ କରାଯାଇଥିଲା। ଗାନ୍ଧୀଙ୍କର ଆଦର୍ଶ, ସ୍ୱଚ୍ଛ ଚିନ୍ତାଧାରା ଓ ଅହିଂସା ନୀତି ଆଚରଣକୁ ଆଗାମୀ ଭବିଷ୍ୟତର ଯୁବପିଢ଼ିଙ୍କୁ ଦିଗ୍‌ଦର୍ଶନ ସହିତ ଯୁବପିଢ଼ିଙ୍କୁ ଯୋଡ଼ିବା ଆମ ସଂଗଠନର ଲକ୍ଷ୍ୟ। ଏବଂ ବାପୁଜୀ କହିଥିଲେ କି ଶ୍ରମଦାନ ଏକ ମହତ୍ ଦାନ ଏବଂ ଆମ ସଂଗଠନ ପ୍ରତ୍ୟେକ ମାସ କିଛି ନା କିଛି ସଫେଇ କାର୍ଯ୍ୟ ହାତକୁ ନେବ ବୋଲି ନିଷ୍ପତ୍ତି କରିଅଛି। ଏହି କାର୍ଯ୍ୟକ୍ରମରେ ଏମ୍.ଡି. ଇସ୍‌ଲାମ୍, ଜିତେନ୍ଦ୍ର ଉପାଧ୍ୟାୟ, କବିତା ରାଣି ଦାସ, ସକିଲା ବାନୋ, ଜ୍ୟୋତ୍ସ୍ନା ସେନାପତି, ପ୍ରତାପ ସିଂ, ମାନଗୋବିନ୍ଦ ସେଠୀ, ପ୍ରେମଲତା ବାରିକ, ଲୁଲୁ, ମିନତୀ ସେଠୀ, ଭଗବାନ ମୋହନୀ, ବେଣୁଧର ଦାସ, ପ୍ରତିମା ସେଠୀ, ପଣ୍ଡାବାବୁ ପ୍ରମୁଖ ଯୋଗ ଦେଇଥିଲେ।

## ଇଭି ଶୋରୁମ ସମ୍ମୁଖରେ ଗ୍ରାହକଙ୍କ ଅଭିନବ ପ୍ରତିବାଦ

ବାଲେଶ୍ୱର,୨୫।୫(ସମିସ): ସହଦେବଖୁଣ୍ଟାସ୍ଥିତ ଏକ ଇଭି ସୋରୁମ ସମ୍ମୁଖରେ ଦେଖିବାକୁ ମିଳିଛି ଏକ ଅଭିନବ ପ୍ରତିବାଦ। ଜଣେ ଅସନ୍ତୁଷ୍ଟ ଗ୍ରାହକ ନିଜର ଇ-ସ୍କୁଟିକୁ ସୋରୁମ ସାମ୍ନାରେ ରଖି ଫୁଲମାଳ ପିନ୍ଧାଇ, ଧୂପ ଦେଇ ଏବଂ ମୁଣ୍ଡିଆ ମାରି ପ୍ରତୀକାତ୍ମକ ଭାବେ ଅନ୍ତିମ ସଂସ୍କାର କରି ନିଜର ଆକ୍ରୋଶ ପ୍ରକାଶ କରିଛନ୍ତି। ଅଭିଯୋଗ ଅନୁସାରେ, ଗଡ଼ଦେଉଳିଆ ଅଞ୍ଚଳର ବିନୋଦ ସିଂ ୨୦୨୩ ମସିହାରେ ପ୍ରାୟ ୧,୫୦,୦୦୦ ଟଙ୍କା ବ୍ୟୟ କରି ଏହି ସ୍କୁଟି କିଣିଥିଲେ। ଗାଡ଼ିର ୩ ବର୍ଷର ୱାରେଣ୍ଟି ରହିଥିବା ବେଳେ ଏବେ ମଧ୍ୟ ଆହୁରି ମାସେରୁ ଦେଢ଼ ମାସର ୱାରେଣ୍ଟି ବାକି ଅଛି। ମାତ୍ର କିଛି ଦିନ ତଳେ ଏକ ଛୋଟ ଦୁର୍ଘଟଣା ପରେ ଗାଡ଼ିଟି ଆଉ ଚାର୍ଜ ନେଇନଥିଲା କି ଅନ୍ ହୋଇନଥିଲା। ଗ୍ରାହକ ଜଣକ ଯେତେବେଳେ ଗାଡ଼ିକୁ ମରାମତି ପାଇଁ ସହଦେବଖୁଣ୍ଟା ସୋରୁମକୁ ଆଣିଥିଲେ, ସେଠାରେ ତାଙ୍କୁ ଉପଯୁକ୍ତ ସେବା ମିଳିବା ବଦଳରେ ନିରାଶ ହେବାକୁ ପଡ଼ିଥିଲା। ସୋରୁମ ପକ୍ଷରୁ ବ୍ୟାଟେରି ଡ୍ୟାମେଜ୍ ହୋଇଥିବା ଦର୍ଶାଇ ୱାରେଣ୍ଟି ଥାଉ ଥାଉ ମଧ୍ୟ ନୂଆ ବ୍ୟାଟେରି ପାଇଁ ୬୦ ହଜାର ଟଙ୍କା ଦାବି କରାଯାଇଥିଲା। ଏହା ସହିତ ସୋରୁମ ମ୍ୟାନେଜର ତାଙ୍କୁ ଦୁର୍ବ୍ୟବହାର କରିଥିବା ଏବଂ କୌଣସି ବରିଷ୍ଠ ଅଧିକାରୀଙ୍କ ସହ ଯୋଗାଯୋଗ କରାଇ ନଥିବା ଗ୍ରାହକ ଜଣକ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ କରିଛନ୍ତି।



## ଚାରୋଟି ଗ୍ରାମରେ ସୁନାମି ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ

ବାଲେଶ୍ୱର,୨୫।୫ (ସମିସ)

ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଭାରତୀୟ ଜାତୀୟ ସମୁଦ୍ର ସୂଚନା ସେବା କେନ୍ଦ୍ରଙ୍କ ମିଳିତ ମିଳିତ ପ୍ରୟାସରେ ସଦର ବ୍ଲକ ଅନ୍ତର୍ଗତ ଚାନ୍ଦିପୁର ପଂଚାୟତର ମିର୍ଜାପୁର ଗ୍ରାମରେ ଜିଲ୍ଲାସ୍ତରୀୟ ସୁନାମି ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏଥି ସହିତ ବାହାବଳପୁର, ଦୁବୁଲାଗାଡି ଏବଂ ଭୀମପୁର ଗ୍ରାମରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ମିର୍ଜାପୁର ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ମକଡ୍ରିଲକୁ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଚିନ୍ମୟ କୁମାର ରାଉତ ଉଦଘାଟନ କରିଥିଲେ। ମକଡ୍ରିଲରେ କମ୍ୟୁନିଟି ସ୍ତରୀୟ ସ୍ଥାନାନ୍ତରଣ ପ୍ରକ୍ରିୟା ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ମକଡ୍ରିଲରେ, ପ୍ରତ୍ୟେକ ପ୍ରତ୍ୟେକ ଗ୍ରାମରୁ ଆଶା, ଅଙ୍ଗନବାଡି କର୍ମୀ, ମତ୍ସ୍ୟ ବିଭାଗ, ଶିକ୍ଷା ବିଭାଗ, ପଶୁ ସମ୍ପଦ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ମକଡ୍ରିଲରେ ଭାରତୀୟ ସୁନାମୀ ପ୍ରାରମ୍ଭିକ ଚେତାବନୀ କେନ୍ଦ୍ର ଦ୍ୱାରା ୫ଟି ଡମି ଟେଷ୍ଟ ବୁଲେଟିନ ପ୍ରାତଃ ୮ ଘଟିକା ଠାରୁ ୧୧ ଘଟିକା ମଧ୍ୟରେ ପ୍ରସାରଣ କରାଯାଇଥିଲା। ଏହି ଅଭ୍ୟାସ ଦ୍ୱାରା ଯୋଗାଯୋଗ ବ୍ୟବସ୍ଥାକୁ ପରୀକ୍ଷା କରିବା, ନିଷ୍ପତ୍ତି ନେବା, ଉପକୂଳବର୍ତ୍ତୀ ସମ୍ପ୍ରଦାୟରେ ସତର୍କତା ପ୍ରସାରଣ ଏବଂ ସ୍ଥାନାନ୍ତରଣ ପ୍ରକ୍ରିୟା ଇତ୍ୟାଦି ଅନ୍ତର୍ଭୁକ୍ତ କରାଯାଇଥିଲା। ମିର୍ଜାପୁର ଓ ଭୀମପୁର ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ମକଡ୍ରିଲରେ ଏନ.ଡି.ଆର.ଏଫ., ଓଡ୍ରାଫ ବାହିନୀ, ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତାମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିଭଳି ଉଦ୍ଧାର କରାଯାଇଥାଏ, ସେ ସମ୍ପର୍କିତ କୌଶଳ ପ୍ରଦର୍ଶିତ ହୋଇଥିଲା। ଏନ.ଡି. ଆର.ଏଫ, ଓ.ଡ୍ରା.ଫ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ହେଉଥିବା ବିଭିନ୍ନ ଉପକରଣ ପ୍ରଦର୍ଶନ କରିଥିଲେ ଏବଂ ସେ ଗୁଡିକର କାର୍ଯ୍ୟକ୍ଷମତା ବାବଦରେ ଅବଗତ କରାଇଥିଲେ। ଏହି ଅବସରରେ ଓସଡାମା କାର୍ଯ୍ୟାଳୟରୁ ଆସିଥିବା ପର୍ଯ୍ୟବେକ୍ଷକ ଓ କାର୍ଯ୍ୟକ୍ରମ ପରିଚାଳକ ମେଘନାଦ ବେହେରା ନିଜର ପ୍ରତିକ୍ରିୟା ରଖିଥିଲେ। ଜିଲ୍ଲାସ୍ତରୀୟ ମକଡ୍ରିଲ୍ କାର୍ଯ୍ୟକ୍ରମରେ ଚାନ୍ଦିପୁର, ବାହାବଳପୁର, ଦୁବୁଲାଗାଡି ଏବଂ ଭୀମପୁର ପଂଚାୟତର ବାତ୍ୟା ଆଶ୍ରୟସ୍ଥଳୀର ସଭାପତି ତଥା ସରପଞ୍ଚ ଓ ସମ୍ପାଦକ, ଅତିରିକ୍ତ ଗୋଷ୍ଠୀ ଉନୟନ୍ନ ଅଧିକାରୀ, ବାଲେଶ୍ୱର ସଦର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ବାଲେଶ୍ୱର, ଚିନ୍ମୟ କୁମାର ରାଉତ, ଏନ.ଡି.ଆର.ଏଫ. ଟିମ କମାଣ୍ଡର, ଅଗ୍ନିଶମ ବିଭାଗୀୟ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପର୍କର ସମ୍ପାଦକ ପ୍ରଦୀପ ଜେନା ଆନନ୍ଦ କୁମାର ବେହେରା ମକଡ୍ରିଲ ସଂପର୍କରେ ସୂଚନା ଦେଇଥିଲେ। ଉକ୍ତ ମକଡ୍ରିଲରେ ମୋ ଭାରତ ଓ ଅପଦ ଜିଲ୍ଲା ପ୍ରକଳ୍ପ ସଂଯୋଜକ(ଓସଡାମା) ଅବନୀକାନ୍ତ ଭୂୟାଁ ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ।



# ଗଞ୍ଜାମରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

ବ୍ରହ୍ମପୁର,୨୫।୫(ସମିସ)



ବ୍ରହ୍ମପୁର ସହର ସମେତ ସମଗ୍ର ଗଞ୍ଜାମ ଜିଲ୍ଲାରେ ଦିନକୁ ଦିନ ବିଗୁଡୁଥିବା ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରିବା ସହିତ ଉଦବେଗ ପ୍ରକାଶ କରିଛି ଜିଲ୍ଲା ବିଜୁ ଜନତା ଦଳ। ଉଭୟ ଗଞ୍ଜାମ ଓ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଦଳ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ନିୟମିତ ଭାବେ ଘଟୁଥିବା ଅପରାଧ କ୍ଷେତ୍ରରେ ବର୍ବରତା ଚରମସୀମା ଉଲଂଘନ କରିଛି, ମହିଳାଙ୍କ ପ୍ରତି ଆକ୍ରମଣ, ସଙ୍ଗଠିତ ଅପରାଧ, ଖଣି ଖାଦାନର ଦିନ ଦ୍ୱିପହରରେ ଲୁଟ ସହିତ ପୁଲିସ ବ୍ୟବସ୍ଥାରେ ବିଫଳତା ଯୋଗୁଁ ସାମ୍ପ୍ରତିକ ପରିସ୍ଥିତିରେ ଜନସାଧାରଣ ଆତଙ୍କିତ ଓ ଭୟଭିତ। ଓଡିଶା ଭଳି ଏକ ଶାନ୍ତି ପ୍ରିୟ ରାଜ୍ୟରେ ବର୍ତ୍ତମାନ ମାଫିଆରାଜ ଓ ଗୁଣ୍ଡାରାଜ ଯୋଗୁଁ ଜନସାଧାରଣଙ୍କ ଧନଜୀବନ ଅସୁରକ୍ଷିତ। ଯାହା ପୁଲିସ ପ୍ରତି ଲୋକଙ୍କ ବିଶ୍ୱାସ ଓ




ଆସ୍ଥାକୁ କଳୁଷିତ କରିବାରେ ଲାଗିଛି। ଗତ କିଛିଦିନ ମଧ୍ୟରେ ଉଭୟ ପୁଲିସ ଜିଲ୍ଲାରେ ଅପହରଣ ଓ ହତ୍ୟା ସହିତ ୧୦ରୁ ଉର୍ଦ୍ଧ୍ୱ ସଙ୍ଗୀନ ଅପରାଧ ଓ ଗ୍ୟାଙ୍ଗୱାର ଭଳି ଘଟଣା ଦେଖିବାକୁ ମିଳିଛି। ହିଞ୍ଜିଳି ଥାନା ଇଲାକାରେ ଜଣେ ଗର୍ଭବତୀ ମହିଳାଙ୍କୁ ଦିନଦ୍ୱିପହରରେ ନିଜର ୩ବର୍ଷର ଶିଶୁକନ୍ୟା ସମ୍ମୁଖରେ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିବା ବେଳେ ଗୋପାଳପୁର ଥାନା ଇଲାକାରେ ସୁଧୀର ପାତ୍ର ନାମକ ଜନୈକ ପ୍ଲଟ ବ୍ୟବସାୟୀଙ୍କୁ ଅପହରଣ ପରେ ହତ୍ୟା କରାଯାଇଛି। ଉଭୟ ଘଟଣାରେ ପୁଲିସ ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କରିଥିଲେ ଉଭୟ ହତ୍ୟାକାଣ୍ଡକୁ ଏଡାଇ ଦେଇପାରିଥାନ୍ତା। ସେହିଭଳି ବ୍ରହ୍ମପୁର ଗିରିରୋଡରେ ବିଚ୍ ରାସ୍ତାରେ ମହିଳାଙ୍କ ଉପସ୍ଥିତିରେ ଏପରିକି ସର୍ବସମ୍ମୁଖରେ ମରଣାନ୍ତକ ଆକ୍ରମଣ ଘଟଣା ଏବଂ ଗତ ରବିବାର ରାତିରେ ମଙ୍ଗଳା ବେହେରା ନାମକ ଜନୈକ ଯୁବକଙ୍କ ଉପରେ ପୁଣି ବିଚ ରାସ୍ତାରେ ଖଣ୍ଡାରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣା ଲୋକଙ୍କ ଆଖିରୁ ନିଦ ହଜାଇ ଦେଇଛି। ଏସବୁ ସହିତ ବାଲି, ପଥର ଓ ମୋରମ ଭଳି ଲଘୁଖଣିଜ ସମ୍ପଦର କୋଟି କୋଟି ଟଙ୍କାର ହରିଲୁଟ ଘଟଣାରେ ମାଫିଆଙ୍କ ସମ୍ପୃକ୍ତି ଓ ଦିନଦାହାଡେ ଲୁଟ ଭଳି ଘଟଣାକୁ ନେଇ ପୁଲିସ ବ୍ୟବସ୍ଥା ଉପରେ ସାଧାରଣରେ ପ୍ରଶ୍ନ ଉଠିଛି। ଏଥିରେ ଶାସକ ଦଳର ରାଜନୈତିକ ହସ୍ତକ୍ଷେପ ଯୋଗୁଁ ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ହାତ ବାନ୍ଧି ବସିଥିବା ବିଜୁ ଜନତା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଏସବୁ ଦୃଷ୍ଟିରୁ ଉଭୟ ଗଞ୍ଜାମ ଓ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହିତ ପୁଲିସ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡି ପଡିଛି ବୋଲି ଦଳ ଅଭିଯୋଗ କରିଛି। ଏଭଳି ପରିସ୍ଥିତିରେ ନିଜେ ଦକ୍ଷିଣାଞ୍ଚଳ ପୁଲିସ ଆଇଜି ହସ୍ତକ୍ଷେପ କରି ବ୍ୟବସ୍ଥାରେ ସୁଧାର ଆଣି ଲୋକଙ୍କ ମନରୁ ଭୟ ଦୂର କରିବା ସହ ପୁଲିସ ଉପରେ କିଭଳି ସମସ୍ତଙ୍କର ଆସ୍ଥା ଜମିବ ସେଥିପ୍ରତି ଆବଶ୍ୟକ ପଦକ୍ଷେପ ନେବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ଦଳ ପକ୍ଷରୁ ଏକ ବିରାଟ ପଦଯାତ୍ରା ଗଜପତିନଗର ସ୍ଥିତ ଜିଲ୍ଲା ବିଜେଡି କାର୍ଯ୍ୟାଳୟ ତଥା ସଭାପତି ବିକ୍ରମ ପଣ୍ଡାଙ୍କ ବାସଭବନ ନିକଟରୁ ବାହାରି ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ପରେ ପୂର୍ବତନ ସାଂସଦ ତଥା ବରିଷ୍ଠ ବିଜେଡି ରାଜ୍ୟ ଉପ ସଭାପତି ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖରଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଗଞ୍ଜାମ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଡଃ ଭଗବାନ ଗନ୍ତାୟତ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଧାୟକ ସୁବାସ ବେହେରା, ପୂର୍ବତନ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ, ପୂର୍ବତନ ସାଂସଦ ପ୍ରମିଳା ବିଶୋୟୀ, ବ୍ରହ୍ମପୁର ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା, ଆସିକା ସାଂସଦ ପ୍ରାର୍ଥୀନୀ ରଂଜିତା ସାହୁ, ଚିକିଟି ବିଧାୟକ ପ୍ରାର୍ଥୀ ଶ୍ରୀରୁପ ଦେବ, ବିରୋଧୀଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହିଞ୍ଜିଳି ପ୍ରତିନିଧି ଦେବାନନ୍ଦ ମହାପାତ୍ର, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ରାଜ୍ୟ କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ସୁବାଷ ମହାରଣା, ରାଜ୍ୟ ମହିଳା ବିଜେଡି ନେତ୍ରୀ ମମତା ବିଶୋୟୀ, ଯୁବ ନେତା ପ୍ରଶାନ୍ତ ପଣ୍ଡା, ଅଜିତ ପଣ୍ଡା, ଜ୍ୟୋତି ରଂଜନ ସାହୁ, ଶୋଭନ ନାୟକ, ନିହାର ଶତପଥୀ, ଯୁବନେତା ତଥା ସମବାୟ ନେତା ଅଜୟ ମହାରଣା, ସୂର୍ଯ୍ୟକାନ୍ତ ପରିଡା, ଜିଲ୍ଲା ଯୁବ ସଭାପତି ନଚିକେତା ସ୍ୱାଇଁ, ଅନିମା ପରିଡା, ନୀଳମଣି ପଟ୍ଟନାୟକ, ଯୋଗେନ୍ଦ୍ର ସ୍ୱାଇଁ, ଜଗନ୍ନାଥ ସାବତ, ରଙ୍ଗେଇଲୁଣ୍ଡା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ତଥା ବିଜେଡି ସଭାପତି ଅଜିତ ଦାଶ, ଜିଲ୍ଲା ପରିଷଦ ସଦସ୍ୟ ଦୀପୁ ସାମନ୍ତ, ଭାରତୀୟ ନାୟକ, ପୂର୍ବତନ କର୍ପୋରେଟର ଦଣ୍ଡପାଣି ନାୟକ, ଶୀର୍ଷକ ପାତ୍ର, ପ୍ରଶାନ୍ତ କର, ସୁରଥ ପଣ୍ଡା, ସତ୍ୟ ତ୍ରିପାଠୀଙ୍କ ସମେତ ବ୍ରହ୍ମପୁର ମହାନଗର ନିଗମର କର୍ପୋରେଟର ସୋନାଲି ଗନ୍ତାୟତ, ଶ୍ୱେତାରେଖା ତ୍ରିପାଠୀ, ଜାମ୍ପୁଲା ଶ୍ରୀନୁ, ଦୁର୍ଗାପ୍ରସାଦ ଲାୟକ, ସମୀର ମିଶ୍ର, ସୂର୍ଯ୍ୟ ନାରାୟଣ ସୁବୁଦ୍ଧି, ଟି. କିଶୋର, ରାଜ୍ୟ ସମ୍ପାଦକ ମୁକୁନ୍ଦ ଗୌଡ ଓ ବି. ଶ୍ରୀନିବାସ ରାଓଙ୍କ ସମେତ ବହୁ କର୍ପୋରେଟର ଓ ଯୁବନେତା ସକ୍ରିୟ ସାମିଲ ହୋଇଥିଲେ।

- ପୁଲିସ ପ୍ରଶାସନ ଉପରେ ଗର୍ଜିଲା ବିଜେଡି
- ବିକ୍ଷୋଭ ଓ ପ୍ରତିବାଦ ସଭା ସହିତ ଆଇଜିଙ୍କ ତୁରନ୍ତ ହସ୍ତକ୍ଷେପ ଲୋଡ଼ିଲା ବିଜେଡି
- ଶାନ୍ତିପ୍ରିୟ ଓଡ଼ିଶାରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି କରିଛି ଡବଲ ଇଂଜିନ ସରକାର : ଚନ୍ଦ୍ରଶେଖର
- କାର୍ଯ୍ୟକ୍ରମରେ ସାମିଲ ହେଲେ ଜିଲ୍ଲାର ସମସ୍ତ ବରିଷ୍ଠ ଓ ଛାମୁଆ ସଙ୍ଗଠନର ନେତା ଓ କର୍ମୀ

## ଗଞ୍ଜାମରେ ଭୁଷୁଡ଼ି ପଡ଼ିଛି ଆଇନଶୃଙ୍ଖଳା ବ୍ୟବସ୍ଥା: ସିପିଏମ

ବ୍ରହ୍ମପୁର,୨୫।୫(ସମିସ): ଗତ ଏକ ସପ୍ତାହ ମଧ୍ୟରେ ୩ଟି ଅତି ଭୟଙ୍କର ଅପରାଧିକ ଘଟଣା ଜିଲ୍ଲାବାସୀଙ୍କ ମନରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି କରିଛି। ଜନସାଧାରଣ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ପୋଲିସ ହାତବାନ୍ଧି ବସିଥିବା ବେଳେ ଅସାମାଜିକ ବ୍ୟକ୍ତିଙ୍କ ମନରୁ ପୁଲିସ ଓ କାର୍ଯ୍ୟାନୁଷ୍ଠାନ ପ୍ରତି ଭୟ ନଥିବା ସ୍ପଷ୍ଟ ହେଉଛି। କାରଣ ପୋଲିସର କ୍ରମାଗତ ଇନକାଉଣ୍ଟରକୁ ମଧ୍ୟ ଗୁଣ୍ଡାମାନେ ଭ୍ରୂକ୍ଷେପ କରୁନାହାନ୍ତି। ସିପିଏମ ଏହାକୁ ନେଇ ଉଦବେଗ ପ୍ରକାଶ କରିବା ସହିତ ତୁରନ୍ତ ଆଇନଶୃଙ୍ଖଳା ପରିସ୍ଥିତିରେ ନିୟନ୍ତ୍ରଣ କରିବା ପାଇଁ ଦାବି କରାଯାଇଛି। ବିଜେପି ସରକାର କ୍ଷମତାକୁ ଆସିବା ପରେ ରାଜ୍ୟରେ ଅପରାଧ ସଂଖ୍ୟା ସାଙ୍ଘାତିକ ଭାବରେ ବୃଦ୍ଧି ପାଇଛି। ଅପରାଧୀମାନେ ଶାସକ ଦଳର ଛତ୍ରଛାୟା ତଳେ ରହି ନିର୍ବିଘ୍ନରେ ଅପରାଧ ଘଟାଉଛନ୍ତି। ଏପରିକି କୌଣସି ଅପରାଧ ଭିଆଇବା ପରେ ଖୋଲାଖୋଲି ମନ୍ତ୍ରୀ ଓ ବିଧାୟକଙ୍କ ନାମ ନେଉଛନ୍ତି। ଅନ୍ୟପଟେ ପୁଲିସ ମଧ୍ୟ ନିଷ୍କ୍ରିୟ ରହୁଛି। ତେଣୁ ପୋଲିସ କାର୍ଯ୍ୟରେ ଶାସକ ଦଳର ହସ୍ତକ୍ଷେପ ରହୁଥିବା ସ୍ପଷ୍ଟ ସଂକେତ ମିଳୁଛି। ଫଳରେ ଅସାମାଜିକ ଗୁଣ୍ଡାମାନେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇବାକୁ ସାହସ ପାଉଛନ୍ତି।

ଜନସାଧାରଣଙ୍କର ପୋଲିସ ଓ ପ୍ରଶାସନ ଉପରୁ ଭରସା ତୁଟି ଯାଉଛି। ସମଗ୍ର ଜିଲ୍ଲାରେ ଏକ ରକମର ଭୟ ଓ ଆଶଙ୍କାର ବାତାବରଣ ସୃଷ୍ଟି ହୋଇଛି। ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ ଓ ବାଣିଜ୍ୟ ବ୍ୟବସାୟ ଉପରେ ଏହାର ସାଙ୍ଘାତିକ କୁପ୍ରଭାବ ପଡୁଛି। ତେଣୁ ଜିଲ୍ଲାର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପାର୍ଟି ପକ୍ଷରୁ ଦାବୀ କରାଯାଇଛି। ନଚେତ ଅଗାମି ଦିନରେ ଦଳ ପକ୍ଷରୁ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି।

## ତିରୋଧାନ ଦିବସରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କୁ ଶ୍ରଦ୍ଧାଞ୍ଜଳି

ବ୍ରହ୍ମପୁର,୨୫।୫(ସମିସ): ପୂଜ୍ୟପୂଜା ସମିତି, ସୌଣ୍ଡିକ ସମାଜ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ସ୍ମୃତି ପରିଷଦ ଓ ଗଜପତି ଜିଲ୍ଲା ନାଗରିକ ସଂଘ ସମେତ ବ୍ରହ୍ମପୁର ହସ କ୍ଲବ ପକ୍ଷରୁ ପୃଥକ ପୃଥକ ଭାବେ ସ୍ୱତନ୍ତ୍ର ଓଡିଶାର ମହାନ୍ ନିର୍ମାତା ତଥା ପାରଳାଖେମୁଣ୍ଡିର ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ୫୨ତମ ତିରୋଧାନ ଦିବସ ପାଳନ କରାଯାଇଛି।



ସ୍ଥାନୀୟ ଏସଏନଟି ରୋଡ଼ ସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୂଜ୍ୟପୂଜା ସମିତି ପକ୍ଷରୁ ମାଲ୍ୟାର୍ପଣ ପରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ୧୯୧୪ମସିହାରେ ପାରଳାଖେମୁଣ୍ଡି ଠାରେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଆନ୍ଦୋଳନ ପ୍ରତି ଅକୁଣ୍ଠ ସମର୍ଥନ ଘୋଷଣା କରିଥିଲେ। ଓଡ଼ିଆ ଆନ୍ଦୋଳନକୁ ବ୍ୟାପକ କରି ଲଣ୍ଡନ ଠାରେ ଅନୁଷ୍ଠିତ ଗୋଲ ଟେବୁଲ୍ ବୈଠକକୁ ୩ଥର ନିଜ ପ୍ରତିନିଧି ଦଳକୁ ନେଇ ଯାଇଥିଲେ ଓ ନିଜ ବଳିଷ୍ଠ ଯୁକ୍ତି ଫଳରେ ଓଡିଆ ଭାଷା ଆଧାରରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ତାଙ୍କ ଅବଦାନ ଚିର ସ୍ମରଣୀୟ ହୋଇ କାଳ କାଳକୁ ରହିବ ବୋଲି ସଭାରେ ଉପସ୍ଥିତ ବୁଦ୍ଧିଜୀବୀମାନେ ମତ ବ୍ୟକ୍ତ କରିଥଲେ। ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, କିଶୋର ପାତ୍ର ଓ ଡ.ବାୟମନୁ ଚର୍ଚି, ଭିଷ୍ମାଚାର୍ଯ୍ୟ ଚୌଧୁରୀ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଅବନୀ ଗୟା, ଏସ.ସାମ୍ବଶିବା ରାଓ, ଅଶୋକ କୁମାର ଦଳାଇ, ପ୍ରମୋଦ ମହାରଣା, ବାସୁଦେବ ସାହୁକାର, ସୁରେଶ ଚନ୍ଦ୍ର ତ୍ରିପାଠୀ, ସବିତା ସାହୁକାର, ବଦ୍ରି ପ୍ରସାଦ ପାତ୍ର ଓ ମନୋରଞ୍ଜନ ମହାରଣା ପ୍ରମୁଖ ସଭାରେ ଉଦବୋଧନ ଦେଇଥିଲେ। ସେହିଭଳି ସ୍ଥାନୀୟ ମହାରଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ପରିସରରେ ମହାରାଜାଙ୍କ ପୂଣ୍ୟ ତିଥି ପାଳନ କରାଯାଇଥିଲା।



ଏହି ଅବସରରେ ମହାରାଜାଙ୍କ ପ୍ରତିମର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରଯାଇ ତାଙ୍କର ସ୍ମୃତି ଗାନ କରାଯାଇଥିଲା। ଏଥିରେ ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର, ରାମକୁମାର ପାତ୍ର, ପ୍ରଦୀପ ନାୟକ, ରାଜକିଶୋର ପାତ୍ର, ବନମାଳୀ ସେଠି, ପ୍ରଭାତ କିରଣ ଷଡ଼ଙ୍ଗୀ, ହିମାଂଶୁ ପାଢ଼ୀ, ଭଗବାନ ଭୂୟାଁ, ଶିବପ୍ରସାଦ ଦାସ,ବନମାଳୀ ସେଠି, ରାଧକାନ୍ତ ପାତ୍ର, ରୁନା ପାତ୍ର, ତ୍ରିନାଥ ରେଡି, ବରୁଣ ପାଢ଼ୀ ଓ ସୁରେନ୍ଦ୍ର ନାଥ ସେଠି ପ୍ରମୁଖ ଉପସ୍ଥିତ ଥିଲେ। ଅନୁରୁପ ଭାବେ ଗଜପତି ଜିଲ୍ଲା ନାଗରିକ ସଂଘ ଓ ବ୍ରହ୍ମପୁର ହସ କ୍ଲବ ପକ୍ଷରୁ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରିବା ସହ ସ୍ମୃତିଚାରଣ କରାଯାଇଥିଲା। ଏଥିରେ ମହେଶ ଚନ୍ଦ୍ର ଦାଶ, ଅମୀୟ କୁମାର ପରିଛା, ରାମଚନ୍ଦ୍ର ରଥ, କିଶୋର ଚନ୍ଦ୍ର ପଟ୍ଟନାୟକ, ଦେବୀ ପ୍ରସାଦ ପାଢୀ, ଶୈଳେନ୍ଦ୍ରନାଥ ପାତ୍ର, ଅଶୋକ କୁମାର ପାତ୍ର, ଲଳିତ ମୋହନ ରାଜଗୁରୁ, ଶାନ୍ତନୁ କୁମାର ପାଢୀ, ସୁରେଶ ଚନ୍ଦ୍ର ମହାରଣା, ଟି. ଆଦିନାରାୟଣ ଦୋରା, ରାମପ୍ରସାଦ ପାଢୀ, ଉଜ୍ଜ୍ୱଳେଶ୍ୱର ଦାଶ, ପ୍ରମୋଦିନୀ ଚୌଧୁରୀ, ପ୍ରଫୁଲ୍ଲ କୁମାର ରଥ, ବ୍ରଜେନ୍ଦ୍ର କୁମାର ଦାଶ, ସତ୍ୟନାରାୟଣ ପାଢୀ, ପ୍ରସନ୍ନ କୁମାର ପଟ୍ଟନାୟକ, ଅଶୋକଚାନ୍ଦ ପରିଛା, କାଳୀ ଚରଣ ପାତ୍ର, ଶାରଳା ପ୍ରସାଦ ଦାଶ, କୈଳାଶ ଚନ୍ଦ୍ର ଅଧିକାରୀ ଓ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ ପ୍ରମୁଖ ସାମିଲ ହୋଇଥିଲେ।

## ସୁରକ୍ଷାକର୍ମୀଙ୍କୁ ଆକ୍ରମଣ; ଜଣେ ଗିରଫ

ବ୍ରହ୍ମପୁର,୨୫।୫(ସମିସ): ଏକ ଆକ୍ରମଣ ଓ ଲୁଟ ମାମଲାରେ ଗୋସାଇଁ ନୂଆଗାଁ ଥାନା ପୁଲିସ ଜଣେ ଅଭ୍ୟାସଗତ ଅପରାଧୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଗୋସାଇଁ-ନୂଆଗାଁ ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ଡିପ ସାହିର ବାବୁ ମହାକୁଡ଼ ଓରଫ ସମୀର ବିଶୋୟୀ(୨୦)। ପୁଲିସ ତାଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ଏକ କାଠ ଫାଳିଆ ସହ ୬ଟି ତମ୍ବା ତାର ବିଡ଼ା ଜବତ କରିଛି। ସୂଚନାପ୍ରକାରେ, ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ଜୟନ୍ତୀପୁର କଳାପାଡ଼ଘାଟ ଅଞ୍ଚଳର ଗଜେନ୍ଦ୍ର ବେହେରା (୨୮) ନିକଟସ୍ଥ ଗୁଡସସେଡ୍ ରୋଡରେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ସେ ସେଠାରେ ଥିବା ଏକ ଘରେ ସୁରକ୍ଷାକର୍ମୀ ପ୍ରଦୀପ ଚୌଧୁରୀ (୬୦)ଙ୍କ ସହ ରହୁଥିଲେ। ୨୩ ତାରିଖ ବିଳମ୍ବିତ ରାତି ପ୍ରାୟ ୩ଟା ସମୟରେ ଅଭିଯୁକ୍ତ ବାବୁ ମହାକୁଡ଼ ତାର ଜଣେ ସହଯୋଗୀ ସହ ସେଠାରେ ପହଞ୍ଚିଥିଲା। ଉଭୟ ମିଶି ସୁରକ୍ଷାକର୍ମୀ ପ୍ରଦୀପ ଚୌଧୁରୀ ଓ ଶ୍ରମିକ ଗଜେନ୍ଦ୍ର ବେହେରାଙ୍କୁ କାଠ ଫାଳିଆରେ ନିର୍ମମ ଭାବେ ଆକ୍ରମଣ କରିବା ସହ ଲୁଟପାଟ କରିଥିଲେ। ଆକ୍ରମଣରେ ଉଭୟ ଗୁରୁତର ଆହତ ହୋଇଥିଲେ। ଘଟଣାକୁ ନେଇ ଗଜେନ୍ଦ୍ର ଗୋସାଇଁ-ନୂଆଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସୋମବାର ସକାଳ ୮ଟା ୩୦ ବେଳେ ବାବୁ ମହାକୁଡ଼କୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ବାବୁ ନାମରେ ଗୋସାଇଁନୂଆଗାଁ ଥାନାରେ ୩ଟି ମାମଲା ରହିଛି। ଏହି ଆକ୍ରମଣରେ ସଂପୃକ୍ତ ଅନ୍ୟ ସହଯୋଗୀଙ୍କୁ ଧରିବା ପାଇଁ ଚଢ଼ଉ ଜାରି ରହିଛି।

## ଜମି ଠକେଇ ମାମଲା; ଅଭିଯୁକ୍ତର ଜାମିନ ଖାରଜ

ବ୍ରହ୍ମପୁର,୨୫।୫(ସମିସ)



ଜାଲିଆତି କରି ଜମି ଠକେଇ କରିବା ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ଭାବିନିପୁର ସ୍ଥିତ ଆରିୟାନ ଗୁରୁକୁଲ୍ ପ୍ରିନ୍ସିପାଲ୍ ତଥା ବ୍ରଜନଗରର ରାଜୀବ କୁମାର ତ୍ରିପାଠୀଙ୍କୁ ଗିରଫ କରିଥିଲା। ଆଜି ଭିଜିଲାନ୍ସ କୋର୍ଟରେ ରାଜୀବଙ୍କ ଜାମିନ ଆବେଦନର ଶୁଣାଣି ରହିଥିଲା। କୋର୍ଟ ରାଜୀବଙ୍କ ଜାମିନ ଆବେଦନକୁ ଖାରଜ୍ କରିଥିବା ଜଣାପଡ଼ିଛି। ରାଜୀବଙ୍କ ନାମରେ ବ୍ରହ୍ମପୁର ପୁଲିସ ଜିଲ୍ଲାର ନିମଖଣ୍ଡି ଥାନାରେ ୩ଟି ଠକେଇ ମାମଲା ଓ ଆଉ ଏକ ସାଇବର ଥାନାରେ ମାମଲା ରୁଜୁ ହୋଇଛି। ମୋଟ ୪ଟି ମାମଲା ରୁଜୁ ହୋଇଛି। ଗୋଟିଏ ମାମଲାରେ ପୁଲିସ ଗିରଫ କରିଥିବା ବେଳେ ଗତକାଲି ଆଉ ଏକ ମାମଲା ଯୋଡିଥିବା ଜଣାପଡିଛି। ଯାହା ଫଳରେ କୋର୍ଟ ରାଜୀବଙ୍କ ଜାମିନ ଆବେଦନ ଖାରଜ୍ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଲୋଚାପଡାର ବି.ନରଶିଙ୍ଗ ପାତ୍ରଙ୍କ ମା’ ବି କସ୍ତୁରୀ ପାତ୍ରଙ୍କ ନାମରେ ଭାବିନିପୁର ମୌଜାରେ ଏକ ଜମି ଥିଲା ତାହା ବିକ୍ରି କରିବା ପାଇଁ ତାଙ୍କ ମାଆ ପାୱାର ଅଫ୍ ଆଟର୍ଣ୍ଣି ରାଜୀବ ତ୍ରିପାଠୀଙ୍କୁ ଦେଇଥିଲେ। ପାୱାର ଅଫ୍ ଆଟର୍ଣ୍ଣି କରିବା ପୂର୍ବରୁ ଅଭିଯୁକ୍ତ ରାଜୀବ ତ୍ରିପାଠୀ ପ୍ରତି ଭରଣା ପିଛା ୧୦ ଲକ୍ଷ ଟଙ୍କା ଦେବାକୁ ପ୍ରତିଶ୍ରୁତି କରିଥିଲେ। କିନ୍ତୁ ପାୱାର ଅଫ୍ ଆଟର୍ଣ୍ଣି କରିବାର ତିନି ମାସ ପରେ ତାଙ୍କ ମାଆଙ୍କ ମୃତ୍ୟୁ ହୋଇଯାଇଥିଲା।ଅଭିଯୁକ୍ତ ରାଜୀବ ତ୍ରିପାଠୀ ପୱାର ଅଫ୍ ଆଟର୍ଣ୍ଣି କସ୍ତୁରୀଙ୍କ ମୃତ୍ୟୁ ପରେ ତାହା ଅଚଳ ହୋଇଯାଇଥିବା ଜାଣିଥିଲେ ମଧ୍ୟ ଅଭିଯୋଗକାରୀଙ୍କ ସହ ନୂଆ ପାୱାର ଅଫ୍ ଆଟର୍ଣ୍ଣି କରିନଥିଲେ। କିଛିବର୍ଷ ପରେ ଅଭିଯୋଗକାରୀ ଉକ୍ତ ଜମି ବିକ୍ରି କରିବାକୁ ଚାହିଁବା ବେଳେ ଜାଣିବାକୁ ପାଇଲେ ଯେ ଅଭିଯୁକ୍ତ ରାଜୀବ ତ୍ରିପାଠୀ ଜାଲିଆତି କରି ତାଙ୍କ ମା’ଙ୍କ ନାମରେ ଥିବା ସମସ୍ତ ଜମି ବିକ୍ରି କରିଦେଇଛନ୍ତି। ରାଜୀବ ସେ ତାଙ୍କ ମା’ଙ୍କ ନାମରେ ଥିବା ଜମି ଜାଲିଆତି କରି ଠକେଇ କରିଥିବା ନେଇ ନରଶିଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଗତ ୧୬ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବର୍ତ୍ତମାନ ନିମଖଣ୍ଡି ଥାନାରେ ଦୁଇ ଜଣଙ୍କ ଠାରୁ ସାଢ଼େ ୫ ଲକ୍ଷ ଟଙ୍କା ଠକେଇ କରିବା ନେଇ ଦୁଇଟି ମାମଲା ରୁଜୁ ହୋଇଥିବା ନେଇ ଥାନା ଅଧିକାରୀ କୃଷ୍ଣ ଶାହା ସୂଚନା ଦେଇଛନ୍ତି।

- ରାଜୀବ ନାଁରେ ଏଯାବତ ୪ଟି ଠକେଇ ମାମଲା ରୁଜୁ
- ପୁଣି ଠକେଇ ମାମଲାରେ ଯୋଡ଼ିଲା ନିମଖଣ୍ଡି ପୁଲିସ

## ଖବରକାଗଜ ବିତରକ ସଂଘ ପକ୍ଷରୁ ଟୋପି ବଣ୍ଟନ



ବ୍ରହ୍ମପୁର,୨୫।୫(ସମିସ): ବଢୁଥିବା ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଖରାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ଖବର କାଗଜ ବିତରକ ସଂଘ ପକ୍ଷରୁ ଏକ ସାମାଜିକ ସଚେତନତା ଓ ସହାୟତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏ ଅବସରରେ ସହରର ବିଭିନ୍ନ ଅଞ୍ଚଳରେ ଖବର କାଗଜ ବିତରଣ କାର୍ଯ୍ୟରେ ନିୟୋଜିତ ଶତାଧିକ ବିତରକଙ୍କୁ ସଂଘ ପକ୍ଷରୁ ଟୋପି ଓ ମିଠା ବଣ୍ଟନ କରାଯାଇଛି। ପ୍ରତିଦିନ ସକାଳୁ ଘର ଘର ବୁଲି ଖବର କାଗଜ ବିତରଣ କରୁଥିବା ଶତାଧିକ ବିତରକ ଖରା ଓ ଉତ୍ତାପ ମଧ୍ୟରେ କାର୍ଯ୍ୟ କରୁଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ନଜରରେ ରଖି ସଂଘ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ବିତରକମାନେ ସମାଜକୁ ସୂଚନା ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ରହିଛନ୍ତି। ତେଣୁ ସେମାନଙ୍କ ସୁରକ୍ଷା ଓ ସୁସ୍ଥତା ପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ସଂଘର କର୍ମକର୍ତ୍ତା କହିଛନ୍ତି। ଆଗାମୀ ଦିନରେ ମଧ୍ୟ ଏଭଳି ଜନହିତକର କାର୍ଯ୍ୟକ୍ରମ ଜାରି ରଖାଯିବ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି। କାର୍ଯ୍ୟକ୍ରମରେ ସଂଘର ସଭାପତି ପୂର୍ଣ୍ଣ ଚନ୍ଦ୍ର ଦୋରା, ସମ୍ପାଦକ ଲିଙ୍ଗରାଜ ଆଚାରୀ, ଯୁଗ୍ମ ସମ୍ପାଦକ ନିରଞ୍ଜନ, ଉପ ସଭାପତି ଦିନବନ୍ଧୁ ସାମନ୍ତରାୟ ଓ କୋଷାଧ୍ୟକ୍ଷ ଭାଗିରଥୀ ବେହେରା ଉପସ୍ଥିତ ଥିଲେ।

## କର୍ମଚାରୀ ଅଭାବ
# ଏକାଧିକ କାଉଣ୍ଟର ବନ୍ଦ; ହନ୍ତସନ୍ତ ରୋଗୀ

ବ୍ରହ୍ମପୁର,୨୫।୫(ସମିସ): ସିଟି ହସ୍ପିଟାଲରେ ରୋଗୀ ସେବାକୁ ନେଇ ପୁଣି ଥରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଓପିଡି ଟିକେଟ ପାଇଁ ପ୍ରତିଦିନ ସକାଳୁ ଲମ୍ବା ଲାଇନ୍ ଲାଗୁଛି। ଟିକେଟ ପାଇଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଠିଆ ହୋଇ ନାହିଁ ନଥିବା ହଇରାଣର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଗର୍ଭବତୀ ମହିଳା, ବୟସ୍କ ରୋଗୀ ଏବଂ ଦିବ୍ୟାଙ୍ଗମାନେ ଅଧିକ ଅସୁବିଧା ଭୋଗୁଥିବା ଅଭିଯୋଗ ହେଉଛି। ସିଟି ହସ୍ପିଟାଲ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ବ୍ରହ୍ମପୁର ସହର ସମେତ ଏହାର ଆଖପାଖ ଅଞ୍ଚଳର ବୋହୁ ଗ୍ରାମର ରୋଗୀମାନେ ନିର୍ଭର କରୁଛନ୍ତି। ଏଭଳି ଭାବେ ପ୍ରତିଦିନ ଏକ ହଜାରରୁ ଉର୍ଦ୍ଧ୍ୱ ରୋଗୀ ମେଡ଼ିକାଲର ବିଭିନ୍ନ ବିଭାଗରେ ଚିକିତ୍ସା କରିବାକୁ ଆସିଥାନ୍ତି।



ଡାକ୍ତରଙ୍କ ପରାମର୍ଶ ପୂର୍ବରୁ ରୋଗୀଙ୍କୁ ଓପିଡ଼ି ଟିକେଟର ଆବଶ୍ୟକ ରହିଥିଲା। ଏହାକୁ ଦୃଷ୍ଟିରେ ରଖି ହସ୍ପିଟାଲର ପରିସରରେ ୫ରୁ ଅଧିକ ଓପିଡ଼ି କାଉଣ୍ଟର ରହିଥିବା ବେଳେ ବର୍ତ୍ତମାନ ପୁରୁଷ, ମହିଳା ଓ ବରିଷ୍ଠ ନାଗରିକ ନିମନ୍ତେ ମାତ୍ର ୩ଟି କାଉଣ୍ଟର ରହିଛି। ଦୀର୍ଘ ଦିନ ଧରି ଏକାଧିକ ଟିକେଟ କାଉଣ୍ଟର ବନ୍ଦ ରହିଥିବାରୁ ମାତ୍ର କିଛି କାଉଣ୍ଟର ଉପରେ ଅଧିକ ଚାପ ପଡୁଛି। ଫଳରେ ସକାଳୁ ଓପିଡି ସେବା ଆରମ୍ଭ ହେବା ପୂର୍ବରୁ ରୋଗୀଙ୍କ ଭିଡ଼ ଜମୁଛି ଏବଂ ଟିକେଟ ସଂଗ୍ରହ କରିବା ପାଇଁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ଇତି ମଧ୍ୟରେ ବିଶେଷ କରି ଗର୍ଭବତୀ ମହିଳା ଓ ଦିବ୍ୟାଙ୍ଗମାନେ ଘଣ୍ଟା ଘଣ୍ଟା ଆଇନରେ ଛିଡ଼ା ହେବାକୁ ପଡୁଛି। କର୍ମଚାରୀ ଅଭାବ ଯୋଗୁଁ ଟିକେଟ କାଉଣ୍ଟର ଗୁଡ଼ିକ ସଚଳ ହୋଇପାରୁନାହିଁ। ଯାହାର ସିଧା ପ୍ରଭାବ ସାଧାରଣ ରୋଗୀ ସେବା ଉପରେ ପଡୁଛି। ଅସୁସ୍ଥ ଶରୀର ନେଇ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଠିଆ ହେବା ଅନେକଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ବନ୍ଦ ଥିବା ଟିକେଟ କାଉଣ୍ଟର ତୁରନ୍ତ ଖୋଲିବା ସହ ଆବଶ୍ୟକ କର୍ମଚାରୀ ନିଯୁକ୍ତି କରି ରୋଗୀ ସେବାକୁ ସୁଦୃଢ଼ କରିବାକୁ ବୁଦ୍ଧିଜୀବୀ ଓ ରୋଗୀଙ୍କ ସମ୍ପର୍କୀୟମାନେ ଦାବି କରିଛନ୍ତି। ଏନେଇ ଜିଲ୍ଲା ପ୍ରସାଶନ ଓ ହସ୍ପିଟାଲ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି।

- ସିଟି ହସ୍ପିଟାଲରେ ଓପିଡି ଟିକେଟ ପାଇଁ ଲମ୍ବା ଲାଇନ୍
- ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଠିଆ ହେଉଛନ୍ତି ଗର୍ଭବତୀ ଓ ଦିବ୍ୟାଙ୍ଗ

ସକାଳ THE SAKALA



# ଆରମ୍ଭ ହେଲା ରବିଋତୁ ଧାନକିଣା

ବଲାଙ୍ଗିର,୨୫।୫(ସମିସ)



ଚାଷୀଙ୍କଠାରୁ ସୁରୁଖୁରୁରେ ରବି ଧାନ ସଂଗ୍ରହ କରିବା ପାଇଁ ସୋମବାର ଆଗଲପୁର ବ୍ଲକ୍ ବୁଦୁଲାଠାରେ ରବି ଧାନ ସଂଗ୍ରହ ମଣ୍ଡି ଆରମ୍ଭ ହୋଇଛି। ଚାଷୀ ଯେପରି ସେମାନଙ୍କ କଷ୍ଟ ଉପାର୍ଜିତ ଫସଲର ଠିକ୍ ମୂଲ୍ୟ ପାଇପାରିବେ ଏବଂ ବିକ୍ରି ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ ସେଥିପାଇଁ ଧାନ ଦିଆଯାଇଛି। ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ ଅଧ୍ୟକ୍ଷତାରେ ମଣ୍ଡି ଶୁଭାରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ବଲାଙ୍ଗୀର ଉପଜିଲ୍ଲାପାଳ ଆଲୋକ ପଟେଲ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଆଗଲପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କ ସହ ଅନ୍ୟ ପ୍ରଶାସନିକ ଅଧିକାରୀ, ଯୋଗାଣ ବିଭାଗର ପ୍ରତିନିଧି, ସମବାୟ ସମିତିର କର୍ମକର୍ତ୍ତା ଏବଂ ଅଞ୍ଚଳର ବହୁ ସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ। ବୁଦୁଲା ପ୍ୟାକ୍ସର ସଭାପତି ଚିନ୍ତାମଣି ଭୋଇ ଓ ସେକ୍ରେଟାରୀ ଅଶ୍ୱିନୀ ଗଡତିଆ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ତେବେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ପ୍ରଶାସନ ତରଫରୁ ଧାନକିଣାର ସମୟ ନିର୍ଦ୍ଧାରିତ କରାଯାଇଛି। ସକାଳ ୭ରୁ ୧୧ ଏବଂ ଅପରାହ୍ନ ୩ରୁ ୬ଟା ମଧ୍ୟରେ ଧାନ କିଣା ହେବ। ଦିନ ୧୧ଟାରୁ ୩ଟା ଯାଏ କୌଣସି ଧାନ କିଣା କିମ୍ବା ଲୋଡ୍ ହେବ ନାହିଁ। ଅଦିନିଆ ବର୍ଷାକୁ ଆଖି ଆଗରେ ରଖି ନିୟନ୍ତ୍ରିତ ବଜାର କମିଟି ତରଫରୁ ସମସ୍ତ ମଣ୍ଡିକୁ ପାଲ ତଥା ତର୍ପୋଲିନ ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଛି। ସେହିପରି ଧାନ ଓଜନ ଏବଂ ଗୁଣବତ୍ତା ଯାଞ୍ଚ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ରଖିବା ପାଇଁ ବ୍ୟବସ୍ଥା କରାଯାଇଛି। ମଣ୍ଡି ପରିସରରେ ଚାଷୀଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଏବଂ ବିଶ୍ରାମର ସୁବିଧା କରାଯାଇଛି। ଧାନ କିଣାଯିବା ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଚାଷୀଙ୍କ ପ୍ରାପ୍ୟ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପଠାଇବା ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଅଧିକାରୀମାନେ ଚାଷୀଙ୍କୁ ଦଲାଲଙ୍କଠାରୁ ଦୂରେଇ ରହି ସିଧାସଳଖ ସରକାରୀ ମଣ୍ଡିରେ ଧାନ ବିକ୍ରି କରିବାକୁ ଅନୁରୋଧ କରିଛନ୍ତି। ଏଥିସହିତ ମଣ୍ଡି ପରିଚାଳନାରେ କୌଣସି ପ୍ରକାର ଅନିୟମିତାକୁ ବରଦାସ୍ତ କରାଯିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବୁଦୁଲାଠାରେ ମଣ୍ଡି ଆରମ୍ଭ ହେବା ଫଳରେ ସ୍ଥାନୀୟ ଚାଷୀକୂଳ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି। ଚଳିତ ବର୍ଷ ଜିଲ୍ଲାରୁ ପ୍ରଥମ ପର୍ଯ୍ୟାୟରେ ୩୩୨୫୫ ମେଟ୍ରିକ୍ ଟନ୍‌ର ରବି ଧାନ ସଂଗ୍ରହ କରିବା ଲକ୍ଷ୍ୟ ରଖାଯାଇଛି। ୧୭,୩୦୪ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକୃତ କରିଛନ୍ତି। ୧୨୧ଟି ପ୍ୟାକ୍ସ ଏବଂ ୫୧ ଜଣ ମିଲର ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବା ନେଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି।

- ସକାଳ ୭ରୁ ୧୧ ଏବଂ ଅପରାହ୍ନ ୩ରୁ ୬ଟା ମଧ୍ୟରେ ଧାନ କିଣା
- ଦଲାଲଙ୍କଠାରୁ ଦୂରେଇ ରହି ସିଧାସଳଖ ସରକାରୀ ମଣ୍ଡିରେ ଧାନ ବିକ୍ରି କରିବାକୁ ଅନୁରୋଧ
- ମଣ୍ଡି ପରିଚାଳନାରେ କୌଣସି ପ୍ରକାର ଅନିୟମିତାକୁ ବରଦାସ୍ତ କରାଯିବ ନାହିଁ

## ତମିଆଁ ପାକ୍ସରେ ରବିଋତୁ ଧାନକ୍ରୟ ପାଇଁ ଶୁଭାରମ୍ଭ



ପାଟଣାଗଡ଼,୨୫।୫(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ତମିଆଁ ପେକ୍ସ ପରିସରରେ ସୋମବାର ଚଳିତ ବର୍ଷ ରବି ଧାନ କ୍ରୟ ପାଇଁ ଶୁଭାରମ୍ଭ ହୋଇଯାଇଛି। ପେକ୍ସ ସଭାପତି ରାଜେଶ ଚାନ୍ଦ, ଉପ ସଭାପତି ସୟଦ ଅବଦୁଲ ଶିରାଜ, ଅସାଡୁ ସାହୁଙ୍କ ସହ ସମସ୍ତ ଡାଇରେକ୍ଟର, ଧାନ କ୍ରୟ କମିଟିର ଚତ୍ର ମେହେର, ଆନନ୍ଦ ତ୍ରିପାଠୀ, ସୁମନ୍ତ ଭୋଇ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ମାଧବ ସାଏ, ପେକ୍ସର ସମସ୍ତ କର୍ମଚାରୀ ଓ ଚାଷୀଙ୍କ ଉପସ୍ଥିତିରେ ଧାନ କ୍ରୟ ପାଇଁ ପୂଜାରମ୍ଭ ହୋଇଯାଇଛି। ପୂଜକ ଭାବେ ଗୋପାଳ ଚନ୍ଦ୍ର ଦାସ ଯୋଗଦେଇ ଧାନ କ୍ରୟ ପାଇଁ ବିଭିନ୍ନ ଯନ୍ତ୍ରାଂଶଗୁଡିକୁ ପୂଜାର୍ଚ୍ଚନା କରିଥିଲେ। ତମିଆଁ ପେକ୍ସରେ ୧୧୩ ଜଣ ଚାଷୀ ରବି ଧାନ କ୍ରୟ ପାଇଁ ପଞ୍ଜିକରଣ କରିଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳ ୭ରୁ ୧୧ ଓ ଅପରାହ୍ନ ୪ଟା ପରେ ଧାନ କ୍ରୟ ପାଇଁ ସରକାରୀ ନିର୍ଦ୍ଦେଶନାମା ଜାରି ହୋଇଛି।

## ଯୁରିଆରେ ରବି ଧାନ ମଣ୍ଡି ଉଦ୍‌ଘାଟିତ



ଖପ୍ରାଖୋଲ,୨୫।୫(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଲୁହାସିଂହା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଯୁରିଆରେ ସୋମବାର ରବି ଧାନ ମଣ୍ଡି ଉଦ୍‌ଘାଟିତ ହୋଇଛି। ପ୍ୟାକ୍ସ ସଭାପତି କନ୍ଦର୍ପ ସୁଆରଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଟଣାଗଡ଼ ଉପ ଜିଲ୍ଲାପାଳ ସୁନୀଲ ମେହେର, ସମ୍ମାନୀତ ଅତିଥି ଭାବେ ଖପ୍ରାଖୋଲ ତହସିଲଦାର ଆନନ୍ଦ ପଣ୍ଡା, ଉପଖଣ୍ଡ ଯୋଗାଣ ଅଧିକାରୀ ପ୍ରଣତି ପୃଷ୍ଟି, ସହକାରୀ ସମବାୟ ସହ ନିବନ୍ଧକ ରଥ ଇବ୍ରାହିମ, ଯୋଗିମୁଣ୍ଡା ଆର୍‌ଏମସି ସମ୍ପାଦକ କ୍ଷମାନିଧି ଗଡତ୍ୟା ଯୋଗ ଦେଇଥିଲେ। ଏହି ପ୍ୟାକ୍ସରେ ୧୮୧ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି।

## ଦେଓଗାଁରେ ଆଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ଅସନ୍ତୋଷ

ଦେଓଗାଁ,୨୫।୫(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଞ୍ଚଳରେ ଆଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ଉପଭୋକ୍ତା ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବର୍ତ୍ତମାନ ଏହି ଅଞ୍ଚଳରେ ୨୬ ଡିଗ୍ରୀ ତାପମାତ୍ରା ରହୁଥିବା ବେଳେ ଗ୍ରାମାଞ୍ଚଳରେ କାହାକୁ ନ ଜଣାଇ ମରାମତି ନାମରେ ତୁହାକୁ ତୁହା ବିଦ୍ୟୁତ୍ କାଟ୍ ହେଉଥିବାରୁ ସାଧାରଣ ଜନତା ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି। ଛୋଟ ଛୁଆ ମାନେ ଅତ୍ୟଧିକ ଗରମରେ ଛଟପଟ ହେଉଥିବା ନଜରକୁ ଆସିଛି। ରାଜ୍ୟ ସରକାର ଗ୍ରୀଷ୍ମଋତୁରେ ବିଦ୍ୟୁତ୍ କାଟ୍ ହେବ ନାହିଁ ବୋଲି କହିଆସୁଥିବା ବେଳେ ଟାଟା ପାଓ୍ୱାର ତରଫରୁ ଚାରିଆଡେ ଅଘୋଷିତ ବିଦ୍ୟୁତ୍ କାଟ୍ କରାଯିବା ଦ୍ୱାରା ରାଜ୍ୟ ସରକାରଙ୍କ ଏହା ଦୋ ମୁହାଁ ନୀତି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଗଳିକନ୍ଦିରେ ମଦ ବେପାର: ବିଭାଗ ନିଦାବିଷ୍ଟ

ଦେଓଗାଁ,୨୫।୫(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଜରାସିଂହା ସମେତ ଆଖାପାଖ ଅଞ୍ଚଳର ବିଭିନ୍ନ ଗଳିକନ୍ଦିରେ ଦେଶୀ ଓ ବିଦେଶୀ ମଦ ବେପାରୀଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ି ଚାଲିଛି। ଏହାଫଳରେ ଗାଁଗଣ୍ଡାରେ ପ୍ରତ୍ୟହ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି। ଏହାକୁ ନେଇ ଲୋକେ ଚିନ୍ତା ବ୍ୟକ୍ତ କରିଛନ୍ତି। ଅନେକ କୁଚିଆ ମଦ ବେପାରୀ ଅଧିକ ଲାଭ ଆଶାରେ ଖୋଲା ଦେଶୀ ମଦ ବିକ୍ରି କରଛନ୍ତି। ନକଲି ବିଦେଶୀ ମଦ ମଧ୍ୟ ଚଢ଼ାଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏ ଦିଗରେ ବିଭାଗୀୟ ଅଧିକାରୀ ସବୁ ଜାଣି ନ ଜାଣିଲା ପରି ଚୁପ୍ ରହୁଥିବା ଲୋକେ ଅଭିଯୋଗ ଉଠାଇଛନ୍ତି। ଖୁଲମଖୁଲା ଗାଁ ଭିତରେ ମଦ ବିକ୍ରି ଯୋଗୁଁ ନିଶାସକ୍ତଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି। ଅନେକ ନିଶାସକ୍ତ ବ୍ୟକ୍ତି ଗାଁ ଭିତରେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଥିବାରୁ ଗାଁରେ ଅଶାନ୍ତି ପରିବେଶ ଦେଖା ଦେଉଛି। ଗାଁର ମହିଳା ଓ ଯୁବତୀମାନେ ନିଜକୁ ସୁରକ୍ଷିତ ମଣୁ ନ ଥିବା ଅଭିଯୋଗ ହୋଇଛି।

## ୬ ବାଲି ବୋଝେଇ ହାଇୱା ଜବତ

କେସିଙ୍ଗା,୨୫।୫(ସମିସ): କଳାହାଣ୍ଡି ଜିଲ୍ଲାର କେସିଙ୍ଗାରେ ଗତକାଲି ରାତିରେ ଜିଲ୍ଲା ଖଣି ବିଭାଗ ପକ୍ଷରୁ ଅଚାନକ ଚଢଉ କରି ୬ ଟି ହାଇୱା ଜବତ କରିଥିବା ସୂଚନା ମିଳିଛି। ୬ ଟି ହାଇୱା ମଧ୍ୟରୁ ୩ ଟି ହାଇୱାକୁ କେସିଙ୍ଗା ପୁଲିସଷ୍ଟେସନର ଜିମାରେ ଦେଇ ବାକି ୩ ଟି ହାଇୱାକୁ ଖଣି ବିଭାଗ ସାଙ୍ଗରେ ନେଇ ଭବାନୀପାଟଣା ଖଣି କାର୍ଯ୍ୟାଳୟକୁ ନେଇଥିବା ଜଣାପଡ଼ିଛି।

## ମହିଳା ଆରକ୍ଷଣ ବିଲ୍‌କୁ ନେଇ ବିଜେଡିର ଜିଲ୍ଲାପାଳ ଅଫିସ ଘେରଉ



ନୂଆପଡ଼ା,୨୫।୫(ସମିସ): ଲୋକସଭା ଏବଂ ବିଧାନସଭାରେ ମହିଳାଙ୍କୁ ୩୩ପ୍ରତିଶତ ଆରକ୍ଷଣ ଦାବିକୁ ନେଇ ନୂଆପଡା ଜିଲ୍ଲା ବିଜେଡି ଜିଲ୍ଲାପାଳ ଅଫିସ ଘେରଉ କରି ଦାବିପତ୍ର ପ୍ରଦାନ କରିଛି। ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଷୀଙ୍କ ନେତୃତ୍ୱରେ ସୋମବାର ମଧ୍ୟାହ୍ନରେ ସ୍ଥାନୀୟ ପୁଲିସ ପଡିଆରୁ ଏକ ରାଲିରେ ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଠୁଳ ହୋଇଥିଲେ। ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ ପରେ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳଙ୍କ ତରଫରୁ ଅତିରିକ୍ତ ଜିଲ୍ଲାପାଳ କୌସ୍ତୁଭ ସା ଦାବିପତ୍ର ଗ୍ରହଣ କରିଥିଲେ। ଏଥିରେ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, କାର୍ତ୍ତିକ ଦୀପ, ଚିତ୍ତ ବେହେରା ପ୍ରମୁଖ ସାମିଲ ଥିଲେ

■ କଣ୍ଟାବାଞ୍ଜି ଆଇଟିଆଇ କୋଠା ନିର୍ମାଣରେ ସବୁ ସରକାରୀ ନିୟମ ଉଲ୍ଲଂଘନ

## ୪୫ ଡିଗ୍ରୀ ତାତିରେ କାମ କରୁଛି ଶ୍ରମିକ

କଣ୍ଟାବାଞ୍ଜି,୨୫।୫(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଧାମନଡ଼ଙ୍ଗା ଆଇଟିଆଇରେ କୋଟି ଟଙ୍କା ଟଙ୍କାର କୋଠା ନିର୍ମାଣ ଚାଲିଛି। ସରକାରଙ୍କ ଅଧୀନରେ ଥିବା ପୋଲିସ ହାଉସିଙ୍ଗ ବୋର୍ଡ ଏହି କାମର ସିଧାସଳଖ ତଦାରଖ କରୁଛି; ହେଲେ ସରକାରୀ ଠିକା ସଂସ୍ଥା ସରକାରୀ ନିୟମକୁ ଉଲ୍ଲଂଘନ କରୁଥିବା ଚିତ୍ର ଦେଖିବାକୁ ମିଳିଛି। ସରକାରୀ ନିୟମ ଅନୁସାରେ ଜଣେ ଶ୍ରମିକ ସକାଳ ୭ରୁ ଦିନ ୧୧ଟା ଏବଂ ଅପରାହ୍ନ ୩ ଟାରୁ ସନ୍ଧ୍ୟା ୫ଟା ସମୟ ପର୍ଯ୍ୟନ୍ତ କାମ କରିବ; ହେଲେ ଡହ ଡହ ଖରାରେ ମଧ୍ୟ ଏଠି ଶ୍ରମିକଙ୍କୁ କାମ କରାଯାଉଛି। ଅନ୍ୟପକ୍ଷେ ଠିକା ସଂସ୍ଥା ପକ୍ଷରୁ ଶ୍ରମିକଙ୍କୁ ସୁରକ୍ଷା କିଟ୍ ମଧ୍ୟ ପ୍ରଦାନ କରାଯିବା ନିୟମ ରହିଛି; କିନ୍ତୁ ଏହି ଦାୟିତ୍ୱରେ ଥିବା ଠିକାଦାର ନିଜ ମନ ମୁତାବକ କାମ କରାଉଛନ୍ତି। ଏଠି ସବୁ ସରକାରୀ ନିୟମ ଉଲ୍ଲଂଘନ କରାଯାଉଛି। ବର୍ତ୍ତମାନ ତାପମାତ୍ରା ୪୫ ଡିଗ୍ରୀ। ଲୋକେ ଘରୁ ବାହାରକୁ ବାହାରି ପାରୁନାହାନ୍ତି। ଲୋକଙ୍କ ଗରିବିର ଫାଇଦା ଉଠାଇ ଡହଡହ ଖରାରେ ଶ୍ରମିକଙ୍କୁ ଏଠାରେ କାମ କରାଯାଉଛି। ଜଣେ ମଧ୍ୟ ଶ୍ରମିକଙ୍କୁ କାମ କରିବା ସମୟରେ ବ୍ୟବହାର କରିବାକୁ ସୁରକ୍ଷା କିଟ୍ ପ୍ରଦାନ କରାଯାଉନାହିଁ। ଠିକାଦାରଙ୍କ ଏହି ମନମୁଖୀ କାର୍ଯ୍ୟକଳାପକୁ ସ୍ଥାନୀୟ ଶ୍ରମିକ ନେତା କମଲ ଭୋଇ ବିରୋଧ କରିଛନ୍ତି। ଶ୍ରମିକଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରି ସେ ସମ୍ପୃକ୍ତ ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ନିର୍ମାଣ କାର୍ଯ୍ୟ ମଧ୍ୟ ଅତି ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି।

- ■ ଜଣକୁ ମଧ୍ୟ ସୁରକ୍ଷା କିଟ୍ ଦିଆ ଯାଉନି
- ■ ପୋଲିସ ହାଉସିଂ ବୋର୍ଡ ତଦାରଖ କରଛି
- ■ ନିର୍ମାଣ କାର୍ଯ୍ୟ ମଧ୍ୟ ଅତି ନିମ୍ନମାନର ଅଭିଯୋଗ



## ଆଗଲପୁର ବ୍ଲକ୍‌ରେ ଅଭିଯୋଗ ଶୁଣାଣି

ବଲାଙ୍ଗିର,୨୫।୫(ସମିସ): ଆଗଲପୁର(ଡୁଡୁକା)ପଞ୍ଚାୟତ ସମିତି ବୈଠକ ଗୃହରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସାଧାରଣ ଲୋକମାନେ ନିଜ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ସିଧାସଳଖ ଭାବରେ ଜିଲ୍ଲା ପ୍ରଶାସନର ନଜରକୁ ଆଣିଥିଲେ। ଏଥିରେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଓ ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜି



ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକଙ୍କ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ଶୁଣିଥିଲେ। ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣାଣି କରି, ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅଭିଯୋଗ ଗୁଡିକର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜିର ଶିବିରରେ ମୋଟ ୧୧୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରୁ ୯୧ଟି ବ୍ୟକ୍ତିଗତ ଏବଂ ୨୫ଟି ସାମୂହିକ ଅଭିଯୋଗ ଥିଲା। ସେଥିରୁ ୨୦ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ ପଟେଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ପରିବାର କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ ସିଂ ବରିହା, ଆଗଲପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମହାପାତ୍ର, କୁଳଦୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜନ ଶୁଣାଣି ପରେ ଜିଲ୍ଲାପାଳ ପଞ୍ଚାୟତ ସମିତି ପରିସରରେ ଥିବା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିଦର୍ଶନ କରିଥିଲେ। କେନ୍ଦ୍ର କିପରି ପରିଚାଳିତ ହେଉଛି ଏବଂ ଚାଷୀ କିପରି ଉପକୃତ ହୋଇପାରୁଛନ୍ତି ସେ ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ଆଗଲପୁର(ଡୁଡୁକା) ପାଠାଗାର ଯାଇ ସେଠାକାର ସ୍ଥିତି ଅନୁଧ୍ୟାନ କରିଥିଲେ। ବିଦ୍ୟାର୍ଥୀଙ୍କ ଭଲମନ୍ଦ ବୁଝିଥିଲେ।

## ବେଲପଡ଼ା ବିଡିଓଙ୍କ ଟେବୁଲରେ ଡ୍ରେନ୍ ପାଣି ରଖି ପ୍ରତିବାଦ

● ସଙ୍ଗେ ସଙ୍ଗେ ସଫା ହେଲା ଡ୍ରେନ୍

ବଲାଙ୍ଗିର,୨୫।୫(ସମିସ): ଡ୍ରେନ୍ ସଫା କରିବାକୁ କହି କହି ଥକିଗଲେ। ଶେଷରେ ବୋତଲରେ ଡ୍ରେନ୍ ପାଣି ଭର୍ତ୍ତିକରି ବିଡ଼ିଓ ରାଜେଶ ମେହେରଙ୍କ ପାଖରେ ପହଞ୍ଚିଲେ ଯୁବକ। ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକରେ ଏମିତି ଏକ ଅଜବ ଚିତ୍ର ଦେଖିବାକୁ ମିଳିଛି। ଧୁମାଭଟା ଗାଁ ରଣାପଡାରେ ଦୀର୍ଘ ଦିନ ହେବ ଡ୍ରେନ ସଫା କରାଯାଉନାହିଁ। ଏହା ଫଳରେ ମଇଳା ପାଣି ଲୋକଙ୍କ ଘରେ ପଶିବା ସହ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଡ୍ରେନ୍ ପାଖ ରାସ୍ତା ଦେଇ ଚଳାଚଳ କରି ହେଉ ନ ଥିବାରୁ ଏହାକୁ ନେଇ ସିପୁନ ଖମାରୀ ଗତ ଶୁକ୍ରବାର ବେଲପଡା ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତଥାପି ଡ୍ରେନ୍ ସଫା କରାଯାଇ ନ ଥିଲା। ଶେଷରେ ସେ ୨ଟି ବୋତଲରେ ଡ୍ରେନ୍ ପାଣି ଭର୍ତ୍ତି କରି ବିଡ଼ିଓଙ୍କ ଅଫିସରେ ପହଞ୍ଚି ଥିଲେ। ଏହି ଡ୍ରେନ ପାଣିକୁ ବିଡିଓଙ୍କ ଟେବୁଲ ଉପରେ ସୀଧା ରଖିଦେଇ ପ୍ରତିବାଦ କରିଥିଲେ। ବାରମ୍ବାର ଅଭିଯୋଗ ପରେ ବି କାହିଁକି ଡ୍ରେନ ସଫା କରାଯାଉନାହିଁ ବୋଲି ପ୍ରଶ୍ନ କରିଥିଲେ। ତେବେ ଅଭିଯୋଗ ପାଇଲା ପରେ ତୁରନ୍ତ ଧୁମାଭଟା ପିଇଓଙ୍କୁ ଫୋନ କରି ଡ୍ରେନ୍ ସଫା କରିବାକୁ ବିଡ଼ିଓ ନିର୍ଦ୍ଦେଶ ଦେଇଥିଲେ। କାମ ମଧ୍ୟ ସାଙ୍ଗେ ସାଙ୍ଗେ ହୋଇଥିଲା।




ଆଣ୍ଟେଇଛି ଜଳ ଜୀବନ ମିଶନ

## ଶତ ପ୍ରତିଶତ ପରିବାରକୁ ଟ୍ୟାପ୍ ସଂଯୋଗ ସ୍ୱପ୍ନ

ବଲାଙ୍ଗିର,୨୫।୫(ସମିସ)

ରାଜ୍ୟ ତଥା ବିଶେଷ କରି ବଲାଙ୍ଗିର ଜିଲ୍ଲାରେ ପାନୀୟ ଜଳ ସମସ୍ୟା ଦୂର କରିବାରେ କେନ୍ଦ୍ର ସରକାର ବିଫଳ। ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ କେନ୍ଦ୍ର ସରକାର ୨୦୧୯ ମସିହାରେ ଜଳ ଜୀବନ ମିଶନ ଆରମ୍ଭ କରିଥିଲେ। ୨୦୨୪ ସୁଦ୍ଧା ରାଜ୍ୟ ତଥା ବଲାଙ୍ଗିର ଜିଲ୍ଲାର ସମସ୍ତ ଗାଁର ପ୍ରତି ପରିବାରକୁ ଟ୍ୟାପ ସଂଯୋଗ କରିବା ସହ ୫୫ ଲିଟର ଦୈନିକ ବିଶୁଦ୍ଧ ଜଳ ଯୋଗାଇଦେବାର ପ୍ରତିଶୃତି ଦେଇଥିଲେ; କିନ୍ତୁ ଦୁର୍ଭାଗ୍ୟ ବଲାଙ୍ଗିର ଜିଲ୍ଲାରେ କେନ୍ଦ୍ର ସରକାରଙ୍କ ଏହି ଯୋଜନା ଆଣ୍ଠୁ ମାଡି ପଡିଛି। ଏହି ଯୋଜନାର ସଫଳତା ହାର ତାଲିକା ଉପରେ ନଜର ପକାଇଲେ ତଳ ଆଡୁ ବଲାଙ୍ଗିର ଜିଲ୍ଲା ଦ୍ୱିତୀୟ ନମ୍ବରରେ ରହିଛି; ଯାହାକି ସ୍ପଷ୍ଟ କରିଛି ଯେ, ପାନୀୟ ଜଳ ଯୋଗାଇଦେବାରେ କେନ୍ଦ୍ର ସରକାର କେତେ ସଫଳ ହୋଇଛନ୍ତି। ଜିଲ୍ଲାର ମାତ୍ର ୫୭ ପ୍ରତିଶତ ପରିବାରକୁ ଟ୍ୟାପ ସଂଯୋଗ ଦିଆଯାଇଛି। ଆଜି ପର୍ଯ୍ୟନ୍ତ ସମସ୍ତ ଟ୍ୟାପରୁ ପାଣି ଯୋଗାଣ ହୋଇପାରିନ।

୨୦୧୯ ଅଗଷ୍ଟ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜଳ ଜୀବନ ମିଶନ ହର୍ ଘର୍ ଜଲ୍ ଯୋଜନା ଘୋଷଣା କରିଥିଲେ। ଏହି ଯୋଜନାରେ ଦେଶର ପ୍ରତିଟି ପରିବାରକୁ ଟ୍ୟାପ ସଂଯୋଗ କରାଯିବା ସହ ଦୈନିକ ୫୫ ଲିଟର ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ଘୋଷଣା କରାଯାଇଥିଲା। ଏହି ଯୋଜନାରେ ଶତ ପ୍ରତିଶତ ସଫଳତା ପାଇଁ ୨୦୨୪କୁ ଧାର୍ଯ୍ୟ କରାଯାଇଥିଲା; କିନ୍ତୁ ବଲାଙ୍ଗିର ଜିଲ୍ଲାରେ ଏହି ଯୋଜନାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଛି। ୨୦୨୪ କ'ଣ ୨୦୨୬ ସୁଦ୍ଧା ସଫଳତା ହାର କେବଳ ୫୭ ପ୍ରତିଶତ ବୋଲି ଜଣାପଡିଛି। ପଞ୍ଚାୟତିରାଜ ବିଭାଗ ୱେବସାଇଟରୁ ହିଁ ଏହି ସୂଚନା ସ୍ପଷ୍ଟ କରିଛି। ଜିଲ୍ଲାର ୩୧୭ ପଞ୍ଚାୟତ ଅଧୀନ ୧୭୪୪ ଗ୍ରାମରେ ସମୁଦାୟ ୩ ଲକ୍ଷ ୮୮ ହଜାର ୮୮୦ ପରିବାର ରହିଥିବା ଚିହ୍ନଟ କରାଯାଇଛି। ଏମାନଙ୍କ ମଧ୍ୟରୁ ୨ ଲକ୍ଷ ୬୬ ହଜାର ୮୪୯ ପରିବାରକୁ ଟ୍ୟାପ ସଂଯୋଗ ଦିଆଯାଇଥିବା ବିଭାଗ କହୁଛି। ସେହିପରି ୨୭୩ ଗାଁରେ ଶତ ପ୍ରତିଶତ ଟ୍ୟାପ ସଂଯୋଗ କରାଯାଇଥିବା ବେଳେ ସେହି ଭିତରୁ ୨୨୪ ଗାଁର ଗ୍ରାମସଭାରେ ସତରେ ପାଣି ସଂଯୋଗ ଦିଆଯାଇଥିବା ସ୍ପଷ୍ଟ କରାଯାଇଛି। ଏବେ ବି ୧୩୩୧ କାର୍ଯ୍ୟ ଜାରି ରହିଥିବା ବେଳେ ୨୫ ଟି ଗାଁରେ ଆରମ୍ଭ ହୋଇ ନ ଥିବା ଜଣାପଡିଛି। ଏହିକ୍ରମରେ ଆଗଲପୁର ବ୍ଲକରେ ୨୭୪୦୩ ପରିବାର ମଧ୍ୟରୁ ୨୩୮୧୭, ଲୋଇସିଂହା ବ୍ଲକରେ ୨୭୦୩୧ ପରିବାରରୁ ୧୭୪୪୯, ପୁଇଁନ୍ତଲା ବ୍ଲକରେ ୨୬୪୦୬ ପରିବାରରୁ ୫୯୧୯, ବଲାଙ୍ଗିର ସଦର ବ୍ଲକରେ ୨୫୮୭୧ ପରିବାରରୁ ୧୫୨୮୯, ଦେଓଗାଁରେ ୨୫୪୪୨ ପରିବାରରୁ ୧୩୪୭୫, ଗୁଡଭେଲା ବ୍ଲକରେ ୧୪୨୬୧ ପରିବାରରୁ ୫୩୦୧, ସଇଁନ୍ତଲା ବ୍ଲକରେ ୩୨୫୨୬ ପରିବାରରୁ ୧୪୫୭୯,

- ● ଯୋଜନା କାର୍ଯ୍ୟକାରିତା ହାର ମାତ୍ର ୫୭ ପ୍ରତିଶତ
- ● ପୁଇଁନ୍ତଲା, ଗୁଡଭେଲା, ତୁରେକେଲା ବ୍ଲକ୍‌ରେ ଚିନ୍ତାଜନକ ସ୍ଥିତି



ପାଟଣାଗଡ ବ୍ଲକରେ ୩୫୨୨୧ ପରିବାରରୁ ୨୪୭୯୨, ଖପ୍ରାଖୋଲରେ ୨୫୯୧୩ ପରିବାରରୁ ୨୨୪୬୩, ବେଲପଡା ବ୍ଲକରେ ୩୪୯୦୮ ପରିବାରରୁ ୨୬୫୮୦, ତୁରେକେଲା ବ୍ଲକରେ ୨୨୩୪୩ ପରିବାରରୁ ୬୨୬୦, ମୁରିବାହାଲ ବ୍ଲକରେ ୩୦୨୨୬ ପରିବାରରୁ ୧୩୩୯୯, ବଙ୍ଗୋମୁଣ୍ଡା ବ୍ଲକରେ ୨୭୪୫୮ ପରିବାରରୁ ୧୬୨୫୯ ଓ ଟିଟିଲାଗଡ ବ୍ଲକରେ ୩୩୮୭୧ ପରିବାରରୁ ୧୭୨୬୭ ପରିବାରକୁ ଟ୍ୟାପ ସଂଯୋଗ ଦିଆଯାଇଥିବା ବିଭାଗୀୟ ରିପୋର୍ଟରୁ ଜଣାପଡିଛି। ଏହି ଯୋଜନାରେ ଗାଁର ପ୍ରତିଟି ପରିବାର ସହ ସାମାଜିକ ଓ ଶିକ୍ଷା ଅନୁଷ୍ଠାନକୁ ମଧ୍ୟ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ଘୋଷଣା କରାଯାଇଥିଲା। ତେବେ କେନ୍ଦ୍ର ସରକାର ଏହି ଯୋଜନାକୁ ୨୦୨୪ ସୁଦ୍ଧା ସଂପୂର୍ଣ୍ଣ କରିବାରେ ସଫଳ ହୋଇପାରି ନ ଥିବାରୁ ଜଳ ଜୀବନ ମିଶନ ୨.୦ ଅନୁଯାୟୀ ୨୦୨୮ ପର୍ଯ୍ୟନ୍ତ ଅବଧି ବୃଦ୍ଧି କରିଛନ୍ତି। ଜିଲ୍ଲାରେ ଚଳିତ ବର୍ଷ ପାନୀୟ ଜଳ ଉତ୍କଟ ରହିଥିବା ବେଳେ ୫୭ ପ୍ରତିଶତ ସଫଳତା ମଧ୍ୟ କାର୍ଯ୍ୟକାରୀ ହୋଇ ନ ଥିବା ଅଭିଯୋଗ ହୋଇଛି। ଟ୍ୟାପ ସଂଯୋଗ ହୋଇଛି ସତ; କିନ୍ତୁ ଟ୍ୟାପରୁ ଏପର୍ଯ୍ୟନ୍ତ ଠିକ ଭାବେ ପାଣି ବାହାରି ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଜଳ ଜୀବନ ମିଶନ ୨.୦ର ଦୁଇ ବର୍ଷ ବିତିଯାଇଥିବା ବେଳେ ଆଉ ଦୁଇ ବର୍ଷରେ ବଲାଙ୍ଗିର ଜିଲ୍ଲାରେ ଶତ ପ୍ରତିଶତ କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭିକ କଥା। ଉଭୟ ରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାର ଥିବା ବେଳେ କେନ୍ଦ୍ରୀୟ ଯୋଜନାର ଏହିଭଳି ଅବସ୍ଥା ସାଧାରଣରେ ପ୍ରଶ୍ନ ଉଠାଇଛି।

## ଶିକ୍ଷାବିତ୍ ଡ. ମହେନ୍ଦ୍ର ମିଶ୍ରଙ୍କୁ ପଦ୍ମଶ୍ରୀ ସମ୍ମାନ



ନୂଆପଡ଼ା,୨୫।୫(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍‌ର ଶିକ୍ଷାବିତ ଡ. ମହେନ୍ଦ୍ର ମିଶ୍ର ଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦୌପଦିମୁର୍ମୁଙ୍କ ଦ୍ୱାରା ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଡ. ମିଶ୍ର ୪ ଦଶନ୍ଧିରୁ ଅଧିକ ସମୟ ଧରି ବିଲୁପ୍ତ ପ୍ରାୟ ଆଦିବାସୀ ସ୍ୱରକୁ ଆଧୁନିକ ଶିକ୍ଷା ପ୍ରଣାଳୀରେ ସାମିଲ ତଥା ସଂରକ୍ଷଣ କରିବା ପାଇଁ ସମର୍ପିତ ହୋଇ କାମ କରିଛନ୍ତି। ସେ ଭାରତର ଆଦିବାସୀ ଓ ଗ୍ରାମୀଣ ଜନସମାଜରେ ସନ୍ନିହିତ ଭାରତୀୟ ଜ୍ଞାନ ପ୍ରଣାଳୀକୁ ସ୍ୱର ଦେବା ପାଇଁ ବିଶ୍ୱବ୍ୟାପୀ ପ୍ରଶଂସା ହାସଲ କରିଛନ୍ତି। ୧୯୫୨ ଏପ୍ରିଲ ୧ ତାରିଖରେ ତତ୍କାଳୀନ କଳାହାଣ୍ଡି ତଥା ଏବର ନୂଆପଡା ଜିଲ୍ଲାରେ ଜନ୍ମିତ ଡ. ମିଶ୍ର ସମ୍ବଲପୁର ବିଶ୍ୱ ବିଦ୍ୟାଳୟରେ ପାଠପଢ଼ିଥିଲେ ଏବଂ ୧୯୮୭ରେ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ। ସେ ଓଡ଼ିଶା ସରକାରଙ୍କ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟରେ ସହକାରୀ ନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ। ସେ ଜନଜାତି ବହୁ ଭାଷୀ ଶିକ୍ଷା ଉପରେ ଧ୍ୟାନ ଦେଇ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଶିକ୍ଷା ପାଇଁ ରାଜ୍ୟ ସଂଯୋଜକ ଭାବେ କାର୍ଯ୍ୟ କରିଥିଲେ।